Digitized by srujanika@gmail.com

ଓଡ଼ିଆ ଭାଷାରେ ସର୍ବ ପ୍ରଥମ •

ରାଜଶ୍ରୀ ପକେଟ ବୁକ୍ସ

A H Wheeler & Co. (P.) Ltd.
DAS SERIES—ORIYA
Rs. 2-00

31

୦୨୭

ମେଛୁଆ ହତ୍ୟା ମାମଲା

Digitized by srujanika@gmail.com

ପ୍ରକାଶକ :

ପ୍ରାଣକୃଷ୍ଣ ଦାସ

ରାଜଶ୍ରୀ ପ୍ରକାଶନୀ

୫ଏ, ନୂରମହମ୍ମଦ ଲେନ୍

କଲିକତା-୯ ।

ମୁଦ୍ରଣ :

କଳିଙ୍ଗ ମୁଦ୍ରଣୀ

୫ଏ, ନୂରମହମ୍ମଦ ଲେନ୍

କଲିକତା-୯ ।

ପ୍ରଚ୍ଛଦ ଶିଳ୍ପୀ :

ମନସ୍ ସେନ୍ ।

ଆଦ୍ୟ ପ୍ରକାଶ :

ଏପ୍ରିଲ - ୧୯୬୯ ।

ମୂଲ୍ୟ :

ଦୁଇଟଙ୍କା

Digitized by srujanika@gmail.com

ମେଛୁଆ ହତ୍ୟା ମାମଲା

ଡାଇରି-ଉପନ୍ୟାସ

ଲେଖକ : ଡକ୍‌ଟର ପଞ୍ଚାନନ ଘୋଷାଲ

ଏମ, ଏସ୍; ପି, ଡି, ଫିଲ୍.

Digitized by srujanika@gmail.com

MECHHUA HATYA MAMALA

BY

Dr. Panchanan Ghoshal

TRANSLATED BY

Giridhari Mishra

Price - Rs. 2·00

ସଙ୍ଗଶ୍ରୀ ପକେଟ ବୁକ୍ସର ପରବର୍ତ୍ତୀ ଆକର୍ଷଣ

ଅପଚ୍ଛାୟା

ଭୌତିକ କାହାଣୀ

ଲେଖକ : ଶ୍ରୀ ଲକ୍ଷ୍ମୀନାରାୟଣ ମହାନ୍ତି

Digitized by srujanika@gmail.com

ଡାଇରୀ-ସାହିତ୍ୟ

ଇଂରେଜ ଶାସନର ପ୍ରଥମ ଯୁଗରେ ବଙ୍ଗ, ବେହାର ଓ ଓଡ଼ିଶା ଗୋଟିଏ ପ୍ରଦେଶର ଅନ୍ତର୍ଭୁକ୍ତ ଥିଲା । ଏହି ରାଜ୍ୟଗୁଡ଼ିକ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ସ୍ୱତନ୍ତ୍ର ପ୍ରଦେଶ ହେବା ଯାଏ ରାଜ୍ୟର ଥାନାଗୁଡ଼ିକରେ ପ୍ରଶାସନିକ କାଗଜ ପତ୍ର ଆଞ୍ଚଳିକ ଭାଷାରେ ଲେଖା ହେଉଥିଲା । କଲିକତା ନଗରୀ ସେତେବେଳେ ଏହି ରାଜ୍ୟର ରାଜଧାନୀ ଦୃଷ୍ଟିରୁ ବିଭିନ୍ନ ଆଞ୍ଚଳିକ ଭାଷାର ନଥିପତ୍ର ଏଠାରେ ରହିବା ସ୍ୱାଭାବିକ । ମାତ୍ର ଦୁଃଖର କଥା, କେନ୍ଦ୍ର ସେସବୁ ନଥିପତ୍ରର ଐତିହାସିକ ଗୁରୁତ୍ୱ ଦେଇ ନାହାନ୍ତି, ଏପରିକି ଇଂରେଜୀ ଭାଷା ପ୍ରଶାସନିକ କ୍ଷେତ୍ରରେ ବ୍ୟବହାର ସଙ୍ଗେ ସଙ୍ଗେ ଉକ୍ତ ଆଞ୍ଚଳିକ ଭାଷାର ନଥିପତ୍ର ଗୁଡ଼ିକ ନଷ୍ଟ କରି ଦିଆ ଯାଉଛି ।

୧୯୬୧ ଖ୍ରୀଷ୍ଟାବ୍ଦରେ ବଡ଼ ବଜାର ଥାନାର ପୁରୁଣା ମାଲଖାନା ପରିଷ୍କାର କଲାବେଳେ ବହୁ ଓଡ଼ିଆ, ବଙ୍ଗଳା, ହିନ୍ଦି ଏବଂ ମୈଥିଳୀ ଭାଷାର ନଥିପତ୍ର ଏବଂ ବଙ୍ଗଳା ଭାଷାର ବହୁ ପୁରୁଣା ଡାଇରୀ ମୁଁ ଦେଖିବାକୁ ପାଇଥିଲି । ନିଷ୍ପ୍ରୟୋଜନ ଦୃଷ୍ଟିରୁ ସେଗୁଡ଼ିକ ପୋଡ଼ି ନଷ୍ଟ କରି ଦିଆ ଯାଇଥିଲା । କେତେକ ବୟୋବୃଦ୍ଧ ଅଫିସରଙ୍କ ନିକଟରୁ ସେତେବେଳେ ଜାଣି ପାରିଥିଲି ଯେ, ପ୍ରାୟ ୧୯୦୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଆଞ୍ଚଳିକ ଭାଷାରେ ପୋଲିସ ଡାଇରୀ ଲେଖା ହେଉଥିଲା । ଏଗୁଡ଼ିକ ପ୍ରତ୍ୟହ ସନ୍ଧ୍ୟାରେ ଇଂରାଜୀରେ ଅନୁବାଦ କରି ବିଭାଗୀୟ ଉଚ୍ଚ ଇଂରେଜ ଅଫିସରଙ୍କ ନିକଟକୁ ପଠା ଯାଉଥିଲା । କଲିକତା ନଗରୀରେ ସେତେବେଳେ ଆସିଷ୍ଟାଣ୍ଟ କମିଶନର ବଦଳରେ ସୁପରିଣ୍ଟେଣ୍ଡେଣ୍ଟ ପଦ୍ଧତି ପ୍ରଚଳନ ଥିଲା । ସେମାନଙ୍କୁ ଗୋଟିଏ ଲେଖା ଟମ୍ ଟମ୍ ଗାଡ଼ି ଦିଆ ଯାଇଥିଲା ।

Digitized by srujanika@gmail.com

ଏଇ ଅଞ୍ଚଳର ଥାନାରେ ଲେଖା ଡାଇରୀ ଦୁଇ ପ୍ରକାର ଥିଲା,— (୧) ସାଧାରଣ ଓ (୨) କାବେଦା ଖାତା । ସାଧାରଣ 'ଡାଇରୀ'ରେ ମାମଲାର ତଦନ୍ତ ସମ୍ପର୍କିତ ସ୍ମାରକଲିପି ଲେଖା ହେଉଥିଲା । କାବେଦା ଖାତାରେ ଫେରାଦାର (ପୋଲିସ ଗ୍ରାହ୍ୟ) ଅଭିଯୋଗ ଏବଂ ପୋଲିସ ଅଗ୍ରାହ୍ୟ (ଅଦାଲତ) ଅପରାଧ ଏବଂ ତତ୍ସହ ଇଲାକାରେ ସଂଘଟିତ ଅନ୍ୟାନ୍ୟ ଘଟଣା ଓ ଦୁର୍ଘଟଣା ସମ୍ପର୍କିତ ପ୍ରତିବେଦନ, ଶାସନ ସଂକ୍ରାନ୍ତ ବହୁ ପ୍ରକାର ଚିଠାକଥି ସେହି ଖାତାରେ 'ପ୍ରାଥମିକ ସମ୍ବାଦ' ରୂପେ ଲେଖାଯାଉଥିଲା । ଏହା ମଧ୍ୟରେ ବ୍ୟବହୃତ ହେଉଥିବା ଭାଷାଗୁଡ଼ିକ ସ୍ୱୟଂ ସମ୍ପୂର୍ଣ୍ଣ ଏବଂ ସୁନ୍ଦର ଥିଲା ।

ଉପରୋକ୍ତ ଅଞ୍ଚଳର ଥାନାର ଡାଇରୀଗୁଡ଼ିକ ଦ୍ୱାରା ମୁଁ 'ଡାଇରୀ-ସାହିତ୍ୟ' ସଂକ୍ରାନ୍ତରେ ଗବେଷଣା କରିବାକୁ ଯଥେଷ୍ଟ ପ୍ରେରଣା ପାଇଥିଲି । ମୁଁ କିଛୁକାଳ ଗବେଷଣା କରି ଏହି ଡାଇରୀ-ସାହିତ୍ୟର ସୃଷ୍ଟି କରେଁ । ସରକାରୀ ନଥିପତ୍ରରୁ ମାଲମସଲା ସଂଗ୍ରହ କରି ମୁଁ ଏଇ ଡାଇରୀ ସାହିତ୍ୟ (ଅର୍ଥାତ୍ ଡାଇରୀ ଉପରେ ଲିଖିତ ଉପନ୍ୟାସ) ରଚନା କରିଛି । ଏହିପରି ବହୁ ବିସ୍ମୃତ ପ୍ରାୟ ଘଟଣା ପ୍ରାଚୀନ ଡାଇରୀ ପୃଷ୍ଠାରୁ ଉଦ୍ଧାର କରାଯାଇ ପାରେ । ଏହା ମଧ୍ୟରେ ଦୃଷ୍ଟ ବାସ୍ତବ ଘଟଣା ଉପନ୍ୟାସ ଅପେକ୍ଷା ମନୋରମ । ତହିଁରୁ ତତ୍କାଳୀନ ସମାଜ ବ୍ୟବସ୍ଥାର ସନ୍ଧାନ ମିଳେ । ଉପନ୍ୟାସ ନିମନ୍ତେ ପ୍ରୟୋଜନ କେଇଟି ମନଗଢ଼ା କଥା ତହିଁରେ ଯୋଗ କରିବା ପାଇଁ ଦରକାର ପଡ଼ିପାରେ । ତହିଁରେ ଇତିହାସ ବିକୃତ ହେବ ସନ୍ଦେହ ନାହିଁ । ତା' ନହେଲେ ପ୍ରକାଶକମାନେ ବହି ପ୍ରକାଶ କରିବାକୁ ଚାହାଁନ୍ତି ନାହିଁ । ତେଣୁ ଏହାକୁ ଖାଣ୍ଟି ସତ୍ୟ ଘଟଣା କହିବା ସମ୍ଭବ ନୁହେଁ ।

ଏଇ ପୁସ୍ତକଟି ମେଛୁଆ ବଜାର ଥାନାର ୨୦ନମ୍ବରର ଏକ ହତ୍ୟା ମାମଲା । ଏହା ୧୮୮୦ ଖ୍ରୀଷ୍ଟାବ୍ଦ ପହିଲା ଜୁନରେ ସଂଘଟିତ ହୋଇଥିଲା ।

ପଞ୍ଚାନନ ଘୋଷାଲ

Digitized by srujanika@gmail.com

ଅଦ୍ୟ ୧୯୮୦ ସନ ପହିଲା ଜୁନ ବୁଧବାର ପ୍ରାତ ୪.୦ ଘଟିକା ଆନ୍ଦାଜ ସମୟରେ ଏଇ ଥାନାର ଇଲାକାଧୀନ ୨୦ ନମ୍ବର ରାଧାକାନ୍ତ ଜୀଉ ଷ୍ଟ୍ରୀଟ୍‌ରୁ ଶ୍ରୀ ହାରାଣ ଚନ୍ଦ୍ର ମାହାତ ନାମକ ଜନୈକ ଗୃହ-ଭୃତ୍ୟ ଏଇ ଥାନାକୁ ଆସି ଗୋଟିଏ ଅଦ୍ଭୁତ ଖୁନ୍ ଏବଂ ତତ୍‌ସହ ଏକ ଅପହରଣ ସମ୍ବାଦ ପ୍ରଦାନ କରେ । ସେ ତା'ର ଏଜାହାରରେ କୁହେ ଯେ, ତା'ର ମୁନିବ ଶ୍ରୀ ଦୁର୍ଗେଶ ଗାଙ୍ଗୁଲୀ ତାଙ୍କ ଉପରୋକ୍ତ ଠିକଣା ସ୍ଥିତ ବାସ ଭବନରୁ ଗତ ରାତିରୁ ନିରୁଦ୍ଦିଷ୍ଟ ଏବଂ ଜଣେ ଅଜ୍ଞାତନାମା ବ୍ୟକ୍ତିର ମୁଣ୍ଡହୀନ ଦେହ ତାଙ୍କ ଶୟନ କକ୍ଷ ସମ୍ମୁଖରେ ପଡ଼ି ରହିଛି । ଏଇ ସମ୍ବାଦ ବହିରେ ଲିପିବଦ୍ଧ କରାଗଲା ।

[VIDE FIR NO-20 CS NO-20 DT.1-6-80 OF MECHUATHANA]

ମୁଁ ମେଚୁଆ ଥାନାର ଶ୍ରେଷ୍ଠ ଦାରୋଗା ସୁକୁମାର ସେନ ଏଇ ସମ୍ବାଦ ପ୍ରାଥମିକ ସମ୍ବାଦ ବହିରେ ଭାରତୀୟ ଦଣ୍ଡବିଧି ଖୁନ୍ ସମ୍ପର୍କିତ ୩୦୨ ଧାରା ଅନୁଯାୟୀ ଏଇ ଥାନାର ୨୦ ନମ୍ବର ମାମଲା ରୂପେ ଲିପିବଦ୍ଧ କଲି । ଅପହରଣ ମାମଲାର ପ୍ରମାଣ ନଥିବାରୁ ତା' ବର୍ତ୍ତମାନ ରୁଜୁ କରୁନାହିଁ । ମୁଁ ଭାରପ୍ରାପ୍ତ ବଡ଼ ଦାରୋଗା ସହିତ ସଂଯୋଗ ସ୍ଥାପନ କରି ସମସ୍ତ ବିଷୟ ତାଙ୍କୁ ଜଣାଇଲି । ତାଙ୍କ ଆଦେଶାନୁସାରେ ଏଇ ମାମଲାଟିକୁ ନିଜ ତଦନ୍ତାଧୀନରେ ଗ୍ରହଣ କରିଲି । ମୋର ଅଧିନସ୍ଥ ସହକାରୀ—ଦାରୋଗା ଶ୍ରୀ ମାଧବ ଚନ୍ଦ୍ର ଘୋଷଙ୍କୁ ଦୁଇଜଣ ସିପାହୀ ସହ ତୁରନ୍ତ ଘଟଣା ସ୍ଥଳକୁ ପଠାଇ ଦେଇ ମୁଁ ଏଇ ସମ୍ବାଦ ଦାତାର ବିସ୍ତାରିତ ବିବୃତି ଗ୍ରହଣ କଲି । ତା'ର

Digitized by srujanika@gmail.com

ବିବୃତି ମୂଳ ସ୍ମାରକଲିପି ତଥା 'ଡାଇରୀ' ସହିତ ସଂଯୁକ୍ତ ହେଲା ; ଏଇ ବିବୃତିର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା ।

"ମୋର ନାମ ଶ୍ରୀ ହରାଣ ଚନ୍ଦ୍ର ମାଇତି ହାଲ ଠିକଣା ୨୦ନମ୍ବର ରାଧାକାନ୍ତ ଜୀଉ ଷ୍ଟ୍ରୀଟ୍ । ପୈତୃକ ନିବାସ ଅମୁକ ଜିଲ୍ଲା ଓ ଥାନା ଅନ୍ତର୍ଗତ ବିରାଟି ଗ୍ରାମ । ମୁଁ ଜାତିରେ ସଦ୍‌ଗୋପ ହିନ୍ଦୁ । ଏଇ ଘରର ମାଲିକ ମୋର ମୁନିବ ଏବଂ ତାଙ୍କ ନାମ ଶ୍ରୀ ଦୁର୍ଗସୁକାନ୍ତ ଗାଙ୍ଗୁଲୀ । ବଡ଼ ବଜାରରେ ତାଙ୍କର କୌଣସି ଦ୍ରବ୍ୟ ବ୍ୟବସାୟର ଏକ ପ୍ରତିଷ୍ଠାନ ଅଛି । ମୋର ମାଲିକ ବିବାହିତ ବ୍ୟକ୍ତି । ତାଙ୍କ ସ୍ତ୍ରୀ ମାସାଧିକ କାଳ ତାଙ୍କ ପିତୃଗୃହରେ ଅଛନ୍ତି । ଗତ ରାତି ଅନୁମାନ ଦଶ ଘଟିକା ସମୟରେ ମୁଁ ନିତ୍ୟପରି ପାଣି ବାବୁଙ୍କ ଶୟନ କକ୍ଷରେ ରଖି ଘରର ଏକମାତ୍ର ଦରଜା ବନ୍ଦ କରି ଦେଇ ଆସିଲି । ବାବୁ ଭିତର ପଟରୁ ଦରଜାଟିକୁ ବନ୍ଦ କରି ଶୋଇବାକୁ ଯିବା ପରେ ମୁଁ ମୋର ଛାତ ଉପରେ ଥିବା ନିର୍ଦ୍ଦିଷ୍ଟ ଶୟନ ଘରକୁ ଚାଲିଗଲି । ଅଦ୍ୟ ପ୍ରାତେ ମୁଁ ବାବୁଙ୍କ ନିମନ୍ତେ ଚା' ତିଆରି କରି 'ଟ୍ରେ' ସହ ବାବୁଙ୍କ ଶୟନକକ୍ଷ ନିକଟରେ ଆସି ଏକ ଭୟଙ୍କର ଦୃଶ୍ୟ ଦେଖି ଚିତ୍କାର କରି ଉଠିଲି । ଶୟନ କକ୍ଷର ଦରଜା ନିକଟରେ ଏକ ଅପରିଚିତ ମନୁଷ୍ୟର ମୁଣ୍ଡହୀନ ଦେହ । ମୋ ଚିତ୍କାର ଶୁଣି ପ୍ରଥମେ ଏଇ ଘରର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ବାବୁ ମନ୍ମଥ ହାଲଦାର ମହାଶୟ ତଳୁ ଉପରକୁ ଆସନ୍ତି । ଏଇ ବିଭତ୍ସ ମୃତ ଦେହଟିକୁ ଦେଖି ସେ ମଧ୍ୟ ମୋ ପରି ଚିତ୍କାର କରି ଉଠନ୍ତି । ଆମମାନଙ୍କ ଚିତ୍କାର ଶୁଣି ଆମ ଘରର ଦରବାନ ଓ କୋଚଓ୍ୱାନ ଓ ପାଚକ ରାମହରି ସେଠାକୁ ଆସନ୍ତି । ଆମେ ସମସ୍ତେ ଏକାଠି ବାବୁଙ୍କ ଶୟନ କକ୍ଷ ଦରଜାରେ ଆଘାତ କରୁ ଏବଂ ଚିତ୍କାର କରି 'ବାବୁ, ବାବୁ' ବୋଲି ଡାକୁ । ମାତ୍ର ଭିତରୁ ଆମେ ତାଙ୍କର କୌଣସି ସୋର ଶବ୍ଦ ପାଇଲୁ ନାହିଁ । ଅନ୍ୟ ଉପାୟ ନଦେଖି ସମସ୍ତେ ପରାମର୍ଶ କରି ଦରଜା ଭାଙ୍ଗି ଦେଖୁ ଘରେ ସେ ନାହାନ୍ତି ;

Digitized by srujanika@gmail.com

ଅମେ ବୁଝି ପାରୁ ଯେ, ଏ ଘରେ ଗୋଟାଏ ବିରାଟ ଅଘଟଣ ଘଟି ଯାଇଛି । ମୁଁ ତାଙ୍କର କୋଷାଧକ୍ଷ ଶ୍ରୀଯୁକ୍ତ ବାବୁ ମହମ ଟାଲଦାର ମହାଶୟଙ୍କ ଆଦେଶରେ ଥାନାକୁ ଏଇ ଦୁଃସମ୍ବାଦ ଜଣାଇବାକୁ ଦୌଡ଼ି ଆସିଛି । ଆମର ବିଶ୍ୱାସ ଆମ ମୁନିବଙ୍କୁ କେହି ଜଣେ ପକ୍ଷୀୟ ଲୋକ ଗୁମ୍ କରି ଖୁନ୍ କରିଛି ।”

ଏଇ ଗୃହ ଭୃତ୍ୟଟିର ଦୃଢ଼ ବିଶ୍ୱାସ ଯେ, କୌଣସି ଅଜ୍ଞାତ ବ୍ୟକ୍ତି ପରି ତା'ର ମୁନିବଙ୍କୁ ମଧ୍ୟ ହତ୍ୟା କରି ଯାଇଛି । ମାତ୍ର ତା'ର ଏଇ ଉକ୍ତି ମଧ୍ୟରେ କୌଣସି ଯୁକ୍ତି ସେ ଦେଖାଇ ପାରିନାହିଁ । ଏହା ଦ୍ୱାରା ବୁଝି ହୁଏ ଯେ, ତାର ଏଇ ମୁନିବ ଜଣେ ଅଜ୍ଞାତନାମା ଲୋକକୁ ଖୁନ୍ କରି ପଳାୟନ କରିଛି । ମୁଁ ଏଇ ସମ୍ପର୍କରେ ଉକ୍ତ ଭୃତ୍ୟଟିକୁ କେତେକ ପ୍ରଶ୍ନ କରିଥିଲି । ଆମମାନଙ୍କର ପ୍ରଶ୍ନ ଉତ୍ତର ଗୁଡ଼ିକ ଯଥାଯଥ ଭାବେ ନିମ୍ନରେ ଉଦ୍ଧୃତ କରାଗଲା ।

: ଆଚ୍ଛା, ତୁମେତ କହୁଛ ଯେ, ଗତ ରାତିରେ ତୁମ ମୁନିବ ତାଙ୍କ ଶୟନ କକ୍ଷରୁ ଅନ୍ତର୍ଦ୍ଧାନ ହୋଇଛନ୍ତି । ତହିଁରୁ ତାଙ୍କୁ ହତ୍ୟା କରି ଯାଇଛି । ଏ କଥାଟା ତୁମ ମନକୁ କିପରି ଆସିଲା ? ତୁମମାନଙ୍କ ମନରେ ଏପରି ଏକ ଦୁର୍ଘଟଣାର ଆଶଙ୍କା ଥିଲାକି ? ମୁଁ କହିବି ଯେ, ତୁମେ ସମସ୍ତେ ଏଇ ଖୁନ୍ ମଧ୍ୟରେ ଥିଲ । କିମ୍ବା ଏଇ ଖୁନ୍ ପରେ ତୁମମାନଙ୍କ ମୁନିବଙ୍କୁ ଏପରି ଭାବରେ ପଳାଇବା ପାଇଁ ତୁମେ ମନେ ସାହାଯ୍ୟ କରିଛ ।

: ଆଜ୍ଞା, ତା'ହେଲେ ଆପଣଙ୍କୁ ଘରର ସବୁକଥା ଖୋଲି କୁହେଁ । ଧର୍ମାବତାର ! ଏଇ ଘଟଣା ଆମେ କିଛି ବୁଝି ପାରୁନାହୁଁ । କୋଚ୍‌ୱ୍ୟାନ ରହିମାନ ଯା କହୁଚି, ତହିଁରେ ମୋର ସର୍ବଶରୀର କମ୍ପି ଉଠୁଛି । ସେ ମୋତେ ଏକ ଅଦ୍ଭୁତ ଖବର ଦେଲା । ସେ କସମ୍ ଖାଇ କହିଲା ଯେ, ଗତ ରାତି ଦଶଟାର କିଛି ପରେ ଜଣେ ଅଚିହ୍ନା ବାବୁ ଉପରୁ ଓହ୍ଲାଇ ତା' ଘରକୁ ଆସେ । ସେ ତା'କୁ କୁହେ ଯେ, ବାବୁ

Digitized by srujanika@gmail.com

ବର୍ତ୍ତମାନ ତାଙ୍କ ଶଶୁର ଘରକୁ ଯିବେ ତେଣୁ ସେ ସେପଟର ଗାଡ଼ି ଢୁଆର କରି ଗେଟ୍ ପାଖକୁ ନେଇ ଆସେ । ତା'ର କିଛିକ୍ଷଣ ପରେ ବାବୁ ତଳକୁ ଓହ୍ଲାଇ ଟମ୍ ଟମ୍ ନିଜେ ଚଳାଇ ବାହାରି ଗଲେ । ଏ ଘଟଣାଟି ଅବଶ୍ୟ ମୁଁ ରହମନ କୋଚୱାନ ମୁହଁରୁ ଶୁଣିଛି । ସହିସ, କୋଚୱାନ, ଦରୱାନ ମାନେ ଏଇ କୋଠା ଠାରୁ ଦୂରରେ ଗେଟ୍‌ର ଦୁଇ ପାଖରେ ବସବାସ କରନ୍ତି । ତେଣୁ ସେଠାରେ କ'ଣ ହୁଏ ନ ହୁଏ ଏକଥା ଆମେ ଜାଣି ପାରୁନା । କିନ୍ତୁ ମୁସଲମାନ ପିଲା ରହମନ ମିଛ କହିବାର ମଣିଷ ନୁହେଁ । ଅପଘାତରେ ମୃତ୍ୟୁ ନହେଲେ ବାବୁଙ୍କ ଶରୀର ଏମିତି ବନ୍ଦ ଦୁଆର ଭିତରୁ କିପରି ବାହାରି ଯାଇ ପାରେ ? ବଡ଼ବାବୁ, ଏଇ ଗରିବ ଗୁରୁବା ଲୋକ ଗୁଡ଼ାଙ୍କୁ ଆପଣ ବଞ୍ଚାନ୍ତୁ ।

: ଚୁପ୍ ! ଚୁପ୍‌କର ! ଦେହ ବ୍ୟବସାୟୀ ନାରୀ ଓ ଜୀଅନ୍ତା ପୋଲିସ ମଲେ ଭୂତ ହୁଅନ୍ତି (ଦାରୋଗା ମାନଙ୍କ ଭାଷା) ସାଧାରଣ ମଣିଷ ମଲେ ତ ପବନରେ ମିଶିଯାଏ । ଏ ସବୁ ଅଜବ ବାଜେ କଥା କହି ମୋତେ ଭୁଲାଇବାକୁ ଚେଷ୍ଟା କରନା । ବର୍ତ୍ତମାନ ବେଶ୍ ବୁଝା ଯାଉଛି ଯେ, ତୁମେ ଦୁଇଜଣ ପରାମର୍ଶ କରି ତୁମ ମୁନିବଙ୍କୁ କୋଉ ଅଜ୍ଞାନ ସ୍ଥାନରେ ରଖି ଆସିଛ । ଏଇ ମୃତ ବ୍ୟକ୍ତିର ପରିଚୟ ତୁମେ ମାନେ ଭଲ ଭାବରେ ଜାଣ । ବାପଧନ ଏ ବିଷୟରେ ସତକଥା ନକହିଲେ ତୁମ ହାତରେ ଆଗେ ହାତକଡ଼ା ପଡ଼ିବ ।

: ବାବୁ, ଆମ ଯନାନ୍ତରେ ଏ ସବୁ କି ଅଭିଯୋଗ କରୁଛନ୍ତି । ବରାହିର ଜମିଦାର ରାୟ ବାହାଦୁର ଶ୍ରୀ ସୁରେନ୍ଦ୍ର ବନ୍ଦୋପାଧ୍ୟାୟ ଆମ ମୁନିବଙ୍କର ମାମୁଁ । ଗୋଟାଏ ଡାକରେ ଆଖ ପାଖ ଦଶଟଣ୍ଡ ମୌଜାର ଲୋକ ତାଙ୍କ କଥା ଶୁଣନ୍ତି । ଆମ ମୁନିବ ତାଙ୍କର ଏଇ ପ୍ରସିଦ୍ଧ ମାମୁଁଙ୍କ ଘରେ ମଣିଷ ହୋଇଛନ୍ତି । ମୁଁ ଏଇ ଗ୍ରାମର ଜଣେ କୈବର୍ତ୍ତ ପିଲା ହେଲେବି ପିଲା ଦିନରେ ମୁଁ ତାଙ୍କ ସହିତ ଏକାସାଙ୍ଗରେ

Digitized by srujanika@gmail.com

ଖେଳି ବୁଲି ଦିନ କଟାଉଛୁ । ମୋ ବାପା ତାଙ୍କ ମାମୁଁଙ୍କର ବେତନ ଭୁକ୍ତ ଥିଲେ । ସେମାନଙ୍କର ନିମକ ଖାଇ ଆମେ ସାତ ପୁରୁଷର ମଣିଷ । ଆଜି ମୁଁ ନିମକ ହାରାମ ହେବ ? ମୋ' ମୁନିବଙ୍କୁ ଖୁନ୍ କରିବି ? କାହାରିକୁ ତାଙ୍କୁ ଆଘାତ କରିବାର ଦେଖିଲେ ମୁଁ ଜାନ୍ କବୁଲ୍ କରିଦେବି । (ଦୁଇ ହାତରେ ଆଖି ଢାଙ୍କି କାନ୍ଦିବାକୁ ଲାଗିଲା ।) ଆଉ ତାଙ୍କୁ ଜାଣି ପାରିଥିଲେ ଦାନ୍ତରେ ଚୂଡ଼େଇ ଖିନ୍ ଭିନ୍ କରି ଦେଇ ଥାଆନ୍ତି ।

ଏଇ ନିରକ୍ଷର ଗୃହଭୃତ୍ୟକୁ ଧମକା ଧମକି କରି ଅନ୍ୟ କୌଣସି କଥା ତା'ଠାରୁ ବାହାର କରି ଯାଇ ପାରିନାହିଁ । ତା'ର ଶେଷକଥା କେଇପଦ ଆମ ପାଖରେ ପ୍ରହେଳିକାମୟ । ବର୍ତ୍ତମାନ ଘଟଣା ସ୍ଥଳକୁ ଯାଇ ରହସ୍ୟଟିକୁ ପଟାଏ ପତରି କରିବା ଦରକାର । ମୁଁ ଆଜି କାଳି ବିଳମ୍ବ ନକରି ଥାନାର ହାବିଲଦାର ଯମୁନା ଅଧିର ସହିତ ୧୦ଟା ୪୫ ମିନିଟରେ ଘଟଣା ସ୍ଥଳକୁ ବାହାରିଗଲି । ଆଜି ୧୧ଟା ସମୟରେ ମୁଁ ଘଟଣା ସ୍ଥଳରେ ପହଞ୍ଚି ସରଜମିନ ତଦନ୍ତ କରୁଛି । ସର୍କାରୀ ଦାରୋଗା ଓ ଅନ୍ୟାନ୍ୟ ସିପାହୀମାନେ ଏତେ ବେଳ ଯାଏ ଘେରାଉ କରି ଘଟଣା ସ୍ଥଳଟିକୁ ପହରା ଦେଉଛନ୍ତି । ସେମାନେ ସେ ଘରୁ କାହାରିକୁ ବାହାରକୁ କିମ୍ବା ବାହାରର କୌଣସି ଲୋକକୁ ଭିତରକୁ ଆସିବାକୁ ଦେଇ ନାହାନ୍ତି । ମୁଁ ଏହି ପ୍ରାଚୀର ବେଷ୍ଟିତ ଦ୍ୱିତଳ କୋଠାଟିକୁ ପୁଙ୍ଖାନୁପୁଙ୍ଖ ରୂପେ ପର୍ଯ୍ୟବେକ୍ଷଣ କରୁଛି ।

ଏଇ କୋଠାଟିର ପଛପଟରେ ବଗିଚା ଓ ସାମନା ପଟରେ ଉନ୍ମୁକ୍ତ ପ୍ରାଙ୍ଗଣ । ଲୌହ କବାଟ ଯୁକ୍ତ ଏକ ଦେହୁଡ଼ି ମଧ୍ୟ ଦେଇ ଏହାର ପ୍ରବେଶ ଦ୍ୱାର । ଏଇ କୋଠାଟିର ଛାତ ଉପରେ ଥିବା କେଇଟି ଘରେ ଭୃତ୍ୟ ଓ ପାଚକମାନେ ବାସ କରନ୍ତି । ଏହାର ନିମ୍ନ ତଳରେ ଗୋଟିଏ ଆସବାବ ପତ୍ର ସଜ୍ଜିତ ବୈଠକ ଖାନା ଓ ମ୍ୟାନେଜର କମ୍ କ୍ୟାସିୟାର ବାବୁଙ୍କ କକ୍ଷ । କୋଠାଟିର

Digitized by srujanika@gmail.com

ଦ୍ୱିତଳରେ ସବୁ ଘର ଗୁଡ଼ିକରେ ମାଲିକ ଶ୍ରୀ ଦୁର୍ଜ୍ୟସ୍ତ ଗାଙ୍ଗୁଲି ଓ ତାଙ୍କ ସହଧର୍ମିଣୀ ବାସ କରନ୍ତି । କୋଠା ସଂଲଗ୍ନ ଦେହୁଡ଼ିର ଦୁଇ ପାଖରେ ଥିବା ଘର କେଇଟିରେ ଦରୱାନ, ସହିସ ଓ କୋଚୱାନ ବାସ କରନ୍ତି । ଏହା ସମ୍ମୁଖରେ ପ୍ରଶସ୍ତ ରାଜ ପଥ । କୋଠାଟିର ଚଉପଟ ପ୍ରାଚୀର ଆରପଟକୁ ଫାଙ୍କା ପଡ଼ିଆ । ଏଇ ମହଲ୍ଲାଟି ଥାନାର ନିକଟତମ ହେଲେ ମଧ୍ୟ ଏହା ଏକେବ ଜନ ବିରଳ ।

ଆମେ ମୋଟାମୋଟି ଘରଟିର ଚୌହଦ୍ଦ ପର୍ଯ୍ୟବେକ୍ଷଣ କରି ଉପରର ଘଟଣା ସ୍ଥଳରେ ଆସି ପହଞ୍ଚିଲୁ । ଘଟଣା ସ୍ଥଳରେ ମୁଣ୍ଡହୀନ ଦେହଟିକୁ ଦେଖି ସ୍ତମ୍ଭିତ ହୋଇଗଲି । ଗୋଟିଏ ମୁଣ୍ଡହୀନ ଦେହ ଧନୁ ପରି ବଙ୍କାଇ ତା'ର ଗୋଡ଼ ଦୁଇଟିକୁ କାନ୍ଧ ସହିତ ବାନ୍ଧି ଦିଆ ଯାଇଛି । ମୃତ ଦେହରେ ପରିଧାନ କହିଲେ କେବଳ ଧଳା ରଙ୍ଗର ବିଲାତି 'ଅଣ୍ଡର ଓୟେର' ବା ଅଙ୍ଗବାସ । ଏହି ଅଙ୍ଗ ବାସରୁ ବୁଝା ଯାଉଛି ଯେ, ମୃତ୍ୟୁ ପୂର୍ବରୁ ସେ ୟୁରୋପୀୟ ପୋଷାକ ପରିହିତ ଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ଆଖ ପାଖରେ କୌଣସି ସ୍ଥାନରେ ବିଶେଷ ରକ୍ତ ଦେଖିବାକୁ ମିଳିଲା ନାହିଁ । ଅବସ୍ଥା ଦୃଷ୍ଟିରୁ ବୁଝାଯାଏ ଯେ, ହତ୍ୟା ଅନ୍ୟତ୍ର ସଂଘଟିତ କରି ମୃତ ଦେହଟିକୁ ଏଠାକୁ କେହି ବା କେଉଁମାନେ ଆଣି ଫିଙ୍ଗି ଦେଇ ଯାଇଛନ୍ତି । ମୃତ ଦେହଟିର ମୁଣ୍ଡ ନ ଥିବାରୁ କେହି ସେଟା ମଧ୍ୟ ସନାକ୍ତ କରି ପାରି ନାହାନ୍ତି ।

ଆମେ ଏଇ ମୃତ ଦେହଟିକୁ ଡାକ୍ତର ମଇନା ଜମନ୍ତ୍ରେ ସହକାରି ଶବ ବ୍ୟବଚ୍ଛେଦାଗାରକୁ ପଠା ଦେଇଛୁ । ଏ କାମ ଗୁଡ଼ିକ ଶେଷ କରିବା ପରେ ଆମେ ଶ୍ରୀ ଗାଙ୍ଗୁଲିଙ୍କ ଶୟନ କକ୍ଷଟିକୁ ତନ୍ନ ତନ୍ନ କରି ତଦନ୍ତ ଉଦ୍ଦେଶ୍ୟରେ କକ୍ଷଟି ମଧ୍ୟରେ ପ୍ରବେଶ କଲୁଁ । ଏ କକ୍ଷଟିର ଗୋଟିଏ ମାତ୍ର ଦରଜା ଏବଂ ଦରଜାର ଛିଟ୍‌କିଣିର ଅବସ୍ଥା ଦୃଷ୍ଟିରୁ ବୁଝାଯାଏ ଯେ, ତା' ବାହାରୁ ଧକ୍‌କା ଦେଇ ଭଙ୍ଗା ଯାଇଛି । (ଏ ସମ୍ପର୍କରେ ସାକ୍ଷୀ କୌଣସି ମିଥ୍ୟା କଥା କହି ନାହିଁ ବୋଲି

Digitized by srujanika@gmail.com

ଭୁଝା ଯାଉଛି ।) ଘରଟି ମଧ୍ୟରେ ସେଟିଏ ପଲଙ୍କ । ପଲଙ୍କଟି ସୁନ୍ଦର ଶଯ୍ୟାରେ ସଜ୍ଜିତ । ସେଟିଏ ଅନୁଚ୍ଚ ଆଲମାରୀ । ଆଲମାରୀ ମୁଣ୍ଡ ଉପରେ ଦୁଇଟି ମହମବତୀ ସେପଡ଼ୁ ନିଃଶେଷ ହୋଇ ଯାଇ ଥିବାର ଦେଖାଯାଏ । ସେଟିଏ କାଠ ନିର୍ମିତ 'ଟିପୟ' ଉପରେ ଗୋଟାଏ ଫୁଲଦାନୀ ଗଡ଼ୁଛି । ସେଟାଏ ମୋଟା ସୌଖୀନ ଗାଲିଚା ଦ୍ୱାରା ସମଗ୍ର କକ୍ଷଟି ଆବୃତ । କେଗିଣ୍ଡ ଆଡ଼କୁ ଥିବା ଝରକା ଆଡ଼କୁ ଯେପରି ଗାଲିଚାଟି ଟିକାଏ ଘୁଞ୍ଚି ଆସିଥିବାର ଦେଖାଗଲା । ସମଗ୍ର ଘରଟି ମଧ୍ୟରେ ଟିକାଏ ହେଲେ ଉକ୍ତର ଚିହ୍ନ ଆମେ ଦେଖିବାକୁ ପାଉ ନାହୁଁ । କେବଳ ଝରକାରେ ଥିବା ସୌଖୀନ ପରଦାରେ ଗୋଟାଏ ସ୍ଥାନରେ କଞ୍ଚିତ ରକ୍ତ ଦେଖିବାକୁ ପାଇଲୁ । ଏହାଛଡ଼ା ପଲଙ୍କ ଗୋଡ଼ ଉପରେ କଞ୍ଚିତ ରକ୍ତ ଏବଂ କେଶ କେଇଟି ସଂଲଗ୍ନ ଥିବାର ଦେଖିଲୁ । ଝରକା ଗ୍ରୀଲ୍‌କରେ ଲୁହା ବା କାଠର କୌଣସି ଛଡ଼ ନାହିଁ । କେବଳ କାଠ ଦ୍ୱାର ଝରକାର ଅଧା ପର୍ଯ୍ୟନ୍ତ ଢଙ୍କା ହୋଇଛି । ଏଇ ଦ୍ୱିତଳ ପୁରୁଣା କୋଠାଟିର ଉଚ୍ଚତା ଅନେକ ବେଶୀ ଦୃଷ୍ଟିରୁ ଘରଟି ମଧ୍ୟରୁ ଅକ୍ଷତ ଶରୀରରେ ଝରକା ବାଟେ କାଳକୁ ଡେଇଁ ପଡ଼ିବା ସମ୍ଭବପର ନୁହେଁ । ଝରକା ସନ୍ନିକଟ ଚଟାଣ ଉପରୁ ଆମେ ଦୁଇଟି ଅର୍ଦ୍ଧ ଦଗ୍ଧ ଡିଆସିଲି କାଠି ଦେଖିବାକୁ ପାଇଲୁ । ଝରକାର ପଟା ଉପରୁ ଆମେ ଦେହେଟ କାଗଜ ଦ୍ରବ୍ୟର କେତେକ ତନ୍ତୁ ଦେଖିବାକୁ ପାଇଲୁ । ଗତ ରାତିର ଝଡ଼ରେ ହୁଏତ ଏଇ ଉଦ୍ଭିଦ ତନ୍ତୁଟି ବାହାରୁ ଉଡ଼ି ଆସି ଏଠାରେ ପଡ଼ି ଥିବାର ଅନୁମାନ କରାଯାଇ ପାରେ । ତଥାପି ଉକ୍ତ ତନ୍ତୁଟିକୁ ନିଜ ହେପାଜତରେ ଗ୍ରହଣ କଲି । ପର୍ଦ୍ଦାରେ ଲାଗିଥିବା ରକ୍ତସିକ୍ତ ଅଂଶ ଟିକକ କାଟିବା ଦ୍ୱାରା ତାହା ମଧ୍ୟ ନିଜ ହେପାଜତରେ ଗ୍ରହଣ କଲି । ଏହା ଯେ ମନୁଷ୍ୟର ରକ୍ତ ଏହା ନିଃସନ୍ଦେହରେ କୁହାଯାଇ ପାରେ । ଏଇ ଦ୍ରବ୍ୟ କେଇଟି ଆଲମାରୀ

Digitized by srujanika@gmail.com

(*Exhibit*) ରୂପେ କର୍ତ୍ତୃପକ୍ଷଙ୍କ ନିକଟକୁ 'ଡାଇରୀ' ସହିତ ପଠାଯିବ ।

ମୁଁ ସର୍ବ ପ୍ରଥମେ ଏହି ଘରର କୋଷାଧ୍ୟକ୍ଷ ଶ୍ରୀ ମନ୍ମଥ ହାଲଦାରଙ୍କର ଜବାନବନ୍ଦୀ ଗ୍ରହଣ କଲି । ଘରର ମାଲିକଙ୍କ ଅବର୍ତ୍ତମାନରେ ସେ ବର୍ତ୍ତମାନ ଘରର ପ୍ରଧାନତମ ବ୍ୟକ୍ତି । ଏହି ଖୁନ୍ ସମ୍ବନ୍ଧରେ ସେ ଗୃହ ଭୃତ୍ୟ ହାରାଣ ମାଇତିର ଜବାନବନ୍ଦୀ ଅନୁରୂପ ଗୋଟାଏ ଜବାନବନ୍ଦୀ ଦେଇଛନ୍ତି । ଏହି ଘଟଣା ଦୁଇଟି ଅତ୍ୟନ୍ତ ସମସ୍ୟା ସଙ୍କୁଳ ମନେ ହୁଏ । ଏ ସମ୍ବନ୍ଧରେ ଏକ ପୃଥକ ଜବାନବନ୍ଦୀ ଶ୍ରୀ ମନ୍ମଥ ହାଲଦାରଙ୍କ ନିକଟରୁ ଗ୍ରହଣ କରାଯାଇଛି । ପ୍ରୟୋଜନ ଦୃଷ୍ଟିରୁ ତା'ର କେତେକ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା ।

"ମୋ ନାଁ ଶ୍ରୀ ମନ୍ମଥଚନ୍ଦ୍ର ହାଲଦାର । ପିତାଙ୍କ ନାମ ସ୍ୱର୍ଗୀୟ ଅନୁପମ ହାଲଦାର । ମୋର ପୈତୃକ ନିବାସ : ଗ୍ରାମ ବଗ୍ରିଟି, ଥାନା, ଡାକଘର ଓ ଜିଲା ଅମୁକ । ଆମ ମୁନିବ ଶ୍ରୀ ଧୂର୍ଜ୍ଜଟି ଗାଙ୍ଗୁଲି ଆମ ଗ୍ରାମର ଜମିଦାରଙ୍କର ଭଣଜା । ସେ ଏବଂ ତାଙ୍କ ମା', ତାଙ୍କ ମାମୁଁଙ୍କ ଅନ୍ନରେ ପ୍ରତିପାଳିତ । ତାଙ୍କ ପିତା କୁଳୀନ ଦ୍ୱିଜରାଜ ପଣ୍ଡିତ ତର୍କରତ୍ନ ଠାକୁରଙ୍କର ସର୍ବମୋଟ ଛତିଶଟି ପରିବାର । ଆମ ମୁନିବଙ୍କ ସା'ନ୍ତବାପା ଟୀକାକାର ପଣ୍ଡିତ ଶିରୋମଣିଙ୍କର ବା'ଅଶିଟି ବିବାହ ହୋଇଥିଲା । ତାଙ୍କର ପିତୃକୁଳ କପଟ କୁଳୀନ ଥିଲେ ତା' ସେମାନଙ୍କ ବିବାହ ସଂଖ୍ୟାରୁ ସହଜରେ ବୁଝାଯାଏ । ଆମ ମୁନିବଙ୍କ ଛତିଶ ସ୍ତ୍ରୀଙ୍କ ମଧ୍ୟରୁ ସେ ମାତ୍ର ବାରୋଟିଙ୍କୁ ନିଜ ଘରେ ସ୍ଥାନ ଦେଇ ପାରିଥିଲେ । ଏହି ଭାଗ୍ୟବତୀ ନାରୀମାନଙ୍କ ସହିତ ଆମ ମୁନିବଙ୍କ ମା' ସ୍ଥାନ ପାଇ ନ ଥିଲେ । ତେଣୁ ତାଙ୍କର ବହୁ ସଂଖ୍ୟକ ବୈମାତୃତେୟ ଭ୍ରାତାଙ୍କ ପରି ସେ ନିଜ ମାମୁଁ ଘରେ ଲାଳିତ ପାଳିତ ହୋଇଛନ୍ତି । ଶ୍ରୀଯୁକ୍ତ ଗାଙ୍ଗୁଲି ଆମ ଗ୍ରାମ ବିଦ୍ୟାଳୟରେ ସାମାନ୍ୟ

Digitized by srujanika@gmail.com

ଲେଖାପଢ଼ା କରିଥିଲେ । ତା'ପରେ କୋଡ଼ିଏ ବର୍ଷ ବୟସ ପର୍ଯ୍ୟନ୍ତ ମାତାମହଙ୍କର ବିଷୟ ସମ୍ପତ୍ତି ଦେଖାଶୁଣା କରୁଥିଲେ । ଏତିକିବେଳେ ତାଙ୍କ ଘରେ ଗୋଟାଏ ଦୈବ ଦୁର୍ଘଟଣା ଘଟିଗଲା । ତାଙ୍କର ଧର୍ମପ୍ରାଣ ପିତା ଏକ ନଥର ନଦୀଘରେ ପଦବ୍ରଜରେ ଆମ ଗ୍ରାମ ପାଖ ଦେଇ ପାଉଣା ଆଦାୟାର୍ଥେ ନିକଟ ଗ୍ରାମର ନବଦୀକ୍ଷିତ ଶିଷ୍ୟଙ୍କ ଘରକୁ ଯାଉଥିଲେ । ହଠାତ୍ ଆମ ଗ୍ରାମର ନାଁ ଶୁଣି ତାଙ୍କର ମନେ ପଡ଼ିଗଲା ଯେ, ସେ ଏହି ଗ୍ରାମରେ ବିବାହ କରିଥିଲେ ଏବଂ ବିବାହ ପରେ ସେ ମାସାଧିକ କାଳ ତାଙ୍କ ଶ୍ୱଶୁରାଳୟରେ ଅଧିଷ୍ଠିତ ଥିଲେ । ମଝି ବିଭିନ୍ନ କାମରେ ବ୍ୟସ୍ତ ଥାଇ ସେ ଗତ କୋଡ଼ିଏ ବର୍ଷ ଧରି କୌଣସି ଖବରା ଖବର ତାଙ୍କ ସ୍ତ୍ରୀଙ୍କର ନେଇ ପାରି ନାହାନ୍ତି । ଏପରିକି ତାଙ୍କର ଯେ ଗୋଟାଏ ପୁତ୍ର ସନ୍ତାନ ହୋଇ ଥିଲା ତା' ବି ସେ ପାସୋରି ପକାଇଛନ୍ତି ।

ପଥଶ୍ରାନ୍ତ ବ୍ରାହ୍ମଣ ପଥିକମାନଙ୍କୁ ପଚାରି ତାଙ୍କ ଶ୍ୱଶୁର ଘରର ଖବର ପାଇଲେ । ସେଠାରେ ତାଙ୍କ ଆକୃତି ଅନୁରୂପ ଜଣେ ଯୁବକଙ୍କୁ ଦେଖି ତାଙ୍କୁ ତାଙ୍କ ପିତାଙ୍କ ନାମ ପଚାରିଲେ । ତା'ପରେ ସେ ବ୍ରାହ୍ମଣ ତାଙ୍କ ପୋଥି ବାହାର କରି ତାଙ୍କ ବିବାହର ତାରିଖ ହିସାବ ଯୁବକର ବୟସକୁ ମିଳାଇ ଆନନ୍ଦରେ କହିଲେ ଯେ, ସେ ହେଉଛନ୍ତି ଆମ ମୁନିବର ଜନ୍ମଦାତା । ଆମ ମୁନିବ ସେଦିନ ଏପରି ଏକ ଅଜଣା ଅଶୁଣା ବ୍ରାହ୍ମଣ ମୁହଁରୁ ଅଶ୍ଳୀଳ କଥା ବିଶ୍ୱାସ କରି ପାରି ନ ଥିଲେ । ସେ ଉକ୍ତ ବ୍ରାହ୍ମଣରେ ଉକ୍ତିରେ କ୍ଷିପ୍ତ ହୋଇ ତାଙ୍କୁ ଅପମାନ କରି ବିତାଡ଼ିତ କରିଥିଲେ । ଠିକ୍ ସେହି ବେଳେ ତାଙ୍କ ଗର୍ଭଧାରିଣୀ ଜନନୀ ପାଖୁଁ ତାଙ୍କୁ ଏ ପ୍ରକାର ଗର୍ହିତ କାମରୁ ନିବୃତ୍ତ ନ କରିଥିଲେ ଘଟଣାଟା ଆହୁରି ଜଟିଳ ହୋଇଥାନ୍ତା । ସେହି ଘଟଣାରେ କ୍ଷୋଭ, ଲଜ୍ଜା ଓ ଅପମାନରେ କ୍ଷୁବ୍ଧ ହୋଇ ସେ ଗୋପନରେ ଗୃହ ତ୍ୟାଗ କରି କଲିକତା ଚାଲି ଆସିଲେ । ଏଠାରେ

Digitized by srujanika@gmail.com

ଗୃହକର୍ମ ଏବଂ ଶେଷରେ ବ୍ୟବସାୟ କରି ସେ ଏ ସହରରେ ଜଣେ ବଉଡ଼ାଳୀ ହୋଇ ଉଠନ୍ତି ।

ଆମେ ବହୁ ଚେଷ୍ଟା କରି ଦୀର୍ଘ ଦିନ ପର୍ଯ୍ୟନ୍ତ ତାଙ୍କର କୌଣସି ଖବର ପାଇ ନ ଥିଲୁ । କେବଳ ମାତ୍ର ଛ'ବର୍ଷ ପୂର୍ବେ ସେ ଗ୍ରାମକୁ ଫେରି ଯେତେ, ତାଙ୍କର ଗର୍ଭଧାରିଣୀ ମା' ଓ ଦ୍ୱାଦଶ ମାଇଙ୍କୁ ଏଠାକୁ ନେଇ ଆସନ୍ତି । ଏଇ ସମୟ ମଧ୍ୟରେ ସେ ତାଙ୍କର ଉପାର୍ଜିତ ଅର୍ଥରେ ଏ କୋଠାଟି ତିଆରି କରିଛନ୍ତି ଏବଂ ବହୁ ଅର୍ଥର ମାଲିକ ବି ହୋଇ ପାରିଛନ୍ତି । ତାଙ୍କର ମା' ତାଙ୍କ ବିବାହ ପାଇଁ ବହୁଥର ବାଧ୍ୟ କରିଛନ୍ତି । ମାତ୍ର ଗୃହ ତ୍ୟାଗ କାରଣରେ ଏତେ ବ୍ୟଥିତ ହୋଇ ପଡ଼ିଥିଲେ ଯେ, ସେ ପ୍ରତିଜ୍ଞା କରିଥିଲେ ବିବାହ ନ କରିବା ପାଇଁ । ତାଙ୍କ ମା' ବହୁ ଚେଷ୍ଟା କରି ତାଙ୍କର ବିବାହ ଦେଇ ନ ପାରି ଆଜକୁ ଦୁଇବର୍ଷ ପୂର୍ବେ ଇହଧାମ ତ୍ୟାଗ କରିଛନ୍ତି । ତାଙ୍କର ମୃତ୍ୟୁ ପରେ ବାବୁ ବିବାହ କଲେ । ତାଙ୍କ ଜୀବିତାବସ୍ଥାରେ ବିବାହ କରିଥିଲେ ହୁଏତ ସେ ଶାନ୍ତିରେ ଟିକେ ମରି ପାରି ଥାନ୍ତେ ।

ଶ୍ରୀ ହାଲଦାରଙ୍କଠାରୁ ଆହୁରି କେତେକ ବିଷୟ ଜାଣିବା ଉଦ୍ଦେଶ୍ୟରେ ମୁଁ ତାଙ୍କୁ କେଇଟା ପ୍ରଶ୍ନ କରିଥିଲି । ସେ ପ୍ରଶ୍ନ ଉତ୍ତର ନିମ୍ନରେ ଉଦ୍ଧୃତ କରାଗଲା ।

: ଅଚ୍ଛା, ଆପଣଙ୍କ ମୁନିବ ତାଙ୍କ ମାତାଙ୍କ ଜୀବିତାବସ୍ଥାରେ ବିବାହ ନ କରି ତାଙ୍କ ମୃତ୍ୟୁ ପରେ ବିବାହ କରିବା ମଧ୍ୟରେ କୌଣସି ଗୂଢ଼ ରହସ୍ୟ ଥିଲା ପରି ଜଣା ପଡ଼ୁଛି ।

: ଆଜ୍ଞା, ଏ ଦେଶରେ ଠେକା ଘର ନାମରେ ବହୁ କୁଳୀନ ପାତ୍ର ଅଭାବରେ ଏମାନଙ୍କ କନ୍ୟାଗଣ ଆଜୀବ ଅନୂଢ଼ା ଅବସ୍ଥାରେ ଅଛନ୍ତି । ମାତ୍ର ଏମାନଙ୍କର ଏପରି ତେଜ ଏବଂ ଅହଙ୍କାର ଯେ, ବହୁ ବିବାହରେ ବିଶ୍ୱାସୀ ପଣ୍ଡିତଙ୍କ ଗଳାରେ ଏମାନେ କେବେ ହେଲେ ମାଳା ଦିଅନ୍ତି ନାହିଁ । କଲିକତାରେ ବ୍ୟବସାୟର ସୁବିଧାର୍ଥେ ଆମ

Digitized by srujanika@gmail.com

ମୁନିବଙ୍କର ଇଂରାଜୀ ଭାଷା ପଢ଼ିବାର ପ୍ରୟୋଜନ ହୁଏ । ସେ ଜାନୈକ ଇଂରାଜୀ ପଢୁଆ ହେଡ଼ମାଷ୍ଟରଙ୍କ ଘରକୁ ସଞ୍ଜ ସକାଳେ ଇଂରାଜୀ ପଢ଼ିବାକୁ ଯାଉଥିଲେ । (ଆମ ଗ୍ରାମର ଦର ପର ଚୌଦଟି ଗ୍ରାମରେ ମାତ୍ର ଦୁଇଜଣ ଇଂରାଜୀ ପଢ଼ିଥିବା ଲୋକ ଅଛନ୍ତି ।) ଏଇ ହେଡ଼ମାଷ୍ଟର ଥିଲେ ଜଣେ ଠେକା ଘରର ସନ୍ତାନ । ସାଁଙ୍କର ଗୋଟିଏ ପ୍ରୌଢ଼ା ଭଉଣୀ ଏବେ ବି ଅବିବାହିତା । ସମ୍ପ୍ରତି ତାଙ୍କର ବଡ଼ ଭଉଣୀ ଷାଠିଏ ବର୍ଷ ବୟସରେ କେବଳ ମୋକ୍ଷ ନେବା ଉଦ୍ଦେଶ୍ୟରେ ଜଣେ ଅଶୀ ବର୍ଷର ବୃଦ୍ଧଙ୍କୁ ବିବାହ କରନ୍ତି । ଏଇ ହେଡ଼ମାଷ୍ଟର ଇଂରାଜୀ ଶିକ୍ଷାରେ ଶିକ୍ଷିତ ହେଲେ ବି ତାଙ୍କର ପାରିବାରିକ ସଂସ୍କାର ଏବେ ବି ତ୍ୟାଗ କରିପାରି ନାହାନ୍ତି । ତାଙ୍କର ଇଂରାଜୀ ଶିକ୍ଷାରେ ଶିକ୍ଷିତା ଦୁଇଟି ଝିଅ ବି ଅବିବାହିତା ଥିଲେ । ଆମ ମୁନିବ ସେମାନଙ୍କର ବିବାହ ନ ହେବାର କାରଣ ଜାଣି ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇଥିଲେ । ସେ କୌଣସି ସାମାଜିକ ଅବିଚାର ସେ ସହ୍ୟ କରୁ ନ ଥିଲେ । ତାଙ୍କର ଦେୟ ଗୁରୁ ଦକ୍ଷିଣା ସ୍ୱରୂପ ନିଜର କୌଳୀନ୍ୟ ଦାନ କରି ସେ ମାଷ୍ଟର ବାବୁଙ୍କ ଜ୍ୟେଷ୍ଠା କନ୍ୟାଙ୍କୁ ବିବାହ କଲେ । ଏତେଦିନ ପରେ ବିବାହ ନିମନ୍ତେ ସେ ଏଇଥି-ପାଇଁ ସ୍ୱୀକାର କରିଥିଲେ ।

: ଆପଣଙ୍କ ମୁନିବଙ୍କର ପୂର୍ବ ପୁରୁଷଗଣ ଯେ ଚରିତ୍ରବାନ ଲୋକ ଥିଲେ ତା' ସେମାନଙ୍କର ବହୁ ବିବାହରୁ ଜଣା ପଡ଼ୁଛି । ମାତ୍ର ଏତେଦିନ ଯାବତ୍ ଅବିବାହିତ ଆପଣଙ୍କ ମୁନିବଙ୍କର ଯୌନିକ ଚରିତ୍ର ସମ୍ବନ୍ଧରେ ମୁଁ କିଛି ଜାଣିବାକୁ ଚାହେଁ । ବାବୁ, ଏହା ଗୋଟାଏ ଅର୍ଥ ଘଟିତ ବା ଯୌନିକ ଖୁନ୍ ହେଉ ତ ଆମକୁ ଜାଣିବାକୁ ପଡ଼ିବ । ମୋର ସନ୍ଦେହ ଏହି ଖୁନ୍ ସମ୍ଭବତ ଆପଣଙ୍କ ପଳାତକ ମୁନିବ ଜଡ଼ିତ ।

: ଅଜ୍ଞା, ଆମ ମୁନିବଙ୍କ ସମ୍ବନ୍ଧରେ ଏପରି କଥା କୁହନ୍ତୁ ନାହିଁ ।

Digitized by srujanika@gmail.com

ସେ ଦେବତା ଚରିତ୍ରର ଲୋକ । ମାତ୍ର ଏଇ କୋଡ଼ିଏ ବର୍ଷ ବୟସ୍କା ବାପ୍ପୁଙ୍କୁ ବାଗକୁ ଆଣିବାକୁ ତାଙ୍କୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ୁଛି । ତେଣୁ ଆମ ସାବେକ ସମାଜରେ ଚୌଦ ବର୍ଷ ବୟସ୍କା ଝିଅମାନଙ୍କର ବିବାହ ନ ହେଲେ ତାକୁ ସମାଜରେ ବାଧନ୍ଧ କରୁଥିଲେ । ବାବୁ ବହୁଥର ରାଗ କରି ମୋ'ତେ କହୁଛନ୍ତି ଯେ, ବାବୁଆଣୀଙ୍କଠାରୁ ତାଙ୍କ ସାନ ଭଉଣୀଟି ଆହୁରି ଭଲ । ତାଙ୍କୁ ବିବାହ କରିଥିଲେ ବରଂ ସେ ସୁଖୀ ହୋଇ ପାରି ଥାନ୍ତେ । ଯଦ୍ୟପି ସେ କୁଳୀନ ସନ୍ତାନ ବହୁ ବିବାହରେ କୌଣସି ବାଧା ନ ଥିଲା । ତଥାପି ସେ ଏପରି ବିବାହର ସପକ୍ଷରେ ନ ଥିଲେ । ଗତ ସପ୍ତାହରେ ସ୍ତ୍ରୀଙ୍କ ସହିତ ବାବୁଙ୍କର କଳି ହେବାରୁ ତାଙ୍କ ସ୍ତ୍ରୀ ତାଙ୍କର ବାପଘରକୁ ଚାଲି ଯାଇଛନ୍ତି । ଏଇ କେତେଦିନ ବାବୁ ତାଙ୍କୁ ଫେରାଇ ଆଣିବା ପାଇଁ ଚେଷ୍ଟା କରି ନାହାନ୍ତି ।

: ବର୍ତ୍ତମାନ ମୋ ପ୍ରଶ୍ନର ଯଥାଯଥ ଉତ୍ତର ଦିଅନ୍ତୁ ତ । ଅଚ୍ଛା, ଏଠି ଏଇ ସାମାନ୍ୟ ଚାକିରି କରି ଯେଉଁ ଅର୍ଥ ପାଉଥିବେ ତଦ୍ୱାରା ଏଠାକାର ଖରଚ ତୁଳାଇ ଆପଣ ସଂସାରର ଭରଣ ପୋଷଣ କିପରି କରୁଛନ୍ତି ?

: ମୋ ମୁନିବ ନିକଟରେ ତାଙ୍କର ପୂର୍ବକାର ମ୍ୟାନେଜର ରମେନ୍ଦ୍ରନାଥ ସରକାରଙ୍କୁ ଚାକିରିରୁ ବରଖାସ୍ତ କରି ସାମୟିକ ଭାବରେ ମୋତେ ନିଯୋଗ କରିଛନ୍ତି । ଏଇ ନୂତନ ପଦରେ ମୁଁ ଆଶାତୀତ ଦରମା ପାଉଥାଏ । ମୋର ସ୍ତ୍ରୀ ପୁତ୍ର ଭରଣ ପୋଷଣରେ ମୋର କୌଣସି ଅସୁବିଧା ହୁଏ ନାହିଁ ।

: ଆପଣଙ୍କ ମୁନିବ ତାଙ୍କର ପୁରୁଣା ମ୍ୟାନେଜରଙ୍କୁ ବିତାଡ଼ିତ କାହିଁକି କଲେ ଜାଣନ୍ତି କି ? ଏହା ପଛରେ ନିଶ୍ଚୟ କୌଣସି କାରଣ ଥିବ ? ଅଦାଲତରେ କୌଣସି ବିଷୟ ଗୋପନ ନ କରି ସତ

Digitized by srujanika@gmail.com

କାରିବେ । କାରଣ ଗୋପନୀୟତାରେ ଯଥେଷ୍ଟ କ୍ଷତି ଆପଣଙ୍କର ହୋଇପାରେ ।

: ଆଜ୍ଞା, ଏଇ କୌଣସି ବ୍ୟବସାୟୀମାନଙ୍କ ମଧ୍ୟରେ କେତେଟି ପରସ୍ପର ବିରୋଧୀ ଦଳ ଅଛି । ଗୋଟାଏ ଦଳ ଅନ୍ୟ ଦଳଟିର ସର୍ବଦା ଉଚ୍ଛେଦ କାମନାରେ ସଚେଷ୍ଟ । ପୁରୁଣା ମ୍ୟାନେଜର ଆମ ବ୍ୟବସାୟର ଗୋପନୀୟତା ଅର୍ଥ ବିନିମୟରେ ଅନ୍ୟ ଦଳକୁ ଜଣାଇ ଦେଇ ଆମ ପ୍ରତିଷ୍ଠାନର ପ୍ରଭୂତ କ୍ଷତି ସାଧନ କରୁଥିଲେ । ଆମ ପ୍ରତିଷ୍ଠାନଟିକୁ ନଷ୍ଟ କରିବା ପାଇଁ ଅନ୍ୟ ଦଳର ଶ୍ରୀ ରୂପଚାନ୍ଦ ସରୋଗୀ ସହିତ ସେ ଗୋପନରେ ଗୋଟାଏ ଦଳ ଗଠନ କରୁଥିଲେ । ଶ୍ରୀ ରୂପଚାନ୍ଦ ସରୋଗୀଙ୍କର ପିତାଙ୍କ ନିକଟରୁ ଆମ ବାବୁ ଏହି ଦୋକାନ ଏବଂ ଗୋଦାମ କିଣି ନେଇଥିଲେ । ପୁରୁଣା ମ୍ୟାନେଜରଙ୍କ ଏତ ଦ୍ରୁଶ କାର୍ଯ୍ୟକଳାପରେ ସନ୍ଦେହ ପ୍ରକାଶ କରି ଆମ ବାବୁ ମୋତେ କାମ ଦାମ ଶିଖାଉଥିଲେ । ମୁନିବଙ୍କର କାର୍ଯ୍ୟ କଳାପର ଉଦ୍ଦେଶ୍ୟ ଜାଣି ପାରି ମନେ ମନେ କ୍ଷିପ୍ତ ହୋଇ ପ୍ରକାଶ୍ୟ ଭାବରେ ସରୋଗୀଙ୍କ ଦଳରେ ସେ ଯୋଗ ଦେଲେ । ଏହା ଫଳରେ ମୁଁ ଏଇ ନୂତନ ଚାକିରିଟିରେ ପୂର୍ଣ୍ଣ ଭାବରେ ପ୍ରତିଷ୍ଠିତ ହେଲି ।

ଯେ କୌଣସି କାରଣରୁ ହେଉନା କାହିଁକି ମଦନ ହାଲଦାରଙ୍କ ବିବୃତିରୁ ବୁଝାଯାଏ ଯେ, ସେ ତାଙ୍କ ମୁନିବ ପତ୍ନୀଙ୍କ ଉପରେ ସନ୍ତୁଷ୍ଟ ନ ଥିଲେ । ତାଙ୍କ ବିବୃତିରୁ ଏ କଥା ମଧ୍ୟ ବୁଝାଯାଏ ଯେ, ତାଙ୍କ ମୁନିବଙ୍କ ଅବର୍ତ୍ତମାନରେ ସେ ତାଙ୍କ ମୁନିବଙ୍କ ପ୍ରତିଷ୍ଠାନର କାର୍ଯ୍ୟତଃ ବର୍ତ୍ତମାନ ମାଲିକ । ମୋର ସନ୍ଦେହ ହୁଏ ଯେ, ତାଙ୍କ ମୁନିବଙ୍କ ଅବର୍ତ୍ତମାନରେ ମୁନିବ ପତ୍ନୀ ଉକ୍ତ ଭଦ୍ରଲୋକଙ୍କ ନିକଟରୁ ତାଙ୍କ ପ୍ରତିଷ୍ଠାନଟିକୁ ଉଦ୍ଧାର କରିପାରିବେ ବୋଲି ମନେ ହୁଏନା । ଯଦ୍ୟପି ଆଇନତଃ ଉକ୍ତ ପ୍ରତିଷ୍ଠାନ ଗୁଡ଼ିକର ମାଲିକ ସେମାନଙ୍କ ମୁନିବ ପତ୍ନୀ । ତେଣୁ ସନ୍ଦେହ କରାଯାଇ ପାରେ ଯେ, ତାଙ୍କ ମୁନିବ

Digitized by srujanika@gmail.com

ପତ୍ନୀଙ୍କର କୌଣସି ଛତି ଘଟିବାର ସମ୍ଭାବନା ମଧ୍ୟ ଏ କ୍ଷେତ୍ରରେ ଯଥେଷ୍ଟ ରହିଛି । ଏପରି ହୋଇପାରେ ଯେ, ଉକ୍ତ ମହମ୍ମଦ ହାଜିଦାର କୌଣସି ଶତ୍ରୁପକ୍ଷୀୟ ଲୋକମାନଙ୍କ ସହିତ ଯୋଗଦାନ କରି ଉକ୍ତ ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକର ମାଲିକ ହେବା ବାସନାରେ ତାଙ୍କର ମୁନିବ ଶ୍ରୀ ଗାଙ୍ଗୁଲୀଙ୍କୁ ହତ୍ୟା କରିଛନ୍ତି ଏବଂ ଏତଦ୍ ଉଦ୍ଦେଶ୍ୟରେ ମାଲିକଙ୍କର ଅବର୍ତ୍ତମାନରେ ଆଇନତଃ ମାଲିକ ପତ୍ନୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟ ମଧ୍ୟ ପୋଷଣ କରି ପାରନ୍ତି । ପରସ୍ପର ବିରୋଧୀ ଘଟଣା ସମୂହ କ୍ରମଶଃ ସମସ୍ୟା ସଙ୍କୁଳ ହୋଇ ଉଠୁଛି । ମୁଁ ଏଥର ତୃତୀୟ ଭୃତ୍ୟ ହାରୁଣ ମାଇତିର ବିବୃତି ଅନୁସାରେ କୋଚଓ୍ୱାନ ରହିମନକୁ କେତେକ ପ୍ରଶ୍ନ କରିଥିଲି ତା'ର ଚିତ୍ତାକର୍ଷକ ବିବୃତିର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରିଗଲି ।

: ମୋ ନା ଶେଖ ଅବଦୁଲ୍ ରହିମନ । ମୋର ପିତାଙ୍କ ନାଁ କାଲୁ ମିତ୍ରାନ ଗାଜୀ । ମୁଁ ଜଣେ ସମ୍ଭ୍ରାନ୍ତ ବଂଶର ସନ୍ତାନ । ମୋ ର ସା'ନ୍ତ୍ରାପା ସ୍ୱର୍ଗୀୟ ରତନ ଲାଲ ଦ୍ୱିବେଦୀ । ସେ ଜଣେ ନୈଷ୍ଠିକ ହିନ୍ଦୁ ବ୍ରାହ୍ମଣ ଥିଲେ । ମୁଁ ଗତ ଗୁରିବର୍ଷ ଧରି ଏଠାରେ ଗାଡ଼ି ଓ ଘୋଡ଼ା ତଦାରଖ ନିମନ୍ତେ ନିଯୁକ୍ତ ରହିଛି । ଆମ ମୁନିବ ପ୍ରାୟ ନିଜ ହାତରେ ତାଙ୍କର ସୌଖୀନ ଟମ୍ ଟମ୍ ଗାଡ଼ିଟିକୁ ଚଳାଉଥାନ୍ତି । ଗତ କେତେଦିନ ଯାବତ୍ ମୁଁ ତାଙ୍କ ପାଖରେ ବସି ଗାଡ଼ି ଚଳାଇଛି । ଗତ କାଲି ରାତି ଆଠଟା ବେଳକୁ ମୁନିବ ଗାଡ଼ି ସହ ଘରକୁ ଫେରି ମୋତେ ଗାଡ଼ି ଏବଂ ଘୋଡ଼ା ରଖି ଦେବା ପାଇଁ କହି ଉପରକୁ ଉଠିଗଲେ । ଏବଂ ରାତି ଦଶଟା ଅଧିକ ବେଳକୁ ଜଣେ ଲୋକ ଉପରୁ ଆସି ମୋତେ କହିଲେ ଯେ, ବାବୁ ବର୍ତ୍ତମାନ ବାହାରକୁ ବାହାରିବେ ଏବଂ ମୁଁ ଯେପରି ଶୀଘ୍ର ଗାଡ଼ି ଯୋଚି ଗେଟ ପାଖରେ ପ୍ରସ୍ତୁତ କରି ରଖେ । ନା, ହଜୁର ! ସେ ଲୋକଙ୍କୁ ମୁଁ ଏହା ପୂର୍ବରୁ କେବେ ଏଠାରେ ଦେଖି ନାହିଁ । ଏପରି ପ୍ରତିଦିନ ବହୁ ଲୋକଙ୍କର

Digitized by srujanika@gmail.com

ଘମାଘମ ଏଠାରେ ହେଉ ଥିବାରୁ କୌଣସି ସନ୍ଦେହ କରିବାର ଅବକାଶ ମଧ୍ୟ ମୋ ପାଖରେ ନଥିଲା । ଅବଶ୍ୟ ଗତ କେତେଦିନ ସ୍ୱାବତଃ ବିନା ଏଭଳିରେ, କୌଣସି ଲୋକକୁ ଉପରକୁ ଯିବା ପାଇଁ ହୁକୁମ ନଥିଲା । ତେଣୁ ଉପରୁ ଓହ୍ଲାଇ ଏପରି ଆଦେଶ କରିବାରେ ସନ୍ଦେହ ପ୍ରକାଶ କରିବାର କୌଣସି କାରଣ ନଥିଲା । ବଡ ଦରଜାର କହିବା ପରେ ମୁଁ ଗାଡିଟିକୁ ପ୍ରସ୍ତୁତ କରି ଗେଟ ପାଖରେ ରଖି ଗାଡ଼ିର ପଛ ପଟରେ ବସି ଟିକିଏ ଗୁଡ଼ାଖୁ ଟାଣୁଥିଲି । ଏତିକିବେଳେ ବାବୁ ଖୁବ୍ ଦ୍ରୁତ ଗତିରେ ଆସି ଟମ୍ ଟମ୍ଟିକୁ ଚଳାଇ ନେଇଗଲେ । ମୁଁ ତାଙ୍କୁ ଦେଖି ଗୁଡ଼ାଖୁ ଚିଲମ ସହ ମୁହଁଟାକୁ ଅନ୍ୟ ଆଡ଼କୁ ବୁଲାଇ ଦେଇଥିଲି । ହଜୁର ! ମାଲିକଙ୍କ ସାମନାରେ ଗୁଡ଼ାଖୁ ଟାଣିବାର ସ୍ପର୍ଦ୍ଧା ମୋର ନଥିଲା । ତଥାପି ବାବୁଙ୍କ ଥରେ ଆଖି ବୁଲାଇ ମୁଁ ଦେଖି ନେଇଥିଲି । ସେ ତାଙ୍କର ଦାମୀ ସୁଟ୍ଟିକୁ ପିନ୍ଧିଥିଲେ । ଅବଶ୍ୟ କୁହେଳିମାର ନିଷ୍ପ୍ରଭ ଆଲୋକରେ ତାଙ୍କ ମୁହଁଟିକୁ ପରିଷ୍କାର ଭାବରେ ମୁଁ ଦେଖି ପାରି ନଥିଲି ।

: ହୁଁ, ତୁମେ କହୁଛ ଯେ, ତୁମେ ଭଲ ଭାବରେ ତୁମ ମାଲିକର ମୁହଁକୁ ଦେଖିନା । କେବଳ ତାଙ୍କ ପୋଷାକ ଦେଖି ତାଙ୍କୁ ତୁମ ବାବୁ ବୋଲି କିପରି ଜାଣି ପାରିଲ ? ଏ ବିଷୟରେ ତୁମ କୈଫିୟତ ସନ୍ଦେହ ଜନକ ମନେହୁଏ ।

: ହଜୁର, ମୁଁ ତାଙ୍କୁ ନଚିହ୍ନିଲେ ବି ତାଙ୍କ ଘୋଡ଼ା ତାଙ୍କୁ ଠିକ୍ ଚିହ୍ନିବ । ତାଙ୍କ ଘୋଡ଼ାଟି ଗୋଟାଏ ସାଧାରଣ ଘୋଡ଼ା । ବାବୁ ଯେପରି ତାକୁ ଭଲ ପାଆନ୍ତି ସେ ବି ସେପରି ତାଙ୍କୁ ଭଲପାଏ । ବେଳେ ବେଳେ ବାବୁ ତାକୁ ନିଜ ହାତରେ ଦାନା ଖୋଉଥିଲେ ! ଏମାନେ ଆଖିରେ ଦେଖି ମଣିଷ ନଚିହ୍ନିଲେ ବି ମଣିଷର ଗନ୍ଧରୁ ଠିକ୍ ଆପଣା ଲୋକକୁ ବୁଝି ପାରନ୍ତି । ଏ ଘୋଡ଼ା ବାବୁଙ୍କୁ ନଚିହ୍ନିଥିଲେ ମୋ ଛଡ଼ା ସେ ଘୋଡ଼ା କେବେ ହେଲେ ଘରୁ ବାହାରି ନଥାନ୍ତା ।

Digitized by srujanika@gmail.com

ଖବର ନେବାରେ ଜଣାଗଲା ଯେ, ଅଜକୁ ଦୁଇମାସ ହେବ କୋଠାଟିକୁ କଡ଼ା ପହରା ଦେବା ପାଇଁ କଠିନ ଆଦେଶ ରହିଛି ଏବଂ ସେଥିପାଇଁ ଦୁଇଜଣ ନୂଆ ଦରବାନ ମଧ୍ୟ ନିଯୁକ୍ତ ହୋଇଛନ୍ତି । ରାତରେ ପ୍ରତ୍ୟେକଟି ଦରଜାକୁ ବନ୍ଦ ରଖିବା ପାଇଁ ବାବୁଙ୍କର ଆଦେଶ ଥିଲା । ଆଶ୍ଚର୍ଯ୍ୟର ବିଷୟ ଯେ, ଦେଉଡ଼ିର ଦରବାନ ମଧ୍ୟ ବାବୁଙ୍କୁ ସେଦିନ ରାତିରେ ବାହାର ଯିବାର ଦେଖିଛି । ଅବଶ୍ୟ ସେ ମଧ୍ୟ ସ୍ୱଳ୍ପ ଅନ୍ଧାର ମଧ୍ୟରେ ବାବୁଙ୍କୁ ଭଲ ଭାବରେ ଦେଖି ନାହିଁ କେବଳ ପୋଷାକରୁ ଚିହ୍ନିଛି । ଦରୱାନମାନେ ଖୁବ୍ ଜୋର ସହକାରେ କୁହନ୍ତି ଯେ, ସେମାନେ ରାତିରେ କାହାରିକୁ ଘର ମଧ୍ୟକୁ ଛାଡ଼ି ନାହାନ୍ତି ।

ଆମେ ଏଇ ଘରର ପ୍ରତ୍ୟେକଟି ଲୋକଙ୍କୁ ପଚରା ପଚରି କରିଛୁ । ପ୍ରତ୍ୟେକ ହିଁ କୁହନ୍ତି ଯେ ସେମାନେ ସେହି ରାତିରେ ଘର ମଧ୍ୟକୁ କୌଣସି ଲୋକକୁ ଆସିବାକୁ ଦେଖି ନାହାନ୍ତି । ଅଥଚ ରହମାନକୁ ସେଉଁ ବ୍ୟକ୍ତି ଆଦେଶ ଜଣାଇଥିଲା ସେ ଉପରୁ ଆସି ପୁଣି ଚାଲି ଯାଇଥିଲା । ସେ ଆଉ ତଳକୁ ଓହ୍ଲାଇ ନାହିଁ । ଏଇ ଅଚହ୍ନା ଲୋକର ଅସ୍ତିତ୍ୱ ଘରର ଅନ୍ୟାନ୍ୟମାନେ ଅସ୍ୱୀକାର କରନ୍ତି । ଅଥଚ ରହମନକୁ ଅବିଶ୍ୱାସ କରିବାର ନୁହେଁ । ତା'ହେଲେ ? ତା'ହେଲେ କ'ଣ ଅନ୍ୟ କୌଣସି ପଥରେ ଲୋକଟି ଘରୁ ବାହାରି ଯାଇଛି ?

ମୁଁ କୋଠାଟିର ଆଭ୍ୟନ୍ତର ଏବଂ ପଶ୍ଚାତ୍ ଭାଗରେ ସବୁ ଅଂଶଗୁଡ଼ିକ ତନ୍ନ ତନ୍ନ କରି ଆଉ ଥରେ ପରୀକ୍ଷା କରି ନେଲି । ପଛପଟ ବଗିଚାଟି ବଡ଼ ବଡ଼ ଗଛ ଏବଂ ବୁଦାରେ ପରିପୂର୍ଣ୍ଣ । କେବଳ ମାତ୍ର ପାଚେରୀ ପାଖରେ କିଞ୍ଚିତ ସ୍ଥାନ ପରିଷ୍କାର ଥିବାର ଦେଖିଲି ଏବଂ ସେଠାରେ ଗୋଟାଏ ବୁଲା କୁକୁର ସ୍ଥାନଟିକୁ ଘାଣ୍ଟୁଡ଼ା ଘାଣ୍ଟୁଡ଼ି କରୁଥିବାର ଦେଖାଗଲା । ଏଥିରୁ ମନେ ହେଉଥିଲା ଯେ, ସେହି କୁକୁରଟି ଏପରି ଭାବରେ ସ୍ଥାନଟିକୁ ଘାଣ୍ଟୁଡ଼ା ଘାଣ୍ଟୁଡ଼ି କରୁଥିବାରୁ ସ୍ଥାନଟି ପରିଷ୍କାର ହୋଇଛି । ଘରର ପ୍ରତ୍ୟେକଙ୍କ ଏକାହାରରୁ ବୁଝା ଯାଏ

Digitized by srujanika@gmail.com

ଯେ, ଏଇ ବଗିଚାଟି ମଧ୍ୟକୁ ବାହାରର ଶିଆଳ ଏବଂ କୁକୁରମାନେ ପ୍ରାୟ ଆସନ୍ତି । ଅବଶ୍ୟ ସେମାନେ ଏଇ ଧୂସର ରଙ୍ଗର କୁକୁରଟିକୁ ଏହା ପୂର୍ବରୁ ଏଠାରେ କେବେ ଦେଖି ନ ଥିଲେ । ଏଇ କୁକୁରଟିର ଗଳାରେ ବକ୍‌ଲେସ ନଥିବାରୁ ତାକୁ ବୁଲା କୁକୁର ବୋଲି କୁହାଯାଇପାରେ । ତେଣୁ ତା'ର ମାଲିକ ସନ୍ଧାନରେ ଖୋଜିବାର କୌଣସି ଦରକାର ପଡ଼ୁନା ।

ମୁଁ ଟେରେଟି ବଜାର ଅଞ୍ଚଳରୁ ନିଜ ଖରଚରେ ଜଣେ ନକ୍‌ସାଦାର (*Plan maker*) ଏବଂ ଜଣେ ଫଟୋଗ୍ରାଫରଙ୍କୁ ଆଣି ଏଇ ଘରଟିର ଆଭ୍ୟନ୍ତରୀଣ ଭାଗ ଏବଂ ବହିର୍ଭାଗର ପୂର୍ଣ୍ଣ ନକ୍‌ସା ଓ ଆଲୋକଚିତ୍ର ଗ୍ରହଣ କରିଛି । ଏହାର ଖରଚ କାରବାର ବାବଦ ବିଲ୍‌ଟି ମୁଁ ପରେ କୋଷାଧ୍ୟକ୍ଷଙ୍କ ନିକଟକୁ ପଠାଇବି । ଏଇ ଅଚିହ୍ନା ମୃତ ଦେହ ଏବଂ ଘର ମାଲିକଙ୍କ ଶୟନ କକ୍ଷଟିର ଫଟୋ ଏଇ ସ୍ଥାନର ଆସବାବ ପତ୍ର ପରିପ୍ରେକ୍ଷିରେ ଗୃହୀତ ହୋଇଛି । ଏଇ ନକ୍‌ସା ଏବଂ ଆଲୋକଚିତ୍ର ଯଥା ସମୟରେ ତାଇଗ୍ରି ସହିତ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରେରିତ ହେବ ।

ଏଇ ଖୁଣ୍ଟି ସନ୍ଧାନରେ ଆମେ କେତୋଟି 'ଥିଓରି' ଧାରଣା କରି ନେଇ ପାରୁ । ଏହା ମଧ୍ୟରୁ ଯେ କୌଣସି ଏ ସତ୍ୟ ବୋଲି ମନେ ହେଲେ ଅନ୍ୟ ଗୁଡ଼ିକ ମିଥ୍ୟା ହେବାକୁ ବାଧ୍ୟ । ତେଣୁ 'ଥିଓରି'ଗୁଡ଼ିକୁ ବିଶଦ୍ ଭାବରେ ଅନୁଧ୍ୟାନ କରିବା ଉଚିତ୍ । 'ଥିଓରି'ଗୁଡ଼ିକ ନିମ୍ନରେ ଉଦ୍ଧୃତ କରାଗଲା :

(୧) ଏପରି ହୋଇ ପାରେ ଯେ, ଏଇ ଗୃହକର୍ତ୍ତା ନିଜେ ଏଇ ବ୍ୟକ୍ତିକୁ ହତ୍ୟାକରି ପଳାଇ ଯାଇଛି । କିନ୍ତୁ ପ୍ରଶ୍ନ ହେଉଛି ଯେ, ଗୃହକର୍ତ୍ତାଙ୍କ ଶୟନ କକ୍ଷର ଦରଜାଟିକୁ ଭିତର ପଟରୁ ବନ୍ଦ କିଏ କଲା ? ଯଦି ନିଜେ ଦରଜା ବନ୍ଦ କରି ଝରକା ବାଟେ ତଳକୁ ଓହ୍ଲାଇ ଥା'ନ୍ତି, ତା'ହେଲେ ଘରର କେତେକ ତାଙ୍କୁ ଉପରୁ ଓହ୍ଲାଇ ଆସିବାର ଦେଖି ନଥାନ୍ତେ । ଏପରି କରିବାଟା ଏ କ୍ଷେତ୍ରରେ ଅସମ୍ଭବ ।

Digitized by srujanika@gmail.com

(୨) ଏପରି ହୋଇପାରେ ଯେ, ଏହି ଅଚିହ୍ନା ଲୋକ ଏବଂ ଗୃହକର୍ତ୍ତା ଉଭୟଙ୍କୁ କେହି ବା କେଉଁମାନେ ଖୁନ୍ କରିଛନ୍ତି । ଏହି ଖୁଣୀମାନେ ଗୃହକର୍ତ୍ତାଙ୍କ ଉପରେ ସନ୍ଦେହ ପକାଇବା ଉଦ୍ଦେଶ୍ୟରେ ସେମାନଙ୍କ ମଧ୍ୟରୁ ଜଣେ ଗୃହକର୍ତ୍ତାଙ୍କ ପୋଷାକ ପିନ୍ଧି ଗାଡ଼ି ଚଳାଇ ଚାଲିଯାଏ । ସେମାନେ ଜଣେ ଲୋକର ଦେହ ସେଠାରୁ ନେଇ ପାରିଛନ୍ତି ମାତ୍ର ସକାଳ ହୋଇ ଯିବାରୁ ଅନ୍ୟ ଦେହଟିକୁ ନେଇ ପାରିନାହାନ୍ତି । ତାଲେ ଉକ୍ତ ଲୋକଟିକୁ କେହି ସନାକ୍ତ କରନ୍ତି ସେହି ଉଦ୍ଦେଶ୍ୟରେ ସେମାନେ ମୃତ ବ୍ୟକ୍ତିର ମୁଣ୍ଡଟିକୁ କାଟି ନେଇ ଯାଇଛନ୍ତି । ଏ କ୍ଷେତ୍ରରେ ପ୍ରଶ୍ନ ଉଠେ ଯେ, ଶୟନ କକ୍ଷର ଦରଜା କିପରି ବନ୍ଦ ହେଲା ? ଏବଂ ସେହି ଅଚିହ୍ନା ଲୋକଟି ଦରବାନମାନଙ୍କ ନଜର ଏଡ଼ି କିପରି ଆସି ପାରିଲା ?

(୩) ଏପରି ହୋଇ ପାରେ ଯେ, ଏହି କୋଷାଧ୍ୟକ୍ଷ ଏବଂ ମ୍ୟାନେଜର ଶ୍ରୀ ମଦ୍ଦୁମ ଚନ୍ଦ୍ର ହାଲଦାର ସ୍ୱାର୍ଥ ପ୍ରଣୋଦିତ ହୋଇ ନିଜର ମୁନିବ ଏବଂ ତାଙ୍କର ଜଣେ ବନ୍ଧୁଙ୍କୁ ହତ୍ୟାକାରୀ ପୋଲିସକୁ ବିଭ୍ରାନ୍ତ କରିବା ଉଦ୍ଦେଶ୍ୟରେ ଏପରି କାହାଣୀର ଅବତାରଣା କରିଛି ।

(୪) ଶ୍ରୀ ହଲଦରଙ୍କର ପ୍ରଭୁପତ୍ନୀଙ୍କ ସମ୍ପର୍କରେ ଅଶୋଭନୀୟ ଉକ୍ତି ମଧ୍ୟରେ କୌଣସି ସତ୍ୟ ଥାଇ ପାରେ ବା ତାହା ଆଦୌ ସତ୍ୟ ନ ହୋଇ ପାରେ । ତା' ଯଦି ସତ୍ୟ ହୁଏ ତା'ହେଲେ ମାଲିକଙ୍କର ସେଇ ବର୍ଷୀୟସୀ ସହଧର୍ମିଣୀଙ୍କର କୌଣସି ପ୍ରେମିକ ବା ଉପପତିଙ୍କ ଦ୍ୱାରା ଏହି ମାଲିକ ନିଜେ ଓ ତାଙ୍କର କୌଣସି ବନ୍ଧୁ ନିହତ ହୋଇ ପାରନ୍ତି ।

(୫) ଶ୍ରୀ ମଦ୍ଦମ ଚନ୍ଦ୍ର ହାଲଦାରଙ୍କ ବକ୍ତବ୍ୟରୁ ଏକଥା ବୁଝା ଯାଉଛି ଯେ, ତାଙ୍କର ପୂର୍ବକାର ମ୍ୟାନେଜର ଏବଂ ବର୍ତ୍ତମାନ ପକ୍ଷୀସ୍ଥ ବ୍ୟବସାୟୀ ଏହି ଘରର ମାଲିକଙ୍କର ପରମ ଶତ୍ରୁ । ଏହା ସତ୍ୟ

Digitized by srujanika@gmail.com

ତେବେ ଏକଥା ବୁଝାଇବ ଯେ, ସେମାନେ ଏହି ଘରର ମାଲିକ ଏବଂ ତାଙ୍କର ବନ୍ଧୁଙ୍କ ହତ୍ୟା କରିବାର ବ୍ୟବସ୍ଥା କରିଛନ୍ତି ।

(୭) ଏପରି ହୋଇପାରେ ଯେ, ଏହି ଗୃହକର୍ତ୍ତା ନିହତ ବ୍ୟକ୍ତିର ଶତ୍ରୁ ଏବଂ ଗୃହକର୍ତ୍ତା ତାଙ୍କୁ ଛଳନା ଦ୍ୱାରା ବଶୀଭୂତ କରି ଆଣି ହତ୍ୟା କରିଥାନ୍ତି ଏବଂ ତା'ର ମୃତଦେହକୁ ନେଇ ଝରକା ବାଟେ ପଳାଇ ଛନ୍ତି । (ମୋ ମତରେ ଏବଂ ମତବାଦଟି ସତ୍ୟ ହେବାର ସମ୍ଭାବନା ଖୁବ୍ କମ୍ । କାରଣ ଏପରି ଭାବରେ କାନ୍ଧରେ ଧରି ସିଧା ସଳଖ ତଳକୁ ଓହ୍ଲାଇବା ଅସମ୍ଭବ । ଏ ବ୍ୟକ୍ତି ଏଠାରେ ନିହତ ହୋଇଥିଲେ ଏଠାରେ ଯଥେଷ୍ଟ ରକ୍ତପାତ ହୋଇଥାନ୍ତା ମାତ୍ର ଏଠାରେ ଯଥେଷ୍ଟ ରକ୍ତର ଚିହ୍ନ ଦେଖିବାକୁ ମିଳେନା ।)

ଏହି କେତୋଟି 'ଥିଓରି' ବା ଯଙ୍କା ବ୍ୟତୀତ ଖୁନ ସମ୍ବନ୍ଧରେ ଅନ୍ୟ କୌଣସି ସମ୍ଭାବ୍ୟ ଘଟଣା ମସ୍ତିଷ୍କ ମଧ୍ୟକୁ ଆସୁନାହିଁ । କିନ୍ତୁ ତା ସତ୍ତ୍ୱେ କୌଣସିଟିରେ ମୋର ନିଜର ମନ ସନ୍ତୁଷ୍ଟ ହୋଇନାହିଁ । ଖୁବ୍ ଶୀଘ୍ର ଏ ହତ୍ୟାକାଣ୍ଡର ରହସ୍ୟ ଭେଦ କରିବା କଠିନ ବ୍ୟାପାର । କେଉଁଠୁ କିଏ ଆସି, କିପରି ଭାବରେ ଏ ହତ୍ୟାକାଣ୍ଡ ସଂଘଟିତ କଲା ଏକଥା ମୋତେ କିଏ କହିଦେବ ? ଏହି ଶୟନକକ୍ଷର ଦରଜାଟି ବନ୍ଦ ଥିବା ବିଷୟଟିର କୈଫିୟତ କିଛି ଖୋଜି ମୁଁ ପାଉନାହିଁ । ମୋର ସବୁଠାରୁ ବେଶୀ ଅସୁବିଧା ଏଇଠି ହେଉଛି ।

ମୋର ଇଂରାଜୀ ଜ୍ଞାନ ସାମାନ୍ୟ ଦୃଷ୍ଟିରୁ ଏହି 'ଡାଇରି'ର ସଂକ୍ଷିପ୍ତ ସାର ମୁନସି ବଦରୁଦ୍ଦିନ କର୍ତ୍ତୃକ ଅନୁଦିତ ହେବା ପରେ ଯଥା ସତ୍ୱର ତାହା ବ୍ରହ୍ମପୁର ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ପଠାଯିବ । ଆଜିକାର ତଦନ୍ତ କାର୍ଯ୍ୟ ଏହିଠାରେ ଶେଷ ହେଲା ।

ମେଳୁଆ ଥାନାର ଶ୍ରେଷ୍ଠ ଦାରୋଗା ସୁକୁମାର ସେନ ସ୍ୱାକ୍ଷରିତ 'ଡାଇରି' ଏଇଠି ଶେଷ ହେଲା ।

Digitized by srujanika@gmail.com

ମେମୋ ନଂ ୧

ମୁଁ ତୁମ ତାରିଖର ଇଂରାଜୀ ଅନୁବାଦ ସହ ଫଟୋଟି ଅନେକ ଦିନ ଏବଂ ନକ୍ସା ପାଇଲି । ଏ ଫଟୋ ଚିତ୍ର ମଧ୍ୟରେ ଏପରି କେତେକ ଚିତ୍ର ଦେଖାଯାଉଛି ଯାହା କି ତୁମର ନଜର ଏଡ଼େଇ ଯାଇଛି । ମୁଁ ଏଗୁଡ଼ିକ ପରେ ଆହୁରି ଭଲ ଭାବରେ ଅନୁଧ୍ୟାନ କରିବି । ଏ ସମ୍ବନ୍ଧରେ ପ୍ରୟୋଜନୀୟ ହୁକୁମନାମା ଯଥା କାଳେ ପଠାଯିବ । ଗୃହକର୍ତ୍ତା ଶ୍ରୀ ଗାଙ୍ଗୁଲିଙ୍କ ପିତାଙ୍କର କୌଣସି ଦ୍ୱିତୀୟ ସଂସାର ଏଇ ସହରରେ କିମ୍ବା ନିକଟରେ ଥାଇପାରେ । ଏ ସମ୍ବନ୍ଧରେ ତଦନ୍ତକାରୀ ଦାରୋଗାଙ୍କୁ ଖବର ସଂଗ୍ରହ କରିବାକୁ ପଡ଼ିବ । ଜଣେ ପିତାଙ୍କ ଔରସରୁ ଦୁଇଟି ସ୍ତ୍ରୀଙ୍କ ଗର୍ଭଜାତ ସନ୍ତାନ ମାନଙ୍କ ମଧ୍ୟରେ ସାଦୃଶ୍ୟ ରହିବା ଅସମ୍ଭବ ନୁହେଁ । ଏଇ ତଦନ୍ତର ଅନ୍ତର୍ନିହିତ ଉଦ୍ଦେଶ୍ୟ ତୁମେମାନେ ବୁଝି ପାରୁଛ । ତୁମ ପ୍ରେରିତ ତାରିଖରୁ ବୁଝା ଯାଉଛି ଯେ, ଗତ କେତେଦିନ ଯାଏ ରହମାନ ସେମାନଙ୍କ ମୁନିବର ଗାଡ଼ି ଚଳାଇଛି । ଏଇ ଦୃଷ୍ଟିରୁ ପଳାତକ ଶ୍ରୀ ଗାଙ୍ଗୁଲିଙ୍କର ଗତିବିଧି ଏଇ କେତେଦିନ ଧରି କିପରି ଥିଲା ସେ ସମ୍ବନ୍ଧରେ ତଥ୍ୟାଦି ସଂଗ୍ରହ କରିବାକୁ ପଡ଼ିବ । ଶ୍ରୀ ଗାଙ୍ଗୁଲିଙ୍କ ବ୍ୟବସାୟ ସ୍ଥଳ ଏବଂ ଶ୍ୱଶୁରଘରେ ଗତ କାଲି ତଦନ୍ତ କରିବା ଉଚିତ ଥିଲା । ଘଟଣା ସ୍ଥଳର ସାକ୍ଷୀମାନଙ୍କୁ ପଚାରି ବୁଝିବ ଯେ, ରାତିରେ ସେମାନେ କୁକୁର ଭୁକିବା ଶୁଣିଥିଲେ କି ? ଏପରି ତଦନ୍ତରେ ମୁଁ ଖୁବ୍ ଖୁସି ହୋଇ ପାରି ନାହିଁ । ଇତି ।

ସ୍ୱାକ୍ଷର— କେ. ଏମ୍ ମାର୍ଟ,

କ୍ରିମିନାଲ ସୁପରିଣ୍ଟେଣ୍ଡେଣ୍ଟ, ସହର କଲିକତା ।

(ମୁନସି ବଦରୁଦ୍ଦିନ କର୍ତ୍ତୃକ ମୂଳ ଇଂରାଜୀ ହୁକୁମନାମାରୁ ତର୍ଜମା ହୋଇ ମେଛୁଆ ଥାନାର ତଦନ୍ତକାରୀ ଦାରୋଗା ସମୀପରେ ତାଙ୍କର ଅବଗତି ନିମନ୍ତେ ପ୍ରେରିତ ହେଲା ।)

Digitized by srujanika@gmail.com

ଅଦ୍ୟ ୧୯୮୦ ସାଲ ଜୁନ ୪ ତାରିଖ । ବିଭାଗୀୟ ପୋଲିସ ଧାନ୍ଦେବଙ୍କ ହୁକୁମନାମା ପାଇ ସମସ୍ତ ସମାଚାର ଅବଗତ ହେଲି । ଏହି ହୁକୁମନାମା ପାଇ ମୁଁ ପୁନର୍ବାର ଘଟଣା ସ୍ଥଳକୁ ଯାଇ ସେଠାକାର ସାକ୍ଷୀମାନଙ୍କୁ ପୁନର୍ବାର ପଚରା ଉଚରା କରିଥିଲି । ଏ ସନ୍ଦର୍ଭରେ ଶ୍ରୀ ମହିମ ହାଲଦାରଙ୍କ ଅତିରିକ୍ତ ବିବୃତ୍ତିର ପ୍ରଯୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା ।

: ଆଜ୍ଞା ହଁ, ରାତି ଦଶଟାରୁ କିଛିଟା ପରେ ମୁଁ କୁକୁରମାନଙ୍କ ଚିତ୍କାର ଶୁଣିଛି । ବୁଲା କୁକୁର ଓ ଶିଆଳ ମଝିରେ ମଝିରେ ଏହି କୋଠା ସଂଲଗ୍ନ ବଗିଚାରେ ରାତିରେ ଚିତ୍କାର କରିଥାନ୍ତି । ସେ ଦୃଷ୍ଟିରୁ ମୁଁ ସେହିସବୁ ଚିତ୍କାର ଉପରେ ବିଶେଷ ଗୁରୁତ୍ୱ ଆରୋପ କରି ନ ଥିଲି । ଏ କଥା ସତ୍ୟ ଯେ, ମୁଁ ରାତିରେ ସାମାନ୍ୟ ଅଫିମ ସେବନ କରେ ଏବଂ ଅଭ୍ୟାସ ଅନୁସାରେ ମୁଁ ପ୍ରତି ରାତିରେ ଘର ଗୁଡ଼ିକ ତନଖି ନେଇଥାଏ । ରାତିରେ ପୋଥି ପତ୍ର ପଢ଼ୁ ପଢ଼ୁ ମୁଁ ଶୋଇପଡ଼େ ଏବଂ ସାଧାରଣତଃ ରାତି ବାରଟା ଆଗରୁ ମୁଁ କେବେ ଶୋଇ ନ ଥାଏ ।

: ଅଚ୍ଛା, ଆପଣଙ୍କର ମନେପଡ଼ୁଛି ଯେ, ଆମେ ପ୍ରଥମ ତଦନ୍ତ ସମୟରେ ଗୋଟାଏ ଧୂସର ରଙ୍ଗର କୁକୁରକୁ ଏହି ବଗିଚା ମଧ୍ୟରେ ଆମ୍ଭୁଡ଼ୁ ଥିବାର ଦେଖିଥିଲୁ ଏବଂ ଆଜି ସେ ସେଠାରେ ନାହିଁ । ତା'ହେଲେ ସେ କୁକୁରଟି କେବେ ସେ ସ୍ଥାନ ତ୍ୟାଗ କରିଛି ?

: ସାର୍, ଏହି କୁକୁରଟା ଏହି କେତେଦିନ ହେଲା, ସେ ସ୍ଥାନକୁ ତିଳେ ହେଲେ କୁଆଡ଼େ ଯାଇ ନାହିଁ । ଆଜି ସକାଳେ ଆମେ ତାକୁ ସେଠାରୁ ବହୁ କଷ୍ଟରେ ତଡ଼ି ଦେଇଛୁ । ଆଜି ଦ୍ୱିପ୍ରହର ବେଳକୁ, ବଗିଚା ଆରପଟର ଲୋକମାନେ ସେହି କୁକୁରଟିକୁ ମରି ପଡ଼ିଥିବାର ଦେଖିଛନ୍ତି । ସାର୍, ଆମେ ଏହି କୁକୁରଟିକୁ ଆଦୌ ଆଘାତ କରି ନ ଥିଲୁ । କୁକୁରଟା ପଚି ଦୁର୍ଗନ୍ଧ ହେବା ଆଶଙ୍କାରେ ଆମେ

Digitized by srujanika@gmail.com

ସେହା ହାଡ଼ ଉଡାଇ ଫିଙ୍ଗି ଦେବାର ବ୍ୟବସ୍ଥା ମଧ୍ୟ କରି ଦେଇଛନ୍ତି ।

: ଆପଣ ଅପର୍ଣ୍ଣଙ୍କ ମୁନିବଙ୍କ ଶ୍ୱଶୁର ଘରେ ମୁନିବଙ୍କ ହନ୍ଧାନ ପାଇଁ କିଛି ଖୋଜ ଖବର ନେଇଛନ୍ତି କି ? ଏତେ ବଡ଼ ଗୋଟାଏ ଦୁଃସମ୍ବାଦ ପାଇ ମଧ୍ୟ ତାଙ୍କ ସ୍ତ୍ରୀ କାହିଁ ଆସିଲେ ନାହିଁ ତ ? ଏ କର୍ତ୍ତବ୍ୟଟି ଏ ପର୍ଯ୍ୟନ୍ତ ନ କରିଥିଲେ ବୁଝିବି ଯେ, ଆପଣଙ୍କର ମତଲବ ଆଦୌ ଭଲ ନୁହେଁ ।

: ଆଜ୍ଞା, ବ୍ୟବସାୟର ଗୁରୁ ଦାୟିତ୍ୱ ମୋ ମୁଣ୍ଡ ଉପରେ ଥିବାରୁ ମୁଁ ନିଜେ ସେଠାକୁ ନ ଯାଇ ପାଣ ଆମର ଗୃହଭୃତ୍ୟ ଦ୍ୱାରଣ ମାଇତକୁ ସେଠାକୁ ପଠାଇଥିଲି । କିନ୍ତୁ ସେଠାରେ ସେ ଶୁଣିବାକୁ ପାଇଲା ଯେ, ବାବୁଆଣୀ ଏଠାକୁ ଚାଲି ଆସିଛନ୍ତି ମାତ୍ର ଆଶ୍ଚର୍ଯ୍ୟର କଥା, ସେ ଏ ପର୍ଯ୍ୟନ୍ତ ଏଠାକୁ ଆସି ନାହାନ୍ତି । ସାର୍, ଏହା ତ ଦେଖୁଛି ଗୋଟାଏ ମହା ଆଶ୍ଚର୍ଯ୍ୟ ଘଟଣା । ଇଂରାଜୀ ଲେଖାପଢ଼ା ସେମାନଙ୍କ ଘରଟାକୁ ଛାରଖାର କରି ଦେଇଛି । ସେମାନଙ୍କ ସନ୍ଧାନରେ ମୁଁ କିଛି କହିବାକୁ ଚାହେଁନା । ଏ ପଟରେ ବାବୁଙ୍କ ଝମ୍‌ଝମ୍ ଗାଡ଼ିଟା ବି ମିଳୁ ନାହିଁ । ବାବୁଙ୍କ ବ୍ୟବସାୟ ଅନ୍ୟାନ୍ୟ ଜଞ୍ଜାଳ ଦେଖି ସାରିବା ପରେ ମୋର ଆଉ ସମୟ କାହିଁ ଯେ, ମୁଁ ବ୍ୟକ୍ତିଗତ ଖବରେ ଯାଇ କିଛି କରିବି ?

ମୁଁ ଏ ସନ୍ଧାନରେ ଘରର ଭୃତ୍ୟ କୋଚୱାନ, ଦରବାନ ପ୍ରଭୃତିଙ୍କୁ ପୁନଶ୍ଚ ପଚରା ପଚରି କରିଥିଲି । ସେମାନଙ୍କ ନିକଟରୁ ଆଉ କିଛି ନୂଆ କଥା ଜାଣିବାକୁ ପାଇ ନ ଥିଲି । ମନେ ହେଉଛି ମ୍ୟାନେଜରଟି ତାଙ୍କ ମୁନିବଙ୍କ ସ୍ଥାନରେ ବସି ପାଣ ଖୁବ୍ ଖୁସି ହୋଇଛନ୍ତି ଏବଂ ସାମ୍ପ୍ରତିକ କାଳରେ ତାଙ୍କର ମତିଗତି ସନ୍ଦେହଜନକ ମନେହୁଏ । ଏମାନଙ୍କ ଗତିବିଧି ଉପରେ ଗୋପନରେ ଲକ୍ଷ୍ୟ ରଖିବାର ବ୍ୟବସ୍ଥା କରିବ । ଆପଣଙ୍କ ଆଦେଶାନୁସାରେ ମୁଁ

Digitized by srujanika@gmail.com

ଚେହେମାନଙ୍କୁ ତା' ମୁନିବଙ୍କ କେଉଁଦିନର ଗଣ୍ଡିବଦ୍ଧ ଯନ୍ତ୍ରାନ୍ତରେ ପ୍ରଚାର ପଚାରି କରିଥିଲା । ତା'ର ନୂତନ ଚରିତ୍ରର ପ୍ରାୟୋଜନୀୟ ଅଂଶଟି ନିମ୍ନରେ ଉଦ୍ଧୃତ କରୁଗଲି ।

: ମୁଁ ବାବୁଙ୍କୁ ଟ୍ରଥ୍ୟଷ୍କ ଦୋକାନକୁ ଏବଂ ଦୋକାନରୁ ଘରକୁ ନେବା ଅଣିବା କରୁଥିଲି । ମଝିରେ ମଝିରେ ବାବୁ ନିଜେ ଟମ୍‌ଟମ୍ ଚଳାଇ ବାହାରୁଥିଲେ । କେତେବେଳେ କେତେବେଳେ ସେ ତାଙ୍କ ଶ୍ୱଶୁର ଘରକୁ ଯାଉଥିଲେ । ମାତ୍ର ଗତ କେତେଦିନ ହେଲା, ତାଙ୍କ ଶ୍ୱଶୁରଙ୍କ ସହିତ ମନୋମାଳିନ୍ୟ ହେବା ଫଳରେ ସେ ତାଙ୍କ ଘର ଭିତରକୁ ନ ଯାଇ ତାଙ୍କ ସ୍ତ୍ରୀଙ୍କୁ ଘର ଦୁଆର ମୁହଁରେ ଛାଡ଼ି ଦେଇ ଚାଲି ଆସୁଥିଲେ । ଅଧିକ ରାତି ପର୍ଯ୍ୟନ୍ତ ବିଭିନ୍ନ କାମଦାମ ସାରି ସେ ତାଙ୍କ ସ୍ତ୍ରୀଙ୍କୁ ଧରି ପୁଣି ଘରକୁ ଫେରୁଥିଲେ । ଏହା ମଧ୍ୟରେ ସେ ଥରେ ହେଲେ ତାଙ୍କ ଘର ଭିତରକୁ ଯାଇ ନାହାନ୍ତି । ଯଦି ବାବୁଆଣୀଙ୍କର ଆସିବାକୁ ଡେରି ହୁଏ ତା'ହେଲେ ସେ ତାଙ୍କ ପାଇଁ ରାସ୍ତାରେ ଅପେକ୍ଷା କରି ରହୁଥିଲେ । ଶ୍ୱଶୁର ଘରଛଡ଼ା ସେ ମୋ ସହିତ ବହୁଥର ୧୭ ନମ୍ବର ମିଡଲଟନ ଷ୍ଟ୍ରୀଟ ସ୍ଥିତ ତାଙ୍କର ଆଟର୍ଣ୍ଣୀଙ୍କ ଅଫିସକୁ ଯାଉଥିଲେ । ଏଠାରେ ଓକିଲ ବାବୁଙ୍କ ସହିତ ତାଙ୍କର ମାମଲା ମକଦ୍ଦମା ବିଷୟରେ ପରାମର୍ଶ ହେଉଥିଲା ।

: ତୁମେ ତ କହୁଛ, ଏଇ ଗାଡ଼ିରେ ସ୍ୱାମୀ-ସ୍ତ୍ରୀ ଉଭୟ ଯିବା ଆସିବା କରୁଥିଲେ । ସେମାନଙ୍କ କଥୋପକଥନ ତୁମେ ମଝିରେ ମଝିରେ ନିଶ୍ଚୟ ଶୁଣିଥିବ । ଏ କଥା ଗୁଡ଼ିକ ଯଦି ତୁମ ମନେ ଥାଏ ମୋତେ କୁହ ।

: ମୁନିବ ଓ ମୁନିବାଣୀଙ୍କ କଥାବାର୍ତ୍ତା ଅମେ ଇଚ୍ଛା କରି ଶୁଣୁ ନ ଥିଲୁ । ଅବଶ୍ୟ ଦୁଇ ଘଣ୍ଟା ଟିକୁର କଥା ଯେ, ଆମ କାନକୁ ଆସୁ ନ ଥିଲା ସେ କଥା ନୁହେଁ । ସେମାନେ ମୁନିବାଣୀଙ୍କ ଜ୍ୟେଷ୍ଠ ଭଉଣୀଙ୍କ ବିଷୟରେ କଥାବାର୍ତ୍ତା ହେଉଥିଲେ । ତହିଁରେ ବାବୁ ବରଂ

Digitized by srujanika@gmail.com

ଦେଶୀ ଯୋଗ କରୁଥିଲେ । ସେମାନଙ୍କ କଥାବାର୍ତ୍ତାରୁ ବୁଝି ପାରିଥିଲି ଯେ, ବାବୁଆଣୀଙ୍କର ବିବାହ କରିବାରେ ଇଚ୍ଛା ନଥିଲା ମାତ୍ର ତାଙ୍କ ବାପାଙ୍କ ବାଧ୍ୟ ବାଧକତାରେ ସେ ବାବୁଙ୍କୁ ବିବାହ କରିଛନ୍ତି । କେଉଁଦିନ ହେଲେ ସେମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ନକରି ଚୁପ୍‌ଚାପ ବସି ରହୁଥିଲେ । ଏକଥା ବି ମୁଁ ବୁଝି ପାରୁଥିଲି ଯେ, ବାବୁଆଣୀଙ୍କ ଘନଘନ ବାପ ଘରକୁ ଯିବା ସମ୍ବନ୍ଧରେ ବାବୁ ଖୁସି ହେଉ ନଥିଲେ । ଆଜିକାଲି ବାବୁ ତାଙ୍କ ଶ୍ୱଶୁରଙ୍କ ଉପରେ ଖାଏଣି ରାଗ କରୁଥିଲେ । ମାତ୍ର ବିବାହର ପରେ ପରେ ବାବୁ ତାଙ୍କ ଶ୍ୱଶୁରଙ୍କ ସମ୍ବନ୍ଧରେ ଖୁବ୍ ସୁଖ୍ୟାତି କରୁଥିଲେ ।

କୌଣସି ଏକ ଚରିତ୍ରହୀନା ସ୍ତ୍ରୀ ଓ 'ସମର୍ପିତ ଗୃହବାସ' କରିବା ସମାନ କଥା । କିନ୍ତୁ ଶ୍ରୀମତୀ ଗାଙ୍ଗୁଲୀଙ୍କ ସମ୍ବନ୍ଧରେ ଏପରି ମନ୍ତବ୍ୟ କରିବାର ପର୍ଯ୍ୟାପ୍ତ ସମୟ ବର୍ତ୍ତମାନ ଆସି ନାହିଁ । ଉକ୍ତ ଘରଟିରେ ଆଉ ପ୍ରୟୋଜନ ନଥିବାରୁ ମୁଁ ଘରର ମ୍ୟାନେଜର ଏବଂ କେତେଜଣ ସହିତ ବ୍ୟବସାୟ ସ୍ଥଳ ବଡ଼ବଜାରକୁ ଚାଲି ଆସିଲି । ଜଣେ ବଙ୍ଗାଳୀଙ୍କର ଏପରି ଏକ ବୃହତ୍ ବ୍ୟବସାୟ ପ୍ରତିଷ୍ଠାନ ଦେଖି ମୁଁ ମୁଗ୍ଧ ହୋଇ ଯାଇଥିଲି । ସର୍ବମୋଟ ଚାଳିଶଜଣ କିରାଣୀ ଏବଂ ଷାଠିଏ ଜଣ କୁଲି ଏଠାରେ ନିଯୁକ୍ତ ଅଛନ୍ତି । ପ୍ରତ୍ୟେକଙ୍କୁ ଆମେ ପଳାତକ ମାଲିକ ସମ୍ବନ୍ଧରେ ବିମର୍ଷ ଏବଂ ବିକ୍ଷୁବ୍ଧ ଥିବାର ଦେଖିବାକୁ ପାଇଲୁ । ଏମାନଙ୍କ ମଧ୍ୟରୁ କେହି ଏଇ ନୂତନ ମ୍ୟାନେଜରଙ୍କୁ ପସନ୍ଦ କରନ୍ତି ନାହିଁ । ତା'ଛଡ଼ା ପୁରୁଣା ମ୍ୟାନେଜର ଉପରେ ଏମାନଙ୍କର କ୍ରୋଧ ଆହୁରି ଅଧିକ । ମୁଁ ପ୍ରତ୍ୟେକଙ୍କ ଅଗୋଚରରେ ଏଠାକାର 'ହେଡ୍ କ୍ଲର୍କ' ଶ୍ରୀ ସୁବୋଧ ଚନ୍ଦ୍ର ବସୁ ମଲ୍ଲିକଙ୍କୁ ଡାକି ପଚରା ଉଚରା କରିଛି । ଏଇ ନୂତନ ମ୍ୟାନେଜର ତାଙ୍କୁ ଗୋପନରେ କିଛି ପଚରା ଉଚରା କରିବାଟାକୁ ପସନ୍ଦ କରି ନାହାନ୍ତି । ଗୋପନରେ କଣ କଣକୁ ପଚରା ଉଚରା ନକଲେ ଗୋପନ ତଥ୍ୟ ଗୁଡ଼ିକ ପ୍ରକାଶ

Digitized by srujanika@gmail.com

ଯାଇବା କଷ୍ଟକର । ତେଣୁ ଏ ବିଷୟରେ ମୋଟେ ଟିକିଏ କଠୋର ହେବାକୁ ପଡ଼ିଥିଲା । ନିମ୍ନରେ ଶ୍ରୀ ସୁବୋଧ ବନ୍ଧୁ ମଲ୍ଲିକଙ୍କ ବକ୍ତୃତାର ଉଲ୍ଲେଖ ଯୋଗ୍ୟ ଅଂଶ ଟିକିଏ ଦିଆଗଲା ।

: ଆମର ଯେ, କେତେ ବଡ଼ ସର୍ବନାଶ ଘଟିଗଲା ତା' ଆପଣଙ୍କୁ ବୁଝାଇ ପାରିବି ନାହିଁ । ଆମର ପୂର୍ବକାର ମ୍ୟାନେଜର ଶ୍ରୀ ରମେନ୍ଦ୍ର ନାଥ ସରକାରଙ୍କ କବଳରୁ ଏଇ ବ୍ୟବସାୟ ପ୍ରତିଷ୍ଠାନଟିକୁ ରକ୍ଷା କରିବା ବର୍ତ୍ତମାନ ଏକ କଠିନ ବ୍ୟାପାର । ଆମ ମାଲିକଙ୍କ ଅବର୍ତ୍ତମାନରେ ଏଇ ନୂଆ ମ୍ୟାନେଜରଙ୍କ ପକ୍ଷରେ ଏହି ପ୍ରତିଷ୍ଠାନକୁ ବଞ୍ଚାଇବା କଷ୍ଟକର ବ୍ୟାପାର । ପୂର୍ବକାର ମ୍ୟାନେଜର ଥିଲେ ଜଣେ ଅସାଧୁ ମାତ୍ର ଅଭିଜ୍ଞ ବ୍ୟକ୍ତି । ମାତ୍ର ବର୍ତ୍ତମାନ ମ୍ୟାନେଜର ହେଉଛନ୍ତି ଜଣେ ଅନଭିଜ୍ଞ ମାତ୍ର ସାଧୁ ଚରିତ୍ର । ତେଣୁ ମାଲିକଙ୍କ ଅବର୍ତ୍ତମାନରେ ଉଭୟ ଆମ ବ୍ୟବସାୟ ପାଇଁ ବିପଜ୍ଜନକ । ଅବଶ୍ୟ ବର୍ତ୍ତମାନ ମ୍ୟାନେଜର ବାସ୍ତବିକ ସାଧୁ କି ଅସାଧୁ ଏକଥା କହିବାର ସମୟ ଆସି ନାହିଁ । ଆମର ବିପକ୍ଷ ପକ୍ଷୀୟ ବ୍ୟବସାୟୀ ବାବୁ ରୂପଚାନ୍ଦ ସରୋଗୀ ଜଣେ ସହଜ ବ୍ୟକ୍ତି ନୁହନ୍ତି । ଆମ ମାଲିକ ଏଇ ଦୋକାନଟିକୁ ତାଙ୍କ ସ୍ୱର୍ଗତ ପିତାଙ୍କ ନିକଟରୁ କିଣିଥିଲେ । ଏହା ପରେ ପରେ ମ୍ୟୁନିସିପାଲିଟି ଆମ ଦୋକାନ ପାଖଦେଇ ବଡ଼ ରାସ୍ତାଟିକୁ ବାହାର କରିବା ମାତ୍ରେ ଦୋକାନଟିର ଅବସ୍ଥିତି ଖୁବ୍ ଗୁରୁତ୍ୱପୂର୍ଣ୍ଣ ହୋଇ ଉଠିଛି । ତେଣୁ ବ୍ୟବସାୟ ଖୁବ୍ ସହଜରେ ବଡ଼ ହୋଇ ଉଠିଛି । ରୂପଚାନ୍ଦ ସରୋଗୀ ଆମର ଏତଦ୍ଦ୍ୱାରା ପ୍ରଗତିରେ ବିକ୍ଷୁବ୍ଧ ହୋଇ ଏଇ ଦୋକାନ ଏବଂ ଗୋଦାମକୁ ନିଜ ହସ୍ତଗତ କରିବା ନିମନ୍ତେ ନିୟତ ଚେଷ୍ଟା ଚଳେଇଛନ୍ତି । ସରୋଗୀବାବୁ ଜଣେ ବହୁଗୁଣ ବଡ଼ ବ୍ୟବସାୟୀ ଏବଂ ଲକ୍ଷ ଲକ୍ଷ ଟଙ୍କାର ମାଲିକ । ତାଙ୍କ ଭଳି ଗୁଣ୍ଡା ପୋଷକ ଧନିକ ଲୋକ ଜଗତରେ କମ ଅଛନ୍ତି । ଅବସ୍ଥା ବର୍ତ୍ତମାନ ଏପରି ହୋଇଛି

Digitized by srujanika@gmail.com

ଯେ ଆମ ଏଇ ଦୁର୍ଦିନ କଟୁନ୍ତି ଥାଉଁ ଥାଉଁ ତାଙ୍କର ଆଉ କୌଣସି ଲୌହ ବ୍ୟବସାୟ ଖୋଲିବାର ସମ୍ଭାବନା ନାହିଁ ।

ଆମ ବ୍ୟବସାୟର ଆଗକାର ମ୍ୟାନେଜର ରମେନ୍ଦ୍ର ସରକାରଙ୍କ ସହିତ ଶ୍ରୀ ବିକାଶ ଗାଙ୍ଗୁଲି ନାମରେ ଆଉ ଜଣେ ଲୋକ ଶତ୍ରୁତା କରିବାରେ ଲାଗି ପଡ଼ିଛନ୍ତି । ସେ ହେଉଛନ୍ତି ଆମ ମାଲିକଙ୍କର ନିକଟସ୍ଥ ଆତ୍ମୀୟ ଶ୍ରୀ ରଜନୀ ଦତ୍ତଙ୍କର ଅର୍ବାଚୀନ ସନ୍ତାନର ଅନ୍ତରଙ୍ଗ ବନ୍ଧୁ । ମୁଁ ଗୋପନରେ ଜାଣିଛି ଯେ, ଏଇ ବିକାଶ ବାବୁ ଆମ ମାଲିକଙ୍କ ଶ୍ୱଶୁରଙ୍କର ପ୍ରାକ୍ତନ ଛାତ୍ର । ସେ ଦୃଷ୍ଟିରୁ ବାବୁଙ୍କ ଶ୍ୱଶୁର ଘରକୁ ତାଙ୍କର ଯାତାୟତ ରହିଛି । ଆମର ବିପକ୍ଷ ପକ୍ଷୀୟ ସହିତ ଯୋଗଦାନର ଆଉ ଗୋଟାଏ ବ୍ୟକ୍ତିଗତ କାରଣ ଅଛି । ଏହା ଗୋଟାଏ ଏପରି କୁତ୍ସିତ ଘଟଣା ଯେ, ବିନା ପ୍ରମାଣରେ ତା' ପ୍ରକାଶ କରିବା ଅନୁଚିତ । ଏହି ଆତ୍ମୀୟଙ୍କ ଅଧମ ପୁତ୍ରର ନାମ (ନୋଟ୍ ବହି ଦେଖି) ଶ୍ରୀ ସୁଧୀନ୍ଦ୍ରନାଥ ଦତ୍ତ । ସେ ତାଙ୍କ ବାପାଙ୍କ ସହିତ ବର୍ତ୍ତମାନ ବସବାସ କରନ୍ତି । ସମ୍ପ୍ରତି ଆମର ପରମ ଶତ୍ରୁ ବାବୁ ରୂପଚାନ୍ଦ ସରୋଗୀଙ୍କ ଯୁବକ ପୁତ୍ର ମହାବୀର ବାବୁ ଆମର ଆଗର ମ୍ୟାନେଜର ସାହାଯ୍ୟରେ ଏମାନଙ୍କ ସହିତ ସଂଯୋଗ ସ୍ଥାପନ କରିଛି । ଆତ୍ମୀୟ ଦତ୍ତ ଜଣେ ସତ୍‌ଲୋକ । ତାଙ୍କ ଅଗୋଚରରେ ଅନ୍ୟାନ୍ୟ ତିନିଜଣଙ୍କ ସହ (୧) ତାଙ୍କର ଅନ୍ତରଙ୍ଗ ବନ୍ଧୁ ଶ୍ରୀ ବିକାଶ ଗାଙ୍ଗୁଲି (୨) ଆମର ବିବାଦୀ ପକ୍ଷୀୟ ରୂପଚାନ୍ଦ ସରୋଗୀଙ୍କ ଯୁବକ ପୁତ୍ର ଶ୍ରୀ ମହାବୀର ସରୋଗୀ (୩) ଆମର ଆଗକାର ମ୍ୟାନେଜର ଶ୍ରୀ ରମେନ୍ଦ୍ର ନାଥ ସରକାର ମିଶି ଗୋଟାଏ ପାପଚକ୍ର ଗଢ଼ିଛନ୍ତି । ଆମ ପକ୍ଷର ପ୍ରତ୍ୟେକଟି ସମ୍ବାଦ ବିପକ୍ଷ ପକ୍ଷୀୟ ଅତି ସହଜରେ ପାଇଥାନ୍ତି । ଏଇ ସମ୍ବାଦ ଗୁଡ଼ିକ ବାବୁଙ୍କ ଆଦେଶରେ ମୁଁ ଗୋପନରେ ସଂଗ୍ରହ କରିଛି । କିନ୍ତୁ ଏଇ ମୂଲ୍ୟବାନ ସମ୍ବାଦ ତାଙ୍କୁ ଜଣାଇବା ପୂର୍ବରୁ ସେ କେଉଁଆଡ଼େ ଚାଲି ଯାଇଛନ୍ତି ।

Digitized by srujanika@gmail.com

ଏକ ସଙ୍ଗରେ ଏତେଗୁଡ଼ିଏ ସମ୍ବାଦ ଜଣକ ଦ୍ୱାରା ସଂଗ୍ରହ କରିବା ଏକ ଆଶ୍ଚର୍ଯ୍ୟ ଜନକ ବ୍ୟାପାର । ତେଣୁ ମୁଁ ତାଙ୍କୁ ବହୁ ପ୍ରଶ୍ନ ପଚାରି ଥିଲି । ତା'ର କେତେକ ନମୁନାରେ ଦିଆଗଲା—

: ଆଚ୍ଛା, ଶ୍ରୀ ବିକାଶ ଗାଙ୍ଗୁଲି ଯେ, ଆପଣଙ୍କ ବାବୁଙ୍କ ଶ୍ୱଶୁର ଘରକୁ ଯିବା-ଆସିବା କରୁଥିଲେ ତା' ଆପଣ କିପରି ଜାଣିଲେ ? ତାଙ୍କ ସହ ଆପଣଙ୍କର ସେଠାକୁ ଗତାଗତ ଅଛି କି ? ମଣିଷ ଘରକୁ ମଣିଷ ଯାଇଥାଏ ଏଥିରେ ସନ୍ଦେହ କରିବାର କାରଣ କ'ଣ ଅଛି ?

: ଆଜ୍ଞା, ଆମେ ଗୁରୁଜନଙ୍କ ସମ୍ପର୍କରେ କୌଣସି ଅଶ୍ଳୀଳ ପରିହାସ ପସନ୍ଦ କରୁନା । ତାଙ୍କର ସେଠାକୁ ଯିବା ଆସିବା ସମ୍ପର୍କରେ ଆମର ଦୟାବାନ ବାବୁ ନିଜେ କିଛି ଜାଣି ନଥିଲେ । ସେମାନଙ୍କ ଘରର ଜଣେ ପରିଚାରିକା ଆଗେ ଆମ ଘରେ ବାସ କରୁଥିଲେ । ତେଣୁ ସେ ମଝିରେ ମଝିରେ ଆମ ଘରକୁ ବର୍ତ୍ତମାନ ଆସେ । ତା' ମୁହଁରେ ମୁଁ କିଛି କିଛି ଶୁଣିଛି । ମାତ୍ର ଭରସା କରି ମୁଁ ଏକଥା ମାଲିକଙ୍କୁ କହିପାରି ନାହିଁ । ତାଙ୍କ ସଂସାରରେ ସୁଖର ହେଉ ବା ଦୁଃଖର ହେଉ ଗୋଟାଏ ଶୁଣିବା କଥା କହି ସେଟାକୁ ତ ମୁଁ ଆଉ ନଷ୍ଟ କରି ଦେଇ ପାରେନା ?

: ଉକ୍ତ ପରିଚାରିକା ତା'ହେଲେ ଆପଣଙ୍କର ଅନ୍ୟତମ ସମ୍ବାଦ ଦାତା ? କୌଣସି ପରିଚାରିକା ମାରଫତ ଅନ୍ତଃପୁରର ସମ୍ବାଦ ସଂଗ୍ରହ କରିବାଟାକୁ ମୁଁ ସନ୍ଦେହ ଜନକ ମନେକରେ । ଆପଣ କହୁଛନ୍ତି ଆପଣଙ୍କର ସେଠାକୁ ଯତାୟତ ନାହିଁ । ଏକଥା ମୁଁ ନହେଲେ ମାନିନେଲି କିନ୍ତୁ ଏଇ ପାପଚକ୍ର ସମ୍ପର୍କରେ ଆପଣ ଏତେ କଥା କିପରି ଜାଣିଲେ ?

: ଆଜ୍ଞା, ବ୍ୟବସାୟକୁ ବଞ୍ଚାଇବାକୁ ହେଲେ ବ୍ୟବସାୟୀକୁ କିଛିତ ଗୁଇନ୍ଦାଗିରି କରିବାକୁ ପଡ଼ିଥାଏ । ମୁଁ ବାବୁଙ୍କ ନିର୍ଦ୍ଦେଶରେ ଗୋପନରେ ଏସବୁ ତଥ୍ୟ ସଂଗ୍ରହ କରିଛି । କିନ୍ତୁ ସେମାନଙ୍କର

Digitized by srujanika@gmail.com

ମୂଳ ଉଦ୍ଦେଶ୍ୟ କ'ଣ ଏକଥା ଏଯାଏ ମୁଁ ଜାଣି ପାରି ନାହିଁ । କିନ୍ତୁ...

: ହୁଁ, ତା'ହେଲେ ବୁଝା ଯାଉଛି ଯେ, ଏ ସବୁ ବିଷୟରେ ଆପଣମାନଙ୍କ ମାଲିକ ବର୍ତ୍ତମାନର ମ୍ୟାନେଜରଠାରୁ ଆପଣଙ୍କୁହିଁ ବେଶୀ ବିଶ୍ୱାସ କରୁଥିଲେ । ଆଶାକରେ ଏଇ ପାପ ଚକ୍ରର ଚତୁର୍ମୂର୍ତ୍ତି ସହିତ ଯୋଗ ଦେଇ ପଞ୍ଚମୂର୍ତ୍ତି ହେବାର ବାସନା ଆପଣଙ୍କର ନାହିଁ ବର୍ତ୍ତମାନ ମନକୁ ଟିକିଏ ଶକ୍ତ କରି ଗୋଟାଏ ସତ୍ୟ ଘଟଣା ସମ୍ବନ୍ଧରେ ମୋତେ କିଛି କହିବାକୁ ପଡ଼ିବ । ଅଚ୍ଛା, ଆପଣଙ୍କ ମୁନିବ ତ ପ୍ରଚୁର ଅର୍ଥର ମାଲିକ । ମାତ୍ର ବହୁଦିନ ପର୍ଯ୍ୟନ୍ତ ଅବିବାହିତ ଥାଇ ତାଙ୍କର ସ୍ତ୍ରୀରତିକ ଦୋଷ କିଛି ଥିଲା କି ନା ଟିକିଏ ମନେ କରି କଥା କୁହନ୍ତୁ ତ ।

: ଆଜ୍ଞା, ଏ'ତ ଗୋଟାଏ କଠିନ ପରୀକ୍ଷାରେ ମୋତେ ଆପଣ ପକାଇ ଦେଲେ । ଅନ୍ନଦାତା ମାଲିକ ବିରୁଦ୍ଧରେ କିଛି କହିବା ପାଇଁ ଏ ଜିଭ କଟିଗଲେ ବି ମୁଁ ପ୍ରସ୍ତୁତ ନୁହେଁ । ତା'ଛଡ଼ା ଉଡ଼ା କଥା ଉପରେ ନିର୍ଭର କରି କାହାରି ବିରୁଦ୍ଧରେ କିଛି କହିବାଟା ଅନ୍ୟାୟ ହେବ । ଧରନ୍ତୁ ମୁଁ ନିଜ ବିରୁଦ୍ଧରେ ଗୋପନରେ ଯେଉଁ କଥା ଶୁଣିବାକୁ ପାଏ, ତା'ର ଶତାଂଶରୁ ଏକାଂଶ ସତ୍ୟ ହେଲେ ; ଏକ ଭୟଙ୍କର କଥା । ତେଣୁ ଉଡ଼ା କଥା ଉପରେ ଭରସା କରି କିଛି କହିବାକୁ ମୁଁ ନାରାଜ ।

ମୁଁ ଉକ୍ତ ପ୍ରତିଷ୍ଠାନଟିର ପ୍ରତ୍ୟେକଟି ଲୋକକୁ ଏଇ ମାମଲା ସମ୍ବନ୍ଧରେ ବହୁ ପ୍ରଶ୍ନ କରିଛି । ମାତ୍ର ସେମାନଙ୍କଠାରୁ କୌଣସି ଉଲ୍ଲେଖଯୋଗ୍ୟ ତଥ୍ୟ ମୁଁ ପାଇ ନାହିଁ । ହେଡ୍ କ୍ଲର୍କ'ଙ୍କ ଉପରୋକ୍ତ ବିବୃତିର ପରିପ୍ରେକ୍ଷିରେ ମୁଁ ଆଉ କେତୋଟି ପ୍ରଶ୍ନ ମ୍ୟାନେଜରବାବୁଙ୍କୁ ପଚାରିଥିଲି । ତାଙ୍କ ମତରେ ଏଗୁଡ଼ିକ ଏକାନ୍ତରୂପେ ଶତ୍ରୁ ପକ୍ଷୀୟ ବ୍ୟକ୍ତିମାନଙ୍କର ମତାମତ । ଅଧିକ ବୟସରେ ବିବାହ କରିବାଟାକୁ

Digitized by srujanika@gmail.com

ଲୋକେ ମନେ କରନ୍ତି ଏହା ସମ୍ପୂର୍ଣ୍ଣରୂପେ ଏକ ପ୍ରେମଜ ବିବାହ । ଏଥିପାଇଁ ମହଲରେ ମହଲରେ ଯଥେଷ୍ଟ ଗୁଜବ ମଧ୍ୟ ଉଠିଛି । କାହାରି ଘରର ଅହେତୁକ ଘଟଣା ସହିତ ଏହି ଖୁଣର କୌଣସି ସମ୍ପର୍କ ନ ରହିବାର କଥା । ତେଣୁ ଏମାନଙ୍କ ବ୍ୟକ୍ତିଗତ ତଥ୍ୟ ସମ୍ବନ୍ଧରେ ମୁଁ ଅଧିକ କିଛି ଜାଣିବାକୁ ଚେଷ୍ଟା କରି ନାହିଁ ।

ମୁଁ ଏହି ପରେ ପଳାତକ ଶ୍ରୀ ଗାଙ୍ଗୁଲିଙ୍କ ଶ୍ୱଶୁର ଘର ଠିକଣା ସଂଗ୍ରହ କରି ସେଠାକୁ ତଦନ୍ତ ଉଦ୍ଦେଶ୍ୟରେ ଗଲି । ଅବସ୍ଥା ଦୃଷ୍ଟିରୁ ବୁଝି ଯାଏ ଯେ, ଏଇ ଦୁର୍ଘଟଣା ସମ୍ପର୍କରେ ସେମାନେ ଏ ପର୍ଯ୍ୟନ୍ତ ଅବହିତ ହୋଇ ନାହାନ୍ତି । ଏମାନଙ୍କ ଘରଦ୍ୱାର ଏବଂ ପରିପାଟିରୁ ବୁଝାଯାଏ ଯେ, ଏମାନେ ଯଥେଷ୍ଟ ଅବସ୍ଥା ସମ୍ପନ୍ନ । ଏମାନଙ୍କର ଘୋଡ଼ାଗାଡ଼ି ନ ଥିଲେ ବି ନିଜର ପାଲିଙ୍କି ଅଛି । ଶ୍ରୀ ଗାଙ୍ଗୁଲିଙ୍କ ଶ୍ୱଶୁର ଶ୍ରୀ ଭବତାରଣ ମୁଖାର୍ଜି ମିଶନାରୀ ପରିଚାଳିତ ଏକ ଇଂରାଜୀ ହାଇସ୍କୁଲର ହେଡ୍ ମାଷ୍ଟର । ସନ୍ଧ୍ୟା ସମୟରେ ବହୁ ଛାତ୍ର ଆସି ସୁଙ୍କ ଘରେ ଇଂରାଜୀ ଶିକ୍ଷା ଗ୍ରହଣ କରନ୍ତି । ବହିଃସମାଜରେ ସେ କୋଟ-ପ୍ୟାଣ୍ଟ ପିନ୍ଧିଲେ ବି ଘରେ ଧୋତି ଏବଂ ନାମାବଳୀ ବ୍ୟବହାର କରିଥା'ନ୍ତି । ଆଜି ବି ତାଙ୍କ ମସ୍ତକର ପଶ୍ଚାତ୍ ଭାଗରେ ଗୋଟାଏ ଚୁଟି ଦେଖାଯାଏ । ସନ୍ଧ୍ୟା ଆହ୍ନିକ ନ କରି ସେ ଜଳ ପର୍ଯ୍ୟନ୍ତ ସ୍ପର୍ଶ କରନ୍ତି ନାହିଁ ।

ମୁଁ ତାଙ୍କ ଘରେ ଉପସ୍ଥିତ ହେବା ପରେ ଫିନଲ୍ସ ବଜାର ଗିର୍ଜାର ପାଦ୍ରୀ ବେଲଫୋର୍ଡ ସାହେବ ଖଣ୍ଡିଏ ପୁସ୍ ପୁସ୍ ଗାଡ଼ିଦ୍ୱାରା ତାଙ୍କର କନ୍ୟା ମିସ୍ ମେରିଙ୍କ ସହିତ ଆସି ସେଠାରେ ପହଞ୍ଚିଲେ । ଶ୍ରୀଯୁକ୍ତ ଭବତାରଣ ମୁଖାର୍ଜି ଖଣ୍ଡିଏ ଡ୍ରେସିଂ ଗାଉନ୍ ପିନ୍ଧି ବାହାର ଘରେ ବୋଧହୁଏ ତାଙ୍କପାଇଁ ଅପେକ୍ଷା କରୁଥିଲେ । ସେ ମୋତେ ବାହାର ବାରଣ୍ଡାରେ ପଡ଼ିଥିବା ଏକ ଚେୟାରରେ ବସି ଟିକିଏ

Digitized by srujanika@gmail.com

ଅପେକ୍ଷା କରିବା ପାଇଁ ଅନୁରୋଧ କଲେ । ଘରଟି ମଧ୍ୟରେ ସେମାନଙ୍କ ଭିତରେ କୌଣସି ଜରୁରୀ ଏବଂ ଗୋପନ କଥା ବୋଧହୁଏ ହେଉଥିଲା । ଟିକିଏ ପରେ ସେ ମୋତେ ବୈଠକ ଖାନାକୁ ଡକାଇ ପଠାଇଲେ । ସେତେବେଳେ ପାଦ୍ରୀ ସାହେବ ଭବତାରଣବାବୁଙ୍କୁ କହୁଥିଲେ : *My friend, it would be advisable to divorce in this situation. If you desire, I will talk to the Police commissioner to provide a guard here.* ଭବତାରଣ ବାବୁ ତାଙ୍କର ଏଇ ହିତୈଷୀ ବନ୍ଧୁଙ୍କ ପ୍ରସ୍ତାବରେ ସେତେବେଳେ ରାଜି ହୋଇ ନ ଥିଲେ । ସେ ଥରେ ମୋ ଆଡ଼କୁ ଏବଂ ଥରେ ପାଦ୍ରୀ ଆଡ଼କୁ ଚାହିଁ ଉତ୍ତର ଦେଲେ, : ମୋତେ ଥରେ ଏ ବିଷୟରେ ଚିନ୍ତା କରିବାକୁ ଦିଅନ୍ତୁ । ସେ ଯଦି ନ ଚାହେଁ ମୁଁ ପ୍ରାପ୍ତ ବୟସ୍କା କନ୍ୟାର ମତାମତକୁ ହିଁ ଗ୍ରହଣ କରିବି । ମୁଁ ମନେ ମନେ ଚିନ୍ତା କରିନେଲି କାହା ବିବାହ ବିଚ୍ଛେଦ ପାଇଁ ଏ ଆଲୋଚନା ଏତେ ଗୋପନରେ ହେଉଛି । ଥରେ ଭାବି ଦେଖିଲି ଯେ ପାଦ୍ରୀ ସାହେବଙ୍କ ଝିଅର ବିବାହ ବିଚ୍ଛେଦ ସମ୍ବନ୍ଧରେ ଏ ଆଲୋଚନା ହୋଇପାରେ, କାରଣ ଯେତେବେଳେ ସେମାନେ ଏ ବିଷୟରେ ଆଲୋଚନା କରୁଥିଲେ ସେତେବେଳେ ସେ ଝିଅଟି କେବଳ ଚୁପ୍ କରି ବସିଥିଲା । ସେହି କାରଣରୁ ମୁଁ ସେମାନଙ୍କ କଥୋପକଥନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରି ନ ଥିଲି । କନ୍ୟା ସହ ପାଦ୍ରୀସାହେବ ସ୍ଥାନ ତ୍ୟାଗ କରିବା ମାତ୍ରେ ଭବତାରଣ ବାବୁ ଆହ୍ନିକ କରିବା ଉଦ୍ଦେଶ୍ୟରେ ଘର ଭିତରକୁ ଚାଲିଗଲେ । ପ୍ରାୟ ଅଧଘଣ୍ଟା ପରେ ସେ ଖଣ୍ଡିଏ ଗେରୁଆ ବସ୍ତ୍ର ପରିହିତ ହୋଇ କାନ୍ଧରେ ନାମାବଳୀ ପକାଇ ପୁଣି ଫେରି ଆସିଲେ । ଏହା ପରେ ତାଙ୍କୁ ମୁଁ ଖୁନ୍ ମାମଲା ଏବଂ ତତ୍ସହ ତାଙ୍କର ନାତିଙ୍କର ଅଦୃଶ୍ୟ ହେବାର ଘଟଣା ସମ୍ବନ୍ଧରେ ଗୋଟିଏ ବିବୃତି ଦେବାପାଇଁ ଅନୁରୋଧ କଲି ।

Digitized by srujanika@gmail.com

ଏ ସମ୍ବନ୍ଧରେ ତାଙ୍କର ବିବୃତିର ଉଲ୍ଲେଖଯୋଗ୍ୟ ଅଂଶ ନିମ୍ନରେ ଦିଆଗଲା :

"ବାହାରେ ମୁଁ ଇଂରାଜୀ ପଢ଼ୁଆ ଲୋକ ହେଲେ ବି ଭିତରେ ମୁଁ ଜଣେ ବୈଷ୍ଣବ ହିନ୍ଦୁ ବ୍ରାହ୍ମଣ । ଆମର ପାରିବାରିକ ଘଟଣାଟି ସମ୍ବନ୍ଧରେ ଆପଣ ଯା' ଶୁଣିଛନ୍ତି ତା' ସତ୍ୟ । ମୁଁ ସ୍ୱଧର୍ମରେ ବିଶ୍ୱାସୀ ହେଲେ ମଧ୍ୟ ଏ ପ୍ରକାର କୁପ୍ରଥା ସ୍ୱୀକାର କରେନା । ଆମ ମହାନ୍ ଧର୍ମ ସହିତ ଏହାର କୌଣସି ସମ୍ପର୍କ ନାହିଁ । ମୋର ପିତା ମାତା ଆଜି ବି ଜୀବିତ ଏବଂ ସେମାନେ ବର୍ତ୍ତମାନ ଆମର ନିଜ ଗ୍ରାମରେ ବସବାସ କରୁଛନ୍ତି । ସେମାନଙ୍କ ଅଜାଣତେ ମୁଁ ଏ କୁପ୍ରଥା ଅନୁସରଣ କରିବାର ପ୍ରୟାସୀ ଥିଲି । ମୋର ଜ୍ୟେଷ୍ଠା କନ୍ୟାର ବୟସ କୋଡ଼ିଏ ଏବଂ କନିଷ୍ଠା କନ୍ୟାର ବୟସ ଅଠର ଆଜି କେତେ ଟି ବର୍ଷ ଏମାନେ ଅବିବାହିତ ଥିଲେ ବି କୌଣସି କ୍ଷତି ନ ଥିଲା । ଏହା ମଧ୍ୟରେ ମୋର ଜ୍ୟେଷ୍ଠା କନ୍ୟା ସହିତ ସହରର ପ୍ରସିଦ୍ଧ ଲୌହ ବ୍ୟବସାୟୀ ଶ୍ରୀ ଦୁର୍ଗାପ୍ରସନ୍ନଙ୍କ ସହିତ ବିବାହ ହୋଇ ଯାଇଛି । ମୋ ପିତାମାତାଙ୍କର ଇଚ୍ଛା ଯେ ସେମାନଙ୍କ ଜୀବିତାବସ୍ଥାରେ ସେମାନେ ଜଣେ ନିକଷ ହେମ କୁଳୀନ ସହିତ ଏହି ବିବାହ ସମ୍ପାଦିତ ହେବାର ଦେଖିଯାନ୍ତୁ । ତେଣୁ ମୁଁ କନ୍ୟାର ଇଚ୍ଛା ବିରୁଦ୍ଧରେ ଏହି ବିବାହରେ ସମ୍ମତି ପ୍ରଦାନ କରିଥିଲି । କିନ୍ତୁ ଏହି ବିବାହରେ ଝିଅର ଅମତ ଥିବାର କଥା ଶୁଣି ମୋର ଜ୍ୱାଇଁ ମୋ ଉପରେ ଭୀଷଣ ରାଗିଗଲେ । ସେହିଦିନଠାରୁ ଆମ ଦୁହିଁଙ୍କ ମଧ୍ୟରେ ବାକ୍ୟାଳାପ ମଧ୍ୟ ବନ୍ଦ । ଯା'ହେଉ ଏହି ଦୁର୍ଘଟଣା ଆମର ଦୂରଦୃଷ୍ଟିର ଅଭାବରୁ ଘଟିଛି । ତଥାପି ମୋ ଝିଅ ଭଳି ଶିକ୍ଷିତା ସତ୍ କନ୍ୟା ସେ ବା କେଉଁଠୁ ପାଇଥାନ୍ତା ? ମୋର ବିଶ୍ୱାସ ସେ ସବୁ ବିଷୟକୁ ପୂରାପୂରି ନଜର ରଖି ତା' ସ୍ୱାମୀଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିଛି । କେଇଦିନ ହେଲା ସ୍ୱାମୀଙ୍କ ସହ ମନୋମାଳିନ୍ୟ

Digitized by srujanika@gmail.com

ଫଳରେ ସେ ଆସି ଏଠାରେ ଥିଲା । ସେ ପନ୍ଦର କୁନ ବୟସରେ ଏଠାରୁ ତାଙ୍କ ସ୍ୱାମୀଙ୍କ ଘରକୁ ଚାଲି ଯାଇଛି । ତେଣୁ ଆଜିକାଲି ଆଉ ଆମ ଘର ଭିତରକୁ ଆସନ୍ତି ନାହିଁ । ବାହାର ବାରଣ୍ଡାରୁ ଚାଲି ଯା'ନ୍ତି । ଅଧିକରେ ମନୋମାଳିନ୍ୟ ଏଡ଼ିବା ଉଦ୍ଦେଶ୍ୟରେ ମୁଁ ବି ତାଙ୍କ ସମ୍ମୁଖକୁ କେବେ ଆସେନା । ମୋର ଯେତେଦୂର ମନେହୁଏ ତେଣୁ ନିଜେ ତାଙ୍କ ଟମ୍ ଟମ୍ ଗାଡ଼ିରେ ଆସି ଝିଅକୁ ନେଇ ଯାଇଛି ।"

: ଆପଣଙ୍କୁ ଦେଖୁଛି ପ୍ରାଚୀନ ସାଧନାପଥରେ ଖୁବ ବିଶ୍ୱାସୀ ନହେଲେ ବି ତା' ପ୍ରତି ଆଜିବି ଆପଣଙ୍କର ଯଥେଷ୍ଟ ଶ୍ରଦ୍ଧା ରହିଛି । ଆପଣଙ୍କ ମନର ଏଇ ଦ୍ୱନ୍ଦ୍ୱ ଅବସ୍ଥା ନିଶ୍ଚୟ ଆପଣଙ୍କୁ କଷ୍ଟ ଦେଉଥିବ । ତଥାପି ଗୋଟାଏ ବିଷୟରେ ଆପଣଙ୍କୁ ପ୍ରଶ୍ନଟିଏ କରିବି । ଆପଣଙ୍କ ତେଣୁ ଆପଣଙ୍କ ଦ୍ୱିତୀୟା କନ୍ୟାଙ୍କୁ ଯଦି ବିବାହ କରନ୍ତି ଆପଣ କ'ଣ ଆପତ୍ତି କରିବେ ? ବାହାରେ କେତେଟି ଉଡ଼ା କଥା ଶୁଣି ଆପଣଙ୍କୁ ଏଟା ପଚାରୁଛି ।

: ମୋର କେତୋଟି ମା' ଏବେ ବି ଅତୀବ ନିଷ୍ଠାର ସହିତ ଗଙ୍ଗାସ୍ନାନ ପରେ ମୋ ପିତାଙ୍କର ପାଦୋଦକ ପାନ କରି ନିଜକୁ ସୌଭାଗ୍ୟବତୀ ବୋଲି ଭାବନ୍ତି । ମୋର କନ୍ୟାମାନେ ଏଇ ଧର୍ମୀୟ ସମ୍ପର୍କ କେବେହେଲେ ବୁଝିବେ ନାହିଁ । ବର୍ତ୍ତମାନ ସେମାନେ ଜୀବନ ଧର୍ମରେ ବିଶ୍ୱାସୀ ହୋଇଥିବାରୁ ଅନ୍ୟ କୌଣସି ଧର୍ମାଧର୍ମ ସନ୍ଧାନରେ ସେମାନେ ଅବୁଝା ରହିଗଲେ । ପ୍ରଚଳିତ ଧର୍ମମତ ଗୁଡ଼ିକ ଦୋଷଗୁଣ ଉଭୟ ନେଇ ସୃଷ୍ଟ । ତେଣୁ ସେମାନଙ୍କ ଅଶାନ୍ତ ମନ କୌଣସି ଧର୍ମକୁ ମାନିବାକୁ ନାରାଜ । ଏକେଶ୍ୱରବାଦିତାର ସଙ୍ଗେ ସଙ୍ଗେ ବର୍ତ୍ତମାନ ଏକ ପତ୍ନୀର ଯୁଗ । ଏହାପରେ ଈଶ୍ୱରଙ୍କର ବାଦିତାର ପ୍ରଚଳନ ଫଳରେ ହୁଏତ ଏ ଦେଶରେ ଆହୁରି କେତେ ଜଘନ୍ୟତମ ଘଟଣା ଘଟିବ । ତଥାପି ଏ ପ୍ରକାର କୌଣସି

Digitized by srujanika@gmail.com

ବିବାହରେ ମୁଁ ମତ ଦେବ ନାହିଁ । ହଁ, ମୁଁ ଯେ ଏପରି ଯେଉଁ ଦ'ଥର ଗୁଜବ ନଶୁଣିଛି ତା' ନୁହେଁ । କିନ୍ତୁ ନାନା ସୂତ୍ରରେ ମୁଁ ତଦନ୍ତ କରି ଜାଣିଛି ଯେ, ଏହା ସର୍ବୈବ ମିଥ୍ୟା । ମୋ' ଝିଅମାନେ ଆଧୁନିକା ହେଲେ ମଧ୍ୟ ଚରିତ୍ରହୀନା ନୁହନ୍ତି ।

: ମୁଁ ଶୁଣିଛି ଯେ, ଆପଣ ନାରୀ ଶିକ୍ଷା ସହ ନାରୀ ସ୍ୱାଧୀନତାର ପକ୍ଷପାତୀ । ଆପଣ ତା'ହେଲେ ଆପଣଙ୍କ ଝିଅମାନଙ୍କୁ ଏକାକୀ ଘର ବାହାରକୁ ଯିବାକୁ ଦେଇଥାନ୍ତି ।

: ମୁଁ ନାରୀ ସ୍ୱାଧୀନତା ପକ୍ଷପାତ ହେଲେହେଁ ଉଚ୍ଛୃଙ୍ଖଳତାର ପକ୍ଷପାତୀ ନୁହେଁ । ମୁଁ ଏକାଧିରେ ଭାରତୀୟ ଏବଂ ୟୁରୋପୀୟ ଦର୍ଶନ ଅଧ୍ୟୟନ କରିଛି । ଏହି ଉଭୟ ଦର୍ଶନର ଯା' ଭଲ ତା' ମୁଁ ଗ୍ରହଣ କରିଛି । ମୋର ଆଜନ୍ମ ସଂସ୍କାର ପ୍ରଥମେ ମୋତେ ଏଥିରେ ବାଧା ଦେଇଛି । ପରିଶେଷରେ ମୁଁ ଜଟିଳ ବିଷୟ ମୀମାଂସା କରିବା ବେଳେ ନିଜର ହୃଦୟର ଆଦେଶକୁ କେବଳ ଶୁଣିଛି । ମୋର କନିଷ୍ଠା କନ୍ୟା ଦମ୍ ଦମ୍ ଅଞ୍ଚଳରେ ଗୋଟିଏ ଇଂରାଜୀ ବିଦ୍ୟାଳୟରେ ଜଣେକ ଶିକ୍ଷୟିତ୍ରୀ । ଏକାକୀ ରାସ୍ତା ଘାଟରେ ତାକୁ ନିଶ୍ଚୟ ବାହାରିବାକୁ ପଡ଼ିବ । କିନ୍ତୁ ବିବାହ ପରେ ଏ ଅଭ୍ୟାସ ମୋର ଜ୍ୟେଷ୍ଠା କନ୍ୟା ପରିତ୍ୟାଗ କରିଛି । ମୋ' ଘରକୁ ବହୁ ବାହାରର ଛାତ୍ର ଅଧ୍ୟୟନ କରିବାକୁ ଆସନ୍ତି । ସେମାନଙ୍କ ସହିତ କଥୋପକଥନ କରିବାରେ ମୋ' ଝିଅମାନଙ୍କ ପକ୍ଷରେ କୌଣସି ବାଧା ନାହିଁ । ମୋର ଜ୍ୱାଇଁ ଶ୍ରୀ ଦୁର୍ଗା ଗାଙ୍ଗୁଲୀ ଏଠାକୁ ଇଂରାଜୀ ଶିକ୍ଷାଲାଭ କରିବା ନିମନ୍ତେ ଆସୁଥିଲେ । ଏଠାକାର ଇଂରାଜୀ ଚାଲିଚଳନରେ ସେ ମଧ୍ୟ ଅଭ୍ୟସ୍ତ ହେଉଥିଲେ । ସେ ନିଜେହିଁ ମୋର ଜ୍ୟେଷ୍ଠା କନ୍ୟାକୁ ପସନ୍ଦ କରି ବିବାହ କରିଛନ୍ତି । ତଥାପି ଏଇ ବିବାହ ସମ୍ପର୍କରେ ଆଜିକାଲି ତାଙ୍କର ମତାମତ ମୋର ଧାରଣାର ବାହାରେ ।

Digitized by srujanika@gmail.com

: ମୋର ମନେହୁଏ ଆପଣଙ୍କ ଜ୍ୟେଷ୍ଠା କନ୍ୟା ଠିକ୍ ଆପଣଙ୍କ ପରି ପ୍ରାଚୀନ ଓ ଆଧୁନିକ କାଳରେ ଠିଆ ହୋଇଛନ୍ତି। ଆପଣଙ୍କ ସ୍ୱାମୀଙ୍କ ମଧ୍ୟରେ ଏଇ ଦୁଇ ଚିନ୍ତାଧାରାର ଏକତ୍ର ସମାବେଶ ହୁଏତ ତାଙ୍କୁ ମୁଗ୍ଧ କରିଥିଲା। ତା' ନ ହୋଇ ଥିଲେ ତାଙ୍କୁ ଆପଣ ସହଧର୍ମିଣୀ ରୂପରେ ଦେଖିବାକୁ ପାଇଥାନ୍ତେ। କିମ୍ବା ଏପରି ହୋଇପାରେ ଯେ, ଆପଣଙ୍କ ପ୍ରତି ଅଗାଧ ସ୍ନେହ ଦୃଷ୍ଟିରୁ କୌଣସି ଏକ ଦୁର୍ବଳ ମୁହୂର୍ତ୍ତରେ ସେ ଆପଣଙ୍କ ଇଚ୍ଛାକୁ କାର୍ଯ୍ୟକାରୀ କରିଛନ୍ତି। ସେପରି ଏ ଘଟଣାଟିକୁ ଭୁଲ୍ ବୁଝିବା ମାତ୍ରେ ସେ ଯେ କୌଣସି ମୁହୂର୍ତ୍ତରେ ଏହି ଦୁର୍ବଳ ଅବସ୍ଥା ମଧ୍ୟରୁ ବାହାରି ଆସି ପାରନ୍ତି। ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ଶିକ୍ଷାର ଦ୍ୱନ୍ଦ୍ୱ ମଧ୍ୟରେ ପ୍ରାଚୀନ ପ୍ରାଚ୍ୟ ସଭ୍ୟତା ବା ସଂସ୍କାରର ପରାଜୟ ହେବା ସ୍ୱାଭାବିକ। ତଥାପି ଏ କ୍ଷେତ୍ରରେ କୌଣସି ଦୁର୍ଘଟଣା ଘଟିଛି ବୋଲି ମୁଁ ମନେ କରେନାହିଁ। ଆପଣଙ୍କ ଶାନ୍ତିପ୍ରିୟ କୌଣସି ଅବାନ୍ତର ରଚନାକୁ ବି ମୁଁ ବିଶ୍ୱାସ କରୁନାହିଁ। ମୋର ସଂପୃକ୍ତ କେଇଟି ସମ୍ବାଦ ପାଇଁ ମୁଁ ଏହା ପ୍ରକାଶ କଲି। ଆପଣ ତାଙ୍କର ଶିକ୍ଷାଦାତା ପିତା ହିସାବରେ ମୋତେ ଏ ବିଷୟରେ ବରଂ ସଠିକ ସମ୍ବାଦ ଦେଇ ପାରିବେ। ବର୍ତ୍ତମାନ କୁହନ୍ତୁ ତ ଆପଣଙ୍କ ଜ୍ୱାଇଁ ଏବଂ ଝିଅ କେଉଁଠି ଆତ୍ମଗୋପନ କରିଛନ୍ତି ? ଆପଣ ଜାଣି ରଖନ୍ତୁ ଯେ, ଆପଣଙ୍କ ଜ୍ୱାଇଁଙ୍କୁ ଆମେ ଜଣେ ଖୁନୀ ଆସାମୀ ରୂପେ ଗତ ଦୁଇ ଦିନ ହେଲା ଖୋଜି ବୁଲୁଛୁ।

: ମୋ' ଜ୍ୱାଇଁ ଯେ, ଜଣେ ପଳାତକ ଖୁନୀ ଆସାମୀ ତା' ମୁଁ ପ୍ରଥମେ ଆପଣଙ୍କ ମୁହଁରୁ ଶୁଣିଲି। ସେମାନଙ୍କ ଘରୁ ମୋତେ ଏପରି ଖୁନ ସମ୍ବନ୍ଧରେ କୌଣସି ଦୁଃସମ୍ବାଦ କେହି ଦେଇ ନାହାନ୍ତି। ହୁଏତ ସେମାନେ ଗୋପନରେ ମୋ' କନ୍ୟାକୁ ଏ ଦୁଃସମ୍ବାଦ ପ୍ରଦାନ କରି ତାକୁ ତା'ର ସ୍ୱାମୀ ସହିତ ପଳାଇ ନମନ୍ତେ

Digitized by srujanika@gmail.com

ପ୍ରସ୍ତୁତ ହେବାକୁ କହୁଥାଉନ୍ତି । ସ୍ୱପ୍ନବତୀଙ୍କୁ ମୁଁ କହିବ ଯେ, ଏ ଦୁଷ୍କାର୍ଯ୍ୟ ତାଙ୍କ ଦ୍ୱାରା କେବେ ସମ୍ଭବ ନୁହେଁ । ମୁଁ ଶୁଣି ଖୁବ୍ ଖୁସି ହେଲି ଯେ, ସେ ମୋ ଠିଅରୁ ପାଖରେ ଧରି କୁଆଡ଼େ ନିରୁଦ୍ଦେଶ ହୋଇଛନ୍ତି । ସେମାନଙ୍କ ଆତ୍ମଗୋପନର ସ୍ଥାନ ମୋତେ ଜଣା ନାହିଁ । ସେମାନଙ୍କ ଅନ୍ତର୍ଦ୍ଧାନ ସ୍ଥଳ ଜଣା ଥିଲେ ବି ମୁଁ ବର୍ତ୍ତମାନ ଆପଣଙ୍କୁ କୁହନ୍ତି ନାହିଁ । କାରଣ ଏଇ ନିଦାରୁଣ ବିପଦ ସେମାନଙ୍କର ଦାମ୍ପତ୍ୟଜୀବନର ବିଚ୍ଛେଦକୁ ଚିର ମିଳନରେ ପରିଣତ କରୁ ! ସେମାନଙ୍କୁ ଏହାଠାରୁ ଆଉ କି ବଡ଼ ଆଶୀର୍ବାଦ କରିପାରେ ।

ଭବତାରଣ ବାବୁଙ୍କ ବିବୃତିରୁ ଏଇ ଘଟଣାଟି ସନ୍ଧାନରେ ଜଟିଳତା ବଢ଼ିଲା ମାତ୍ର କମିଲା ନାହିଁ । ପଳାତକ ଦୁର୍ବୃତ୍ତ ଗାଙ୍ଗୁଲିଙ୍କ ସ୍ତ୍ରୀ କୁଆଡ଼େ ଗଲେ ମଧ୍ୟ ନିଜ ଘରକୁ ଯାଇ ନାହାନ୍ତି ଏକଥା ଠିକ୍ । ତା'ହେଲେ ତାଙ୍କ ସ୍ୱାମୀ କ'ଣ ତାଙ୍କୁ ନେଇ କୁଆଡ଼େ ପଳାଇଲେ ? ନା ଅନ୍ୟ କେହି ତାଙ୍କୁ ନେଇ କୁଆଡ଼େ ପଳାଇଛି ? ରହସ୍ୟ ଗମ୍ଭୀରରୁ ଗମ୍ଭୀରତର ହୋଇ ଉଠୁଛି । ମୁଁ ପ୍ରଥମେ ଏଇ ଘରର ବୃଦ୍ଧା ପରିଚାରିକା ଶ୍ରୀମତୀ ମେନକା ରାଣୀ ଦାସୀର ବିବୃତି ଗ୍ରହଣ କରିବାକୁ ମନସ୍ଥ କଲି । ତା'ର ବିବୃତିର ଉଲ୍ଲେଖ ଯୋଗ୍ୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା —

: ମୋ' ନାଁ ଶ୍ରୀମତୀ ମେନକାରାଣୀ ଦାସୀ । ବାପ ଓ ମା' କାହାରି ନାଁ ମୋର ମନେ ପଡ଼େନା । ଗୃହସ୍ଥ ଘରମାନଙ୍କରେ ଦାସୀବୃତ୍ତି କରିବା ମୋର ବର୍ତ୍ତମାନ ପେଶା । ମୋର ବର୍ତ୍ତମାନ ବୟସ ଷାଠିଏ ବର୍ଷରୁ ଉର୍ଦ୍ଧ୍ୱ ହୋଇପାରେ । ମୋର ଦୁଇବର୍ଷ ବୟସ ବେଳେ ଜଣେ ବୁଢ଼ୀ ମୋତେ ଛ' ଟଙ୍କାରେ କିଣି ଆଣିଥିଲେ । ଅନେକ ଦିନ ଧରି ତାଙ୍କ ଘରେ ମୁଁ ସେବା ଶୁଶ୍ରୂଷା କରିଛି । ସେମାନେ ମରିଗଲେ ମୁଁ ନିରାଶ୍ରୟ ହେଲି । ପର ପର କେତୋଟି

Digitized by srujanika@gmail.com

ଘରେ ଦାସୀବୃତ୍ତି କରିବା ପରେ ଏଇ ବାବୁ ମୋତେ ଏଠାରେ ଆଶ୍ରୟ ଦେଇଛନ୍ତି । ଏଠାରୁ ଅନ୍ୟତ୍ର ଯିବାର ଇଚ୍ଛା ମୋର ନାହିଁ । ବର୍ତ୍ତମାନ ମୁଁ ଏଠାରେ ସାରା ଦିନ-ରାତି କାମରେ ନିଯୁକ୍ତ । ପ୍ରତ୍ୟହ ବ୍ରାହ୍ମଣ ଘର ପ୍ରସାଦ ପାଇବା ମୋର ସୌଭାଗ୍ୟ । ପହିଲା ଜୁନ ବା ଅନ୍ୟ କ ତାରିଖ ମୁଁ ଜାଣେନା । ମୁଁ କେବେ କୌଣସି ତାରିଖର ହିସାବ ରଖି ଜାଣେନା । ମାତ୍ର ସେଦିନ ବୁଧବାର ଥିଲା । ସେଦିନ ଖୁବ୍ ରାତିରେ ଜ୍ୱାଇଁ ବାବୁଙ୍କ ଟମ୍ ଟମ୍ ଆମ ଘର ସାମନାରେ ପହଞ୍ଚିଥିଲା । ଜଣେ ଭୃତ୍ୟ ଶ୍ରେଣୀର ଲୋକ ଆସି ଘରେ ଖବର ଦେଲା ଯେ, ଜ୍ୱାଇଁ ଝିଅକୁ ନେଇ ଯିବାକୁ ଆସିଛନ୍ତି । ମୁଁ ଅନ୍ଧକାରରେ ହିଙ୍ଗିମାରି ଦେଖିଲି ଯେ, ଜ୍ୱାଇଁ ଗାଡ଼ିରେ ବସିଛନ୍ତି । ତାଙ୍କ ମୁହଁଟାକୁ ଭଲ ଭାବରେ ନ ଦେଖିଲେ ହେଁ ତାଙ୍କର ପୋଷାକଟାରୁ ମୁଁ ତାଙ୍କୁ ଚିହ୍ନିଥିଲି । ବଡ଼ ନନାଙ୍କୁ ଖବର ଦେବାରୁ ସେ ଶୀଘ୍ର ଆସି ଗାଡ଼ିରେ ବସିବା ମାତ୍ରେ ଗାଡ଼ି ଅଦୃଶ୍ୟ ହୋଇଗଲା ।

ମେନକା ରାଣୀର ବକ୍ତୃତାରୁ ବେଶ୍ ବୁଝାଯାଏ ଯେ, ସେ ଅନେକ କଥା ଗୋପନ କରି ଯାଉଛି । ତେଣୁ ପ୍ରତ୍ୟେକଟି ଘଟଣା ଜାଣିବା ଉଦ୍ଦେଶ୍ୟରେ ମୁଁ କେତୋଟି ପ୍ରଶ୍ନ କରିଥିଲି । ତା'ର ସାରାଂଶ ତଳେ ଦିଆଗଲା ।

: ଅଚ୍ଛା, ମୁଁ ଏତେଦିନ କଲିକତାରେ ଅଛି କିନ୍ତୁ ମଣିଷ ବଳୀ ହେବା କଥା ତ କେବେ ଶୁଣି ନାହିଁ । ତୁମ ପରିଚୟଟାକୁ ଗୋପନ କରିବା ଉଦ୍ଦେଶ୍ୟରେ, ମୁଁ ମନେ କରେ, ଏଟା ଗୋଟାଏ ଗଳ୍ପ ଖି । ସତକଥା ନ କହିଲେ ହାଜତକୁ ଯିବାକୁ ପଡ଼ିବ ।

: ମୋର ଏଇ ବୁଢ଼ା ବୟସରେ ମୋତେ ହାଜତର ଭୟ କ'ଣ ଦେଖାଉଛ ? ପଚିଶ ବର୍ଷ ଆଗେ ଭଗ-ନୌକାରେ ଝିଅମାନେ ବଳି ହେଉଥିଲେ । କେତେ ବ୍ରାହ୍ମଣ, କ୍ଷତ୍ରିୟ ଝିଅ କାଶୀ ତାଙ୍କୁ

Digitized by srujanika@gmail.com

ବିବାହ କରିଛନ୍ତି । ନଦୀ ଘାଟରୁ ସୁଅର ମା'ମାନେ ତାଙ୍କ ମନ ମୁତାବକ ବୋହୂ ନୌକାରୁ କିଣି ଆଣୁଥିଲେ । ସେ କାଳରେ କେତେ ବ୍ରାହ୍ମଣ ଓ କରଣ ଝିଅ ବିକି ହୋଇଛନ୍ତି । ମୋର ଅଦୃଷ୍ଟ ମନ୍ଦ ମୋ ହାତର ଛତାରେ ମୋ ନାଁ ଲେଖା ହୋଇଥିଲା । ଏହି ନାଁ'ରୁ ମୁଁ ମାଟକାଠ ବୋଲି ଧରାପଡ଼େ । ତେଣୁ ବାହାଘରର ବୋହୂ ହେବା ପରିବର୍ତ୍ତେ ଦାସୀ ହେଲି । ହଜୁର, ମୋତେ ଯଜ୍ଞେଶ୍ୱର ଘାଟରୁ ମୋ କର୍ତ୍ତା କିଣି ଆଣିଥିଲେ । ମୁଁ ବାବୁ ଟିକିଏ ହେଲେ ବି ମିଛ କହୁନି ।

: ହୁଁ, ତୁମ ବଡ଼ନାନୀ ଟିକିଏ ସଜାସଜି ନ କରି ବାହାରି ଗଲେ । ଏପରିକି ତାଙ୍କ ବାପାଙ୍କୁ ଯିବାର କଥା ନ କହି ଚାଲିଗଲେ । ଦେଖୁଛୁ ଗୋଟାଏ ଚମତ୍କାର ଖବର ତୁମେ ଶୁଣାଇଲ । ପ୍ରକୃତ କଥା ତୁମେ ଜାଣିକି ବି କହୁନା । ସତ୍ୟ କଥା ନ କହିଲେ ତୁମରି ବିପଦ ଘଟିବ । ତୁମକୁ ପୁଣି ସେହି ଭବ-ନୌକାରେ ଚାଲାଣ ଦିଆଯିବ । ସେ ଗଲାବେଳେ ତୁମକୁ କିଛି କହି ଯାଇଛନ୍ତି ?

: ବାବା, ଏଥିରେ ତୁମେମାନେ ମୋତେ ଯାଞ୍ଚିବ ନା କ'ଣ ? ମୁଁ ଜଣେ ନିରଗ୍ରସ୍ଥା । ଇଚ୍ଛା କରିଥିଲେ ମୁଁ ବି ଜୀବନ ଉପଭୋଗ କରି ପାରିଥାନ୍ତି । କିନ୍ତୁ ଏତେ ପାପ ମୋର ଏଇ ଧର୍ମ ପ୍ରାଣରେ ସହିବାକୁ ନାହିଁ । ସେ ଯିବା ପୂର୍ବରୁ ମୋତେ ଗୋଟାଏ ଟିକଟ ଲଗା ଖାମ ଦେଇ ଯାଇଥିଲେ ଡାକରେ ପକାଇ ଦେବା ପାଇଁ । ମୁଁ ବାବୁ, କେଇଦିନ ଘରୁ ବାହାରି ନ ପାରି ଡାକରେ ଚିଠିଟି ପକାଇ ପାରି ନାହିଁ ।

ମୋର ଧମକରେ ବୁଢ଼ୀ ଭୀତ ହୋଇ ସଙ୍ଗେ ସଙ୍ଗେ ଗୋଟାଏ ବେତ ପେଡ଼ି ଭିତରୁ ସେହି ଟିକଟ ଲଗା ଖାମଟା ଆଣି ମୋ ହାତରେ ଦେଲା । ସେହି ଖାମଟିକୁ ପାଣିରେ ଓଦା କରି ଅତି ସନ୍ତର୍ପଣରେ

Digitized by srujanika@gmail.com

ଭିତରର ଚିଠିଟି ମୁଁ ବାହାର କଲି । ଏଇ ଚିଠିଟି ପଢ଼ି ମୁଁ କିଛିକ୍ଷଣ ସ୍ତବ୍ଧ ହୋଇ ଯାଇଥିଲି । ପତ୍ରର ପ୍ରୟୋଜନୀୟ ଅଂଶ ତଳେ ଦିଆଗଲା ।

: ପିତାମାତାଙ୍କ ଇଚ୍ଛାନୁସାରେ ଚଳିବାର ସ୍ପୃହା ଆମ ରକ୍ତରେ ମିଶି ରହିଛି । ତେଣୁ ତାଙ୍କର ଅବାଧ୍ୟ ନ ହୋଇ ମୁଁ ତୁମକୁ ବିବାହ କରିଥିଲି । ମୁଁ ପ୍ରାଣପଣେ ତୁମକୁ ଭଲ ପାଇବା ପାଇଁ ଚେଷ୍ଟା କରିଛି । କିନ୍ତୁ ମୋର ଏଇ ଚେଷ୍ଟା ବ୍ୟର୍ଥ ହୋଇଯାଇଛି । ଏଇ ଲୋକ ଦୂରରେ ଥିଲା ବେଳେ ମୁଁ ସ୍ୱାଭାବିକ ଥାଏଁ । ମାତ୍ର ସେ ପାଖକୁ ଆସିଲେ ମୁଁ ସବୁକଥା ଭୁଲିଯାଏ । ଗୋଟାଏ ଅଦୃଶ୍ୟ ଅବ୍ୟକ୍ତ ଶକ୍ତି ମୋତେ ଅଭିଭୂତ କରେ । କେହି ମୋତେ ଏଇ ବିପଦରୁ ରକ୍ଷା କରି ପାରିଲେ ନାହିଁ । ମୁଁ ଆଉ ତୁମକୁ ଠକାଇବାକୁ ନାରାଜ । ତଥାପି ତୁମକୁ ଗୋଟାଏ କଥା ଜଣାଉଛି , ମୁଁ ମନ ଦିଗରୁ ଦ୍ୱିଚାରିଣୀ ହେଲେ ବି କଦାପି ସ୍ୱୈରିଣୀ ନୁହେଁ । ମୋର ଜ୍ୟେଷ୍ଠ ଭଉଣୀ କମଳା ତୁମକୁ ପ୍ରାଣ ଦେଇ ଭଲ ପାଏ । ତୁମେ ବି ତାକୁ ଠିକ୍ ସେହିପରି ଭଲ ପାଉଛ । ଏହାର ନିର୍ଭରଯୋଗ୍ୟ ପ୍ରମାଣ ମୁଁ ବହୁଥର ପାଇଛି । ସେ ମୋପରି ପାପିଷ୍ଠା ନୁହେଁ । ଅଥଚ ସେ ମୋ ଅପେକ୍ଷା ଗୁଣବତୀ । ତାକୁ ବିବାହ କରି ତୁମେ ସୁଖୀ ହୁଅ । ଜଣେ ସ୍ତ୍ରୀ ଥାଉଁ ଥାଉଁ ଆଉ ଜଣେ ସ୍ତ୍ରୀ ଗ୍ରହଣରେ କୌଣସି ଆଇନ ବା ସମାଜ ଗତ ବାଧା ନାହିଁ । ମୁଁ କାହା ସହିତ କୁଆଡ଼େ ଯାଉଛି ଏକଥା ବର୍ତ୍ତମାନ କହିବି ନାହିଁ । ମୁଁ ବାରମ୍ବାର ଅବଶ୍ୟ ଏ ଭୁଲ କରିବି ନାହିଁ । ଆଗାମୀ କେଇଟି ବର୍ଷ ମୁଁ ତାଙ୍କୁ ପରୀକ୍ଷା କରି ଦେଖିବି । ସେତେବେଳଯାଏ ମୁଁ ମୋର ଦେହ ଓ ମନକୁ ପବିତ୍ର ରଖିବି । ଯଦି କିଛି ଅନ୍ୟାୟ କରେ, ତା'ହେଲେ ତୁମକୁ ଏବଂ ବାପାଙ୍କୁ ଜଣାଇ କରିବି । ବାପାଙ୍କ ନିକଟରୁ ପାଇଥିବା ଶିକ୍ଷା ମୋର କେବେ ବ୍ୟର୍ଥ ହେବ ନାହିଁ ।

Digitized by srujanika@gmail.com

ଏଇ ପତ୍ରରେ ଲିଖିତ ବିଷୟବସ୍ତୁରୁ ବୁଝି ହୁଏ ଯେ ଏହା କୌଣସି ଏକ ନାରୀ ଅପହରଣ ନୁହେଁ । ଏହା ଗୋଟାଏ ଖାଣ୍ଟି ନାରୀ ବହିଷ୍କରଣର ମାମଲା ମାତ୍ର । ଏଇ ନାରୀ ପ୍ରାପ୍ତ ବୟସ୍କା ଦୃଷ୍ଟିରୁ ଏହା ପୋଲିସ ଗ୍ରାହ୍ୟ ମାମଲା ହୋଇ ନ ପାରେ । କିନ୍ତୁ ଏଇ ଖୁଣ ମାମଲାଟି ସମ୍ପର୍କରେ ଏଇ ନାରୀଟିକୁ ଖୋଜି ବାହାର କରିବା ଦରକାର । ମୁଁ ତଦନ୍ତ ସମ୍ପର୍କରେ ତାଙ୍କର କନିଷ୍ଠା ଭଗ୍ନୀ କମଳାବତୀଙ୍କର ବିବୃତି ଗ୍ରହଣ କରିଛି । ଏଇ ଚିତ୍ତାକର୍ଷକ ବିବୃତିର ପ୍ରୟୋଜନୀୟ ଅଂଶ ଏଠାରେ ଉଦ୍ଧୃତ କରାଗଲା ।

: ମୋର ନାମ କୁମାରୀ କମଳାବତୀ ଦେବୀ । ମୁଁ ବେଥୁନ କଲେଜରୁ ବି. ଏ. ପାଶ୍ କରିଛି । ଆମ ଠେକା ଘରର ସଂସ୍କାର ଦୃଷ୍ଟିରୁ ମୁଁ ବର୍ତ୍ତମାନ ଅବିବାହିତା । ମୋର ସାନ୍ତବାପା ଓ ସାନ୍ତମା ଆମର ଅଧୁନିକ ଚାଲିଚଳଣକୁ ବରଦାସ୍ତ କରନ୍ତି ନାହିଁ । ତେଣୁ ସେମାନେ ଆମ ଗ୍ରାମର ଘରେ ଷାଠିଏ ବର୍ଷ ବୟସ୍କ ଆମର ଅନୂଢ଼ା ପିଉସୀଙ୍କ ତତ୍ତ୍ୱାବଧାନରେ ଦିନ ଅତିବାହିତ କରୁଛନ୍ତି । କିଛିଦିନ ପୂର୍ବେ ମୋର ଜ୍ୟେଷ୍ଠାଭଗ୍ନୀଙ୍କୁ ଜଣେ କୁଳୀନ ପାତ୍ର ହସ୍ତରେ ସମର୍ପଣ କରି ସେମାନେ ଗ୍ରାମକୁ ଫେରି ଯାଇଛନ୍ତି । ସେଇ ଅଶୀତିପର ବୃଦ୍ଧ ବୃଦ୍ଧାଙ୍କ ମୁହଁରେ ହସ ଦେଖିଲେ ଆମେ ବି ଖୁସି । ମାତ୍ର ନାନୀଙ୍କ ସ୍ୱାମୀଙ୍କ ପରି ରୂପ ଓ ଗୁଣବାନ କୁଳୀନ ପାତ୍ର ପାଇବା ଦୁଷ୍କର । ସୁତରାଂ ସମୟ କଟାଇବା ଉଦ୍ଦେଶ୍ୟରେ ମୁଁ ଦମଦମର ମୀରଚ୍ଛନ୍ଦ ବାଳିକା ବିଦ୍ୟାଳୟରେ ସୁପରିଣ୍ଟେଣ୍ଡେଣ୍ଟ—କମ୍-ହେଡ଼୍ ମିଷ୍ଟ୍ରେସ ଚାକିରୀ କରେ । ଏଇ ବିଦ୍ୟାଳୟର ପ୍ରଶସ୍ତ 'କମ୍ପାଉଣ୍ଡ' ସଂଲଗ୍ନ ଗୋଟିଏ ଘରେ ମୁଁ ଜଣେ ଦାସୀ ସହିତ ବସବାସ କରେ । ବର୍ତ୍ତମାନ ଗ୍ରୀଷ୍ମ ଛୁଟିରେ ଏଠାକୁ ଆସିଛି । ଅମ୍ବିକାରାଣୀ ଦେବୀ ମୋର ବଡ଼ ଭଉଣୀ । ବର୍ତ୍ତମାନ ପରିସ୍ଥିତିରେ ତାଙ୍କ ବିଷୟରେ

Digitized by srujanika@gmail.com

କିଛି କହିବାରେ ମୋର ଦ୍ୱିଧା ନାହିଁ । ମୋର ଏଇ ଭଉଣୀଙ୍କ ବର୍ତ୍ତମାନର ମତିଗତିକୁ ମୁଁ ଆଦୌ ପସନ୍ଦ କରି ପାରି ନାହିଁ । କିନ୍ତୁ ତାଙ୍କୁ ନିଶ୍ଚିତ ରୂପେ କୌଣସି ବିଷୟରେ ସନ୍ଦେହ କରାଯାଇ ପାରି ନାହିଁ । କିଛିଦିନ ଯାବତ୍ ମୁଁ ତାଙ୍କୁ ସର୍ବଦା ବିମର୍ଷ ଦେଖୁଥିଲି । ମଝିରେ ମଝିରେ ତାଙ୍କୁ କୌଣସି ବିଷୟରେ ଶଙ୍କିତ ହୋଇ ପଡ଼ୁଥିବାର ମୁଁ ଲକ୍ଷ୍ୟ କରିଛି । ତାଙ୍କୁ ଅନେକାଂଶରେ ମାନସିକ ବ୍ୟାଧିଗ୍ରସ୍ତ ବୋଲି ମନେ ହେଉଥିଲା । ଏଇ ପରିସ୍ଥିତିର ମର୍ମ ମୁଁ ଆଦୌ ଉପଲବ୍ଧି କରି ପାରୁ ନାହିଁ । ଦୁଃଖର କଥା ! ଏପରି ଜଣେ ସ୍ୱାମୀଙ୍କୁ ସେ ବୁଝିଲେ ନାହିଁ କି ଚିହ୍ନିଲେ ନାହିଁ । ତାଙ୍କ ସ୍ୱାମୀ ଜଣେ ମହତ୍ ବ୍ୟକ୍ତି । ସେ ତାଙ୍କ ସ୍ତ୍ରୀଙ୍କର ବହୁ ଅପରାଧ କ୍ଷମା କରୁଥିଲେ । ମୋ ଉପରେ ମୋ ଭଉଣୀର କି ଧାରଣା ମୁଁ ଜାଣେନା । ତଥାପି କାହାରିକୁ ଭଲ ପାଇବାଟାକୁ ମୁଁ ଅନ୍ୟାୟ ବୋଲି ମନେ କରେନା । ଏ ପତ୍ରଟି ଦୟାକରି ଆପଣ ମୋ ଭଗ୍ନୀପତିଙ୍କୁ ଦେଖାଇବେ ନାହିଁ ।

ଏମ.ନଙ୍କର ଏ ପ୍ରକାର ଅବାନ୍ତର ଏବଂ ବ୍ୟକ୍ତିଗତ ଘଟଣାରୁ ଏହି ଖୁନ୍ ସନ୍ଧାନରେ ବିଶେଷ କୌଣସି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳେନା । ବର୍ତ୍ତମାନ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି—ଏମ ନେ ଏପର୍ଯ୍ୟନ୍ତ ଖୁନ ସନ୍ଧାନରେ କୌଣସି ସମ୍ବାଦ ନପାଇଲେ କିପରି ? ଏପରି ନୁହେଁ ତ ଯେ ଏଇ କନିଷ୍ଠା ଭଗ୍ନୀଟି ନିଜର ପଥ ନିଷ୍କଣ୍ଟକ କରିବା ପାଇଁ ଭଉଣୀର ଅବୈଧ ପ୍ରେମକୁ ସହାୟ୍ୟ କରିଛି । ଏମାନଙ୍କର ଆଚରଣ ବ୍ୟବହାରରୁ ବୁଝାଯାଏ ଯେ ଦୁର୍ଜ୍ଜୟ ଗାଙ୍ଗୁଲି ଖୁନ୍ ହୋଇଛନ୍ତି ବା ଖୁନ୍ କରିଛନ୍ତି ଏ ଆଶଙ୍କା ବି.ପି ଟିଆଙ୍କ ମନରେ ଆଦୌ ନାହିଁ । ତା'ହେଲେ କ'ଣ ଦୁର୍ଜ୍ଜୟ ଗାଙ୍ଗୁଲି ତାଙ୍କ ସ୍ତ୍ରୀଙ୍କର ପ୍ରେମିକଙ୍କୁ ଭୁଲାଇଆଣି ନିଜ ଘରେ ଖୁନ୍ କରିଛନ୍ତି ? ଏବଂ ପର ମୁହୂର୍ତ୍ତରେ

Digitized by srujanika@gmail.com

ସେ ଶ୍ୱଶୁର ଘରକୁ ଆସି ତାଙ୍କ ସ୍ତ୍ରୀଙ୍କୁ ସାଙ୍ଗରେ ଧରି କୌଣସି ଅଜଣା ସ୍ଥାନକୁ ପଳାଇ ଯାଇଛନ୍ତି ?

ମୋର ମନେ ହେଉଛି ଏହି ଗ୍ରେଟ ଭଉଣୀଟି ମୋ ନିକଟରେ ବହୁକଥା ଗୋପନ କରି ଯାଇଛି । ଆହୁରି କିଛି ତଥ୍ୟ ତା' ନିକଟରୁ ବାହାର କରିବା ଉଦ୍ଦେଶ୍ୟରେ ଆମମାନଙ୍କ ପ୍ରଶ୍ନ ଉତ୍ତର ନିମ୍ନରେ ପ୍ରଦତ୍ତ କରାଗଲା ।

: ଆଚ୍ଛା, ଏ ଦେଶର ଝିଅମାନେ ଏବେ ବି ପର୍ଦ୍ଦାନସୀନ । ମୁଣ୍ଡରେ ଓଢ଼ଣା ନ ଦେଇ ସାଧାରଣତଃ ଏମାନେ ବାହାରକୁ ବାହାରନ୍ତି ନାହିଁ । ମାତ୍ର ଆପଣମାନଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ । ପ୍ରୟୋଜନ ହେଲେ ଅଚିହ୍ନା ଲୋକମାନଙ୍କ ସହିତ ବି ଆପଣମାନେ ବାହାରକୁ ବାହାରନ୍ତି । ବର୍ତ୍ତମାନ କୁହନ୍ତୁ ତ ଆପଣଙ୍କ ପିତାଙ୍କର କେଉଁ କେଉଁ ଛାତ୍ରମାନଙ୍କ ସହିତ ଆପଣଙ୍କ ଭଉଣୀଙ୍କର ପ୍ରଗାଢ଼ ସମ୍ପର୍କ ଥିଲା ?

: ଉଁ ହୁଁ, ଆମେ କୌଣସି ଦିନ ବାହାରର କୌଣସି ଅପରିଚିତ ଲୋକମାନଙ୍କ ସହିତ ମିଳାମିଶା କରିନାହୁଁ । ଆମ 'କସ୍‌ମୋପଲିଟନ୍ କ୍ଲବ'ରେ କେବଳ ସ୍ତ୍ରୀଲୋକମାନେହିଁ ସଦସ୍ୟା । ବାପାଙ୍କ ଛାତ୍ରମାନଙ୍କୁ ଆମେ ସହୋଦର ଭାଇ ବୋଲି ମନେ କରୁଥିଲୁ । ସେମାନଙ୍କ ମଧ୍ୟରୁ ଜଣେ କୁଳୀନ ବ୍ରାହ୍ମଣ ସନ୍ତାନଙ୍କୁ ତାଙ୍କର ଆଧୁନିକ ମତାମତ ପାଇଁ ନାନୀ ଟିକିଏ ଅଧିକ ପସନ୍ଦ କରୁଥିଲେ । କିନ୍ତୁ ସେ କଣ୍ଟିତ ଖ୍ରୀଷ୍ଟାନ ଭାବାପନ୍ନ ହେବାରୁ ବାପା ତାଙ୍କୁ ବିତାଡ଼ିତ କରିଥିଲେ । କିନ୍ତୁ ସେଟା ତ ଅନେକ ବହୁଦିନ ଆଗକାର କଥା ।

: ଅଚ୍ଛା, ଆପଣଙ୍କ ଭଉଣୀ ଓ ଭଗ୍ନିପତିଙ୍କ ମଧ୍ୟରେ ଏପରି ମନୋମାଳିନ୍ୟ କମନ୍ତେ କାହାକୁ ଦାୟୀ ବୋଲି ଆପଣ ମନେ କରୁଛନ୍ତି ? ଆପଣ କ'ଣ କେବେ ଆପଣଙ୍କ ଭଗ୍ନିପତିଙ୍କ ଆଚରଣରେ କୌଣସି ତ୍ରୁଟି ପରିଲକ୍ଷ୍ୟ କରିଛନ୍ତି ? ପ୍ରକୃତ ତଥ୍ୟ କ'ଣ

Digitized by srujanika@gmail.com

ହେଲେ ଆମର ଟିକିଏ ସୁବିଧା ହେବ । ଆପଣଙ୍କୁ କଥା ଦେଉଛି ଆପଣ ଯା' କହିବେ ତା' ମୋ ନିକଟରେ ସର୍ବଦା ଗୋପନ ରହିବ ।

: ହଁ, ଆମ ଘରର କଥା ଅବଶ୍ୟ ଆପଣଙ୍କୁ କହିବାର ନୁହେଁ । ତଥାପି କହିବି ଯେ ମୋ ଭଗ୍ନୀପତି ଜଣେ ଦେବତା ତୁଲ୍ୟ ଲୋକ । ମୁଁ ତାଙ୍କୁ ସେବା ଯତ୍ନ କରି ଟିକିଏ ଆନନ୍ଦ ପାଉଥାଏ । କିନ୍ତୁ ଆଶ୍ଚର୍ଯ୍ୟର କଥା ଏଥିରେ ନାନୀର ହିଂସା ନ ହୋଇ ବରଂ ସେ ଆନନ୍ଦ ଅନୁଭବ କରୁଥାଏ । ବର୍ତ୍ତମାନ ବୁଝୁଛି ଯେ, ନାନୀ ଚାହୁଁଥିଲା ଯେ, ତାଙ୍କ ସ୍ୱାମୀ ତା' ପାଖରୁ ଦୂରେଇ ଯାଉ । ବୋଧହୁଏ ଅତ୍ୟଧିକ ସୁଖ ତାକୁ 'ହିଷ୍ଟ୍ରିକ' କରି ପକାଉଥିଲା । ସେଇଥିପାଇଁ ବୋଧହୁଏ ସେ ବର୍ତ୍ତମାନକୁ ଭୁଲି ସୁଦୂର ଅତୀତକୁ ଧରି ରଖିବାକୁ ଚାହେଁ ।

ଅତୀତ ଏବଂ ବର୍ତ୍ତମାନର ସଂଘାତରେ ଏଇ ପରିବାରଟି ବାସ୍ତବରେ 'ହିଷ୍ଟ୍ରିକ୍' ହୋଇ ଉଠିଛି । ଏମାନଙ୍କର ଏଇ ମାନସିକ ଅସୁସ୍ଥତା ମଧ୍ୟରୁ ମୁକ୍ତ ହେବା ପାଇଁ ଯଥେଷ୍ଟ ସମୟ ଲାଗି ପାରେ । ମାନସିକ ହମତ୍ୱକାଶ ବଦଳରେ ମାନସିକ ଦ୍ୱନ୍ଦ୍ୱରୁ ଏପରି ଘଟିବା ସମ୍ଭବ ପର । ଏପରି ଏକ ମାନସିକ ପରିସ୍ଥିତି ମଧ୍ୟରେ ଏଇ ଖୁଣ୍ଟି ସମାଧିତ ହେବା ଆଶ୍ଚର୍ଯ୍ୟକର ନୁହେଁ । ଏଇ ଖୁଣ୍ଟି ସନ୍ଦର୍ଭରେ ସମାଧାନ ଦିଗକୁ ବିଶେଷ ଭାବରେ ଆଉ ଆଗେଇ ପାରି ନାହିଁ । ଏଇ ଡାଇରୀର ସଂକ୍ଷିପ୍ତ ସାର ଇଂରାଜୀରେ ଅନୁଦିତ ହୋଇ ବିଭାଗୀୟ ସୁପରିଣ୍ଟେଣ୍ଡେଣ୍ଟ ନିକଟକୁ ପଠାଇବା ନିମନ୍ତେ, ମୁନ୍‌ସି ବିଦ ଚୁଡ଼ିଙ୍କୁ ଦିଆଗଲା । 'ଡାଇରୀ'ରେ ସିଲ୍ ସହ ସ୍ୱାକ୍ଷର କରୁଛି । ଇତି ।

ଶ୍ରୀ ସୁକୁମାର ସେନ୍ ଶର୍ମା
ମେନ୍ଦୁଆ ଥାନାର ଷ୍ଟେଟ ଦାରୋଗା

Digitized by srujanika@gmail.com

ମେମୋ ନଂ ୬

ମେଛୁଆ ଥାନାର ଜ୍ୟେଷ୍ଠ ଦାରୋଗା ଶ୍ରୀ ସୁକୁମାର ସେନ ଶର୍ମାଙ୍କ ପ୍ରେରିତ 'ଡାଇରି' ପାଠକରି ମୁଁ ଖୁବ୍ ସନ୍ତୁଷ୍ଟ ହୋଇଛି । ଏହି ତରୁଣ ଅଫିସରର ଭବିଷ୍ୟତ ଅତି ଉଜ୍ଜ୍ୱଳ ମନେହୁଏ । ମୁଁ ଉକ୍ତ 'ଡାଇରି' ଅନୁଧାବନ କରି ଏଇ ବିଶ୍ୱାସରେ ଉପନୀତ ହୋଇଛି ଯେ ଗୃହର ମାଲିକ ଶ୍ରୀ ଗାଙ୍ଗୁଲି ନିହତ ହୋଇ ନାହାନ୍ତି । ମୋ ମତରେ ତାଙ୍କ ଅନ୍ତର୍ଦ୍ଧାନ ସହିତ ଏଇ ଖୁନର କୌଣସି ସମ୍ପର୍କ ମଧ୍ୟ ନଥାଇ ପାରେ । ଖୁଣୀମାନେ ଏଇ ଲାସଟିକୁ ପୋଲିସକୁ ବିଭ୍ରାନ୍ତ କରିବା ଉଦ୍ଦେଶ୍ୟରେ ଆଣି ଏ ଘରେ ପକାଇ ଯାଇଛନ୍ତି । ମୋର ବିଶ୍ୱାସ ଶ୍ରୀମତୀ ଗାଙ୍ଗୁଲିଙ୍କ ଅପହାରକ ଏଇ ଖୁନ୍ ମାମଲାର ଜଣେ ପ୍ରଧାନ ବ୍ୟକ୍ତି । ବର୍ତ୍ତମାନ ଶ୍ରୀ ଦୁର୍ଲ୍ଲଭ ଗାଙ୍ଗୁଲିଙ୍କ ପିତାଙ୍କ ଔରସରୁ ଅନ୍ୟ ମାତା ଗର୍ଭରେ ଜାତ କୌଣସି ସନ୍ତାନ ଏ ଅଞ୍ଚଳରେ ବସବାସ କରନ୍ତି କି ନା ଜାଣିବାକୁ ପଡ଼ିବ । ମୋର ଧାରଣା ନିରୁଦ୍ଦିଷ୍ଟ ଦୁର୍ଲ୍ଲଭ ଗାଙ୍ଗୁଲି ତାଙ୍କର ପ୍ରତିଦ୍ୱନ୍ଦୀ ଭ୍ରାତୃଗଣ ସହୋଦରଙ୍କ ତନ୍ନାବଧ ନରେ ଅଛନ୍ତି । ସେମାନେ ତାଙ୍କୁ ନମାରି ତା' ନିକଟରୁ କୌଣସି ଦଲିଲ୍ କରାଇନେବା ଉଦ୍ଦେଶ୍ୟରେ ଅଛନ୍ତି । ଏପରି ଦଲିଲ କରିବାରେ ଅସମ୍ମତ ହେଲେ ତାଙ୍କର ପ୍ରାଣନାଶର ଆଶଙ୍କା କରାଯାଇ ପାରେ । ଯଥା ଶୀଘ୍ର ଆର୍ଟଷ୍ଟି ଅଫିସରେ ତଦନ୍ତ କରି ଏବଂ କସ୍‌ମୋ-ପୋଲିଟନ କ୍ଲବରେ କୌଣସି ବ୍ରାହ୍ମଣ ଯୁବକ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇଛି କି ନା ଖବର ସଂଗ୍ରହ କର । ଇତି ।

ଜେ. ହାବାର୍ଟ

ପୋଲିସ ସୁପରିଣ୍ଟେଣ୍ଡେଣ୍ଟ, ଦକ୍ଷିଣ କଲିକତା ।

(ବଦରୁଦ୍ଦିନ ନକ୍ସିକ ଅନୁଦିତ ଓ ଅଦ୍ୟ ତାରିଖରେ ଥାନାକୁ ପ୍ରେରିତ ।)

Digitized by srujanika@gmail.com

ଅଦ୍ୟ ଜୁନ ୮ ତାରିଖ ୧୮୮୦ ଖ୍ରୀଷ୍ଟାବ୍ଦ । ପୁନରାୟ ଏହି ଘଟଣାଟିର ତଦନ୍ତରେ ମନୋନିବେଶ କଲି । ଡିଭିଜନାଲ ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ଆଦେଶାନୁସାରେ ନିରୁଦ୍ଦିଷ୍ଟ ଶ୍ରୀ ଦୁର୍ଗାଦାସ ଗାଙ୍ଗୁଲୀଙ୍କ ମ୍ୟାନେଜରଙ୍କ ନିକଟରୁ ତାଙ୍କ ପିତାଙ୍କ ଗ୍ରାମର ଠିକଣା ସଂଗ୍ରହ କରି ସେଠାକାର କୋତୱାଲୀକୁ ତଦନ୍ତ ନିମନ୍ତେ ଗୋଟାଏ ନିର୍ଦ୍ଦେଶ ନାମା ପଠାଇଥିଲି । ଅଦ୍ୟ ପ୍ରାତେ ଉକ୍ତ କୋତୱାଲୀରୁ ଗୋଟାଏ ଉତ୍ତର ଆସିଛି । ସ୍ଥାନୀୟ ପୋଲିସର ପ୍ରତିବେଦନର ଗୋଟାଏ ଅନୁଲିପି ନିମ୍ନରେ ଉଦ୍ଧୃତ କଲି ।

"ଆପଣଙ୍କ ଅନୁରୋଧ ମୁତାବକ ଆମେ ଶ୍ରୀ ଦୁର୍ଗାଦାସ ଗାଙ୍ଗୁଲୀଙ୍କ ପିତାଙ୍କ ସହ ସାକ୍ଷାତ କରିଥିଲୁ । ଏହି ଦୁଃସମ୍ବାଦରେ ସେହି ଅଶୀତିପର ବୃଦ୍ଧଙ୍କ ମନରେ କୌଣସି ପରିବର୍ତ୍ତନ ଆମେ ଲକ୍ଷ୍ୟ କରି ନ ଥିଲୁ । ଅବଶ୍ୟ ବୃଦ୍ଧ ବୟସରେ ସ୍ନାୟୁକୋଷ ଦୁର୍ବଳ ହୋଇ ଯାଇଥିବାରୁ ଶୋକର ଅନୁଭୂତି କମି ଯାଇଥାଏ । ସେ୍ାଙ୍କର ୩୬ଟି ସ୍ତ୍ରୀଙ୍କର ଗର୍ଭଜାତ ୬୪ଟି ସନ୍ତାନ ବର୍ତ୍ତମାନ ଜୀବିତ । ଏହି ବ୍ରାହ୍ମଣଙ୍କ ଘରେ ରକ୍ଷିତ ପୋଥିପତ୍ର ଦେଖି ସେମାନଙ୍କର ବର୍ତ୍ତମାନ ଠିକଣା ସଂଗ୍ରହ କରିଛୁ । ବୃଦ୍ଧ ୩୬ଟି ବିବାହ କରିଥିଲେ ମଧ୍ୟ ତାଙ୍କର ଏହି ଅବସ୍ଥାରେ ତାଙ୍କ ସେବା ନିମନ୍ତେ କେହି ଜଣେ ହେଲେ ସେଠାରେ ନାହାନ୍ତି । ଯେଉଁମାନେ ଥିଲେ ବହୁଦିନ ପୂର୍ବେ ସେମାନେ ଗତ ହୋଇଛନ୍ତି । ସେ୍ାଙ୍କର ସହଧର୍ମିଣୀମାନଙ୍କ ମଧ୍ୟରେ ମାତ୍ର ଜଣେ ବର୍ତ୍ତମାନ କଲିକତା ସହରରେ ୧୬ ନମ୍ବର ସାନକି ଭଙ୍ଗା ଗଳିରେ ତାଙ୍କର ନିଜ ପିତୃଗୃହରେ ବାସ କରୁଛନ୍ତି । ତାଙ୍କର ଏହି ବିବାହିତ ସ୍ତ୍ରୀଙ୍କର ମାତ୍ର ଗୋଟିଏ ପୁତ୍ର ବର୍ତ୍ତମାନ । ପୋଥିର ହିସାବ ଅନୁସାରେ ତାଙ୍କର ବୟସ ବର୍ତ୍ତମାନ ଶ୍ଚାଳିଶ ବର୍ଷ ହେବ ।

ଉପରୋକ୍ତ ପ୍ରତିବେଦନ ପଠାନ୍ତେ ମୁଁ ଯଥା ଶୀଘ୍ର ଉକ୍ତ ୧୬ ନମ୍ବର ସାନକି ଭଙ୍ଗା ଗଳିରେ ଉପସ୍ଥିତ ହେଲି । ଏଠାରେ ଉକ୍ତ

Digitized by srujanika@gmail.com

ବୃଦ୍ଧ ବ୍ରାହ୍ମଣଙ୍କ ୨୪ ନମ୍ବର ଦ୍ୱୀ ସାରଦାମସ୍ତୀ ଓ ତାଙ୍କର ପୁତ୍ର ଶ୍ରୀ ପ୍ରକାଶଚନ୍ଦ୍ର ଗାଙ୍ଗୁଲୀଙ୍କର ବସବାସ । ପ୍ରକାଶ ଗାଙ୍ଗୁଲୀଙ୍କୁ ସେଠାରେ ଅନୁପସ୍ଥିତ ଥିବାର ଦେଖିଲି । ଘରର ଭୃତ୍ୟମାନଙ୍କ ନିକଟରୁ ଜାଣି ପାରିଲି ଯେ, ସେ ଗତ ଜୁନ ପନ୍ଦ୍ରରୁ ଘରୁ ବାହାରି ଯାଇଛନ୍ତି ଏ ପର୍ଯ୍ୟନ୍ତ ଘରକୁ ଫେରି ନାହାନ୍ତି । ସେ ଏପର୍ଯ୍ୟନ୍ତ କୌଣସି ସମ୍ବାଦ ମଧ୍ୟ ଘରକୁ ପଠାଇ ନାହାନ୍ତି । ଭୃତ୍ୟମାନଙ୍କ ନିକଟରୁ ଏକଥା ମଧ୍ୟ ଜାଣି ପାରିଲି ଯେ, ତାଙ୍କର ଜଣେ ଅନ୍ତରଙ୍ଗ ପୁତ୍ର ଶ୍ରୀ ସୁଧୀନ ଦତ୍ତ ସେଦିନ ସକାଳେ ତାଙ୍କୁ ଡାକି ନେଇ ଯାଇଛନ୍ତି ।

ମୁଁ ସେମାନଙ୍କର ଦୁଇଜଣ ପ୍ରତିବେଶୀଙ୍କୁ ସାକ୍ଷୀ ରୂପେ ଡାକି ଆଣି ସେମାନଙ୍କ ସମ୍ମୁଖରେ ଉକ୍ତ ପ୍ରକାଶ ଚନ୍ଦ୍ର ଗାଙ୍ଗୁଲୀ ଓ ତାଙ୍କ ମାତାଙ୍କର ବାସ କକ୍ଷଗୁଡ଼ିକ ପୁଙ୍ଖାନୁପୁଙ୍ଖ ରୂପେ ଖାନତଲ୍ଲାସୀ କରି ନିମ୍ନୋକ୍ତ ଦ୍ରବ୍ୟଗୁଡ଼ିକ ପାଇଛୁ ।

(୧) ହ୍ୱାଇଟ୍ ନାଇଟ୍ ବ୍ରାଣ୍ଡର ଗୋଟିଏ ବାକ୍ସ ସିଗାରେଟ୍ ଓ ଗୋଟିଏ ଚକ୍ମକ ଦିଆସିଲି ଏବଂ ଆଉ ଗୋଟିଏ ବଲ୍ଡ ଦିଆସିଲି ବାକ୍ସ । ଏହି ନୂତନ ବଲ୍ଡ ଦିଆସିଲିର କାଠି ଦୁଇଟି ଆମେ ଘଟଣାସ୍ଥଳରେ ସେହି ବଗିଚା ମଧ୍ୟରୁ ପାଇଥିଲୁ । ତେଣୁ ଏହି ସିଗାରେଟ୍ ବାକ୍ସ ଏବଂ ଦିଆସିଲି ବାକ୍ସଟିକୁ ମୁଁ ସଯତ୍ନରେ ଗ୍ରହଣ କଲି ।

(୨) ଏଠାରେ ପ୍ରକାଶ ଗାଙ୍ଗୁଲୀଙ୍କୁ ଲିଖିତ ଗୋଟାଏ ମୂଲ୍ୟବାନ ପତ୍ର ପାଇଛୁ । ଏ ପତ୍ରର ପ୍ରେରକ ବାବୁ ମହାବୀର ସରୋଗୀ C/o. ରୂପଚାନ୍ଦ ସରୋଗୀ, ଦକ୍ଷିଣ ସଓଦାଗର ଷ୍ଟ୍ରୀଟ୍, କଲିକତା । ଅସୁବିଧା ଏତିକି ଯେ ଏ ପତ୍ରଟିରେ କୌଣସି ତାରିଖ ଦିଆଯାଇ ନାହିଁ । ଏ ପତ୍ରଟି ନିଜ ହେପାଜତରେ ଗ୍ରହଣ କଲି । ତା'ର ସାରାଂଶ ନିମ୍ନରେ ଦେଲି :

"ଭାଇ, ମୁଁ ବଙ୍ଗଳା ଭାଷା ନ ଜାଣିଥିବାରୁ ଜଣେ ବଙ୍ଗାଳୀ ସରକାରଦ୍ୱାରା ଏ ଚିଠି ଖଣ୍ଡିକ ଲେଖୁଛି । ଠିକ୍ ତା' ପର ଜଣକୁ

Digitized by srujanika@gmail.com

ମୋତେ ଆଣି ନ ଦେଲେ ମୁଁ ଆଉ ବଞ୍ଚିବି ନାହିଁ । ପ୍ରାଣ ମୋର ବଡ଼ ବ୍ୟଗ୍ର ହୋଇ ଉଠିଛି । ଯଦି ନ ମିଳେ ତା'ହେଲେ ଏଥିପାଇଁ ମୁଁ ତୁମକୁ ଦାୟୀ କରିବି । ଏସବୁ ଘଟଣା ବାପା ଯେପରି ନ ଜାଣନ୍ତି । ତାଙ୍କର କେବଳ ଲାଭ ଦରକାର । ମୁଁ କିନ୍ତୁ ଜୀବନଟାକୁ ଉପଭୋଗ କରିବାକୁ ଚାହେଁ । ବର୍ତ୍ତମାନ ତୁ ଆଉ ସୁଧୀନ୍ ମୋର ସାହା ଭରସା । ଦଳ କାମରେ ବାପା ଖୁବ୍ ଖୁସି । ଏଥିରେ ଲକ୍ଷେ ଟଙ୍କା ଖରଚ କରିବାକୁ ସେ ରାଜି ଅଛନ୍ତି ।"

ଏଇ ଚିଠିଟି ମହାବୀର ସମ୍ଭୋଗୀର, ହେଲେ ବୁଝିବାକୁ ପଡ଼ିବ ଯେ ତା'ର ସ୍ୱଭାବ ଏବଂ ଚରିତ୍ର ଅତ୍ୟନ୍ତ ଭୟଙ୍କର । ତା'ର ବାପା ଚାହାନ୍ତି ରକ୍ତ ଓ ଅର୍ଥ ; ଆଉ ପୁଅ ଚାହେଁ ନାରୀ ଓ ସୁଖ । ଅର୍ଥାତ୍ ଜଣକ ମଧ୍ୟରେ ଶୋଣିତ-ସାଂପ୍ରତିକ ଅପରାଧ ସ୍ପୃହା ଓ ଅନ୍ୟ ଜଣକ ମଧ୍ୟରେ ଯୌନଜ-ଅପରାଧ ସ୍ପୃହା । ଏଇ ପିତାପୁତ୍ରଙ୍କୁ ଏକଦା ନ ଦେଖି ମୁଁ ଏପରି ଏକ ମତାମତ ପୋଷଣ କରୁଛି । କିନ୍ତୁ ସେମାନେ କାହାର ରକ୍ତ ଏବଂ ଅର୍ଥ କାମନା କରନ୍ତି ? ଶୀଘ୍ର ତଦନ୍ତଦ୍ୱାରା ତାହା ଅବଗତ ହେବା ଉଚିତ୍ ; ଆଶାକରେ ଏଇ ଲୋକମାନଙ୍କୁ ଯଥାଶୀଘ୍ର ଖୋଜି ବାହାର କରି ପାରିବି ।

ମୁଁ ଏଇ ମୂଲ୍ୟବାନ ଆଲମିରା ଗୁଡ଼ିକ ନିଜ ହେପାଜତରେ ଗ୍ରହଣ କରିବା ପରେ ବିକାଶବାବୁଙ୍କ ବୃଦ୍ଧାମାତାଙ୍କର ଗୋଟିଏ ବକ୍ତବ୍ୟ ଗ୍ରହଣ କରିଛି ତା'ର ପ୍ରୟୋଜନୀୟ ଅଂଶ ନିମ୍ନରେ ଦିଆଗଲା —

: ମୋ ନାଁ' ଶ୍ରୀମତୀ ଜଗତ୍ତାରିଣୀ ଦେବୀ । ମୋ ସ୍ୱାମୀଙ୍କ ନାଁ ମୁଁ ମୁହଁରେ ଧରିବାକୁ ନାହିଁ । ମୋର ପାଞ୍ଚବର୍ଷ ବୟସରେ ମୋତେ ବାପା ବିବାହ ଦେଇ ତାଙ୍କର କୂଳ ରକ୍ଷା କରିଥିଲେ । ଶ୍ରୀମାନ ବିକାଶଗାଙ୍ଗୁଲୀ ମୋ'ର ଏକମାତ୍ର ସନ୍ତାନ । ସେ ଶ୍ରୀ ରଜନୀ ଦତ୍ତ ଆଟର୍ଣ୍ଣିଙ୍କ ଶିକ୍ଷାନବିଶ ଅର୍ଟିକେଲ୍ କ୍ଲାର୍କ । ତା'ର ଦରବନ୍ଧୁଟି ହେଉ ସୁଧୀନ ଦତ୍ତ ଏଇ ଆଟର୍ଣ୍ଣିଙ୍କର ଏକମାତ୍ର ପୁତ୍ର । ଏତେଦିନଯାଏ

Digitized by srujanika@gmail.com

ମୋ ପୁଅଟି ଗୋଟିଏ ଚରିତ୍ରବାନ ପିଲା ଥିଲା । ମୋର ସର୍ବନାଶ କରି ସେ ବର୍ତ୍ତମାନ ଖ୍ରୀଷ୍ଟାନ ହୋଇ ଯିବାକୁ ଚାହେଁ । ସେ ଏଇ ଚରିତ୍ରହୀନ ବନ୍ଧୁମାନଙ୍କ ସଙ୍ଗରେ ପଡ଼ି ଅଧଃପତନକୁ ଯାଉଛି । ଶୁଣିଲି ଯେ, ସେ ଲେଖାପଢ଼ା ଜଣା ଜଣେ ବେଶ୍ୟା ଖ୍ରୀଷ୍ଟାନ ସ୍ତ୍ରୀଲୋକଙ୍କୁ ବିବାହ କରିବାକୁ ଚାହେଁ । ଏ କଥା ମଧ୍ୟ ଶୁଣିଛି ଯେ, ସେ ସ୍ତ୍ରୀଲୋକଟି ତା'ର ବର୍ତ୍ତମାନ ସ୍ୱାମୀଙ୍କୁ 'ଡାଇଭୋର୍ସ' କରି ତା'ପରେ ସେମାନେ ଧର୍ମ ବିରୋଧୀ ଏଇ କୁକର୍ମ କରିବେ । ବାବା, ଏହା ଯେ କଳିଯୁଗ । ଏ ଜୀବନ କାହିଁକି ଅଛି ଏ ଅନ୍ୟାୟ ଅବିଚାରର ସାକ୍ଷୀ ହେବା ପାଇଁ ବଞ୍ଚି ରହିଛି । ସେ ଯଦି ଉକ୍ତ ସ୍ତ୍ରୀଲୋକକୁ ବିବାହ କରି ଘରକୁ ଆଣେ, ମୁଁ ନିରାଶ୍ରୟ ହେବି । ଏଇ ଦୁଃଖର କଥା କା ପାଖରେ କହିବି ।

ମୁଁ ଧୀର ସ୍ଥିର ଚିତ୍ତରେ ଉକ୍ତ ବୃଦ୍ଧଙ୍କର ବକ୍ତୃତାଟି ଲିପିବଦ୍ଧ କରିଦେଲି । ଏକ ଅପରିହାର୍ଯ୍ୟ ବେଦନାତୁର ମାତାର ମର୍ମଫଟା କାନ୍ଦଣାରେ ଦୁଃଖ ହେବା ସ୍ୱାଭାବିକ । ମାତ୍ର ସେ ଦୁଃଖର କାହାଣୀ ଶୁଣିବା ପାଇଁ ଆମର ସମୟ କାହିଁ ? ଏହାପରେ ତାଙ୍କୁ ମୁଁ କେତୋଟି ପ୍ରଶ୍ନ କରିଥିଲି । ଉକ୍ତ ପ୍ରଶ୍ନୋତ୍ତର ଗୁଡ଼ିକ ତଳେ ଦିଆଗଲା ।

: ଅଚ୍ଛା, ଆପଣଙ୍କ ପୁଅ ତ ଜଣେ କୁଳୀନ ବ୍ରାହ୍ମଣ ସନ୍ତାନ । ସେ ଏପରି ଖ୍ରୀଷ୍ଟାନ ହୋଇଯିବାକୁ ଚାହେଁ କାହିଁକି ? ଏହା ଭିତରେ କ'ଣ କିଛି ରହସ୍ୟ ଅଛି ?

: ବାପା, ଆମେ ଦୁଇଜଣଯାକ ମୋ ବାଇଙ୍କ ସଂସାରରେ ମଣିଷ । ସ୍ୱାମୀଙ୍କ ସ୍ନେହରୁ ବଞ୍ଚିତା ନାରୀ କେବେ ହେଲେ ସୌଭାଗ୍ୟବତୀ ହୋଇପାରେନା । ମୋ ସାଇମାନେ ତାକୁ ମଣିଷ କରିବା ପାଇଁ ବହୁତ ଅର୍ଥ ବ୍ୟୟ କରିଛନ୍ତି । ତଥାପି ମୋର ବିଡ଼ମ୍ବିତ ଅଦୃଷ୍ଟ ଏପରି ପରିହୃଲା । ବି. ଏ. ପାସ୍ କରି ସାରିବା ପରେ ସେ ଜଣେ

ଅ।ଚଣ୍ଡିଙ୍କ ଅଫିସରେ ଶିକ୍ଷାନବୀଶ ହିସାବରେ ଯୋଗଦାନ କରେ ? ସେଇ ଆଟର୍ଣ୍ଣିର ପୁତ୍ର ସୁଧୀନ ଦତ୍ତ ତାକୁ ଏଇ ନରକ ମଧ୍ୟକୁ ଠେଲି ଦେଇଛନ୍ତି । ଏ କେତେଦିନ ହେଲା ଗୁଣ୍ଡା ଭଳି କେତେଟା ଲୋକ ତାକୁ ପ୍ରାୟ ଡାକିବାକୁ ଆସୁଥିଲେ ; ଉପରୁ ତା'ର ଓହ୍ଲାଇବାକୁ ଡେରି ହେଲେ ସେମାନେ କେତେ ରାଗ କରୁଥିଲେ ! ଇଚ୍ଛା ନ ଥିଲେ ବି ଡରରେ ସେ ଓହ୍ଲାଇ ଯାଉଥିଲା । ସେମାନଙ୍କ କବଳରୁ ଆତ୍ମରକ୍ଷା ନିମନ୍ତେ ଲୁଚି ଯିବା ପାଇଁ ତା'ର ନିଜର ହେଲେ କ୍ଷମତା ନ ଥିଲା । ମୁଁ ଏହା ଦେଖି ବୁଝିପାରି ଥିଲି ଯେ, ତା'ର ଅପଘାତ ମୃତ୍ୟୁ ସୁନିଶ୍ଚିତ ।

: ଆପଣଙ୍କ ପୁତ୍ରର ଜୀବନହାନିର ସମ୍ଭାବନା ଆପଣଙ୍କ ମନରେ କାହିଁକି ଅସେ ? ଆଜିକାଲି ପିଲା କେହି କେହି ଏପରି ଅବାଧ୍ୟ ହୋଇଥାନ୍ତି । ନ କହି କୁଆଡ଼େ ଗଲେ ପୁଣି ଠିକ୍ ସମୟରେ ଫେରି ଆସିବେ ।

: ବାବା, ପୁଣ୍ୟ ସଂସାରରେ ପାପ ପଶିଲେ ସର୍ବନାଶ ହୁଏ । ସେହି ତୁଳନାରେ ପାପ ସଂସାର ମଧ୍ୟରେ ପାପ ଷଡ଼ କରି ପାରେନା । ତା'ର ଆଜିକାଲିକାର ସାଙ୍ଗ ସାଥୀମାନଙ୍କୁ ଦେଖି ମୋ ମନ ଆତଙ୍କିତ ହୋଇ ଉଠିଛି । କୌଣସି କୌଣସି ଦିନ ସେ ସେମାନଙ୍କ ସହିତ ବାହାରିଯିବାକୁ ଚାହିଁ ନାହିଁ । ମାତ୍ର ସେମାନେ ତାକୁ ଧମକ ଦେଇ ନେଇ ଯାଇଛନ୍ତି । ମୋ ଘରେ ଆସି ତାକୁ ଧମକାଇବା ପାଇଁ ସେମାନେ କିପରି ସାହସୀ ହୁଅନ୍ତି ? ତେଣୁ ମୁଁ ବୁଝି ପାରିଥିଲି ଯେ, ଗୋଟା ଦୁର୍ଘଟଣା ଶୀଘ୍ର ଘଟିବ ।

: ଅଚ୍ଛା, ଆପଣଙ୍କ ପୁତ୍ର ସହିତ ଯେଉଁ ଲୋକମାନେ ଆଜିକାଲି ଦେଖା କରିବାକୁ ଆସୁଥିଲେ, ସେମାନଙ୍କ ଚେହେରା ଆପଣଙ୍କ ମନରେ ଅଛି କି ? ଏ ବିଷୟରେ ଟିକିଏ ମନେକରି କହିଲେ, ଆପଣଙ୍କ ପୁଅକୁ ଖୋଜି ବାହାର କରିବାକୁ ଚେଷ୍ଟା କରିବ ।

Digitized by srujanika@gmail.com

: ବାପା, ତାକୁ କେଉଁପ୍ରକାର ଲୋକ ଯେ ତାଙ୍କୁ ପାଙ୍କୁ ଆସୁଥିଲେ ଏବୁ କହିବା ସମ୍ଭବପର ନୁହେଁ । ତେବେ ହେମନ୍ତଙ୍କୁ ଦେଖିଲେ ମନେହୁଏ ଯେପରି ଗୁଡ଼ାଏ ରହସ୍ୟ । କଣ ଜଣଙ୍କର ମୁହଁ ଚୀନଙ୍କ ଭଳି । ଜଣେ ସହଯୋଗୀ ବୋଲି ମାଳୁଅଛି ପିଲା ବ କେଇଥର ତାଙ୍କୁ ଡାକିବାକୁ ଆସିଛୁ । ମୋ ଭାଇମାନେ କେତେଦିନ ହେଲା କଲିକତା ବାହାରକୁ ବୁଲିବା ପାଇଁ ଯାଇ ଥିବାରୁ ଏଇ ସୁଯୋଗରେ ଏମାନଙ୍କ ଆସିବାଟା ଯେପରି ଟିକିଏ ବଢ଼ି ଯାଇଛି । ଏପରିକି ରାତି ଦ୍ୱି ପ୍ରହରରେ ସେମାନେ ତାକୁ ଡାକି ନେଇ ଯାଉଥିଲେ । ଏକମାତ୍ର ସନ୍ତାନ ଦୃଷ୍ଟିରୁ ତା' ଉପରେ ମୋର ସ୍ନେହ ଟିକିଏ ବେଶୀ ହେବା ଅସ୍ୱାଭାବିକ ନୁହେଁ । ମୋ ଚଉଦ ବର୍ଷ ବୟସରେ ତାର ଜନ୍ମ । ସେ କେତେ ଟିକିଏ ବା ମୋଠାରୁ ଶ୍ରେଷ୍ଠ । ବହୁତ ଚେଷ୍ଟା କରି ମୁଁ ତା'ର ଚରିତ୍ରକୁ ସଂଶୋଧନ କରି ପାରିଲି ନାହିଁ । ମିଶନାରୀ ସାହେବମାନେ ବିନା ପଇସାରେ ଲେଖାପଢ଼ା ଶିଖାନ୍ତି । ସେଥିପାଇଁ ତାକୁ ସେଇ ଅଲକ୍ଷଣା ସ୍କୁଲକୁ ପଠାଇବାକୁ ବାଧ୍ୟ ହୋଇଥିଲି । ସେମାନଙ୍କ ସହିତ ମିଶି ସେ ଯେ ଅଧଃପତନକୁ ଯିବ ଏ କଥା କିଏ ଜାଣିଥିଲା ? ଶୁଣିଛି ପ୍ରତି ଥର ସେ ପ୍ରଥମ ହୋଇ କ୍ଲାସରେ ଉତ୍ତୀର୍ଣ୍ଣ ହେଉଥିଲା । ଥରେ ସେ କଲେଜରେ ଡବଲ ପ୍ରମୋଶନ ମଧ୍ୟ ପାଇଛି ।

: ଆଚ୍ଛା ମା', ଆପଣ କଲିକତାର ପ୍ରସିଦ୍ଧ ଲୌହ ବ୍ୟବସାୟୀ ଶ୍ରୀ ଦୁର୍ଜ୍ଜୟ ଗାଙ୍ଗୁଲୀଙ୍କ ନାଁ ଶୁଣିଛନ୍ତି ? ତାଙ୍କ ସମ୍ବନ୍ଧରେ କିଛି ଜାଣିଥିଲେ ମୋତେ କୁହନ୍ତୁ ।

: ଆଗରୁ ତାଙ୍କ ବିଷୟରେ ମୁଁ କିଛି ଜାଣି ନ ଥିଲି । ଏ କେଇଦିନ ହେଲା ମୋ ପୁଅ ତାଙ୍କ ବିଷୟରେ ମଝିରେ ମଝିରେ କହୁଥିବାର ମୁଁ ଶୁଣିଛି । କୁଳୀନ ଘରର ସପତ୍ନୀ ସଂଖ୍ୟା କ'ଣ କେବେ ଜଣାଯାଇ ପାରେ ? ଶୁଣିଛି ସେ ବିବାହ କରିଥିଲେ ମଧ୍ୟ କପାଳ

Digitized by srujanika@gmail.com

ବେଶରେ ତାଙ୍କର ସ୍ତ୍ରୀ ଗୃହତ୍ୟାଗୀ । ଆଇନାନୁସାରେ ତାଙ୍କର ସମ୍ପତ୍ତି ମୋର ଏଇ ପୁଅହିଁ ପାଇବ । ତେଣୁ ସେ ତାଙ୍କର ଖବର ରଖୁଥିଲା । ସେ ମନ୍ଦିରରେ ମଞ୍ଚରେ ମୋତେ ପଚାରୁ ଥିଲା ଯେ, ମୋର ଆଉ ସହରୁଣୀମାନେ କେଉଁଠି କେଉଁଠି ଅଛନ୍ତି । ଯେତେ ଠିକଏ ଜାଣିଛି, ତାକୁ ମୁଁ କହୁଛି । କେହି ଅପୁତ୍ରିକ ରହିଲେ ସହରୁଣୀର ପୁଅ ତାକୁ ସମ୍ପତ୍ତିର ଉତ୍ତରାଧିକାରୀ ହେବ କି ନା ସେଇଥିପାଇଁ ଏ ଖବର ରଖିବାକୁ ଚାହେଁ । ପିତା, ପିତାମହ ଏବଂ ପୁତ୍ର ପୌତ୍ରର ସମ୍ବନ୍ଧ ଶୁଣାଇଲେ ବା ଶୁଣିଲେ ପୁଣ୍ୟ ହୁଏ ।

ଏଠାରେ ତଦନ୍ତ କରି ଉପରୋକ୍ତ ତଥ୍ୟ ସମୂହର ଅତିରିକ୍ତ କୌଣସି ତଥ୍ୟ ସଂଗ୍ରହ କରାଯାଇ ପାରି ନାହିଁ । ମୁଁ ୧୦ରେ ଅକ୍ଟୋବର ନ କରି ଆଟର୍ଣ୍ଣି ଦତ୍ତ ଏଣ୍ଡ କୋଂର (ହ୍ୟାରି ଷ୍ଟ୍ରିଟସ୍ଥ ଅଫିସରେ ତଦନ୍ତ ଉଦ୍ଦେଶ୍ୟରେ ପହଞ୍ଚିଲି । ଏହି ଅଫିସଟି ବର୍ତ୍ତମାନ ମାଲିକଙ୍କ ପିତା ରାଜେନ ଦତ୍ତ ଏହାର ପ୍ରତିଷ୍ଠା କରିଥିଲେ ଏବଂ ତାଙ୍କର ପୁତ୍ର ବାବୁ ରଜନୀ ଦତ୍ତ ବର୍ତ୍ତମାନ ଏହାର ମାଲିକ । ମୁଁ ଶ୍ରୀଯୁକ୍ତ ରଜନୀ ଦତ୍ତଙ୍କୁ ଏଇ ମାମଲା ସମ୍ବନ୍ଧରେ ପଚରା ଉଚରା କରିଛି । ପ୍ରଥମେ ଗୋପନ ତଥ୍ୟ କାରଣରୁ ସେ କୌଣସି ବକ୍ତବ୍ୟ ଦେବାକୁ ସ୍ୱୀକାର କରି ନ ଥିଲେ । କିନ୍ତୁ ପରେ ବହୁତ ପୀଡ଼ାପୀଡ଼ି କରିବା ପରେ ସେ ଗୋଟାଏ ବକ୍ତବ୍ୟ ଦେଇଥିଲେ । ତା'ର ପ୍ରୟୋଜନୀୟ ଅଂଶ ଏଠାରେ ଦିଆଗଲା ।

: ମୁଁ ଶ୍ରୀମାନ ବିକାଶ ଗାଙ୍ଗୁଲୀଙ୍କୁ ଚିହ୍ନେ । ସେ ମୋର ଏଇ ଅଫିସରେ 'ଆର୍ଟିକେଲ କ୍ଲାର୍କ ।' ଠିକଏ ପ୍ରତିଷ୍ଠାନ ଭଦ୍ରାପନ୍ନ ହେଲେ ବି ଶ୍ରୀମାନ ଗାଙ୍ଗୁଲୀ ଜଣେ ବିଚକ୍ଷଣ ଯୁବକ । ସେ ମୋ ପୁତ୍ର ଶ୍ରୀମାନ ସୁଧୀନ ଦତ୍ତର ଅନ୍ତରଙ୍ଗ ବନ୍ଧୁ । ଦୁହିଁଙ୍କର ସଙ୍ଗେ ଯେପରି ସହୋଦରର ଭାଇ । ମୋ ପୁଅଟି ଆଜିକାଲି ଠିକଏ କୁପଥଗାମୀ ହୋଇଥିଲା ସତ, ଦୁଷ୍ଟ ଶ୍ରୀମାନ ବିକାଶର ଚେଷ୍ଟାରେ ସେ ସୁପଥକୁ

Digitized by srujanika@gmail.com

ଫେରି ଆସିଛ । ସେମାନେ କେଇଦିନ ପୂର୍ବେ ସେମାନଙ୍କ ବିଦେଶ ଭ୍ରମଣ କଥା ମୋତେ ଜଣାଇ ଥିଲେ । ମାତ୍ର ମୁଁ ମୋର 'କ୍ଲାଏଣ୍ଟ'ଙ୍କ କାମରେ ଗଙ୍ଗାପଥରେ ପାଟଣା ଚାଲି ଯାଇଥିଲି । ନୌପଥରେ ମୋର ଯାତାୟାତ ଅତିବାହିତ ହୋଇଥିଲା । କିନ୍ତୁ ଆଶ୍ଚର୍ଯ୍ୟର କଥା ମୁଁ ଫେରି ଦେଖିଲି ସେମାନେ ମୋର ଅନୁପସ୍ଥିତିରେ ଗତ ପନ୍ଦର ଦିନଠାରୁ କୁଆଡ଼େ ଚାଲି ଯାଇଛନ୍ତି । ମୁଁ ଏଥିପାଇଁ ଉଦ୍‌ବିଗ୍ନ । ମୋ ପୁଅର ଆଜକାଲି ଟିକିଏ ବଦ୍‌ଖିଆଲି ମୁଁ ଲକ୍ଷ୍ୟ କରିଥିବା କଥା ଆଗରୁ କହୁଛି, ମାତ୍ର ଶ୍ରୀମାନ ବିକାଶ ସମ୍ପର୍କରେ ଏ ପ୍ରକାର ଆଚରଣ ଅତ୍ୟାଶ୍ଚର୍ଯ୍ୟ ଓ ଅସମ୍ଭବ । ମୋର ମନେହୁଏ ପରୋକ୍ଷ ଭି ଦୃଷ୍ଟିରୁ ସୁଧୀରର ମଙ୍ଗଳ ଉଦ୍ଦେଶ୍ୟରେ ସେ ବୋଧହୁଏ ତା'ର ଅନୁଗମନ କରିବାକୁ ବାଧ୍ୟ ହୋଇଛି । କିମ୍ବା ଏ ଦୁଇଜଣଯାକ କୌଣସି ବଦ୍‌ଲୋକର ଚକ୍ରାନ୍ତ ମଧ୍ୟରେ ପଡ଼ି ଯାଇଛନ୍ତି । ମୁଁ ଏମାନଙ୍କ ଅନ୍ତର୍ଦ୍ଧାନ ସମ୍ବନ୍ଧରେ ପୋଲିସ ହେଡ୍‌କ୍ୱାର୍ଟରକୁ ଜଣାଇଛି । ଅନୁପସ୍ଥିତିରେ ଏମାନେ ବିଦେଶ ଭ୍ରମଣ ନିମନ୍ତେ ବାହାରି କେଉଁଠି ଏପରି ହୋଇପାରେ ଯେ, ମୋର ଅଟକି ଯାଇଛନ୍ତି । ତେଣୁ ମୋ ଫେରିବା ପୂର୍ବରୁ ସେମାନେ ଫେରି ପାରି ନାହାନ୍ତି ।

: ଅଚ୍ଛା, ଆପଣଙ୍କ ହାତରେ ଶ୍ରୀ ଦୁର୍ଜ୍ଜୟ ଗାଙ୍ଗୁଲି ନାମକ ଜଣେ ଲୌହ ବ୍ୟବସାୟୀଙ୍କ କୌଣସି ମାମଲା ଅଛି କି ? ତାଙ୍କ ମାମଲାଟି ଖୁବ୍ ଯୋରଦାର ନା ଦୁର୍ବଳ ? ଏଗୁଡ଼ିକ ଏକ ଖୁନ୍ ସମ୍ପର୍କରେ ଆମର ଜାଣିବା ଦରକାର । ଆଶାକରେ ଆପଣ ଏତଦ୍ ସମ୍ପର୍କିତ ପ୍ରତି ପ୍ରଶ୍ନର ଉତ୍ତର ଦାନରେ ବାଧିତ କରିବେ ।

: ଖୁନ୍ ! ଏ ଆପଣ କି ନିଦାରୁଣ ଦୁଃସମ୍ବାଦ ଶୁଣାଇଲେ ? କିଏ, କାହାକୁ ଖୁନ୍ କଲା ? ମୋ ପୁଅର କୌଣସି ଅମଙ୍ଗଳ ଘଟି ନାହିଁ ତ ? ଆପଣଙ୍କୁ ଅନୁରୋଧ ଯେତେଶୀଘ୍ର ପାରନ୍ତି ସେମାନଙ୍କ ଖବର ଖବର ମୋତେ ଟିକିଏ ଜଣାନ୍ତୁ । ମୁଁ ଏ ବୟସରେ ଆଜ

Digitized by srujanika@gmail.com

ଧୈର୍ଯ୍ୟ ଧରି ପାରୁନାହିଁ । ସେମାନଙ୍କ ଅନୁପସ୍ଥିତି ମୋତେ ବ୍ୟାକୁଳ କରି ପକାଇଛି ।

: ଆମେ ଆମ ନିଜ ସ୍ୱାର୍ଥରେ ଏହି ମାମଲାଟିର ତଦାରଖ କରିବା ପାଇଁ ସେମାନଙ୍କୁ ଖୋଜି ବାହାର କରିବୁ । ଆପଣଙ୍କ ପୁଅଙ୍କୁ ଜୀବିତାବସ୍ଥାରେ ଦେଖିଲେ ଆମେ ଖୁସି ହେବୁ । ବର୍ତ୍ତମାନ ଆଜେବାଜେ ଚିନ୍ତା ନ କରି ମୋର ପୂର୍ବୋକ୍ତ ପ୍ରଶ୍ନର ଉତ୍ତର ଦୟାକରି ଦେଲେ ଉପକୃତ ହେବି ।

: ଆଜ୍ଞା ବଡ଼ବଜାରର ଲକ୍ଷପତି ବ୍ୟବସାୟୀ ରୂପଚାନ୍ଦ ସରୋଗୀର ନାମ ଶୁଣିଛନ୍ତି ? ମୋର 'କ୍ଲାୟେଣ୍ଟ' ଶ୍ରୀ ଦୁର୍ଗାଦାସ ଗାଙ୍ଗୁଲୀ ଅନେକ ଦିନ ଆଗରୁ ତାଙ୍କର ସ୍ୱର୍ଗତ ପିତାଙ୍କର ପୁରୁଣା ଷ୍ଟୋର ଦୋକାନଟିରେ ଚାକିରି କରୁଥିଲେ । ମୋର 'କ୍ଲାୟେଣ୍ଟ'ଙ୍କର ସତତାରେ ଓ ପରିଶ୍ରମରେ ଏହି ବ୍ୟବସାୟଟିର ଯଥେଷ୍ଟ ଉନ୍ନତି ଘଟେ । ମୋର 'କ୍ଲାୟେଣ୍ଟ' ଇଂରାଜୀ ଭଲ ରୂପେ ଶିକ୍ଷା କରିଛନ୍ତି । ତେଣୁ ଇଂରେଜ ବଣିକମାନଙ୍କ କଥା ସେ ଭଲ ଭାବରେ ବୁଝୁଥିଲେ । ମୋ 'କ୍ଲାୟେଣ୍ଟ'ଙ୍କର ବ୍ୟବସାୟ ଜନିତ କୌଶଳରେ ଇଂରାଜୀ ବଣିକ-ମାନେ ସନ୍ତୁଷ୍ଟ ହୋଇଥିଲେ ଏବଂ ଫଳରେ ରୂପଚାନ୍ଦ ସରୋଗୀଙ୍କ ସ୍ୱର୍ଗତ ପିତା ଆକରିକ ଲୌହ ରପ୍ତାନି କରି ପ୍ରଚୁର ଅର୍ଥ ରୋଜଗାର କରିଥିଲେ । ସେ ଦଲାଲୀ ବାବଦ ପ୍ରଚୁର ଅର୍ଥ ମୋ 'କ୍ଲାୟେଣ୍ଟଙ୍କୁ' ଦେଇଥିଲେ । ଉକ୍ତ ଅର୍ଥ ଯୌଥ ଭାବରେ ସେମାନଙ୍କ ବ୍ୟବସାୟରେ ଖଟା ଯାଇଥିଲା । ତେଣୁ ମୃତ୍ୟୁ ପୂର୍ବରୁ ସ୍ୱର୍ଗତ ଶେଠଜୀ ଦୁର୍ଗାଦାସ ବାବୁଙ୍କୁ ଏହି ଅର୍ଥ ବିନିମୟରେ ତାଙ୍କର ପୁରୁଣା ଦୋକାନଟି ଦାନ କରନ୍ତି । 'ଇମ୍ପ୍ରୁଭମେଣ୍ଟ ଟ୍ରଷ୍ଟ'ର ଦୌଲତରେ ଗଳିପଥ ମଧ୍ୟରୁ ଏହି ଦୋକାନଟି ବଡ଼ ରାସ୍ତା ଉପରକୁ ଚାଲିଆସେ । ଏହା ଫଳରେ ଦୁର୍ଗାଦାସ ବାବୁଙ୍କ ବ୍ୟବସାୟଟି ଖୁବ୍ ଦ୍ରୁତ ଗତିରେ ଉନ୍ନତି କରୁଥାଏ । ପୂର୍ବରୁ ଇଂରାଜୀ ବଣିକମାନଙ୍କ ସହିତ ସମ୍ପର୍କ

Digitized by srujanika@gmail.com

ବ୍ୟବସାୟୀଟିକୁ ପ୍ରଭୂତ ସାହାଯ୍ୟ କରିଥିଲା । ଏଥିରେ ଶେଠଙ୍କ ପୁଅ ରୂପଚାନ୍ଦ ସରାଓଗୀ ତାଙ୍କ ବ୍ୟବସାୟର ଏଇ ବଙ୍ଗାଳୀ ପ୍ରତି-ଦ୍ୱନ୍ଦ୍ୱୀଙ୍କୁ କଳେ-ବଳେ କୌଶଳେ ଦୂର କରିବାକୁ ଉଦ୍ୟୋଗୀ । ତାଙ୍କ ମତରେ ଏଇ ପୁରୁଣା ଦୋକାନଟି ଥିଲା ସେମାନଙ୍କର ଲକ୍ଷ୍ମୀ । ତେଣୁ ସେ ସେଇଟା ଦୁର୍ଲଭ ବାବୁଙ୍କ ନିକଟରୁ ଫେରସ୍ତ ଚାହିଁଲେ । କିନ୍ତୁ ଦୁର୍ଲଭ ବାବୁ ତାଙ୍କୁ କୋଟିଏ ଟଙ୍କା ବଦଳରେ ବି ଫେରସ୍ତ ଦେବାକୁ ନାରାଜ । ଶ୍ରୀ ରମେନ୍ଦ୍ର ସରକାର ନାମକ ଜଣେ ବ୍ୟକ୍ତି ଦୁର୍ଲଭ ବାବୁଙ୍କର ପୂର୍ବେ ମ୍ୟାନେଜର ଥିଲେ । ରାସ୍ତା ଉପରୁ ଅନାଥ [illegible] ରମେନ୍ଦ୍ର ବାବୁଙ୍କୁ ଦିନେ ସାଉଁଟି ଆଣି ସେ ତାଙ୍କୁ ଚାକିରି ଦେଇଥିଲେ । ରୂପଚାନ୍ଦ ବାବୁ ଉତ୍କୋଚ ଦ୍ୱାରା ରମେନ୍ଦ୍ର ବାବୁଙ୍କୁ ବଶୀଭୂତ କରି ତାଙ୍କ ମାରଫତରେ କେତେକ ମୂଲ୍ୟବାନ ଦଲିଲ ହସ୍ତଗତ କରନ୍ତି । ସେଇ ଦଲିଲଗୁଡ଼ିକ ହସ୍ତଗତ କରି ସେ ଦୁର୍ଲଭ ବାବୁଙ୍କ ବିରୁଦ୍ଧରେ ହାଇକୋର୍ଟରେ ମାମଲା ଦାୟେର କରି ଦେଲେ । ମୁଁ ଆଜ୍ଞା, କମ୍ ପଢ଼ୁଆ ଆଟର୍ଣ୍ଣି ନୁହେଁ । ଏହି ଧପ୍‌ପାବାଜକୁ ବୁଝି ଲଢ଼େଇରେ ମୁଁ 'ଚ୍ୟାଲେଞ୍ଜ' କରୁଛି ଅବଶ୍ୟ ଏ ମାମଲା ଏତେ ସହଜରେ ମେଣ୍ଟିବ ବୋଲି ମନେ ହୁଏନାହିଁ ।

: ଅଚ୍ଛା, ଏଇ ରମେନ୍ଦ୍ର ସରକାର ରୂପଚାନ୍ଦ ସରାଓଗୀ ସହିତ କିପରି ସଂଯୋଗ ସ୍ଥାପନ କରି ପାରିଲେ, ସେ ସମ୍ବନ୍ଧରେ ଆପଣ କିଛି ଖବର ନେଇଥିଲେ ଜଣାଇବେ କି ?

: ହଁ, ମୁଁ ଏ ଖବର ସବୁ ଅତି ଗୋପନରେ ସଂଗ୍ରହ କରିଛି । ଆଟର୍ଣ୍ଣିମାନେ ବି 'କ୍ଲାଏଣ୍ଟ' ମାନଙ୍କ ସ୍ୱାର୍ଥ ପାଇଁ ଗୁଇନ୍ଦାଗିରି କରନ୍ତି । ମୋ ଖବର ମୁତାବକ ଦୁର୍ଲଭ ବାବୁ ତାଙ୍କୁ ବିତାଡ଼ିତ କରନ୍ତି । ରମେନ୍ଦ୍ର ସରକାର ବାଲ୍ୟକାଳରେ ଦିଲ୍ଲୀ ସହରରେ ମଣିଷ ହୁଏ । ସେଠାରେ ସେ ରୂପଚାନ୍ଦ ସରାଓଗୀର ପୁଅ ମହାବୀର ସହିତ ଏକା ହିନ୍ଦୀ ସ୍କୁଲରେ ପଢ଼ନ୍ତି । ଏମାନଙ୍କର ଦହରମହରର

Digitized by srujanika@gmail.com

ଆଳାପ ଏଥିରୁ ଆପଣ ବୁଝି ପାରୁଛନ୍ତି । ଏଇ ମହାବୀର ତା' ଲୋଭୀ ବାପାଙ୍କ ଆଦେଶରେ ବେଇମାନ ରମେନ୍ଦ୍ର ସରକାରଙ୍କୁ ନିଜ ସ୍ୱାର୍ଥରେ ଲଗାଏ । ସବୁ ପାପ ଖଣ୍ଡନ ହେଲେ ବି ଅକୃତଜ୍ଞତାର ପାପ କେବେ ଖଣ୍ଡନ ହୁଏନାହିଁ । ରମେନ୍ଦ୍ର ସରକାରଙ୍କୁ ରୂପଚାନ୍ଦ ଚୁକ୍ତିଶର୍ତ୍ତ ଅନୁଯାୟୀ ଅର୍ଥ ନ ଦେଇ ଫାଙ୍କି ଦେଲେ । ତେଣୁ ସେ ତା'ର ପୂର୍ବ ବନ୍ଧୁ ମହାବୀର ଏବଂ ତା' ପିତାଙ୍କର ପରମ ଶତ୍ରୁ । ସେ ବର୍ତ୍ତମାନ ଦୁଇକୂଳ ଛାଡ଼ି ରାସ୍ତାରେ ଘୂରି ବୁଲୁଛି ଏବଂ ସୁବିଧା-ନୁଯାରେ ଧନୀମାନଙ୍କର ଦଲାଲି କରୁଛି । ଦିନେ ସେ ରାସ୍ତାରେ ମହାବୀରକୁ ଧରିଥିଲି ମଧ୍ୟ, ମାତ୍ର ଟହଲଦାର ସିପାହୀ ଆସି ପଡ଼ିବା ମାତ୍ରେ ସେ ତାକୁ ଛାଡ଼ିଦେଇ ପଳାୟନ କଲି । ମୋର ମନେହୁଏ ସମସ୍ତଙ୍କ ପାପର ପ୍ରାୟଶ୍ଚିତ୍ତ ବୋଧହୁଏ ତାକୁ ହିଁ କରିବାକୁ ପଡ଼ିବ । ସେମାନଙ୍କ ମାମଲା ସନ୍ଧାନରେ ପ୍ରତ୍ୟେକଟି ଗୋପନ ତଥ୍ୟ ତ ମୁଁ ଆପଣଙ୍କୁ ଜଣାଇଦେଲି । ବର୍ତ୍ତମାନ ମୋ ପୁଅକୁ ଖୋଜି ବାହାର କରିବା ପାଇଁ ଟିକିଏ ଚେଷ୍ଟା କରିବେ ବୋଲି ମୋର ଅନୁରୋଧ ।

ଆଟର୍ଣ୍ଣି ବାବୁଙ୍କର ଏ ପର୍ଯ୍ୟନ୍ତ ଧାରଣା ଥିଲା ଯେ, ତାଙ୍କ ପୁଅ ଏବଂ ବିକାଶ ବାବୁ ବିଦେଶ ଭ୍ରମଣ ଉଦ୍ଦେଶ୍ୟରେ ବାହାରକୁ ଯାଇଛନ୍ତି । ମୋ ସହିତ କଥୋପକଥନ ପରେ ସେ ତାଙ୍କ ପୁତ୍ରଙ୍କ ପାଇଁ ଉଦ୍‌ବିଗ୍ନ ହୋଇ ଉଠିଲେ । ସେ ପୁତ୍ର ଚିନ୍ତାରେ ଏତେ ବ୍ୟଥିତ ଯେ, ବହୁକଥା ଜାଣିଥିଲେ ମଧ୍ୟ କୌଣସି ବିବୃତି ନଦେଇ ସେ ଗୋପନ କରିଗଲେ । ଅଥଚ ତାଙ୍କର 'କ୍ଲର୍କ' ବିକାଶ ବାବୁ ସନ୍ଧାନରେ ତାଙ୍କର ବିଶ୍ୱାସ ବର୍ତ୍ତମାନ ବି ଅଟଳ । ଏକଥା ଠିକ୍ ଯେ, ପରେ ଆଶାଭଙ୍ଗ ଜନିତ ଗୋଟାଏ ମାନସିକ ଅଶାନ୍ତିରେ ସେ ନିମଜ୍ଜିତ ହେବେ । କିନ୍ତୁ ସେତେବେଳେ ତାଙ୍କୁ ଏ ବିଷୟରେ ପଚାରିବାର ଆଉ ସୁଯୋଗ ରହିବ ନାହିଁ । ଏହି ଅପ୍ରିୟ ସତ୍ୟ ଟିକକ ତାଙ୍କୁ ବର୍ତ୍ତମାନ ଶୁଣାଇବା ପାଇଁ ମୁଁ ଇଚ୍ଛା କରି ନାହିଁ । ଆଶ୍ଚର୍ଯ୍ୟର

Digitized by srujanika@gmail.com

କଥା—ଭଦ୍ରଲୋକ ତାଙ୍କର କ୍ଲର୍କ ବିକାଶ ଗାଙ୍ଗୁଲୀ ଉପରେ ଟିକିଏ ହେଲେ ବି ଅସନ୍ତୁଷ୍ଟ ନୁହନ୍ତି । ଥରେ ହେଲେ ଏକଥା ତାଙ୍କ ମନରେ ଆସୁନାହିଁ ଯେ, ତାଙ୍କର ବିଶ୍ୱସ୍ତ 'କ୍ଲର୍କ' ଅନ୍ତତଃ ଗୋଟିଏ ଟେଲିଗ୍ରାମ ପଠାଇ ତାଙ୍କ ଅନୁପସ୍ଥିତ ଜନିତ ଦୁଶ୍ଚିନ୍ତା ଦୂର କରି ପାରିଥାନ୍ତା—ମାତ୍ର ସେଟା ସେ ନକଲା କାହିଁକି ? ସେମାନଙ୍କର ଏକମାତ୍ର ଅନ୍ତର୍ଦ୍ଧାନ ତାଙ୍କର ପିତୃ ହୃଦୟ ଟିକିଏ ହେଲେ ବିକାଶ ବାବୁଙ୍କୁ ଦାୟୀ କରୁନାହିଁ । ବରଂ ସେ ଉଭୟଙ୍କ ନିମନ୍ତେ ଚିନ୍ତିତ । ଏଇ ବିଚକ୍ଷଣ ଆର୍ଟିଷ୍ଟିଙ୍କ ଉପରେ ସତର୍କ ଲକ୍ଷ୍ୟ ରଖିବାର ବ୍ୟବସ୍ଥା ଆଜି କରିବି ।

ମୁଁ ଆର୍ଟିଷ୍ଟିଙ୍କ ସହିତ କଥାବାର୍ତ୍ତା କରି ଜାଣି ପାରିଲି ଯେ, ସେମାନେ ବ୍ରହ୍ମ ଧର୍ମାବଲମ୍ବୀ । ଦେଶୀୟ ସନାତନ ଧର୍ମ ଏବଂ ଖ୍ରୀଷ୍ଟାନ ଧର୍ମ ମଧ୍ୟରେ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ସମାଜରେ ଚାଲିଛି ତା'ର ପରି ପ୍ରେକ୍ଷିରେ ଏଇ ନବଯୁଷ୍ଟ ବ୍ରହ୍ମ ଧର୍ମ ସୃଷ୍ଟି ହୋଇଛି । ଏଇ ଆର୍ଟିଷ୍ଟି ନେପଥ୍ୟରେ ଏହି ବ୍ରାହ୍ମ ଧର୍ମର ଓକିଲାତି କରିଥା'ନ୍ତି ମାତ୍ର ସନାତନ ହିନ୍ଦୁ ଧର୍ମର ପ୍ରତିରୋଧ ଶକ୍ତି ସମ୍ମୁଖୀନ ହେବାର ସାହସ ତାଙ୍କର ନାହିଁ । ସେ ବ୍ରାହ୍ମ ଧର୍ମକୁ ହିନ୍ଦୁ ଧର୍ମର ଏକ ଶାଖା ବୋଲି ଅଭିହିତ କରନ୍ତି । ତାଙ୍କର ଧର୍ମଗତ ଭାବଧାରା ତଦନ୍ତର ସହାୟକ ହେବ ବୋଲି ଏ ବିଷୟରେ କିଛିଟା ଏଠାରେ ମୁଁ ଲିପିବଦ୍ଧ କଲି । ମୁଁ ଏକଥା ମଧ୍ୟ ଜାଣିବାକୁ ପାଇଥିଲି ଯେ, ଆର୍ଟିଷ୍ଟିଙ୍କର ଏକମାତ୍ର କନ୍ୟା ସନ୍ତାନ ମିସ୍ ସୁଧାରାଣୀ ଦତ୍ତ ବର୍ତ୍ତମାନ ବେଥୁନ କଲେଜରେ 'ଫାଷ୍ଟ ଆର୍ଟ' ଅଧ୍ୟୟନରତା । ମୁଁ ତାଙ୍କ ଝିଅଙ୍କ ସହିତ କିଛି କଥାବାର୍ତ୍ତା କରିବାକୁ 'ଅନୁମତି ମାଗିଲେ, ଭଦ୍ରଲୋକ ତହିଁରେ ଆଦୌ ଆପତ୍ତି କରି ନାହାନ୍ତି । ମୁଁ କୁମାରୀ ସୁଧାରାଣୀ ଦତ୍ତଙ୍କର ବିବୃତିର ଏକ ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କଲି ।

: ବାବୁ ହୃଷୀକେଶ ଗାଙ୍ଗୁଲୀ ବନାମ ରୂପଚାନ୍ଦ ସରେଗୀର ମାମଲା

Digitized by srujanika@gmail.com

ବିଷୟରେ ମୋର ଜାଣିବାର କଥା ନୁହେଁ । ତଥାପି ଏ ମାମଲା ବିଷୟରେ ମୁଁ ଗୋଟାଏ ଜରୁରୀ ଖବର ବାପାଙ୍କୁ ଦେଇ ଥିଲି । ଆମ କଲେଜରେ ବର୍ତ୍ତମାନ ଜଣେ ତରୁଣ ଅଧ୍ୟାପକ ତର୍କଶାସ୍ତ୍ର ପଢ଼ାଉଛନ୍ତି । ତାଙ୍କର ନାମ ଶ୍ରୀଯୁକ୍ତ ବାବୁ ଅରୁଣ କୁମାର ରାୟ, ଏମ୍ ଏ । ସେ ରୂପଗଡ଼ ବାବୁଙ୍କ ଆଟର୍ଣ୍ଣି ଶ୍ରୀଯୁକ୍ତ ମାଧବ ଚନ୍ଦ୍ର ରାୟଙ୍କ ପୁଅ । ତାଙ୍କ ସହିତ କଥୋପକଥନ କାଳରେ ମୁଁ କେତେକ ଜରୁରୀ କଥା ଏ ମାମଲା ସମ୍ବନ୍ଧରେ ତାଙ୍କ ପାଖରୁ ଜାଣିପାରେ । ମାମଲାଟି ଆମ ନିଜ ନିଜ ବାପଙ୍କ ମଧ୍ୟରେ ସୀମାବଦ୍ଧ, ତେଣୁ ଆମ ପର୍ଯ୍ୟନ୍ତ ତାକୁ ଟାଣି ଆଣିବାରେ ସାର୍ଥକତା କେଉଁଠି ? ସେ ଯେତେବେଳେ ତାଙ୍କ ପିତାଙ୍କ ଅଫିସ ସମ୍ବନ୍ଧରେ ଗୋପନ ତଥ୍ୟଟି ପ୍ରକାଶ କଲେ, ମୁଁ ସେଟା ମୋ' ବାପାଙ୍କୁ କହିଦେଲି । କାରଣ କୌଣସି ଗୋପନ କଥା ମନ ମଧ୍ୟରେ ଗୋପନ କରି ରଖିବା ଅସ୍ୱସ୍ତିକର । ମୋ'ଠାରୁ ଆପଣ ଆଉ କ'ଣ ଶୁଣିବାକୁ ଚାହାନ୍ତି କୁହନ୍ତୁ । କିନ୍ତୁ ତା' ବଦଳରେ ମୋତେ ଗୋଟିଏ ଡକାଇତି ଗଳ୍ପ କହି ଶୁଣାଇବାକୁ ପଡ଼ିବ ।

ଗୋପନ କଥା ଶିକ୍ଷିତ ଗୁଣୀମାନଙ୍କ ମଧ୍ୟରେ ଆଶଙ୍କା ଯୁକ୍ତ ଘଟଣା । କିନ୍ତୁ ବର୍ତ୍ତମାନ କାଳର ବିଧି ବ୍ୟବସ୍ଥାରେ ପୋଲିସର ତହିଁରେ କିଛି କରିବାର ନାହିଁ । ପୋଲିସ ଯେତେବେଳେ ଏ ଦେଶୀୟ ରାଜା ବା ଜମିଦାରଙ୍କ ଅଧୀନରେ ଥିଲା ସେତେବେଳେ ସେମାନେ ଜନତାର ନୈତିକ ଚରିତ୍ର ସଂଶୋଧନ ନିମନ୍ତେ ଦ୍ରୁସ୍ପାସୀ ଥିଲେ । ବର୍ତ୍ତମାନ କୋମ୍ପାନୀ ବାହାଦୂର ପୋଲିସ ସଂସ୍ଥା ନିଜ ହାତରେ ଗ୍ରହଣ କରିବା ପରେ ପୁଲିସର କର୍ତ୍ତବ୍ୟକୁ ଯଥେଷ୍ଟ ସଙ୍କୁଚିତ କରିଛନ୍ତି । ସାମାଜିକ ଅପରାଧ ଦମନ ବର୍ତ୍ତମାନ ଆମ କର୍ତ୍ତୃତ୍ୱର ବାହାରେ ଥିବାରୁ ଏ ବିଷୟରେ ମୁଁ ନୀରବ ରହିଲି । ତଥାପି ଏମାନଙ୍କର ପରସ୍ପର ଯୋଗାଯୋଗ ଏ ମାମଲାର ତଦନ୍ତ ନିମନ୍ତେ ସାହାଯ୍ୟ କରିପାରେ ବୋଲି ମୋର ଧାରଣା । କାଠାରେ ଏହି

Digitized by srujanika@gmail.com

ଲସ୍ୟ ଓ ହାସ୍ୟମୟୀ ମୁଖର ତନ୍ୱୀ କୁମାରୀ କନ୍ୟାକୁ ମୋର କିଛି ପଗ୍ଗରବାର ନଥିଲା । ତଥାପି ଅନ୍ଧାରରେ ବାଡ଼ି ବୁଲେଇ ବୁଲେଇ ଯଦି କିଛି ମିଳିଯାଏ । ସେହି ଉଦ୍ଦେଶ୍ୟରେ ମୁଁ ତାଙ୍କ ବକ୍ତୃତିର ପରିପ୍ରେକ୍ଷିରେ କେତୋଟି ପ୍ରଶ୍ନ ପଗ୍ଗରି ଥିଲି । ତା'ର ପ୍ରଯ୍ୟେ କେତେକ ଅଂଶ ତଳେ ଦିଆଗଲା—

: ଅଚ୍ଛା, ଆପଣ ଆପଣଙ୍କ ଭାଇଙ୍କ ବନ୍ଧୁ ଶ୍ରୀ ବିକାଶ ଗାଙ୍ଗୁଲିଙ୍କୁ ନିଶ୍ଚୟ ଭଲରୂପେ ଚିହ୍ନିଥିବେ । ଏଇ ଭଦ୍ରଲୋକଙ୍କ ସମ୍ବନ୍ଧରେ ଆପଣଙ୍କର ବ୍ୟକ୍ତିଗତ ମତାମତ କ'ଣ ? ଅବଶ୍ୟ ଆପଣଙ୍କ ତରୁଣ ଅଧ୍ୟାପକ ଶ୍ରୀଯୁକ୍ତ ବାବୁ ଅରୁଣ କୁମାର ରାୟଙ୍କ ପରି ସେ ଏତେ ଭଲ ଲୋକ ନ ହୋଇ ପାରନ୍ତି । ତଥାପି ଏ ଦୁଇଜଣଙ୍କ ମଧ୍ୟରୁ କାହାକୁ ସତ୍‌ବ୍ୟକ୍ତି ବୋଲି ଆପଣଙ୍କର ମନେହୁଏ ? ଅବଶ୍ୟ ତଦନ୍ତ ଉଦ୍ଦେଶ୍ୟରେ ଏମାନଙ୍କ ନାଁ ଜାଣିବାକୁ ପାଇଥିଲେ ହେଁ, ଏମାନଙ୍କୁ ବ୍ୟକ୍ତିଗତ ଭାବରେ ମୁଁ କେବେ ଦେଖିବାକୁ ପାଇନାହିଁ ।

: ସାର୍, ଆପଣ ମୋତେ ଗୋଟାଏ କଠିନ ସମସ୍ୟାରେ ପକାଇ ଦେଲେ । ମୋର ବାପା ମୋତେ ଏବିଷୟରେ ପ୍ରାୟ ପଗ୍ଗରନ୍ତି । ମୁଁ ଏପର୍ଯ୍ୟନ୍ତ ମୋ' ମନ ଠିକ୍ କରିପାରି ନାହିଁ । ଦୁଇ ଜଣଯାକ କାଠ କୁଳରେ ଅବଶ୍ୱାସୀ ବ୍ରାହ୍ମଣ ସନ୍ତାନ ହେଲେ ବି ଜଣେ ବ୍ରହ୍ମଧର୍ମରେ ଓ ଅନ୍ୟ ଜଣକ ଖ୍ରୀଷ୍ଟଧର୍ମରେ ବିଶ୍ୱାସୀ । ଅବଶ୍ୟ ଏ ଦୁଇଜଣଯାକ ବର୍ତ୍ତମାନ ଆଇନତଃ ଓ ଲୋକତଃ ସନାତନ ହିନ୍ଦୁ ଧର୍ମର ଲୋକ । ଏ ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ମୋତେ ଆଉ କେଇଟା ଦିନ ସମୟ ଦେବାକୁ ପଡ଼ିବ ।

: ମୁଁ ଶୁଣିଛି ଯେ, ଗତ ଜାନୁଆରୀ ପହିଲାରେ ଆପଣଙ୍କ କଲେଜକୁ ମହାମାନ୍ୟ ଗଭର୍ଣ୍ଣର ସାର୍ ଜନ୍ ରବର୍ଟ ପରିଦର୍ଶନ କରିବାକୁ ଆସିଥିଲେ । ଏଇ ଘଟଣାର ପରିପ୍ରେକ୍ଷିରେ ତାରିଖ ଓ ସମୟକୁ ଅନୁଧାବନ କରି କେଇଟି ବାକ୍ୟ ସ୍ମରଣ କରି

Digitized by srujanika@gmail.com

ମୋତେ କହିଲେ ଉପକୃତ ହେବ । ଆପଣଙ୍କର ଭାଇ ଏବଂ ତାଙ୍କର ବନ୍ଧୁ ପ୍ରକାଶ ବାବୁ ନିଶ୍ଚୟ ଆପଣଙ୍କ ନିମନ୍ତ୍ରଣ କ୍ରମେ ଆପଣଙ୍କ କଲେଜରେ ଏ ପ୍ରକାର ଉତ୍ସବରେ ଯୋଗଦାନ କରିଥିବେ । ଆପଣଙ୍କ ପିତା ସେତେବେଳେ ବିଦେଶରେ ଥିଲେ । ତେଣୁ ଆପଣଙ୍କ ପରିବାର ତରଫରୁ ଆପଣଙ୍କ ଭାଇ ଉତ୍ସବରେ ଯୋଗଦାନ କରିବା'ଟା ଅସ୍ୱାଭାବିକ ନୁହେଁ । ସେଦିନ ବୁଧବାର ହେଲେ ମଧ୍ୟ ଲାଟ ବାହାଦୂର ଚାଲିଯିବା ପରେ ଆପଣମାନଙ୍କର କଲେଜ ବନ୍ଦ ହୋଇ ଯାଇଥିବା ସ୍ୱାଭାବିକ । ଆପଣ ଟିକିଏ ମନେକରି କୁହନ୍ତୁ । ସେଦିନ ଆପଣଙ୍କ ଭାଇ ଏବଂ ଭାଇଙ୍କ ବନ୍ଧୁ କେତେବେଳେ ଏବଂ କେଉଁଠି ଥିଲେ ? ଅବଶ୍ୟ ଏମାନଙ୍କର ହଠାତ୍ ନିରୁଦ୍ଦେଶରେ ଆପଣମାନେ ଚିନ୍ତିତ ତଥାପି —

: ଆଜ୍ଞା, ଏମାନଙ୍କର ଏତାଦୃଶ ଅନ୍ତର୍ଦ୍ଧାନରେ ମୁଁ ଚିନ୍ତିତ ହେଲେ ବି ଦୁଃଖିତ ନୁହେଁ । କାରଣ ପୁରୁଷମାନଙ୍କ ପକ୍ଷରେ ଟିକିଏ 'ଆଡ୍‌ଭେଞ୍ଚରସ୍' ହେବା ଅସ୍ୱାଭାବିକ ନୁହେଁ । ମାତ୍ର ଏମାନଙ୍କ ଯାତ୍ରାସ୍ଥିତ ସମ୍ବନ୍ଧରେ ଗୋଟାଏ ଚିଠି ପଠାଇ ବାପାଙ୍କୁ ଖବର ଦେବା ଉଚିତ ଥିଲା । ସେଦିନର ପ୍ରତ୍ୟେକଟି ଘଟଣା ମୋର ସମ୍ୟକରୂପେ ମନେ ଅଛି । ମୋ' ଦ୍ୱାରା ସେମାନେ ନିମନ୍ତ୍ରିତ ହୋଇଥିଲେ ମଧ୍ୟ ସେମାନେ ସେଦିନ କଲେଜକୁ ଯାଇ ନାହାନ୍ତି । ମୋ' ତରଫରୁ କଲେଜରେ କେହି ଉପସ୍ଥିତ ନହୋଇ ଥିବାରୁ ମୁଁ ଟିକିଏ ଅପମାନିତ ହୋଇଥିଲି । କାରଣ ସେହି ଉତ୍ସବରେ ଛାତ୍ରୀମାନେ ପରସ୍ପରର ଭାଇମାନଙ୍କୁ ପରିଚିତ କରାଇ ଦେବାର ରୀତି ଅଛି । ବୋଧହୁଏ ପ୍ରକାଶ ବାବୁ ଅଧ୍ୟାପକ ଅରୁଣ ବାବୁଙ୍କ ସହିତ ସାକ୍ଷାତ କରିବାକୁ ପସନ୍ଦ କରନ୍ତିନାହିଁ । ସେଦିନର ଅନ୍ୟ କୌଣସି ଘଟଣା ମୋ' ମନରେ ପଡୁନାହିଁ । କୁହନ୍ତୁ, ଆପଣ ଆଉ କ'ଣ ଶୁଣିବାକୁ ଚାହାନ୍ତି ?

: ତା'ହେଲେ ପ୍ରକାଶ ବାବୁ ଓ ଅରୁଣ ବାବୁ ପରସ୍ପର ମଧ୍ୟରେ

Digitized by srujanika@gmail.com

ଭଲ ସମ୍ପର୍କ ନାହିଁ ? ମନେ ହେଉଛି, ଆପଣଙ୍କ ପିତା ଏମାନଙ୍କ ମଧ୍ୟରୁ ଜଣକୁ ଓ ଆପଣ ଅନ୍ୟ ଜଣକୁ ପସନ୍ଦ କରନ୍ତି । ବାକ୍ୟାଳାପ ନଥିଲେ ହେଁ ଉଭୟ ଉଭୟଙ୍କ ଗତିବିଧି ଉପରେ ନିଶ୍ଚୟ ନଜର ରଖୁଥିବେ । ଏପରି କାହାରି ଠାରୁ କିଛି ଶୁଣିଥିଲେ ଦୟାକରି କୁହନ୍ତୁ ।

: ଆରେ ସତେତ ! ଏକଥା ଭୁଲି ଯାଇଥିଲି । ଦିନେ ଅଧ୍ୟାପକ ରାୟ କହୁଥିଲେ ଯେ, ସେ ବିକାଶ ବାବୁଙ୍କୁ ତାଙ୍କ ଅଞ୍ଚଳର ଗୋଟାଏ ଜୀର୍ଣ୍ଣଶୀର୍ଣ୍ଣ କୋଠା ମଧ୍ୟରେ କେତେକ ଲୋକଙ୍କ ସହ ଦେଖିଥିଲେ । ସେ ୮୦ ନମ୍ବର ମଦ୍ଧମ ଘୋଷ ଷ୍ଟ୍ରୀଟରେ ବାସ କରନ୍ତି ଏବଂ ତାଙ୍କ ଘର ଠାରୁ ଚାରି ପାଞ୍ଚଟି ଘର ପରେ ଉକ୍ତ କୋଠାଟି ଅବସ୍ଥିତ । କୋଠାଟିକୁ ସେ ଅଞ୍ଚଳରେ ସମସ୍ତେ ଭୂତ କୋଠି ବୋଲି କୁହନ୍ତି । ଆପଣ ଟିକିଏ ଖବର ନେଇ ଦେଖନ୍ତୁ ତ ଏଇ ଭୂତ କୋଠିଟା ବାସ୍ତବରେ ଗୋଟାଏ ଭୂତ କୋଠି କି ନା ? ଅବଶ୍ୟ ଅଧ୍ୟାପକ ରାୟ ଜଣେ ଜ୍ଞାନୀ ଲୋକ ସେ ଏ ବିଷୟରେ ମଧ କହିବେ ମୋର ମନେ ହେଉ ନାହିଁ । ମୁଁ ଏ ସନ୍ଧାନରେ କେତେକ ବ୍ୟକ୍ତିଗତ କାରଣରୁ କିଛି ଜାଣିବାକୁ ଚାହେଁ । ମୁଁ ନମ୍ବରଟା ଠିକ୍ ମନେ ରଖିଛି । କାରଣ ଆମର ଜଣେ ଭୃତ୍ୟର ନାମ ମଦ୍ଧମ ଘୋଷ ଏବଂ ମୋର କଲେଜର ରୋଲ୍ ନଂ ୮୦, ତେଣୁ ଏ ଗୁଡ଼ା ଏବଂ ନମ୍ବରଟା ମୋର ମନେ ରହି ଯାଇଛି !

ସୁଧାରାଣୀଙ୍କର ଶେଷୋକ୍ତ କଥାଟିରୁ ବୁଝି ଯାଏ ଯେ, ଅଧ୍ୟାପକ ରାୟ ଏଥର ଗୋଟାଏ ବିରାଟ ଖେଳ ଖେଳିଛନ୍ତି । ବିକାଶ ବାବୁଙ୍କ ବିବାହ ଲକ୍ଷ୍ୟ ପ୍ରେମ ସମ୍ପର୍କିତ ପ୍ରତିଦ୍ୱନ୍ଦ୍ୱିତାରେ ଏଇ ଦର୍ଶନ ଶାସ୍ତ୍ରରେ ପ୍ରଥମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ତରୁଣ ଅଧ୍ୟାପକ ରାୟଙ୍କର ଜୟ ସୂଚିତ ହେଉଛି । ତାଙ୍କର ଏଇ ଈର୍ଷାଜନିତ ସତ୍ୟ ବା ମିଥ୍ୟା ଭାଷଣରେ କାର୍ଯ୍ୟ କାରଣ ଭବିଷ୍ୟତ ବିଗ୍ରହର କାରଣ । କିନ୍ତୁ ଏହା

Digitized by srujanika@gmail.com

ଆମମାନଙ୍କ ଉଦନ୍ତକୁ ମଝି ଦରିଆର ଟିକଏ କୂଳକୁ ପହଞ୍ଚାଇ ଦେଇଛୁ । ଏହି ସୁଯୋଗରେ ମୁଁ ଟିକଏ ପଳାତକ ମନ୍ୟ ଶ୍ରୀ ଦୂର୍ଜ୍ଜୟ ଗାଙ୍ଗୁଲୀଙ୍କ ସମ୍ବନ୍ଧରେ ତ.କୁ କେଇଟି ପ୍ରଶ୍ନ ପଚାରିଥିଲି । ତା'ର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କଲି—

: ଅଚ୍ଛା, ଆପଣ ଆଟଣଙ୍କ ବାପଙ୍କ କ୍ଳାଏଣ୍ଟ ଶ୍ରୀ ଦୂର୍ଜ୍ଜୟ ଗାଙ୍ଗୁଲୀଙ୍କ ବ୍ୟକ୍ତିଗତ ଜୀବନ ସମ୍ବନ୍ଧରେ କେତେ ଟିକଏ ଜାଣନ୍ତି ? ତାଙ୍କୁ ଆପଣ ସ୍ୱଚକ୍ଷୁରେ କେବେ ଦେଖିଛନ୍ତି କି ? ଖୁବ୍ ଆପତ୍ତି ନଥିଲେ ମୋତେ ଟିକଏ ସେ ବିଷୟରେ କହନ୍ତୁ ।

: ଆଜ୍ଞା, ମୁଁ ଜାଣେ ଯେ, ବଙ୍ଗାଳୀମାନଙ୍କ ମଧ୍ୟରେ କେତେଜଣ ସୁବର୍ଣ୍ଣ ବଣିକଙ୍କୁ ବାଦଦେଲେ ମାରୱାଡ଼ୀମାନଙ୍କ ସମକକ୍ଷ ହିସାବରେ ଶ୍ରୀ ଦୂର୍ଜ୍ଜୟ ଗାଙ୍ଗୁଲୀଙ୍କୁ ବୁଝାଏ ।

ସେ'ଙ୍କର ବ୍ୟବସାୟିକ ଗୁରୁତ୍ୱ ଏବଂ ପ୍ରତିଷ୍ଠା ନିମନ୍ତେ ସ୍ଥାନୀୟ ସମାଜ ଗର୍ବ ଅନୁଭବ କରେ । ଉପରନ୍ତୁ ସେ ବେକାର ଯୁବକ ମାନଙ୍କୁ ସ୍ୱ-ପ୍ରତିଷ୍ଠାନରେ ଆଶ୍ରୟ ଦେଇ ବ୍ୟବସାୟ ବୁଦ୍ଧିସମ୍ପନ୍ନ କରି ଗଢ଼ନ୍ତି । ଦିନେ ଗୋଟାଏ ଅଶୋଭନୀୟ ପ୍ରସ୍ତାବ ସୂତ୍ରରେ ମୁଁ ତାଙ୍କ ବିଷୟ ପ୍ରଥମେ ଅବଗତ ହେଲି । ବାପା ତାଙ୍କ ଧନ ଦୌଲତରେ ମୁଗ୍ଧ ହୋଇ ସେ ବୟସ୍କ ବ୍ୟକ୍ତି ହୋଇଥିବା ସତ୍ତ୍ୱେ ମୋ' ସହିତ ବିବାହ ନିମନ୍ତେ ତାଙ୍କର ପ୍ରସ୍ତାବ କରିଥିଲେ । ମାତ୍ର ବିବାହ ଜଗତରେ ଧନ ଦୌଲତ ଛଡ଼ାବି ଆହୁରି ବହୁ ବିଷୟ ବିବେଚନା କରିବାର କଥା । ବାପାଙ୍କର ଇଚ୍ଛା ଥିଲେ ବି ମୁଁ ଏ ବିଷୟ ପ୍ରତ୍ୟାଖ୍ୟାନ କରିଥିଲି । ସେତେବେଳେ ପ୍ରତ୍ୟାଖ୍ୟାନ କଲେ ମଧ୍ୟ ମୁଁ ତାଙ୍କୁ ଦେଖିବା ପାଇଁ କୌତୁହଳୀ ହୋଇ ଉଠିଥିଲି । ଏହାର କିଛିଦିନ ପରେ ସେ ନିଜ ପସନ୍ଦ ଅନୁଯାୟୀ ଜଣେ ଶିକ୍ଷିତା ମହିଳାଙ୍କୁ ବିବାହ କରିଥିଲେ । ମୁଁ ତାଙ୍କୁ ପ୍ରତ୍ୟାଖ୍ୟାନ କରିବାଟା ସ୍ୱାଭାବିକ ଘଟଣା, ମାତ୍ର ତାଙ୍କର ମୋତେ ପ୍ରତ୍ୟାଖ୍ୟାନ

Digitized by srujanika@gmail.com

କରିବା'ଟାକୁ ମୁଁ ପସନ୍ଦ କରିନାହିଁ । ସେ ସସ୍ତ୍ରୀକ ଥରେ ନିମନ୍ତ୍ରଣ ରକ୍ଷା କରିବା ନିମନ୍ତେ ଆମ ଘରକୁ ଆସିଥିଲେ । ବୟସ୍କ ହେଲେ ବି ତାଙ୍କର ବଳିଷ୍ଠ ମନବୃତ୍ତି ଲଳିତ୍ୟ ପୂର୍ଣ୍ଣ ଅଙ୍ଗ ସୌଷ୍ଠବ ପ୍ରତିଭାଦୀପ୍ତ ମୁହଁ ଓ ଦୃଷ୍ଟି ଆକର୍ଷଣୀୟ । ସେ ଆମ ସହିତ ଅଳ୍ପ କଥା କହି ବରଂ ବାପାଙ୍କ ସହିତ ସେଦିନ ଅଧିକକ୍ଷଣ କଥା କହିଥିଲେ । ଶୁଣି ଆଶ୍ଚର୍ଯ୍ୟ ହେଉଛୁ ଯେ, ଏପରି ସ୍ୱାମୀଙ୍କୁ ସେ ସ୍ତ୍ରୀ ବର୍ତ୍ତମାନ ତ୍ୟାଗ କରିଛନ୍ତି । ଗୁଡ଼ାନ୍ତୁ ସେସବୁ ପୁରୁଣା କଥାର ଉଲ୍ଲେଖ କରିବା ନିଷ୍ପ୍ରୟୋଜନ। ତଥାପି ମୁଁ କହିବି ଏପରି ସ୍ୱାମୀ ବୟସ୍କ ହେଲେ ବି ଯେ କୌଣସି ସୌନ୍ଦର୍ଯ୍ୟଶୀଳର କାମ୍ୟ । ଆଧୁନିକତା ଗର୍ବରେ ଗର୍ବିତ କ୍ଷୀଣଦେହ ଯୁବକ ଅପେକ୍ଷା ଦୀର୍ଘକାଳ ସେ ସୁସ୍ଥ ଭାବରେ ବଞ୍ଚିରହି ପାରିବେ । ତାଙ୍କର ପାରିବାରିକ ଜୀବନ କଥା ଜାଣି ଆମେ ସ୍ତବ୍ଧ ଓ ଅନୁତପ୍ତ ।

ବହୁ ପ୍ରୟୋଜନୀୟ ଓ ନିଷ୍ପ୍ରୟୋଜନୀୟ କଥାବାର୍ତ୍ତା ମାଧ୍ୟମରେ ଦୈବକ୍ରମେ ଗୋଟିଏ ମୂଲ୍ୟବାନ ସୂତ୍ର ତାଙ୍କ ନିକଟରୁ ମିଳିଛୁ । ଏଠାରେ ଆଉ ଅପେକ୍ଷା କରିବା ନିଷ୍ପ୍ରୟୋଜନ । ତେଣୁ ଆଉ ଡେରି ନ କରି ସେମାନଙ୍କ ନିକଟରୁ ବିଦାୟ ନେଇ ଆମେ ଭୂତକୋଠି ଉଦ୍ଦେଶ୍ୟରେ ମଦନ ଘୋଷ ଷ୍ଟ୍ରୀଟରେ ଆସି ପହଞ୍ଚିଲୁ । ଏହା ବଡ଼ ରାସ୍ତା ଉପରେ ଉଦ୍ୟାନ ବେଷ୍ଟିତ ଗୋଟିଏ ଦୁଇତାଲା କୋଠା । ହରି ମଲ୍ଲିକ ନାମକ ଜଣେ ଜମିଦାର ଦେଉଳିଆ ହେବା ପୂର୍ବରୁ ଏଠାରେ ବସବାସ କରୁଥିଲେ । ଜଣେ ମାରୱାଡ଼ି ପାଖରେ ଜମିଦାରୀ ବନ୍ଧା ରଖି ଶେଷରେ ସେଟା ସେ ଆଉ ଉଦ୍ଧାର କରି ପାରି ନ ଥିଲେ । ଏହି ପୁରୁଣା କୋଠାଟିକୁ ମରାମତି କରି ଯଥାସମ୍ଭବ ନୂଆ କରିବାରେ ଚେଷ୍ଟା କରାଯାଇଛି । ଏହି କୋଠାଟିରେ କେଇଜଣ ଭୃତ୍ୟ ଏବଂ ଜଣେ ମାତ୍ର ଦରଓ୍ୱାନ ମୋତାୟନ କରାଯାଇଛି । ମୁଁ ଦରଓ୍ୱାନଟିକୁ ଗୋପନରେ ଡାକି ତା' ନିକଟରୁ ଗୋଟାଏ ବିବୃତି ଗ୍ରହଣ କରିଥିଲି । ତା'ର ପ୍ରୟୋଜନୀୟ ଅଂଶ ନିମ୍ନରେ ଦିଆଗଲା ।

Digitized by srujanika@gmail.com

: ଏଇ କୋ'ଠାଟି ବାବୁ ରୂପଚାନ୍ଦ ସଟେଗୀଙ୍କର ମଡେଲ୍ ଆଇରନ୍ ଫ୍ୟାକ୍ଟରୀର 'ଗେଷ୍ଟ ହାଉସ' । କୋମ୍ପାନୀ ଖରଚରେ ଏଠାକାର ପ୍ରତ୍ୟେକ ଜଣଙ୍କ ବ୍ୟୟ ନିର୍ବାହ ହୋଇଥାଏ । ମାଲିକଙ୍କ ପୁଅ ମହାବୀର ବାବୁ ଓ ତାଙ୍କ ବାନ୍ଧବୀମାନଙ୍କ ସହିତ ଏଠାକୁ ପ୍ରାୟ ଆସନ୍ତି । କୌଣସି ମାନ୍ୟଗଣ୍ୟ ଅତିଥିଙ୍କୁ କେବେ ମୁଁ ଏଠାରେ ରହିବାର ଦେଖି ନାହିଁ । ଆଚ୍ଛା, ଗଲା ଜୁନ ପହିଲା ଦିନ ଦୁଇଜଣ ବଙ୍ଗାଳୀ ବାବୁ ଆଉ ଦୁଇଜଣ ଇତରମନ୍ୟ ଲୋକଙ୍କ ସହ ମହାବୀର ବାବୁ ଖୋଦ ଏଠାକୁ ଆସନ୍ତି । ଏଇ ନିମ୍ନ ଶ୍ରେଣୀର ଲୋକମାନେ ଲୁଙ୍ଗି ଓ ଲାଲ ଗେଞ୍ଜି ପିନ୍ଧି ଥିଲେ । ଆମ ଶ୍ରେଷ୍ଠବାବୁ ସେଦିନ ଯଥାରୀତି କୋଟ ପ୍ୟାଣ୍ଟ ପିନ୍ଧି ଆସିଥିଲେ । ସେ ମୋତେ ଡାକି କହିଲେ : ଦେଖ୍ ହନୁମନ୍ତ ସିଂ ! ଏଇ ଦୁଇଜଣ ବଙ୍ଗାଳୀବାବୁ ତାଙ୍କ ପରିବାର ସହ କେଇଦିନ କୋମ୍ପାନୀ ତରଫରୁ ଏ କୋଠିରେ ରହିବେ । ତାଙ୍କ ରକ୍ଷଣାବେକ୍ଷଣ ଯେପରି ଠିକ୍ ଠାକ୍ ହୁଏ । ତା'ପରେ ଯଥାରୀତି ମୋତେ ଇଙ୍ଗିତ କରିବାରୁ ମୁଁ 'ଗେଷ୍ଟ ହାଉସ' ଛାଡ଼ି ମୋ ରୁମ୍‌ଟିକୁ ଚାଲିଗଲି । ତା'ପରେ ଏଠାକୁ କିଏ ଆସିଲା ବା ଗଲା ମୁଁ ଲଜ୍ଜାରେ ସେ ଆଡ଼କୁ ଆଉ ନଜର ଦେଇ ନାହିଁ । ମହାବୀର ବାବୁଙ୍କ ସହିତ ଜଣେ ବଙ୍ଗାଳୀ ଭୃତ୍ୟ ମଧ୍ୟ ଥିଲା । ଏହି ଭୃତ୍ୟଟି ସହିତ ଉକ୍ତ ବଙ୍ଗାଳୀ ବାବୁ ଦୁଇଜଣଙ୍କର ଯଥେଷ୍ଟ ଜଣାଶୁଣା ଥିବାର ମନେ ହେଲା ।

: ତୁମେ ଭଲ ଭାବରେ ବୁଝି ପାରୁଛ ଯେ, ଆମେ ପୋଲିସର ଲୋକ । ଏଠାକୁ ଗୋଟାଏ ଜରୁରୀ ତଦନ୍ତରେ ଆସିଛୁ । ଯଦି ଟିକିଏ ହେଲେ ମିଛ କହୁଛ, ତା'ହେଲେ ଅକାରଣଟାରେ ବିପଦରେ ପଡ଼ିବ । ବର୍ତ୍ତମାନ ମନେକର କୁହତ ଏଠି କିଏ ବା କେଉଁମାନେ ରହି ଯାଇଛନ୍ତି ?

: ସାର, ବଡ଼ ଘରର ବଡ଼ କଥା । ଏଥିରେ ମୁଁ କ'ଣ କହିବ;

Digitized by srujanika@gmail.com

ହଜୁର, ମୁଁ ଗରିବ ଲୋକ । ପେଟ ପାଇଁ ଚାକିରି କରୁଛି । କ'ଣ କହିବି ମୋତେ ଲାଜ ବି ମାଡୁଛି । ମୋତେ ନ ପଚାରିଲେ ଭଲ । ସାର୍, ମୁଁ ଗରିବ ଲୋକ ; ମୋ ଚାକିରି ଗଲେ ମୁଁ ମରିଯିବି । ଏମାସରେ ଏଠାକୁ ଏପରି କୌଣସି ଲୋକ ଆସି ନାହାନ୍ତି ।

: ଅଚ୍ଛା, ତୁମେ ଥରେ ମନେକରି ମୋତେ କୁହତ, ସେଦିନ ତୁମ ବାବୁ କେତେବେଳେ ଏଠୁ ବାହାରି ଯା'ନ୍ତି ? ଏଠୁ ଯିବାବେଳେ ତୁମକୁ ଆଉ କି ହୁକୁମ ଦେଇ ଯାଇଛନ୍ତି ? ତାଙ୍କ ବନ୍ଧୁ ବାବୁମାନେ ଏଠି କେତେବେଳଯାଏ ଥିଲେ ?

: ସାର୍, କ'ଣ ଆଉ କହିବି ? ଟିକିଏ ପରେ ଗ୍ରେଟବାବୁଙ୍କ ମତଲବ ବଦଳିଗଲା । ମୋତେ ଗୋଟାଏ ଜରୁରୀ କାମରେ ହେଡ୍ ଅଫିସକୁ ପଠାଇ ଦେଲେ ଆଉ ଜଣେ ନେପାଳୀ ଦରବାନକୁ ଦେଉଡ଼ିରେ ରଖିନେଲେ । କେଇଦିନ ପରେ ବଡ଼ବାବୁ ଜାଣି ପାରିଲେ ଯେ, ନୂଆ ଦରବାନ ପଳାଇଛି, ତା'ପରେ ସେ ମୋତେ ପୁଣି ଏଠାକୁ ପଠାଇ ଦେଲେ ।

ମୁଁ ସ୍ଥାନୀୟ ଲୋକମାନଙ୍କ ନିକଟରୁ ଏଇ 'ଗେଷ୍ଟ ହାଉସ'ର ତ ପୂର୍ବ ଇତିହାସରେ କିଞ୍ଚିତ ଆଭାସ ପାଇଲି । ସିପାହୀ ବିଦ୍ରୋହକୁ ରୋକିବା ନିମନ୍ତେ ଖରଚ ବାବଦ ଏ ଦେଶରେ ଇନ୍‌କମ୍‌ଟ୍ୟାକ୍ସ ବା ଆୟକରର ପ୍ରଚଳନ ହେଲା । ଏହା ଫଳରେ ଆୟକର ଏବଂ ପୌରକର ଫାଙ୍କି ଦେବା ଉଦ୍ଦେଶ୍ୟରେ 'ଗେଷ୍ଟ ହାଉସ' ଗୁଡ଼ିକର ସୃଷ୍ଟି । ଏହା ବାବଦରେ ଖରଚ ଦେଖାଇ କମ୍ପାନୀ ଆୟ ଉପରେ ଦେୟ ଆୟକର ହାର କମାଇବାର ବ୍ୟବସ୍ଥା କରାଯାଏ । ଏହା ପୋଲିସ୍‌ର ବିବେଚ୍ୟ ବିଷୟ ନ ହୋଇଥିବାରୁ ଏ ବିଷୟରେ ଆଲୋଚନା ନିଷ୍ପ୍ରୟୋଜନ । ମୁଁ କାଳବିଳମ୍ବ ନ କରି ଦୁଇଜଣ ସାକ୍ଷୀ ଡାକି ସେମାନଙ୍କ ସମ୍ମୁଖରେ ଏଇ ମାମଲା ସଂକ୍ରାନ୍ତୀୟ ପ୍ରମାଣ

Digitized by srujanika@gmail.com

ଦ୍ରବ୍ୟର ସନ୍ଧାନରେ ପୁଙ୍ଖାନୁପୁଙ୍ଖ ରୂପେ ଘରଟିକୁ ଖାନତଲ୍ଲାସ କରିଛୁ । କୋଠାଟିର ଦ୍ୱିତଳ ଦୁଇଟି ବୃହତ ଶୟନ କକ୍ଷ ପଲଙ୍କ, ଆଲମାରି ପ୍ରଭୃତି ଆସବାବ ପତ୍ରରେ ସଜ୍ଜିତ । ଏହି ଘରଗୁଡ଼ିକ ଖାନତଲ୍ଲାସୀ ସମୟରେ କେତେକ ପ୍ରାମାଣ୍ୟ ଦ୍ରବ୍ୟ (*Exhibit*) ମିଳିଛି । ଏହି ପ୍ରାମାଣ୍ୟ ଦ୍ରବ୍ୟଗୁଡ଼ିକ ମୋର ତଦନ୍ତାଧୀନ ମାମଲାଟିର ଅଙ୍ଗାଙ୍ଗୀ ସମ୍ବନ୍ଧ ଥିବା ଅସ୍ୱାଭାବିକ ନୁହେଁ ।

(୧) ଗୋଟାଏ କଳାରଙ୍ଗ ବେକଲା ବର୍ଷ ବେତ ପେଡ଼ି । ଏହି ପେଡ଼ିଟି ମଧ୍ୟରେ ଜଣେ ଲୋକ ଭଲ ଭାବରେ ବସି ପାରେ । ଏହି ପେଡ଼ିଟି ଦେହରେ ଚିତ୍ରିତ ବୃକ୍ଷ ଲତା ଦେଖିବାକୁ ମିଳେ । ଆଶ୍ଚର୍ଯ୍ୟର ବିଷୟ ଏବେବି କଣ୍ଠିତ ଶକ୍ତ ଚେନ୍ତ ତା' ଦେହରେ ଲାଗି ରହିଛି । ଏତେବଡ଼ ପେଡ଼ି ସାଧାରଣତଃ ଦେଖାଯାଏ ନାହିଁ ।

(୨) ଅଳ୍ପଦିନ ତଳେ ଉଠାଯାଇଥିବା ଦୁଇଟି ଯୁବକଙ୍କର ଗୋଟିଏ ଫଟୋ । ଏହି ଫଟୋରେ ପ୍ରକାଶ ଗାଙ୍ଗୁଲି ଓ ସୁଧୀର ଦତ୍ତର ଯୁଗ୍ମ ମୂର୍ତ୍ତି ଦେଖାଯାଏ । (ଏହା ଦରବାନ କର୍ତ୍ତୃକ ସନାକ୍ତ କୃତ) ଏହି ଫଟୋଟିର ପୃଷ୍ଠ ଦେଶରେ ଫଟୋ କମ୍ପାନୀର ନାମ ସହ ହସ୍ତ ଲିଖିତ ତାରିଖ ଲେଖା ଥିଲା : ପନ୍ଦର ଜୁନ, ୧୯୮୦ । ରାତି ୨ ଘଟିକା । ଫଟୋ ଚେହେଟିର ପୃଷ୍ଠ ଦେଶରେ ଆହୁରି ମଧ୍ୟ ଲେଖା ଯାଇଛି, 'ଏଠାରେ ବିବାହର ଫଟୋ ତୋଳାଯାଏ ।' ଏହି ଦୁଇ ଘଟିକା କଥାଟି ରବରଦ୍ୱାରା ଘଷିକରେ ଉଠାଇ ଦିଆ ଯାଇଛି ଏବଂ ତା'ପାଖକୁ ଦଶ ଘଟିକା ଲେଖା ଯାଇଛି । ମୋର ସନ୍ଦେହ ହେବାରୁ ଗୋଟାଏ 'ମ୍ୟାଗ୍ନିଫାଇଂ ଗ୍ଲାସ' ସାହାଯ୍ୟରେ ମୁଁ ରବର ଦ୍ୱାରା ଘଷା ଯାଇଥିବା ଲେଖାଟିକୁ ଉଦ୍ଧାର କରି ପାରିଛି । ଏହା

Digitized by srujanika@gmail.com

କୌଣସି ମାମଲାକୁ ଭ୍ରାନ୍ତ କରିବାର ଉଦ୍ଦେଶ୍ୟ ବୋଲି ମନେ ହୁଏ ।

(୩) ଶୟନ କକ୍ଷର ଦର୍ପଣ ଯୁକ୍ତ ଦେରାଜ ଉପରେ ଗୋଟାଏ ସଦ୍ୟ-କ୍ରୀତ ପାନିଆ । ସେଇ ପାନିଆଟିରୁ ନାରୀ କେଶ ସହ କେତୋଟି ପୁରୁଷ କେଶ ମଧ୍ୟ ମିଳିଛି । ତା'ଛଡ଼ା ଏଇ ନାରୀ କେଶଟିରେ ବିଦେଶୀୟ ଖାସ ଅତରର ଗନ୍ଧ ମିଳୁଛି ।

(୪) ଗୋଟିଏ ରକ୍ତ ବୋଲା କାଚର ଡାକ୍ତରୀ 'ଟିଉବ୍' (ସିରିଞ୍ଜ) ସହ ସୂଚୀଯନ୍ତ୍ର । ଏଇ ସୂଚୀଯନ୍ତ୍ର ସଂଲଗ୍ନ ସୂଚୀର ଅଗ୍ରାଂଶ ଭଗ୍ନ ଦେଖାଯାଏ । ଏହା ପାଖରେ ଡାକ୍ତର ଦୋକାନରୁ ଔଷଧ କ୍ରୟର ପ୍ରମାଣ ସ୍ୱରୂପ ଖଣ୍ଡିଏ 'କ୍ୟାଶ ମେମୋ' ।

ଉପରୋକ୍ତ ଦ୍ରବ୍ୟ ଗୁଡ଼ିକ ମଧ୍ୟରୁ ୧ନଂ ଓ ୨ନଂ ଦ୍ରବ୍ୟ କୋଠାର ନିମ୍ନ ଦେଶରୁ ଏବଂ ୩ନଂ ଓ ୪ନଂ ଦ୍ରବ୍ୟ ଉପରୋକ୍ତ ଶୟନକକ୍ଷର ଟେବିଲରୁ ମିଳିଛି । ମୁଁ ଯତ୍ନରେ ଏଇ ମୂଲ୍ୟବାନ ପ୍ରାମାଣ୍ୟ ଦ୍ରବ୍ୟ ଗୁଡ଼ିକ ଅଳ୍ପମତ ରୂପେ ସଂଗ୍ରହ କରିଛି । ପଞ୍ଚନାମା ତଥା ତଲ୍ଲାସ ପତ୍ର ସହିତ ଅଳ୍ପମତ ଗୁଡ଼ିକ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ ।

ଏହାଛଡ଼ା ଆଉଟି ଗୋଟାଏ ଜରୁରୀ ଏବଂ ଜଟିଳ ବିଷୟ ମୋ ନଜରରେ ପଡ଼ିଲା । ଏଇ କୋଠାଟିର ତଳ ଦେଶରେ ବହୁଦିନ ଧରି କୌଣସି ପାଣି ପଡ଼ି ନାହିଁ । ଜମ୍ମା ଖୋଳା ହୋଇ ନାହିଁ । ତା' ଉପରେ ପଡ଼ିଥିବା ଧୂଳି ଏବଂ ମଳି ଦେଖି ମୋର ଏକଥା ମନେହେଲା । ମାତ୍ର ପଛପଟର ଗୋଟାଏ ବାରଣ୍ଡା ନିକଟରେ ଧୂଆ ଓ ଖରକା ହୋଇ

ଥିବାର ଦେଖାଗଲା । ବ୍ୟବହୃତ ସ୍ଥାନକୁ ସଂସ୍କାର ନ କରି ଅବ୍ୟବହୃତ ସ୍ଥାନଟିକୁ ଧୋଇପୋଛି ଏପରି ସଂସ୍କାର କରାଯିବାର ତାତ୍ପର୍ଯ୍ୟ ସନ୍ଦେହ ଜନକ ମନେ ହୁଏ । ବର୍ତ୍ତମାନ କାହାରିକୁ ପଚାରି କିଛି ବୁଝିବାର ଉପାୟ ନାହିଁ । କାରଣ ଅନେକ ଦିନ ଧରି କୌଣସି ଭୃତ୍ୟ ଏଠାରେ ନାହାନ୍ତି ଏବଂ ବର୍ତ୍ତମାନର ଦରବାନ ଗୋବର୍ଦ୍ଧନ ପରେ ଏଠାକୁ ଫେରି ଆସିଥିବାରୁ ତା'ପକ୍ଷରେ କିଛି କହିବା ସମ୍ଭବପର ନୁହେଁ ।

ଏହାପରେ ବୁଲି ବୁଲି ଆମେ ପଛପଟ ବଗିଚାରେ ଆସି ପହଞ୍ଚିଲୁ । ଆଶ୍ଚର୍ଯ୍ୟର କଥା ଏଠାରେ ଗୋଟିଏ ପଞ୍ଜାବୀ ଧୂଳି କାଦୁଅରେ ପଡ଼ିଥିବାର ଦେଖିବାକୁ ପାଇଲୁ । ଏଇ କୁର୍ତ୍ତାପଞ୍ଜାରେ X ଚିହ୍ନିତ 'ଡ୍ରାଇକ୍ଲିନିଂ'ର ଛାପ ଦେଖିବାକୁ ମିଳେ । ତହିଁରେ ମାଟିଆ ରଙ୍ଗର ମଧ୍ୟ ମଧ୍ୟ ଦାଗ ଦେଖିବାକୁ ମିଳେ । ଏହା ରକ୍ତର କିମ୍ବା ଏହିପରି କିଛି ଦାଗ ବୋଲି ମନେ ହୁଏ । ଉପରନ୍ତୁ ନିକଟରେ ଗୋଟିଏ ସରକାରୀ 'ଫାଷ୍ଟଏଡ଼' ଚିକିତ୍ସାଳୟ ଅଛି । ଏ ସ୍ଥାନରୁ ଶିଆଳ କିମ୍ବା କୁକୁରମାନେ ଏଗୁଡ଼ିକ ଆଣି ଏଠାରେ ପକାଇଥିବା ଅସମ୍ଭବ ନୁହେଁ । ତା'ହେଲେ ଏଇ ଦ୍ରବ୍ୟ କେଇଟି ମୁଁ ନିଜ ହେପାଜତରେ ଗ୍ରହଣ କଲି ।

ମୁଁ ମେଛୁଆ ଥାନାର ଦ୍ୱିତୀୟ-ଦାରୋଗା ଶ୍ରୀ ସୁକୁମାର ସେନ ଆଜି ଏପର୍ଯ୍ୟନ୍ତ ତଦନ୍ତ ଶେଷକରି ଥାନାକୁ ଫେରିଲି । 'ଡାଇରି'ର ସଂକ୍ଷିପ୍ତ ସାର ଇଂରାଜୀରେ ତର୍ଜମା ନିମନ୍ତେ ମୁନ୍‌ସି ବଦରୁଦ୍ଦିନ ମିଆଁଙ୍କ ଅଫିସକୁ ପଠାଗଲା । ଏ ମାମଲା ସଂକ୍ରାନ୍ତରେ ଆସନ୍ତା କାଲି ଅନ୍ୟାନ୍ୟ ସ୍ଥାନରେ ତଦନ୍ତ ହେବ । ଇତି ।

ସ୍ୱାକ୍ଷର : ଶ୍ରୀ ସୁକୁମାର ସେନ ।

Digitized by srujanika@gmail.com

ମେମୋ ନଂ ୮

"ଧନ୍ୟବାଦ ! ତୁମ 'ଡାଇରୀ'ର ସଂକ୍ଷିପ୍ତ ସାର ଅଦ୍ୟ ପ୍ରାତେ ପଢ଼ିଲି । ତୁମ 'ଡାଇରୀ'ରେ ଉଲ୍ଲେଖିତ ଯୁଗ୍ମ ଫଟୋ ଏ ପର୍ଯ୍ୟନ୍ତ ପାଇ ନାହିଁ । ଏହ ଫଟୋ ଦେଖିବା ପରେ ସମ୍ଭାବ୍ୟ ଖୁନୀମାନଙ୍କ ସମ୍ବନ୍ଧରେ ମୁଁ ଉପଦେଶ ଦେବି । ବର୍ତ୍ତମାନ ତରୁଣ ଅଧ୍ୟାପକ ଅରୁଣ ବାବୁଙ୍କ ସହିତ ସାକ୍ଷାତ କରିବା ଉଚିତ । ପୋଷ୍ଟମର୍ଟମ୍ ତଥା ମଯ୍ନା ତଦନ୍ତର 'ରିପୋର୍ଟ' କ'ଣ ଏଯାଏ ମିଳି ନାହିଁ ? ନମିଳି ଥିଲେ ତା' ପାଇଁ ତାଗିଦ କରିବା ଦରକାର । ଯଥା ସମ୍ଭବ ଶୀଘ୍ର ଦୁର୍ଜ୍ଜୟ ବାବୁଙ୍କୁ ଉଦ୍ଧାର କରିବା ଦରକାର ! ସେ ଗୋପନରେ ନିଜ ଘରକୁ ରାତିରେ ଫେରନ୍ତି ନାହିଁ ତ ? ମଦନ ଘୋଷ ଷ୍ଟ୍ରୀଟର କୋଠାଟି ହତ୍ୟା ସ୍ଥଳ ବୋଲି ମନେହୁଏ । ବର୍ତ୍ତମାନ ଗୋଟିଏ ଜାଗା ଦୁଇଟି ଖୁନ ହେଲା ତା'ର ପ୍ରୟୋଜନୀୟ ତଦନ୍ତ ଦରକାର । ଦୁର୍ଜ୍ଜୟ ବାବୁଙ୍କ ଘର ଉପରେ ଗୋପନରେ ନଜର ରଖିବାର ବ୍ୟବସ୍ଥା କର । ତୁମର ପରବର୍ତ୍ତୀ ତଦନ୍ତ 'ରିପୋର୍ଟ' ଅପେକ୍ଷାରେ ରହିଲି । ଇତି

ସ୍ୱାକ୍ଷର : କେ ହାବାର୍ଟ
ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ—ଦକ୍ଷିଣ କଲିକତା ।

(ମୁନ୍‌ସି ବଦରୁଦ୍ଦିନ କର୍ତ୍ତୃକ ଇଂରାଜୀ ହୁକୁମନାମାରୁ ଅନୂଦିତ ଓ ତଦନ୍ତକାରୀ ଦାରୋଗା ଶ୍ରୀ ସୁକୁମାର ସେନଙ୍କ ନିକଟକୁ ପ୍ରେରିତ ।)

Digitized by srujanika@gmail.com

ଅଦ୍ୟ ଆମ ଥାନାର ଚଳନ୍ତି ସନର ୨୦ ନମ୍ବର ଖୁଣ୍ ମାମଲାଟିରେ ପୁନରାୟ ତଦନ୍ତରତ ରହିଲା । ମାତ୍ର ଗତକାଲି ରାତିରେ ସରକାରୀ ଡାକ୍ତରଙ୍କ ନିକଟରୁ ଶବ ବ୍ୟବଚ୍ଛେଦ ସମ୍ପର୍କିତ ମଇନା ତଦନ୍ତର ପ୍ରତିବେଦନଟି ପ୍ରାପ୍ତ ହୋଇଛି । ସରକାରୀ ଡାକ୍ତର ମହାଶୟ ଏହାକୁ ଗୋଟିଏ ନିର୍ମମ ବୈଜ୍ଞାନିକ ହତ୍ୟା ରୂପେ ରାୟ ଦେଇଛନ୍ତି । ତାଙ୍କର ପ୍ରତିବେଦନର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା :

"ମୋର ସୁନିର୍ଦ୍ଦିଷ୍ଟ ଅଭିମତ, ଏହା ଗୋଟିଏ ନରହତ୍ୟାର ମାମଲା । ମୃତ ବ୍ୟକ୍ତିକୁ ଶକ୍ତ ମାଟି ଉପରେ ଜବରଦସ୍ତ ଭାବରେ ପକାଇ ମର୍ଫିଆ ଇଞ୍ଜେକ୍ସନ ଦ୍ୱାରା ପ୍ରଥମେ ଅଜ୍ଞାନ କରାଯାଏ । ତା'ପରେ ତା' ଗଳାଦେଶକୁ ଛୁରିକାଦ୍ୱାରା କର୍ତ୍ତନ କରି ମୁଣ୍ଡଟିକୁ ବିଚ୍ଛିନ୍ନ କରାଯାଏ । ଏଇ ମୃତ ଯୁବକର ମୁଣ୍ଡହୀନ ଦେହ, ପିଠି ଓ ବକ୍ଷରେ ଟଣା ଓଟରାର ଦାଗ ଦେଖିବାକୁ ମିଳେ । ବହୁ ଆତତାୟୀ ଏ ହତ୍ୟା ସହିତ ଜଡ଼ିତ ରହିବାର ସମ୍ଭାବନା । ଖୁବ୍ ସମ୍ଭବତଃ ଏଇ ବ୍ୟକ୍ତି ହତ୍ୟା କାଳରେ ଖୁବ୍ ଚିତ୍କାର କରିଥିଲା । ତେଣୁ ତା'ର ଫୁସ୍ ଫୁସ୍ ମଧ୍ୟରେ ପ୍ରଚୁର-ବାୟୁ ଥିବାର ଦେଖାଯାଏ । ଏହାର କକ୍ଷରୁ ଏକ ପିସ୍ତଲର ଭଗ୍ନାବଶେଷ ମିଳିଛି । ଏହା ସହିତ ଚୋରା ଥାନକୁ ପଠାଇ ଦିଆଗଲା । ମୃତ ଦେହରୁ ମର୍ଫିଆ ବିଷର ସନ୍ଧାନ ମିଳିଛି । ମୃତ ବ୍ୟକ୍ତିର ରକ୍ତ ଜମାଟ ଏବଂ ପଚମାନ ଭୁକ୍ତ ଦ୍ରବ୍ୟର ପରୀକ୍ଷାରୁ ବୁଝାଯାଏ ଯେ, ମଧ୍ୟାହ୍ନ ଆହାରର ଦୁଇ ଘଣ୍ଟା ପରେ ସେ ନିହତ ହୋଇଛି । ଏଇ ମୃତ ଦେହର ପାକସ୍ଥଳୀରେ ଅନ୍ନ ବଦଳରେ ରୁଟି ମିଳିଛି । ଏହାର ବୟସ ଅନ୍ଦାଜ ୩୦ ବର୍ଷ ହେବ ।"

Digitized by srujanika@gmail.com

ମୁଁ ଯଥା ଶୀଘ୍ର ଅଧ୍ୟାପକ ଅରୁଣ ମୁଖାର୍ଜୀଙ୍କ (ବର୍ତ୍ତମାନ ସ୍ୱର୍ଗତ) ଘରେ ତଦନ୍ତ ଉଦ୍ଦେଶ୍ୟରେ ଯାଇ ପହଞ୍ଚିଲି । ଦେଖିବାକୁ ପାଇଲି ଯେ, ଅଧ୍ୟାପକ ସ୍ୱର୍ଗତଙ୍କ ଘରର ଅନତି ଦୂରରେ ମାରୱାଡ଼ୀ 'ଗେଷ୍ଟ ହାଉସ'ଟି ଅବସ୍ଥିତ । ଏପରିକି ଉଭୟ କୋଠା ପରସ୍ପରର ନିକଟକୁ ଆସେ । ମୁଁ ଅରୁଣ ବାବୁଙ୍କ ଘର ମଧ୍ୟରେ ସପପାଢ ସ୍ତ୍ରୀଅଙ୍କେ ବହିସ୍ତୂପ ମଧ୍ୟରେ ବସିରହି ପଢୁଥିବାର ଦେଖିଲି । ତାଙ୍କୁ ସବୁ ବିଷୟ ବୁଝାଇ ଅନୁରୋଧ କରନ୍ତେ ସେ ନିମ୍ନଲିଖିତ ବିବୃତିଟି ଦେଇଥିଲେ ।

"ଆମ ଘରର ଛାତ ଉପରୁ ସେ କୋଠାଟା ସମ୍ପୂର୍ଣ୍ଣରୂପେ ଦେଖାଯାଏ । ଆମ ଘର ଲୋକ ସଂଖ୍ୟା ଅଧିକ ହେତୁରୁ ମୁଁ ଛାତ ଉପର ଘରେ ସର୍ବଦା ଶୁଆବସା କରେ । ମୁଁ, ସୁଧାରାଣୀ ଦତ୍ତଙ୍କ ପିତାଙ୍କର ବୃତ୍ତି ଟିକିଏ ପେଉଥା । ସେ ସମ୍ବନ୍ଧରେ କୌଣସି କଥା ଦେଖିବାକୁ ନାହିଁ । ତାଙ୍କ ନିଜ ପୁଅଟି ନିଜର ମନ ମୁତାବକ ହୋଇ ପାରିଲା ନାହିଁ । ତାଙ୍କର ଇଚ୍ଛା ସେ ତାଙ୍କର 'ଆର୍ଟିକେଲ କ୍ଲର୍କ' ବିକାଶ ବାବୁଙ୍କୁ ପକ୍କା 'ଆଟର୍ଣ୍ଣି' ଦ୍ୱାରା କରି ଜ୍ୱାଇଁ କରିବେ ଏବଂ ନିଜ ଅଫିସର ସମସ୍ତ ଭାର ତା' ଉପରେ ନ୍ୟସ୍ତ କରିବେ । ଏ ପଟରେ ଏଇ ମାରୱାଡ଼ୀ 'ଗେଷ୍ଟହାଉସ' ଦୋତଳରେ ତାଙ୍କର ଭାବୀ ଜ୍ୱାଇଁଙ୍କର ଗୁଣାଗୁଣ କେବଳ ମାତ୍ର ମୁଁ ଜାଣେ । ଏକଥାଗୁଡ଼ାକ ତାଙ୍କୁ ଜଣାଇଲେ ସେମାନେ ଭାବିବେ ଯେ, ମୁଁ ଉଦ୍ଦେଶ୍ୟ ପୂର୍ଣ୍ଣ ଭାବରେ ସେମାନଙ୍କର ନିନ୍ଦା କରୁଛି । ତାଙ୍କ କନ୍ୟାଙ୍କ ପରି ଏକ ନିଷ୍ପାପ ମେଧାବୀ ଗୁଣବତୀ ଛାତ୍ରୀର ସର୍ବନାଶ ତା'ଧ କୌଣସି ଗୁଣମୁଗ୍ଧ ଶିକ୍ଷକ କେବେ କାମନା କରିବ ନାହିଁ । ସେମାନଙ୍କ କବଳମୁକ୍ତ ହୋଇ ପାରିଲେ ସେ ଝିଅଟି ଉକ୍ତ କଲେଜର ଏମ୍, ଏ, ପାଶ କରି ସେଠାରେ ଅଧ୍ୟାପିକା ମଧ୍ୟ ହୋଇପାରେ ।

Digitized by srujanika@gmail.com

ବର୍ତ୍ତମାନ ଆପଣ ମୋଠାରୁ କ'ଣ ଜାଣିବାକୁ ଚାହାଁନ୍ତି କୁହନ୍ତୁ ।"

ଅଧ୍ୟାପକ ଅରୁଣ ବାବୁଙ୍କ ଦୁଃଖ କେଉଁଠି ତା' ସହଜରେ ବୁଝାଯାଏ । ତାଙ୍କ ମନର ଏଇ ସ୍ୱାଭାବିକ ଈର୍ଷା ଆମ ତଦନ୍ତର ସହାୟକ ହେବ ବୋଲି ମୋର ବିଶ୍ୱାସ । ସାକ୍ଷୀମାନଙ୍କ ମଧ୍ୟରେ ଈର୍ଷା, କ୍ରୋଧ ନଥିଲେ କୌଣସି ପୋଲିସ ମାମଲାର ସହଜ ସମାଧାନ ହୋଇପାରେ ନାହିଁ । ତାଙ୍କର ଏତାଦୃଶ ଈର୍ଷାନ୍ୱିତ ମାନସିକ ଅବସ୍ଥାର ସୁଯୋଗ ଗ୍ରହଣ କରି ସଦୁତ୍ତର ଅଶାରେ ତାଙ୍କୁ କେତୋଟି ପ୍ରଶ୍ନ ପଚାରି ଥିଲି । ତା'ର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା—

: ଅଚ୍ଛା, ଗତ ଜୁନ ପହିଲା ଦିନ ଆପଙ୍କ କଲେଜକୁ ଗଭର୍ଣ୍ଣର ବାହାଦୂର ପରିଦର୍ଶନ କରିବାକୁ ଆସି ସକାଳ ଦଶଟା ବେଳକୁ ଫେରି ଯାଇଥିଲେ । ଆଶାକରେ ତା'ପରେ ଆପଣ ନିଜ ଘରକୁ ଫେରିଆସି ଏଠାରେ ଉପସ୍ଥିତ ଥିଲେ ? ତେଣୁ ସେ ତାରିଖରେ 'ଏଇ ଗେଷ୍ଟ ହାଉସ'କୁ ଦିନରେ ବା ରାତିରେ କିଏ ଆସିଲା ବା ଗଲା ଆପଣ ଦେଖିଛନ୍ତି କି ? ଆଶାକରେ ଆପଣ ନିଜ ସ୍ୱାର୍ଥରେ ଏଇ କୋଠାର ଘଟଣାଗୁଡିକ ଲକ୍ଷ୍ୟ କରନ୍ତି ।

: ଏହି କୋଠାଟିରେ ମଝିରେ ମଝିରେ ସନ୍ଦେହ ଭାଜନ ଯୁବକ ଯୁବତୀମାନଙ୍କ ଯାତାୟାତ ଆମକୁ ସ୍ୱଭାବତଃ ହିଁ ସନ୍ଦିଗ୍ଧ କରୁଥିଲା । ମୁଁ ପରି ପରି କେତେଦିନ ବିକାଶ ବାବୁଙ୍କୁ ଏବଂ ତାଙ୍କର ବନ୍ଧୁ ସୁଧୀନ ଦତ୍ତଙ୍କୁ ଏଠାରେ ପ୍ରବେଶ କରିବାର ଦେଖିଛି । ସେମାନଙ୍କ ସହିତ ପ୍ରାୟ ଜଣେ ମାରବାଡ଼ି ଯୁବକ ମଧ୍ୟ ଆସୁଥିଲା । ଏହି

Digitized by srujanika@gmail.com

କାରଣରୁ କୋଠାଟି ଉପରେ ନଜର ରଖୁଥିଲି । ଏଥି ନିମନ୍ତେ ମୁଁ କେତେଦିନ କଲେଜରେ ମଧ୍ୟ ଅନୁପସ୍ଥିତ ହୋଇଛି । ହାୟ ! ଏଇ ଭାଇ ଓ ଭଉଣୀ ଏକ ରକ୍ତରେ ଗଢ଼ାହେଲେ ବି ଦୁଇ ଜଣଙ୍କ ମଧ୍ୟରେ କେତେ ତଫାତ୍ । ମୁଁ ଦିନ ୨ଟା ବେଳେ କଲେଜରୁ ସେଦିନ ଗୋଟାଏ ପୁସ୍ ପୁସ୍ ଗାଡ଼ି ଭଡ଼ାକରି ଘରକୁ ଫେରିଥିଲି । ମୁଁ ରାସ୍ତା ଉପରେ ବିକାଶ ବାବୁଙ୍କ ସହ ଆଉ ଦୁଇଜଣ ବଙ୍ଗାଳୀ ଓ ଜଣେ ମାରବାଡ଼ିଙ୍କୁ ଗୋଟାଏ ବନ୍ଦ ଗାଡ଼ି ମଧ୍ୟରୁ ଓହ୍ଲାଇ ସେ କୋଠାଟିରେ ପଶିବାର ଦେଖିଲି । ମୁଁ ଯଥାଶୀଘ୍ର ସେମାନଙ୍କ କାମଦାମକୁ ଲକ୍ଷ୍ୟ କରିବା ନିମନ୍ତେ ଛାତ ଉପରକୁ ଚାଲିଯାଏ । କିନ୍ତୁ ସେମାନଙ୍କୁ ସେଠା'ରୁ ଅନ୍ୟ ବାହାର ହେବାର ମୁଁ ଦେଖି ନାହିଁ । ମୁଁ ସେଦିନ ରାତ୍ରୀରେ ପରୀକ୍ଷାର ଉତ୍ତର ପତ୍ର ପରୀକ୍ଷା କରୁଥିଲି । ଉତ୍ତର ପତ୍ରର ପରୀକ୍ଷା ସହ ମୁଁ ଏଇ ରହସ୍ୟାବୃତ କୋଠାଟି ଉପରେ ମଧ୍ୟ ନଜର ରଖିଥାଏ । ରାତି ଆଠଟା ବେଳକୁ ମୁଁ ଘରୁ ଛାତକୁ ଆସି ଦେଖେ ଯେଉଁ ଏକା ଘୋଡ଼ାଗାଡ଼ିରେ ବିକାଶ ବାବୁ ଓ ତାଙ୍କର ବନ୍ଧୁ ସୁଧୀନ ବାବୁ ସେମାନଙ୍କ ସାଙ୍ଗସାଥୀମାନଙ୍କ ସହ ବାହାରି ଗଲେ । କେଇଜଣ ଲୋକ ଗୋଟାଏ ବେତର ପେଡ଼ି ଧରାଧରି କରି ଏଇ ଗାଡ଼ିଟିର ଛାତ ଉପରେ ଉଠାଇ ଦେଉଥିଲେ । ଏଇ ଗାଡ଼ିର ଗାଡ଼ୋୟାନକୁ ଜଣେ ନୂଆ ଗାଡ଼ି ଚାଳକ ବୋଲି ମନେ ହେଉଥିଲା । କାରଣ ଠିକ୍ ଭାବରେ ଘୋଡ଼ାକୁ ଆୟତ୍ତ କରି ସେ ଗାଡ଼ିଟିକୁ ଚଳାଇ ପାରୁ ନଥିଲା । ତା'ପରେ ସାରା ରାତି ଉଜାଗର ନ ରହି ମୁଁ ଶୋଇ ପଡ଼ିଥିଲି । କିନ୍ତୁ ରାତି ଚାରିଟା ବେଳକୁ ଗୋଟାଏ ଘୋଡ଼ାର ବିକଟ ଶବ୍ଦରେ ମୋ' ନିଦଟା ଭାଙ୍ଗିଯାଏ । ମୁଁ ସଙ୍ଗେ ସଙ୍ଗେ ଛାତ ଉପରକୁ ଆସି ଦେଖେ—କେଇଜଣ ଲୋକ ଅଗଣାର ସେଇ ବେତ ପେଡ଼ିଟିକୁ ଓହ୍ଲାଇ ନେଇ ସେ ଘରଟି ଭିତରେ ପ୍ରବେଶ କଲେ । ଭୋର ରାତିରେ କରେସିନ୍ ବତୀଗୁଡ଼ିକ

Digitized by srujanika@gmail.com

ସାଙ୍ଗରେ ଜଳଜଳ ନିଷ୍ପ୍ରଭ ହୋଇ ପଡ଼ିଥିବାରୁ ମୁଁ ସେମାନଙ୍କୁ ଭଲ ଭାବରେ ଚିହ୍ନି ପାରୁ ନଥିଲି । ଏ ପଟରେ ସେ ଗାଡ଼ିର ଘୋଡ଼ାଟାକୁ ଆଉ ଶାନ୍ତ କରିହେଇ ପାରୁନା । ଓଃ ସେଇ ଡେଙ୍ଗା ଘୋଡ଼ାଟା କି ଭୟଙ୍କର ! ତା'ପରେ ଗୋଟାଏ 'ଅଣ୍ଡର ଓୟାର' ଓ ଗେଞ୍ଜି ପିନ୍ଧା ରୋଗୀ ଭଳି ଗୋଟାଏ ଲୋକକୁ ଧରି ଧରି କରି ସେମାନେ ଆଣି ଗାଡ଼ିରେ ବସାଇଲେ । ତା'ପରେ ସେଇ ଦୁର୍ଦ୍ଧର୍ଷ ଘୋଡ଼ା ଶାନ୍ତ ଭାବରେ ଚାଲିବାକୁ ଲାଗିଲା । ଏକଥା ମୁଁ ଚୂଡ଼ାଧର ଭାଇଙ୍କ ଭଉଣୀ ନିକଟରେ କଲେଜରେ କହିଥିଲି । କିନ୍ତୁ ତା' ଭଳି ଜଣେ ନିରୀହା ବାଳିକା ପକ୍ଷରେ ସାବଧାନ ହେବା ଛଡ଼ା ଆଉ କ'ଣ କରିହେଇ ପାରେ କୁହନ୍ତୁ ? ସେଇ ପାପ ସଂସାର ମଧ୍ୟରୁ ଏଇ ନିଷ୍ପାପ ବାଳିକାଟି ଯେପରି ଶୀଘ୍ର ବାହାରି ଆସି ପାରେ—ଭଗବାନଙ୍କ ନିକଟରେ ଏତିକି ପ୍ରାର୍ଥନା ।

ଅଧ୍ୟାପକ ରାୟଙ୍କ ମୂଲ୍ୟବାନ ବିବୃତିଟିକୁ ଲିପିବଦ୍ଧ କରି ସାରି ମୁଁ ତାଙ୍କୁ ଆଉ କେତୋଟି ପ୍ରଶ୍ନ କରିଥିଲି । ତା'ର ପ୍ରଶ୍ନୋତ୍ତର ନିମ୍ନରେ ଦିଆଗଲା ।

: ଆଚ୍ଛା ସେଇ ରୋଗୀଭଳି ଲୋକଟିକୁ ଗାଡ଼ିରେ ବସାଇ ସେମାନେ କ'ଣ ସଙ୍ଗେ ସଙ୍ଗେ ପୁଣି ବାହାରି ଗଲେ ? ତା'ହେଲେ ଲୋକଟିର କୌଣସି ଜ୍ଞାନ ଥିଲା ବୋଲି ଆପଣଙ୍କର ମନେ ହୋଇ-ନାହିଁ ? ଦୁର୍ବୃତ୍ତମାନଙ୍କ କଥାବାର୍ତ୍ତା କ'ଣ ଆପଣ ଏତେ ଦୂରରୁ ଶୁଣି ପାରିଥିଲେ ? ସେଇ ରୋଗୀଭଳି ଲୋକଟିକୁ ଆପଣ ଦେଖିଲେ ପୁଣି ଚିହ୍ନି ପାରିବେ କି ?

: ଅଜ୍ଞା ଏତେ ଦୂରରୁ ସେମାନଙ୍କ କଥା ଶୁଣିବା ଅସମ୍ଭବ । ସେମାନଙ୍କ ମଧ୍ୟରୁ ଜଣେ ଚିତ୍କାର କରି (ଗଳା ଶବ୍ଦଟା ବଙ୍କାଣି

Digitized by srujanika@gmail.com

ବାବୁଙ୍କ ଗଳା ଭଳି ।) କହିଲି : ସିଧା 'ସତଘରୀ ହାଉସ' । ଯୋଗୀ ଭଳି ଲୋକଟିକୁ ନ ଚିହ୍ନିଲେ ବି ବିକାଶ ବାବୁ ଓ ସୁଧୀନ ବାବୁଙ୍କୁ ମୁଁ ନିଶ୍ଚୟ ଚିହ୍ନି ପାରିବି । କାରଣ ବହୁଦିନ ମୁଁ ସେମାନଙ୍କ ଘରକୁ ନିମନ୍ତ୍ରଣ ରକ୍ଷା କରିବାକୁ ଯାଇଛି ଏବଂ ଏକ ସହିତ ବସି ଆମେ ବହୁକ୍ଷଣ କଟାଇଛୁ । ହଁ, ସେମାନେ ଶୀଘ୍ର ହିଁ ପୁଣି ଗାଡ଼ିରେ ବାହାରି ଗଲେ । ଏ ଅଞ୍ଚଳର ଲୋକେ ଉକ୍ତ କୋଠାଟିକୁ ଭୂତକୋଠି ବୋଲି କୁହନ୍ତି କିନ୍ତୁ ମୋ ମତରେ ସେଠା ଗୋଟିଏ ଦସ୍ୟୁ ଓ କୁଆଡ଼ୀଙ୍କ ଆଡ଼ା ଛଡ଼ା ଅନ୍ୟ କିଛି ନୁହେଁ ;

ବି : ଦ୍ର : ଏଠାକାର ମାଡ଼ୱାରୀ ଗେଷ୍ଟ ହାଉସରୁ ସଂଗୃହୀତ ପ୍ରାମାଣ୍ୟ ଦ୍ରବ୍ୟଗୁଡ଼ିକୁ ସନାକ୍ତ କରିବା ନିମନ୍ତେ ମୁଁ ଅଧ୍ୟାପକ ରାୟଙ୍କୁ ଅନୁରୋଧ କରିଥିଲି । ଆମ ଅନୁରୋଧରେ ସେ ବଡ଼ ପେଡ଼ିଟିକୁ ସନାକ୍ତ କଲେ । ଆମ ହେପାଜତରେ ନିଆ ଯାଇଥିବା ବିକାଶ ବାବୁ ଓ ସୁଧୀନ ବାବୁଙ୍କ ଯୁଗ୍ମ ଫଟୋଟିକୁ ଦେଖି ସେ ସନାକ୍ତ କରିଥିଲେ ।

ଯୁଗ୍ମ ଫଟୋଟିକୁ ସନାକ୍ତ କରିବା ବେଳେ ଆମେ ଅଧ୍ୟାପକ ରାୟଙ୍କ ମୁହଁରୁ ହସିବାର ଲକ୍ଷ୍ୟ କଲୁଁ । ଆମେ ତା'ର କାରଣ ପଚାରିବାରୁ ସେ କହିଥିଲେ ଯେ, ଅଫିସ ମହଲରେ ୟୁରୋପୀୟ ସୁଟ୍‌ପିନ୍ଧି ବାହାରିଲେ ବି ସାଧାରଣତଃ ସେମାନେ ଧୋତି ପଞ୍ଜାବି ପିନ୍ଧନ୍ତି । ଏଇ ସାକ୍ଷୀ ଆହୁରି ମଧ୍ୟ ପରିହାସ ଛଳରେ କୁହନ୍ତି ଯେ, ଧୋତି ପଞ୍ଜାବି ନ ପିନ୍ଧିଲେ କୁଳଟା ନାରୀମାନଙ୍କ ସହିତ ମିଳାମିଶାରେ ଅସୁବିଧା ଅଛି । ତେଣୁ ସେମାନେ ପୂଜା ପାର୍ବଣ ଓ ଅଭିସାର ସମୟରେ ଧୋତି ପଞ୍ଜାବି ପିନ୍ଧନ୍ତି । କିନ୍ତୁ ସେମାନଙ୍କ ବନ୍ଧୁ ଧନକୁବେର ମାରୱାଡ଼ି ଯୁବକ ସର୍ବଦା ୟୁରୋପୀୟ ପୋଷାକରେ ସଜ୍ଜିତ

Digitized by srujanika@gmail.com

ଥା'ନ୍ତି । ଏହା କେବଳ ତାଙ୍କର ଆତ୍ମିକ ଦୈନ୍ୟ (*Inferiority Complex*) କୁ ଢାଙ୍କିବା ଉଦ୍ଦେଶ୍ୟରେ ସେ କରଥା'ନ୍ତି । ସେ ମାରବାଡ଼ି ଯୁବକଟିକୁ ଦୁଇ ଡିନ୍ନଅଁର ଏଇ ବନ୍ଧୁ ଦୁଇଜଣଙ୍କ ସହିତ ଦେଖିଛନ୍ତି ।

ତଦନ୍ତ ଉଦ୍ଦେଶ୍ୟରେ ଅନେକ ସମସ୍ତ ହେବ ଥାନରୁ ବାହାର ହୋଇଛୁ । ସେଠାରେ ଅଦ୍ଭୁତ ବହୁବଧ କାମ ଥିବାରୁ ମୁଁ ଆଜକାପାଇଁ ଏ ତଦନ୍ତ ସ୍ଥଗିତ ରଖି ଥାନକୁ ବାହାରିଲି । ସଂଗୃହୀତ ପ୍ରାମାଣ୍ୟ ଦ୍ରବ୍ୟ ଓ ଅଲ୍ପମତଗୁଡ଼ିକ ଥାନାରେ ଜମା ଦେଇ ପୂରୁଣା 'ଡାଇରି' ପୃଷ୍ଠାଗୁଡ଼ିକ ଆଉ ଥରେ ପଢ଼ିବାକୁ ଲଗିଲି । ମୁଁ ଏଥର ବନ୍ଧିଲି ତଦନ୍ତ ଲବ୍ଧ ଘଟଣାର ପରିପ୍ରେକ୍ଷିରେ ଗୋଟିଏ ସମସ୍ତ ଓ ଦିନ-ପଞ୍ଜି ପ୍ରସ୍ତୁତ କଲି । ଏଇ ଦିନ ପଞ୍ଜିଟିକୁ ଅନୁଧାବନ କରି ହତ୍ୟାକାଣ୍ଡ ସଂବନ୍ଧରେ ଗୋଟାଏ ସଠିକ୍ ଧାରଣା କରିଯାଇ ପାରେ । ଏହି ସମସ୍ତ ପଞ୍ଜିକାଟି ଏହା ସହିତ ପୃଥକ ଭାବରେ ପ୍ରଦର୍ଶିତ କରିଗଲା । ଏହି ଘଟଣା ପଞ୍ଜିରୁ ବୁଝାଯାଏ ଯେ, ଗୋଟାଏ ଦଳ ଦୁର୍ଲଭ ବାବୁଙ୍କୁ ଓ ଅନ୍ୟ ଦଳ ତାଙ୍କ ସ୍ତ୍ରୀଙ୍କୁ ଅପହରଣ କରିଛନ୍ତି । ଯେତେଦୂର ବୁଝାଯାଏ ଯେ, ଏଇ ଦୁଇଜଣ ବର୍ତ୍ତମାନ ନିହତ । ବର୍ତ୍ତମାନ ବିବେଚ୍ୟ ବିଷୟ ହେଉଛି ଯେ, ସାକ୍ଷାତ ଭାବରେ କେଉଁ-ମାନେ ତାଙ୍କୁ ହତ୍ୟା କରିବା ପାଇଁ ଦାୟୀ ?

କେଇଟି ପ୍ରାମାଣ୍ୟ ଦ୍ରବ୍ୟ ସହ ଏହି ଡାଇରି ବିବରୁଦ୍ଧିକ ମୂଳପି କର୍ତ୍ତିକ ଇଂରାଜୀରେ ତର୍ଜମା ହୋଇ ସ୍ଥାନୀୟ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମୀପେ ପ୍ରେରିତ କରିଗଲା । ଇତି ।

ସ୍ୱାକ୍ଷର : ଶ୍ରୀ ସୁକୁମାର ସେନ
ତଦନ୍ତକାରୀ ଅଫିସର ।

Digitized by srujanika@gmail.com

ମେମୋ ନଂ ୪

ତଦନ୍ତକାରୀ ଅଫିସରଙ୍କ ଦ୍ୱାରା ପ୍ରେରିତ *Exhibit* ଅର୍ଥାତ୍ ପ୍ରଦର୍ଶନୀ ଦ୍ରବ୍ୟ କେଇଟି ଅନୁଧାବନ କରି କୌତୂହଳୀ ହୋଇ ଉଠିଲି । ଗୋଟିଏ *Exhibit* ବା ପ୍ରଦର୍ଶନୀ ଦ୍ରବ୍ୟରେ ଦୁର୍ଜ୍ଜୟ ବାବୁଙ୍କ ସ୍ତ୍ରୀ ଏବଂ ଶର୍ମିଳାଙ୍କୁ ଦେଖାଯାଏ ଏବଂ ଫଟୋଟି *Snap Shot* ଦ୍ୱାରା ଉଠା ଯାଇଥିବା ଅନୁମାନ କରାଯାଏ । ଏହା କନାନ୍ତକ ନିରୁଦ୍ଦିଷ୍ଟ ଦୁର୍ଜ୍ଜୟ ଗାଙ୍ଗୁଲି କିମ୍ବା ବିକାଶ ଗାଙ୍ଗୁଲିଙ୍କ ଦ୍ୱାରା ଉଠା ଯାଇଥିବା କଥା ଅନୁମାନ କରାଯାଇ ପାରେ । ଏଠାରେ ଦୁଇଜଣଙ୍କୁ ପରସ୍ପରଠାରୁ ଦୂରରେ ରଖି ଫଟୋଟି ଉଠା ହୋଇଛି । ଏହା ସେମାନଙ୍କର ସାମୟିକ ମନୋମାଳିନ୍ୟର ପରିଚାୟକ । କୌଣସି ମିଶ୍ରିତ-ପ୍ରେମ ଜନିତ କାରଣରୁ ମଧ୍ୟ ଏପରି ଘଟି ପାରେ । ଏଥର ଦୁର୍ଜ୍ଜୟ ବାବୁଙ୍କ ଘରର ପ୍ଲାନଟିକୁ ଲକ୍ଷ୍ୟ କଲେ ବୁଝି ହେବ ଯେ, ତାଙ୍କ ଘର ପଛ ପଟରେ ଗୋଟାଏ ଅପ୍ରଶସ୍ତ ଗଳିପଥ ପ୍ରସାରିତ । ଏ ସ୍ଥାନଟି ଅତ୍ୟନ୍ତ ନିର୍ଜନ ମଧ୍ୟ । ଆଶ୍ଚର୍ଯ୍ୟ ! ଦରବାନ ଘର ଦୁଇଟି ଗେଟର ଦୁଇ ପାର୍ଶ୍ୱରେ ହେଲେ ବି ଘଟଣା ସମୟରେ ସେମାନେ ନିଜ ଘର ମଧ୍ୟରେ ବନ୍ଦ ଥିଲେ । କୋଚବାନ ଅସ୍ତା-ବଳରେ ଥିଲା । ଏଇ ଅସ୍ତାବଳଟି ଘରର ନିର୍ଗମ ପଥଠାରୁ ଦୂରରେ ଅବସ୍ଥିତ । ଆଟର୍ଣ୍ଣି-କନ୍ୟା ସୁଧାରାଣୀଙ୍କ ଫଟୋଟି ତ ପୂର୍ଣ୍ଣ ମୂର୍ତ୍ତି । ଏହି ଫଟୋଟି ଅଧ୍ୟାପକ ଅରୁଣ ବାବୁଙ୍କ ଶୟନ କକ୍ଷ ମଧ୍ୟରେ ଉଠା ଯାଇଥିବା ସମ୍ଭବ । ଯେ ଯାହାହେଉ ଫଟୋଟି ଅଧ୍ୟାପକ ନିଜେ ହିଁ ଉଠାଇଛନ୍ତି । କୁମାରୀ କନ୍ୟାର ଫଟୋ ଉଠା କାଳୀନ ଲଜ୍ଜା ଓ

Digitized by srujanika@gmail.com

ଉପ୍ପର ଅଭିବ୍ୟକ୍ତି ମୁହୂର୍ତ୍ତରେ ପରିସ୍ଫୁଟ । ଆମେ ଯେହେତୁ ତାଙ୍କର ଅଭିଜ୍ଞବନ୍ଧୁ ନେହୁଁ, ତେଣୁ ମନ୍ତବ୍ୟ ନିଷ୍ପ୍ରୟୋଜନ । ଏହି ଫଟୋଟିରୁ ବୁଝାଯାଏ ଯେ, ଅରୁଣ ବାବୁଙ୍କୁ ବିକାଶ ବାବୁଙ୍କ ବିରୁଦ୍ଧରେ ସାକ୍ଷୀ ଦେବା ପାଇଁ ଉତ୍ତେଜିତ କଲେ ଆମର ଉଦ୍ଦେଶ୍ୟ ସାଧିତ ହୋଇ ପାରିବ । ଅନ୍ୟ *Exhibit* ବା ପ୍ରଦର୍ଶନୀ-ଦ୍ରବ୍ୟ ମଧ୍ୟରେ ବିକାଶ ବାବୁ ଓ ସୁଧୀନ ବାବୁଙ୍କ ଯୁଗ୍ମ ଫଟୋଟି ଉଲ୍ଲେଖଯୋଗ୍ୟ । ଫଟୋଟି ଏହି ଖୁଣ୍ ମାମଲାର ଜନକ କରି ଦେବ । ଏହି ଫଟୋ ସହ ଅନ୍ୟାନ୍ୟ ପ୍ରାମାଣ୍ୟ ଦ୍ରବ୍ୟଗୁଡ଼ିକ ମୁଁ ଅନୁଧାବନ କରୁଛି । ତଦନ୍ତ ସମ୍ବନ୍ଧରେ ଅନ୍ୟାନ୍ୟ ନିର୍ଦ୍ଦେଶ ମୁଁ ଯଥା ଶୀଘ୍ର ପଠାଇବି । ତୁମମାନଙ୍କ ପରବର୍ତ୍ତୀ 'ଡାଇରି' ନିମନ୍ତେ ଅପେକ୍ଷା କଲି ।

କେ : ହାବାର୍ଟ
ପୋଲିସ ସୁପରିଣ୍ଟେଣ୍ଡେଣ୍ଟ, କଲିକତା

ଅଦ୍ୟ ପ୍ରାତ ଆଠ ଘଟିକା ଅନ୍ତେ ମୁଁ ପୋଲିସ ସାହେବ ମହୋଦୟଙ୍କ ନିର୍ଦ୍ଦେଶାନୁସାରେ ଏହି ହତ୍ୟା ମାମଲାର ପୁନଶ୍ଚ ତଦନ୍ତ ଆରମ୍ଭ କଲି । ତାଙ୍କ ଲିଖିତ ଆଦେଶ ମୁତାବକ ସର୍ବ ପ୍ରଥମେ ନିରୁଦ୍ଦିଷ୍ଟ ଦୁର୍ଲଭ ବାବୁଙ୍କ ଘରକୁ ତଦନ୍ତ ଉଦ୍ଦେଶ୍ୟରେ ପୁନଶ୍ଚ ଯାଇ ପହଞ୍ଚିଲି । ଆମେ ତାଙ୍କ ଘରେ କୌଣସି ଯୋଗ୍ୟ ପଞ୍ଜାବୀ କିମ୍ବା କୌଣସି ବଳାତ୍ ସୂତ୍ର ଦେଖିବାକୁ ପାଇନାହୁଁ । ଜଣାଗଲା କି ଆଜିକାଲି ସେ ଘରେ ଅବସ୍ଥାନ କାଳରେ ଲମ୍ବା ହାତର ଗେଞ୍ଜି, ସବୁଜ ରଙ୍ଗର ସିଲ୍କ ଲୁଙ୍ଗି ଏବଂ ଜରିକାର୍ଯ୍ୟ ଖଚିତ ପତଳା ଚଟି ଯୋଡା ବ୍ୟବହାରରେ ଅଭ୍ୟସ୍ତ ଥିଲେ । ସେ ବାହାରେ

Digitized by srujanika@gmail.com

କର୍ମରତ ସମୟରେ ସର୍ବଦା ନାନା ରଙ୍ଗର ବଲ୍‌ଡ ସୁଟ୍ ପିନ୍ଧୁଥିଲେ । ସାଧାରଣତଃ ଘରକୁ ଫେରି ସେ ସୁଟଟିକୁ ଚେୟାର ଉପରେ ରଖି ଦେଇ ଲୁଙ୍ଗି ପିନ୍ଧି ଶଯ୍ୟାରେ ବିଶ୍ରାମ କରୁଥିଲେ । ଏପରିକି ସ୍ୱଚ୍ଛନ୍ଦରେ ଲେଖା ପଢା କାମ ସେ ଶଯ୍ୟା ଉପରେ ସମାଧାନ କରୁଥିଲେ । କୌଣସି ଅନ୍ତରଙ୍ଗ ଆତ୍ମୀୟ ବା ବନ୍ଧୁ ଆସିଲେ ସେ ଶଯ୍ୟାରେ ଶୋଇ ଶୋଇ ତାଙ୍କ ସହିତ ବାର୍ତ୍ତାଳାପ କରୁଥିଲେ । ଏଥି ନିମନ୍ତେ ବଡ଼ଟିଏ କାଷ୍ଠାସନ ଖଟ ପାଖରେ ରଖାଯାଇଛି । ମାତ୍ର ଅଚିହ୍ନା କିମ୍ବା ପଦସ୍ଥ କୌଣସି ବ୍ୟକ୍ତି ସାକ୍ଷାତ ଉଦ୍ଦେଶ୍ୟରେ ଆସିଲେ ସେ ତାଙ୍କର 'ଡ୍ରେସିଂ ଗାଉନ' ପିନ୍ଧି ପାଖ 'ଡ୍ରଇଂ ରୁମ'ରେ ବସି ତାଙ୍କ ସହିତ ଆଳାପ-ଆଲୋଚନା କରୁଥିଲେ । ତାଙ୍କର ଏପ୍ରକାର ବିଚିତ୍ର ଅଭ୍ୟାସ ସମ୍ବନ୍ଧରେ ସେମାନଙ୍କ ଲୋକଙ୍କ ଠାରୁ ଶୁଣିଥିଲି ଯେ, ତାଙ୍କର ଧାରଣା ଅଧିକକ୍ଷଣ ବସିଲେ ବା ଠିଆ ହେଲେ ଶକ୍ତିକ୍ଷୟ ହୁଏ ଏବଂ ଶୋଇ ରହିଲେ ତା' ପୂରଣ ହୋଇଥାଏ । ତେଣୁ ସେ ତାଙ୍କର ନିଜର ଧାରଣା ଅନୁଯାୟୀ ଶକ୍ତି ସଞ୍ଚୟ କରୁଥିଲେ । ତାଙ୍କ ମତରେ ବେଶୀକ୍ଷଣ ଶୋଇ ରହିଲେ ଦେହର ଦୈର୍ଘ୍ୟ କମେନା ଏବଂ ଦେହ ଯନ୍ତ୍ର ସମୂହର ପରିପୂର୍ଣ୍ଣ ବିଶ୍ରାମ ଘଟେ । ପ୍ରୟୋଜନ ପଡ଼ିବା ମାତ୍ରେ ସେ ଦ୍ରୁତ ବେଗରେ ଶଯ୍ୟାରୁ ଉଠି ପୋଷାକ ପିନ୍ଧି ନିଜର ଟମ୍ ଟମ୍ ଗାଡ଼ିଟିକୁ ଚଳାଇ ବାହାରକୁ ଚାଲି ଯାଉଥିଲେ । ତାଙ୍କର ଧାରଣା ଏପରି ଜୀବନ ତାଙ୍କ ସୁସ୍ଥତାର ପରିଚୟସୂଚକ ; ତାଙ୍କର ବ୍ୟକ୍ତିଗତ ଚରିତ୍ର ସମ୍ବନ୍ଧରେ ମୁଁ ଏତିକି ଜାଣି ପାରିଲି ।

ମହାମାନ୍ୟ ପୋଲିସ୍ ସାହେବଙ୍କ ଇଚ୍ଛାନୁସାରେ ଆମେ ଦୂର୍ଗସ୍ଥ ବାବୁଙ୍କ ଶୟନ କକ୍ଷଟି ଏତେ ଦିନଯାଏ ତାଲା ବନ୍ଦ କରି ରଖିଥିଲୁ । ବର୍ତ୍ତମାନ ସେ କକ୍ଷଟି ପୁନର୍ବାର ତଲ୍ଲାସ କରି ଡ୍ରେସିଂ ଟେବୁଲ ଉପରେ ଥିବା ପାନିଆଟିରେ କେଇଟି ପୁରୁଷ ଓ ସ୍ତ୍ରୀ ଲୋକର କେଶ

Digitized by srujanika@gmail.com

ବର୍ତ୍ତମାନ ମଧ୍ୟ ସଳଗ୍ନ ଥିବାର ଦେଖାଗଲା । ଏହି ନାଷ୍ଟ କେଶଗୁଡ଼ିକରୁ ଏବେବି ଏକ ପ୍ରକାର ବିଶେଷ ଧରଣର ସୁଗନ୍ଧ ବାହାରୁଥାଏ । ମାତ୍ର ଘରର ଗୃହଆଡ଼େ ଖୋଜା ଖୋଜି କରି ଆମେ କୌଣସି ସୁଗନ୍ଧ ଅତରର ଶିଶି ଦେଖିବାକୁ ପାଇ ନଥିଲୁ । ଏଇ ପାନଥାଟିକୁ କେଶଗୁଚ୍ଛ ସହ ମୁଁ ନିଜ ହେପାଜତରେ ଗ୍ରହଣ କଲି । ଏଠାରେ ଆଉ ଏକ ଉଲ୍ଲେଖ ଯୋଗ୍ୟ ଘଟଣା ଦେଖିବାକୁ ପାଇଛୁ । ଘର ମଧ୍ୟରେ ଏକ ସ୍ଥାନରେ ଖଣ୍ଡିଏ ରୁମାଲ ପାଇଲୁ । ଉକ୍ତ ରୁମାଲଟି ଯେ ଘରର କାହାରି ନୁହେଁ ବୋଲି ସମସ୍ତେ ସନାକ୍ତ କରିଥିଲେ । ରୁମାଲର ଗୋଟିଏ କୋଣରେ ଡାଇଂକ୍ଲିନାଂର ମାର୍କା ଦେଖି ମୁଁ ଅବାକ୍ ହୋଇଗଲି । ଏହି ଅନୁସନ୍ଧାନମୂଳକ ଘଟଣା ଦିନରେ ଖୋଜି ପାଇଥିଲେ ଖୁସି ହୋଇଥା'ନ୍ତି । ମାତ୍ର ବିଳମ୍ବରେ ଏହା ସଗ୍ରହ କରି ଥିବାରୁ ଲଜ୍ଜିତ ଓ ଦୁଃଖିତ ।

ଏଇ କୋଠାଟିର ପଶ୍ଚାତ୍ ଦେଶରେ ବଗିଚା । ପ୍ରାଚୀର ବାହାରେ ସ୍ଥାନୀୟ ଲୋକମାନେ ଘୋଡ଼ାଗାଡ଼ି ଓ ଘୋଡା-ଖୁରା ଚିହ୍ନ ଘଟଣାର ପରଦିନ ଦେଖିବାକୁ ପାଇଥିଲେ । ବର୍ତ୍ତମାନ ବି ଗୋଟାଏ ଦୁଇଟି ଘୋଡ଼ା ଖୁରା ଚିହ୍ନ ଦେଖିବାକୁ ମିଳେ । ଏହି ଖୁରାଗୁଡ଼ିକର ଫଟୋଚିତ୍ର ଗ୍ରହଣ କରିଛୁ । ଉପରନ୍ତୁ ପୋଲିସ ସାହେବଙ୍କ ଆଦେଶାନୁସାରେ ପଳାତକ ଦୁର୍ଦ୍ଧର୍ଷ ଗାଙ୍ଗୁଲିର କୋଚବାନ ନିକଟରୁ ସେମାନଙ୍କ ଘୋଡ଼ା ଖୁରାର ଗୋଟାଏ ଅର୍ଦ୍ଧଚନ୍ଦ୍ରାକୃତି ଲୌହ ନମୁନା ଗ୍ରହଣ କରିଛୁ । ଏଠାରୁ ଆମେ ମରକତ 'ଗେଷ୍ଟ ହାଉସ୍'କୁ ଦୂତ ଗତିରେ ଚାଲିଯାଉ । ସେହି ଗୃହର ସମ୍ମୁଖ ଭାଗରେ ଆମେ କେତୋଟି ଅଶ୍ୱ ଖୁରାର ଚିହ୍ନ ଦେଖିବାକୁ ପାଇଲୁ । ଉକ୍ତ ଅଶ୍ୱ ଖୁରାର ଫଟୋ ଚିତ୍ର ମଧ୍ୟ ଆମେ ଗ୍ରହଣ କରିଛୁ ।

ଆମେ ଏତଦ୍ଦ୍ୱାରା ଜାଣି ପାରିଲୁ ଯେ, ବିକାଶବାବୁ ଏବଂ

Digitized by srujanika@gmail.com

ସୁଧୀନବାବୁ ସହରର କୌଣସି ଏକ ସୌଖୀନ ଲଣ୍ଡ୍ରୀରେ ସେମାନଙ୍କ ଲୁଗାପଟା କଚାଇ ଥା'ନ୍ତି । ଏହି ଲଣ୍ଡ୍ରୀ ମାଲିକଙ୍କ ନିକଟରୁ ଆମେ ସମ୍ବାଦ ସଂଗ୍ରହ କରି ଜାଣିପାରୁ ଯେ, ସେମାନଙ୍କ ଲୁଗାପଟା ଏକତ୍ର କାଚିବା ନିମନ୍ତେ ମିଶୁ ଥିବାରୁ ଗୋଟାଏ ମାର୍କ ଚିହ୍ନ ଦ୍ଵାରା ସେ ଲୁଗାପଟା ଗୁଡ଼ିକ ଚିହ୍ନିତ କରାଯାଉଥିଲା । ସେ ଏକଥା ମଧ୍ୟ ଜଣାଇଲେ ଯେ, ଗତ ୧୫ଦିନ ଯାବତ୍ ସେମାନେ ଏଠାକୁ କୌଣସି ଲୁଗାପଟା ପଠାଇ ନାହାନ୍ତି ।

ଉପରୋକ୍ତ ତଦନ୍ତ ଲବ୍ଧ ତଥ୍ୟରୁ ବୁଝା ଯାଉଛି ଯେ, ପ୍ରକାଶ ବସୁ କିମ୍ବା ସୁଧୀନ ବାବୁ ଦୁଇଜଣଙ୍କ ମଧ୍ୟରୁ ଜଣେ ନିହତ ହୋଇ ପାରନ୍ତି । ବର୍ତ୍ତମାନ ବୁଝା ଯାଉଛି ଯେ, ବାବୁ ଦୁର୍କସ୍ଵ ଗାଙ୍ଗୁଲି ସେମାନଙ୍କ ମଧ୍ୟରୁ ଜଣକୁ କୌଶଳରେ ନିଜ ଘରକୁ ଡାକି ନେଇ ହତ୍ୟା କରି ନିଜ ସ୍ତ୍ରୀଙ୍କୁ ନେଇ ପଳାଇଛନ୍ତି । ବର୍ତ୍ତମାନ ଏ ଦୁଇଜଣଙ୍କ ମଧ୍ୟରୁ କେଉଁ ଜଣକ ତା'ହେଲେ ନିହତ ହେଲେ ? ଏହା ବି ହୋଇପାରେ ଯେ ଫେରାର ଆସାମୀ ଦୁର୍କସ୍ଵ ଗାଙ୍ଗୁଲି ଜଣକୁ ହତ୍ୟା କରି ଅନ୍ୟ ଜଣକୁ ନିଜେ ବା ଅନ୍ୟ ଦ୍ଵାରା ଖୁନ୍ କରିବା ଉଦ୍ଦେଶ୍ୟରେ କେଉଁଠାରେ ଲୁଚେଇ ରଖିଛନ୍ତି ।

ଏଥର ଆମେ ମହାମାନ୍ୟ ପୋଲିସ୍ ସାହେବଙ୍କ ନିର୍ଦ୍ଦେଶ ଅନୁସାରେ ହତ୍ୟା ମାମଲାର ତଦନ୍ତ ଉଦ୍ଦେଶ୍ୟରେ ସଉଦାଗର ପଟିର ବାବୁ ରୂପଚାନ୍ଦ ସରେଗୀଙ୍କ ବାସ ଭବନଠାରେ ପହଞ୍ଚିଲୁ । ଏଠାରେ ଆସି ଭୃତ୍ୟମାନଙ୍କ ମୁହଁରୁ ଶୁଣିବାକୁ ପାଇଲୁ ଯେ, ମାରୱାଡ଼ି ଭଦ୍ରଲୋକ ଅସୁସ୍ଥ । ମାତ୍ର ଆମମାନଙ୍କ ବାଧ୍ୟବାଧକତାରେ ଆମ ସହିତ ଦେଖା କରିବା ପାଇଁ ବାଧ୍ୟ ହେଲେ । ତାଙ୍କୁ ଦେଖି ସେ ଅସୁସ୍ଥ ବୋଲି ମନେ ହୁଏନାହିଁ । ପ୍ରଥମେ ସେ କୌଣସି ଉତ୍ତର ଦେବାକୁ ରାଜି ନ ଥିଲେ । ସେ ଜିଦ୍ ଧରି କହିଲେ ଯେ, ତାଙ୍କର ଓକିଲ ବାବୁ ନ ଆସିବା ପର୍ଯ୍ୟନ୍ତ ସେ କିଛି ହେଲେ କହିବେ ନାହିଁ ।

Digitized by srujanika@gmail.com

ତାଙ୍କର ଏ ପ୍ରସ୍ତାବରେ ଆମେ ରାଜି ହୋଇ ନ ଥିଲୁ । ସେ କିଞ୍ଚିତ ମୁହୂର୍ତ୍ତ ପରେ ଆମ ନିକଟରେ ଗୋଟାଏ ବିବୃତି ଦେଇଥିଲେ । ତାଙ୍କ ବିବୃତିର ପ୍ରୟୋଜନୀୟ ଅଂଶ ନିମ୍ନରେ ଦିଆଗଲା :

"ଆପଣମାନେ ମୋ ଘରକୁ ଗୋଟାଏ ଖୁନ୍ ମାମଲା ସମ୍ପର୍କରେ ତଦନ୍ତ କରିବାକୁ ଆସିବା କଥା ଶୁଣି ମୁଁ ତାଜ୍ଜୁବ ହୋଇ ଯାଉଛି । ଆପଣମାନେ ତଦନ୍ତ ଯଥାଯଥ ନ କରିପାରି ଶେଷରେ ଏଇଠି ଆସି ହାଙ୍ଗାମା କରିବାକୁ ଲାଗିଲେ ? କ'ଣ କିଛି ପାନ ସିଗାରେଟ୍‌ର ବ୍ୟବସ୍ଥା କରିବି ? ଏଁ...କ'ଣ କହୁଛନ୍ତି, ମୋ ପୁଅ ମହାବୀର ଏଇ ମାମଲାରେ ଜଡ଼ିତ ? ମୁଁ ବର୍ତ୍ତମାନ କମିସନର ସାହେବ ମିଃ ଲମ୍ବାର୍ଡଙ୍କ ପାଖକୁ ଗୋଟାଏ ଚିଠି ପଠାଇ ଦେଉଛି । ଗତବର୍ଷ ଦଶହଜାର ଟଙ୍କା ରେଡ଼୍‌କ୍ରସକୁ ଦେଇଛି । ମୁଁ ବୁଝି ପାରୁଛି ଯେ, ଏ ସବୁ ପଛରେ ସେହି ଦୁର୍ଦ୍ଧର୍ଷ ଗାଙ୍ଗୁଲିର ବଦମାସି ରହିଛି । ବର୍ତ୍ତମାନ ଅଦାଲତ ମକଦ୍ଦମାରେ ଠେକର ଖାଇ ଫୌଜଦାରୀର ଆଶ୍ରୟ ନେଇଛି । ସେ ମୋର ଲକ୍ଷେ ଟଙ୍କା ବରବାଦ କରିଛି । ପୁଣି ମୋ ପଛରେ ପୋଲିସ୍ ବି ଲଗାଇ ରଖିଛି । ତାଙ୍କ ସାଙ୍ଗରେ ସେହି ବଣିଆ ବଚ୍ଚା ଶାମ ମଲ୍ଲିକର କାରସାଦ୍ଧି ବି ଅଛି । ମୁଁ ତା' କକାଙ୍କ କୋଠାଟା କିଣି ନେଇଛି ତ ତେଣୁ ଏ ଫନ୍ଦି । ମୁଁ ଟଙ୍କା ଦେଇ ସେ କୋଠାଟା କିଣିଛି ; ଡକାଇତି କରି ନେଇ ନାହିଁ । ସେ ବର୍ତ୍ତମାନ ଦୁର୍ଦ୍ଧର୍ଷ ବାବୁ ମାମଲାରେ ମୋ ବିରୁଦ୍ଧରେ ସାକ୍ଷୀ ଦେବାକୁ ବସିଛି । ଠିକ୍ ଅଛି । ମୋର ଏଥିରେ କିଛି କହିବାର ନାହିଁ ।

ମୋ ପୁଅ ମହାବୀର ଗତ ଜୁନ୍ ପହିଲାଦିନ ଦୁଇଟ ବେଳେ ବାରାଣସୀ ଚାଲି ଯାଇଛି । ଏତିକି ମୁଁ ଜାଣେ । ତା' ସମ୍ବନ୍ଧରେ ଆଉ କିଛି ମୁଁ କହି ପାରିବି ନାହିଁ । ଆପଣ ଜାଣନ୍ତି ଆମେ ଖାନଦାନୀ ଲୋକ । ମୋ ପୁଅ କିପରି ଅପରାଧ କରିପାରେ ?

Digitized by srujanika@gmail.com

ଏପରି ବ୍ଲାକ୍ ମେଲ କରିଲେ ମୁଁ ବୁଝିବି ଯେ, ପୋଲିସ୍ ମୋ ଶତ୍ରୁ ପକ୍ଷରୁ ଉତ୍କୋଚ ଖାଇ ମୋତେ ଅପମାନ କରିବା ପାଇଁ ଏ ହାମଲା କରୁଛି । ମୁଁ ସିଧା ସଳଖ ଏହାର ପ୍ରତିବାଦ କରିବି ।

ଏଇ ଅନ୍ତଂକାଞ୍ଚି ଧନୀ ମାରୱାଡ଼ି ବ୍ୟବସାୟୀର ଉପରୋକ୍ତ ବିବୃତି ଆମର କୌଣସି କାମରେ ଲାଗିନାହିଁ । ତେଣୁ କେସ୍ କରି କେଇଟି ତଥ୍ୟ ସଂଗ୍ରହ କରିବାକୁ ପଡ଼େ । ତାଙ୍କୁ ଉତ୍ୟକ୍ତ କରାଇ ଭିତରର କେତେକ କଥା ଜାଣିବା ପାଇଁ ଆମକୁ ବହୁ ଅବାନ୍ତର କଥା ବି କହିବାକୁ ପଡ଼େ । ଆମମାନଙ୍କ ପ୍ରଶ୍ନୋତ୍ତର ନିମ୍ନରେ ପ୍ରଦତ୍ତ ହେଲା —

: ଆପଣଙ୍କ ପୁଅଟି କାହାକୁ ଖୁନ୍ କରି ପାରେନା, ଏକଥା ଠିକ୍ ତ ? ମାତ୍ର ସେ ନିଜେ ତ ଖୁନ୍ ହୋଇ ପାରେ ? ଆପଣଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ଆମେ ଏଠାକୁ ଆସିଛୁ । ତେଣୁ ଟିକିଏ ବୁଝି ଶୁଝି ଉତ୍ତର ଦେଲେ ଉପକୃତ ହେବୁ ।

: ଆଜ୍ଞା, ରାମ ରାମ, ଏ ଆପଣ କି କଥା କହୁଛନ୍ତି ? ମୋ ପୁଅତ ଅଛିକି ବାରାଣସୀରେ । ସେ କେଇଦିନ ହେଲା ଟଙ୍କା ପାଇଁ ଗୋଟାଏ ଟେଲିଗ୍ରାମ ମଧ୍ୟ ପଠାଇଥିଲା । ମୁଁ ମଧ୍ୟ ଟେଲିଗ୍ରାମ ମନିଅର୍ଡର ଦ୍ୱାରା ତାକୁ କୋଡ଼ିଏ ହଜାର ଟଙ୍କା ପଠାଇ ଦେଇଛି । ଏପରି ଓଲଟା ସିଧା କଥା ଆପଣଙ୍କର କହିବା ଉଚିତ ନୁହେଁ ।

: ହୁଁ, ତା'ହେଲେ ଏହା ମଧ୍ୟରେ ତାକୁ କୋଡ଼ିଏ ହଜାର ଟଙ୍କା ବି ପଠାଇ ଦେଇଛନ୍ତି ? କିନ୍ତୁ ଏ ଟଙ୍କାଟା ତା'ର କ'ଣ ଦରକାର ପଡ଼ିଲା ? ତା'ଛଡ଼ା ଆଉରି ମଧ୍ୟ ଗୋଟାଏ କଥା ଆପଣଙ୍କୁ କହିବାକୁ ପଡ଼ିବ । ଗତ ଜୁନ୍ ପନ୍ଦରରେ ସେ ଠିକ କେଉଁବେଳେ ଏବଂ କାହା ସହିତ ଘରୁ ବାହାରିଛି ? ତାଙ୍କର ବାରାଣସୀ ଠିକଣାଟା ମୋତେ କୁହନ୍ତୁ ।

Digitized by srujanika@gmail.com

: ସାହେବ, ଆମେ ଭିଖ ମଗାଳି ନୋହୁଁ । ଅମ୍ଭେ ଖାନଦାନୀ ବ୍ୟବସାୟୀ । ବାରାଣସୀରେ ଆମର ଗୋଟାଏ ଗଦି ଅଛି । ସେଠାରେ ଆମର ଜଣେ ବଙ୍ଗାଳୀ ମ୍ୟାନେଜର ମଧ୍ୟ ଅଛନ୍ତି । ମୋ ପୁଅ ଆମ ଫାର୍ମର 'ଗେଷ୍ଟ ହାଉସ୍'ରେ ଅଛି । ସେ ସେଠାକୁ କିଛି ଜମି କିଣିବା ଉଦ୍ଦେଶ୍ୟରେ ଯାଇଛି । କୌଣସି ଜମି ସୁବିଧା ଦରରେ ହୁଏତ ମିଳି ଯାଇଛି, ତେଣୁ ଟଙ୍କା ମଗାଇ ପଠାଇଥିଲା । ଆରେ ବାବୁ, ଆମ ପାଖରେ ଦଶ କୋଡ଼ିଏ ହଜାର ଟଙ୍କା ଗୋଟାଏ ବଡ଼ କଥା ନୁହେଁ ।

: ଆପଣ ଆମ ଅସଲ କଥାର କୌଣସି ଉତ୍ତର ଦେଲେ ନାହିଁ । ଆପଣଙ୍କ ପୁଅ ଯେତେବେଳେ ଘରୁ ବାହାରି ଗଲା, ତା'ସହିତ କିଏ ଯାଇଥିଲା ଏବଂ ଠିକ୍ କେତେବେଳେ ସେ ଘରୁ ବାହାରିଥିଲେ ? ସେ କ'ଣ ଗାଡ଼ିରେ ଯାଇଥିଲେ ? ତା'ହେଲେ ସେ ଗାଡ଼ି କେଉଁ କୋଚୱାନ ଚଲାଇଥିଲା ? ତା' ସହିତ ଅନ୍ୟ କେହି ଯାଇଛନ୍ତି କି ?

: ଏତେ କଥାରେ ଅପଣଙ୍କର ଦରକାର କ'ଣ ? ଆଚ୍ଛା, ଆପଣ ଏକଥା ମୋତେ ପଚାରୁ ପାରନ୍ତି । ମୋ ପୁଅ ଗୋଟାଏ ଭଡ଼ା ଘୋଡ଼ା ଗାଡ଼ିରେ ଷ୍ଟେସନକୁ ଯାଇଛି । ତା ସାଙ୍ଗରେ ଆଉ କେହି ଯାଇ ନାହାନ୍ତି । ତା'ର ପୁରୁଣା କୋଚୱାନ ଏବଂ ସହିସକୁ ସେ କେଇଦିନ ପୂର୍ବେ ବରଖାସ୍ତ କରି ଦେଇଛି । ମୋ କୋଚୱାନ ଏବଂ ସହିସ କେବଳ ମୋ ଗାଡ଼ି ଚଲାନ୍ତି । ସହରରେ ଆଜିକାଲି ଅନ୍ୟ ଗାଡ଼ି ଘୋଡ଼ାର ଅଭାବ ତ ନାହିଁ । ଯା'ହେଉ ଏତେ କଥା ମୁଁ କାହିଁକି ବା ଆପଣଙ୍କୁ କହିବି ?

: ଆଚ୍ଛା, ଆପଣଙ୍କ ପୁଅ ବାରାଣସୀରେ ପହଞ୍ଚିବାର କୌଣସି ସମ୍ବାଦ ଆପଣ ପାଇଲେଣି ? ଆପଣଙ୍କ ପୁଅର ସ୍ୱହସ୍ତ ଲେଖା କୌଣସି ପତ୍ର କଣ୍ଟିଏ ଆପଣ ପାଇ ନାହାନ୍ତି । ମହାଶୟ ! ଠିକ୍

Digitized by srujanika@gmail.com

ଙ୍କ ତରେ ଆମ କଥାର ଉତ୍ତର ଦିଅନ୍ତୁ । ନଚେତ୍ ଆପଣ ଏ ମାମଲା ସମ୍ପୃକ୍ତ ଗୁଣ୍ଡାଙ୍କ ସହିତ ଜଡ଼ିତ ହୋଇ ପାରନ୍ତି ।

: ହଁ ହଁ, ଆପଣ ମୋତେ ଏକଥା ପଚାରି ପାରନ୍ତି । ବାରଣସୀରୁ ଗୋଟାଏ ଚିଠି ମୁଁ ପାଇଛି । ମୋର ସେଠାକାର ମ୍ୟାନେଜର ମୋତେ ସେ ଚିଠି ଖଣ୍ଡିକ ପଠାଇଛନ୍ତି । ସେ ଲେଖିଛନ୍ତି ଯେ, ମହାବୀର ସେଠାରେ ଖୁବ୍ ମଜାରେ ଅଛି । ତା'ର ଫେରିବା ପାଇଁ ଡେରି ହୋଇପାରେ । କିନ୍ତୁ ସେ ନିଜେ କୌଣସି ଚିଠି ଏପର୍ଯ୍ୟନ୍ତ ମୋତେ ଦେଇନାହିଁ ।

: ଆଚ୍ଛା, ଆଉ ଗୋଟାଏ କଥା ମୁଁ ଆପଣଙ୍କୁ ପଚାରିବି । ଦୁର୍ଗସ୍ତ ବାବୁଙ୍କ ଆଗକାର ମ୍ୟାନେଜର ରମେନ ବାବୁ କ'ଣ ବର୍ତ୍ତମାନ ଆପଣଙ୍କ ଏଠାରେ କାମ କରନ୍ତି ? ତା'ଛଡ଼ା ଆପଣଙ୍କ ପୂର୍ବର ଦୁଇଟି ବଙ୍ଗାଲୀ ବନ୍ଧୁ ବିକାଶ ଗାଙ୍ଗୁଲି ଓ ସୁଧୀନ ଦତ୍ତ ସମ୍ବନ୍ଧରେ ଆପଣ କ'ଣ ଜାଣନ୍ତି ?

: ଆରେ ବାବୁ, ମହାବୀରର ସାଙ୍ଗ ଦୁଇଜଣ ଓ ରମେନବାବୁଙ୍କ କଥା ବୁଝନ୍ତୁ ନାହିଁ । ବର୍ତ୍ତମାନ ବୁଝି ପାରୁଛି ଯେ, ସେମାନେ ନମ୍ବର ବଦମାସ ଛଡ଼ା ଆଉ କିଛି ନୁହନ୍ତି । ବଜାରରୁ ଅନେକ ଲୋକଙ୍କ ପାଖରୁ ସେମାନେ କରଜ ଧାର କଲେ । ମୋର ବହୁତ ଟଙ୍କା ମଧ୍ୟ ସେମାନେ ବରବାଦ୍ କରିଛନ୍ତି । ବର୍ତ୍ତମାନ ସେମାନେ ମୋତେ 'ବ୍ଲାକ୍ ମେଲ୍' କରିବାକୁ ଚାହାନ୍ତି । ଟଙ୍କା ଆଉ ଟଙ୍କା । ଏତେ ଟଙ୍କା ମୁଁ କେଉଁଠୁ ପାଇବି ?

ମାରବାଡ଼ି ଭଦ୍ରଲୋକଙ୍କ ନିକଟରୁ ଏଇ ଖୁନ୍ ମାମଲା ସମ୍ବନ୍ଧରେ କୌଣସି ତଥ୍ୟ ସଂଗ୍ରହ କରିହେଲା ନାହିଁ । ଆମେ ତାଙ୍କ ଘର ତଲାସ କରିବାକୁ ଚାହିଁଲେ, ସେ ମାରିବାକୁ ଉଦ୍ୟତ ହୁଅନ୍ତି । ତାଙ୍କର ଏହା ଭିନ୍ନ ବ୍ୟବହାରର ଆଶଙ୍କା ଆମେ ପୂର୍ବରୁ କରିଥିଲୁ । ତେଣୁ ଆମେ ବହୁ ସିପାହୀ ସହ ସେଠାକୁ ତଦନ୍ତ ନିମନ୍ତେ ଯାଇଥିଲୁ ।

Digitized by srujanika@gmail.com

ଆମେ ଦୁଇଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମ୍ମୁଖରେ ତାଙ୍କ ଘରଟିକୁ ଖାନ ତଲ୍ଲାସ କରି ଉଲ୍ଲେଖ ଯୋଗ୍ୟ ଦୁଇଟି ପ୍ରାମାଣ୍ୟ ଦ୍ରବ୍ୟ ସଂଗ୍ରହ କରିଛୁ । ଗୋଟିଏ ମାଡ଼ୋଆରିଙ୍କ କାରବାରୀ ବ୍ୟବସାୟର ମ୍ୟାନେଜରଙ୍କ ହସ୍ତଲିଖିତ ପତ୍ର ଏବଂ ଅନ୍ୟ ଗୋଟିଏ ଦଲିଲ । ଏହି ଦୁଇଟି ଦ୍ରବ୍ୟ ବର୍ତ୍ତମାନ ତଦନ୍ତର ମୋଡ଼ ଅନ୍ୟଆଡ଼େ ବୁଲାଇ ଦେଲା । ଏହି ଉଭୟ ପ୍ରାମାଣ୍ୟ ବସ୍ତୁର ଅନ୍ତର୍ନିହିତ ଅର୍ଥ ବୁଝିବା ଦୁଷ୍କର । ପତ୍ରଟିର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା

(୧) ଜୁନ ପନ୍ଦରଦିନ ମହାବୀର ବାବୁ କଲିକତାରୁ ବାହାରି ଅଳ୍ପ ଦିନରେ ଏଠାରେ ଆସି ପହଞ୍ଚିଛନ୍ତି । ସେମାନେ ବୋଧହୁଏ ଅନ୍ୟ କୌଣସି ସ୍ଥାନରେ ବୁଲି ବୁଲି କରି ଆସି ଥିବାରୁ ଦିନେ ଡେରିରେ ଏଠାରେ ପହଞ୍ଚିଲେ । ଆମର ସୌଭାଗ୍ୟ ଯେ ଏତେ ଦିନ ପରେ ଆପଣଙ୍କ ପୁଅଙ୍କ ସହିତ ଆମର ପ୍ରଥମ ପରିଚୟ ଓ ସାକ୍ଷାତ ଘଟିଲା । ସ୍ୱା'ଙ୍କ ପରି ସକ୍ଷମ ଏବଂ ମିଷ୍ଟଭାଷୀ ସନ୍ତାନ ବହୁତ କମ ଅଛନ୍ତି । ତାଙ୍କ ସହିତ ତାଙ୍କର ଜଣେ ବଙ୍ଗାଳୀ ବନ୍ଧୁ ଏବଂ ତାଙ୍କ ସ୍ତ୍ରୀ ମଧ୍ୟ ଏଠାକୁ ଆସିଛନ୍ତି । ସେମାନଙ୍କର ରହିବା ଓ ଖାଇବାର ସୁ-ବନ୍ଦୋବସ୍ତ ମୁଁ ଏଠାରେ କରିଛି । ପ୍ରତ୍ୟେକଙ୍କର ଦେହ ଭଲ ଅଛି । ଏଠାରେ ମହାବୀର ବାବୁଙ୍କର ଦଶ ହଜାର ଟଙ୍କାର ଦରକାର ପଡ଼ିଥିଲା । ଆମ ଗଦିରେ ଏତେ ଟଙ୍କା ମହଜୁତ ନଥିବାରୁ ମୁଁ ସେମାନଙ୍କୁ ଟଙ୍କା ଦେଇ ପାରି ନ ଥିଲି । ସେ ଅଙ୍କ ବୋଧହୁଏ ଆପଣଙ୍କୁ ଟଙ୍କା ବିଷୟରେ ଟେଲିଗ୍ରାମ ପଠାଇଥିବେ । ଏମାନଙ୍କର ସାହେବି ସୁଟ୍‌ଗୁଡ଼ିକ କଲିକତାରେ ତର୍ଲି ତିଆରି ହୋଇ ନଥିବାରୁ ଏଠାରେ ଦରଜୀଙ୍କୁ ଦେଇ ଦୁଇଟା ସୁଟ୍ ତିଆରି କରି ଦେବାକୁ ଦେଲି ।

(୨) ବର୍ତ୍ତମାନ ରୂପଚାନ୍ଦ ବାବୁଙ୍କ ଘରୁ ପ୍ରାପ୍ତ ମୂଲ୍ୟବାନ ଦଲିଲଟି ସଂକ୍ରାନ୍ତରେ ଏଠାରେ କିଛି ଆଲୋଚନା କରୁଛି । —

Digitized by srujanika@gmail.com

ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ଏଇ ଦଲିଲଟିରେ ବାବୁ ଦୁର୍ଦ୍ଦଣ୍ଡ ଗାଙ୍ଗୁଲୀଙ୍କ ଟିପ ସହି ଅଛି । ଆଜିକାଲି ଅବଶ୍ୟ ଦଲିଲରେ ଟିପସହି ଦେବାର ନିୟମ ଅଛି । ମାତ୍ର ବାବୁ ଦୁର୍ଦ୍ଦଣ୍ଡ ଗାଙ୍ଗୁଲୀଙ୍କ ପରି ଜଣେ ଇଂରାଜୀ ନବୀଶ ବ୍ୟକ୍ତି ଟିପ ସହି କାହିଁକି କରିବେ ? ଏ ଦଲିଲଟିରେ ଏପରି ସବୁ କଥା ଲେଖା ହୋଇଛି, ଯହିଁରେ ଦୁର୍ଦ୍ଦଣ୍ଡ ବାବୁ ଅଦାଲତରେ ହାରି ଯାଇ ପାରନ୍ତି । ଏଇ ଦଲିଲଟି ସେମାନଙ୍କ ମାମଲାର ବିଷୟ ଭୂକ୍ତି (ବିବାଦୀୟ) ଦୋକାନଟି ସମ୍ପର୍କରେ-ତିଆରି ହୋଇଛି । ଏହା ର କାଳି ନୂତନ ହେଲେ ହେଁ, ଦଲିଲର ତାରିଖ କିନ୍ତୁ ଦଶବର୍ଷ ପୂର୍ବକାର । (ଏହା ଦଲିଲଟି ସୀମାବଦ୍ଧ ମେୟାଦର ଗୋଟାଏ ଚକ୍ରାନ୍ତ ନା ?) ଦଶ ବର୍ଷ ପୂର୍ବେ ସମସ୍ତେ ଇଂରାଜୀ ଜାଣି ଥିଲେ ମଧ୍ୟ ବାବୁ ଦୁର୍ଦ୍ଦଣ୍ଡ ଗାଙ୍ଗୁଲୀ ନିଶ୍ଚୟ ଜାଣିଥିଲେ । ମୁଁ ଏହି ଦଲିଲଟିକୁ ଆଲୋକ ସମ୍ମୁଖରେ ରଖି ପରୀକ୍ଷା କରି ଦେଖିଛି । ଦଲିଲଟିର ଜଲଛାପ ନକଲି କି ନା ତା' ବୁଝା ଯାଉନାହିଁ ।

ଏଇ ଦୁଇଟି ପ୍ରାମାଣ୍ୟ ଦ୍ରବ୍ୟକୁ ଆତ୍ମମତ ରୂପେ ଗ୍ରହଣ କରିବାରୁ ବାବୁ ରୂପଚନ୍ଦ୍ର ସଂଘୀ ଖୁବ୍ ଖୁସି ହୋଇ ଉଠିଲେ । ମୁଁ ଏହି ସୁଯୋଗରେ ତାଙ୍କୁ ଜେରା କରିବାକୁ ଆରମ୍ଭ କରି ଦେଲି । ଆମର ଏତଦ୍ ସମ୍ପର୍କିତ ପ୍ରଶ୍ନୋତ୍ତରଗୁଡ଼ିକ ନିମ୍ନରେ ଦିଆଗଲା । —

: ଆଚ୍ଛା, ବର୍ତ୍ତମାନ ମାରବାଡ଼ି ସମାଜରେ ସାହେବି ପୋଷାକର ପ୍ରଚଳନ ନାହିଁ, ମାତ୍ର ଆପଣଙ୍କ ପୁଅ ମଧ୍ୟରେ ଏତେ ସାହେବି ଢଙ୍ଗ କେଉଁଠୁ ଆସିଲା ? ଘରେ ତା'ର ଆଉ କେତୋଟି ସାହେବି ପୋଷାକ ଅଛି ?

: ଅଜ୍ଞା, ମୋ ପୁଅ ସର୍ବଦା ବଙ୍ଗାଳୀମାନଙ୍କ ସହିତ ମିଳାମିଶା କରେ । ଗତବର୍ଷ ସେ ଦୁଇଟା ସାହେବି ସୁଟ୍ ତିଆରି କରିଛି । ତହିଁରୁ ଗୋଟାଏ ପିନ୍ଧି ସେ ବାରାଣସୀ ଯାଇଛି ଓ ଅନ୍ୟଟି ଏଠାରେ ଅଛି । ସାହେବ ଆଜିକାଲିକା ପିଲାଙ୍କ କଥା ଛାଡ଼ନ୍ତୁ । (କାନ୍ଥରେ ଟଙ୍ଗା

Digitized by srujanika@gmail.com

ହୋଇଥିବା ଗୋଟାଏ ଫଟୋ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି) ଏଇ ଦେଖନ୍ତୁ ନା, ସାହେବି ପୋଷାକ ପିନ୍ଧି ସେ ଗୋଟାଏ ଫଟୋ ବି ଉଠାଇଛନ୍ତି ।

(ମୁଁ ସାକ୍ଷୀର ପୁଅ ମହାବୀର ବାବୁଙ୍କର ବିଳତ ସୁଟ୍ ପରିହିତ ଫଟୋ ଓ ସୁଟ୍‌ଟି ନିଜ ହେପାଜତରେ ଗ୍ରହଣ କଲି । ଏଗୁଡ଼ିକ ଏଇ ମାମଲାରେ ଲଗିପାରେ ତେଣୁ ସେଗୁଡ଼ିକ ଅଲାମତ ହିସାବରେ ଗ୍ରହଣ କରି ତଲ୍ଲାସୀ ପତ୍ରରେ ତାଲିକାଭୁକ୍ତ କଲି ।)

: ହୁଁ, ମୁଁ ଏଥର ଆପଙ୍କୁ ଗୋଟାଏ କଠିନ ପ୍ରଶ୍ନ କରିବି । ବର୍ତ୍ତମାନ ଆପଣଙ୍କ ପ୍ରତିଦ୍ୱନ୍ଦୀ ଲୌହ ବ୍ୟବସାୟୀ ଦୁର୍ଲଭ ବାବୁ କେଉଁଠି ? ମୁଁ ଜାଣେ ଆପଣ ତାଙ୍କର ବର୍ତ୍ତମାନ ଅବସ୍ଥାନ ସମ୍ବନ୍ଧରେ ଜାଣନ୍ତି । କୌଣସି କଥା ଗୋପନ ନକରି ସତ୍ୟାସତ୍ୟ ପ୍ରକାଶ କରନ୍ତୁ ନହେଲେ ଆପଣ ଅହେତୁକ ଏହି ଖୁଣ ସହିତ ଜଡ଼ିତ ହେବେ ।

: ଆରେ ବାବା ! (ଆତଙ୍କରେ) ଏମିତି ଆପଣ ମୋତେ କାହିଁକି କହୁଛନ୍ତି ? ମୋ ସହିତ ଯା' ଝଗଡ଼ା ତା' ଅଗରୁ ଶେଷ ହୋଇ ଯାଇଛି । ତାଙ୍କ ସହିତ ମାମଲାରେ ମୁଁ କଣ୍ଟ୍ରାକ୍ଟ ଜିତିଥିବି । ତେଣୁ ତାଙ୍କ ସମ୍ବନ୍ଧରେ ମୋର ବିଶେଷ କିଛି ଜାଣିବା ଦରକାର ନାହିଁ । ତାଙ୍କର ଠିକଣା ତାଙ୍କ ଲୋକମାନଙ୍କୁ ପଚାରନ୍ତୁ । କେଇଦିନ ହେଲା ସେ ବଜାରକୁ ବି ଆସୁ ନାହାନ୍ତି । ଦୁର୍ଲଭ ବାବୁଙ୍କ ପ୍ରଥମ ମ୍ୟାନେଜର ତାଙ୍କ ଠାରୁ ବି ଆହୁରି ବଦମାସ । ମୋର ମନେହୁଏ ସେ ବୋଧହୁଏ ମୋ ନାଁରେ ପୋଲିସ ପାଖରେ ମିଛଟାରେ କିଛି ଲଗାଇଛି । ତାକୁ ଧରି ଆପଣମାନେ ଗୋଟାକେତେ ଦିଅନ୍ତୁ । (ସଭୟରେ) ନା ନା ଛାଡ଼ନ୍ତୁ, ସେମାନେ ଗରିବ ଲୋକ ।

: ଆପଣଙ୍କ ପୁଅର ବୟସ ତ ପ୍ରାୟ ତିରିଶ ବତିଶ ବର୍ଷ ହୋଇ ପାରେ । ମାରୱାଡ଼ି ଘର ପିଲାମାନଙ୍କୁ ଏତେଦିନ ଅବିବାହିତ

Digitized by srujanika@gmail.com

ରହିବାର ତ ମୁଁ କେବେ ଦେଖିନାହିଁ । ଆପଣଙ୍କ ପୁଅ କ'ଣ ତା'ହେଲେ ଆପଣଙ୍କ ଅକ୍ତିଆର ବାହାରେ ? ମୋର ମନେହୁଏ ଯେ ବୋଧହୁଏ ଆପଣଙ୍କ କଥା ମାନେନା ?

: କ'ଣ କହିବ ବାବୁ ! ସେଇଟା ମୋ କପାଳ କଥା । ଦୁଇବର୍ଷ ପୂର୍ବେ ସନ୍ତାନହୀନା ହୋଇ ତା'ର ସ୍ତ୍ରୀ ମରି ଯାଇଛି । ବର୍ତ୍ତମାନ ସେ ତା'ର ବଙ୍ଗାଳୀ ସାଙ୍ଗମାନଙ୍କ ସାଙ୍ଗରେ ପଡ଼ି ଆଉ ବିବାହ କରିବାକୁ ମଙ୍ଗୁ ନାହିଁ । ପ୍ରଥମେ ତା'ର ବଙ୍ଗାଳୀ ସାଙ୍ଗମାନେ ଆମର କିଛି ଉପକାର କରିଥିଲେ । କିନ୍ତୁ ପରେ ସେମାନେ ବହୁ ଶତ୍ରୁତା କରୁଛନ୍ତି । ସେହି ସାଙ୍ଗ ସାଥୀମାନଙ୍କୁ ବିଦାୟ ନ ଦେଲେ ଆମେ ସମସ୍ତେ ବରବାଦ ହୋଇଯିବୁ ।

ମୁଁ ରୂପଚାନ୍ଦ ସରୋଗୀଙ୍କ ଘରେ ତାଙ୍କର ଚାରିଜଣ ଦରବାନ, ଦୁଇଜଣ କୋଚୱାନ ଓ ସହିସ, ବାରଜଣ ପରିଚାରକ ଓ ପରିଚାରିକାଙ୍କୁ ଜେରା ପଚାରି କରିଥିଲି । ସେମାନଙ୍କ ବକ୍ତବ୍ୟର ପ୍ରତ୍ୟେକଙ୍କ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା । —

: ମୁଁ ଏ ଘରର ଜଣେ ପୁରାତନ ଭୃତ୍ୟ । ବାବୁମାନଙ୍କ ଖାସ ଘର-ମଧ୍ୟକୁ କେବଳ ମୋର ପ୍ରବେଶ ଅଧିକାର ଅଛି । ହଁ, ହଜୁର ! ମହାବୀର ବାବୁଙ୍କ କଲିକତା ତ୍ୟାଗର ଦିନଟା ମୋର ମନେ ଅଛି । ସେଦିନ ସକାଳେ ତାଙ୍କର ଦୁଇଜଣ ବଙ୍ଗାଳୀ ବନ୍ଧୁ ଓ ଅନ୍ୟ ଜଣେ ତାଙ୍କ ସହିତ ଦେଖା କରିଥିଲେ । ବାବୁ ! ଅନ୍ନଦାତା ପ୍ରଭୁଙ୍କର ନିନ୍ଦା କଲେ ମୋର ଜିଭ ଛିଡ଼ି ପଡ଼ିବ ଓ ପାପ ହେବ । ଆଜିକାଲି ଛୋଟବାବୁଙ୍କ ସାଙ୍ଗ ସାଥୀମାନେ ତାଙ୍କୁ ନରକ ମଧ୍ୟକୁ ଠେଲି ଦେଇଛନ୍ତି । କର୍ତ୍ତାବାବୁଙ୍କ ଗୋଟାଏ ଜରୁରୀ ବିଷୟରେ ସେମାନେ ସାହାଯ୍ୟ କରିଥିଲେ । ସେଥିପାଇଁ ସେ ସବୁ ଦେଖିଶୁଣି ବି ମୁହଁ ବନ୍ଦ କରି ରହୁଥିଲେ । ତେଣୁ କର୍ତ୍ତାବାବୁ ଏତେ ସହଜରେ ତାଙ୍କୁ ବାରାଣସୀ ଯିବାପାଇଁ ମତ ଦେଇଛନ୍ତି । ଯଦି କହିବ ମନର

Digitized by srujanika@gmail.com

ପରିବର୍ତ୍ତନ ହୋଇ ପାରେ ଏଇ ଉଦ୍ଦେଶ୍ୟରେ । ବର୍ତ୍ତମାନ ସ୍ୱାମୀଙ୍କ ବନ୍ଧୁମାନଙ୍କ ମଧ୍ୟରୁ ଜଣେ ସସ୍ତ୍ରୀକ ମଧ୍ୟ ସେଠାକୁ ଯାଇଛନ୍ତି । ଏ ଖବର ଶୁଣି କର୍ତ୍ତାବାବୁ ଖୁବ୍ ରାଗି ଗଲେ । ତାଙ୍କ ବର୍ତ୍ତମାନ ତ୍ୟାଗ କଲା ସେ ବୋଧହୁଏ ପୋଷ୍ୟପୁତ୍ର ଗ୍ରହଣ କରିବେ । ଆମ କର୍ତ୍ତାବାବୁ (କାହାକୁ କହିବେ ନାହିଁ) ଟଙ୍କା ଓ ସମ୍ପତ୍ତି ଲୋଭରେ ନିଜକୁ ଓ ସ୍ତ୍ରୀ ପୁତ୍ରଙ୍କୁ ମଧ୍ୟ ଅନ୍ୟକୁ ଦେଇ ଦେଇ ପାରନ୍ତି । ସେ ନିଜେ ଦିନ ତମାମ ଉପବାସ ରୁହନ୍ତି । ଡାକ୍ତର କହିଛନ୍ତି ସେ କିଛି ଖାଇଲେ ମରିଯିବେ । ତେଣୁ ତାଙ୍କର ଦୈନିକ ଆହାର ମାତ୍ର ସୁରଣା ମୂଳର । ବେଳେ ବେଳେ ସେ ଅନେକଙ୍କୁ ଦୟା ବି କରନ୍ତି । ଜ୍ୟେଷ୍ଠବାବୁଙ୍କ କାଶୀ ଯିବା ଦିନଟା ମୋର ସ୍ପଷ୍ଟ ମନେ ଅଛି । ଏଟା ମୋର ମନେ ରଖିବା ପାଇଁ ଯଥେଷ୍ଟ କାରଣ ବି ଅଛି । କାରଣ, ତା' ଆଗ ଦିନ ରାତିରେ ଜଣେ ଭଦ୍ରଲୋକ ଆମ ଗଳି ଆଗରେ ମାତାଲ ଅବସ୍ଥାରେ ଗାଡ଼ି ଚାପା ପଡ଼ନ୍ତି । ରାତି ବାରଟାବେଳକୁ କେଇଜଣ ଅଜଣା ଲୋକ ତାଙ୍କୁ ଟେକାଟାକି ଏ ଘରକୁ ନେଇ ଆସନ୍ତି (ଏ ଦୁର୍ଘଟଣା ମୁଁ ନିଜେ ଦେଖିନାହିଁ ।) ପଥଚାରୀ ଲୋକମାନଙ୍କ ମୁହଁରୁ ମୁଁ ଏକଥା ଶୁଣିବାକୁ ପାଇଥିଲି । ମୁଁ ସେମାନଙ୍କୁ ଘରକୁ ପଶିବାକୁ ଦେଇ ନ ଥିଲି । ଦରବାନମାନେ ଏହି ଆହତ ଲୋକଟିକୁ ହସପାତାଳକୁ ପଠାଇବାକୁ କହିବାରୁ ବଡ଼ବାବୁ ସ୍ୱୟଂ ତଳକୁ ଓହ୍ଲାଇ ଆସି ତାଙ୍କୁ ବୈଠକଖାନା ଘରକୁ ନେଇ ଯିବାକୁ କହିଲେ । ଏମାନେ ରୋଗୀଟିକୁ ଶୁଶ୍ରୂଷା କରୁଥିଲେ । ଆମର ସେଠାକୁ ଆସି ଦେଖିବାର କିଛି ପ୍ରୟୋଜନ ନଥିଲା । ବୋଧହୁଏ ରୋଗୀର ତହିଁରେ କିଛି ଉପକାର ହୋଇ ନାହିଁ । ବଡ଼ ବାବୁଙ୍କ ହୁକୁମରେ ଆମ କୋଚୱାନ ତାଙ୍କୁ ହସପାତାଳକୁ ନେଇଗଲା । ବାବୁ, ଆପଣ କ'ଣ ସେଇ ଲୋକଟାର ସନ୍ଧାନରେ ଏଠାକୁ ଆସିଛନ୍ତି ?

ମୁଁ ଏହି ଘରର ଖାସ ଭୃତ୍ୟକୁ ତା'ର ବକ୍ତବ୍ୟର ପରିପ୍ରେକ୍ଷୀରେ

Digitized by srujanika@gmail.com

ଏବଂ ରୁପଗ୍ରନ୍ଥ ସର୍ବୋପରି ଅନୁପସ୍ଥିତରେ କେତୋଟି ପ୍ରଶ୍ନ ପଚାରୁଥିଲି । ତା'ର କେତୋଟି ପ୍ରୟୋଜନୀୟ ପ୍ରଶ୍ନୋତ୍ତର ନିମ୍ନରେ ଦିଆଗଲା—

: ଅଚ୍ଛା, ତୁମେ ଯା' କହୁଛ, ମୁଁ ସବୁ ବିଶ୍ୱାସ କରୁଛି ଏବଂ ତୁମେ ଯା' କହିବ ସେକଥା ମୁଁ କାହାକୁ ହେଲେ କହିବ ନାହିଁ ; ଖାଲି ଥରେ ମନେକରି ମୋତେ କୁହ ଯେ, ମାତାଲ ଅବସ୍ଥାରେ ଗାଡ଼ି ଚାପା ପଡ଼ିଥିବା ଲୋକଟିର କ'ଣ ସେତେବେଳେ ଜ୍ଞାନଥିଲା ? ଅଜ୍ଞାନ ଅବସ୍ଥାରେ ତାକୁ ଯଦି ଅଣାଯାଇ ଥିଲା, ତାହେଲେ ଏଠାରେ ତା'ର ଥରେ ହେଲେ କ'ଣ ଜ୍ଞାନ ହୋଇ ନଥିଲା ? ତା' ଦେହରେ କୌଣସି ଆଘାତର ଚିହ୍ନ ତୁମେ ଦେଖିଥିଲ କି ଏବଂ ତା'ର ବୟସ କେତେ ଅନ୍ଦାଜ ହେବ ? ଏଗୁଡ଼ିକ ମନେକରି ଥରେ ମୋତେ କୁହତ ?

: ଆଜ୍ଞା, ସେ ଲୋକଟିର ବୟସ ଅନ୍ଦାଜ ଚାଳିଶ ହେବ । ତା' ଦେହରେ ଗୋଟାଏ ଗେଞ୍ଜି ଏବଂ ସବୁଜ ରଙ୍ଗର ଗୋଟାଏ ଲୁଙ୍ଗି ଥିଲା । ତା'ର ହାତ ଏବଂ ଗୋଡ଼ ଦୁଇଟା ଗୋଟାଏ ଧୋତିରେ ଶକ୍ତ କରି ବନ୍ଧା ହୋଇଥିଲା । ମୋର ମନେହୁଏ ଦୁର୍ଦ୍ଦାନ୍ତ ମାତାଲ ଯୋଗୁ ତାକୁ ଏପରି ବାନ୍ଧି ପାରନ୍ତି । ଗଲାବେଳେ ସେମାନେ ଧୋତିଟାକୁ ଫିଟାଇ ନର୍ଦ୍ଦମା ପାଖରେ ଫିଙ୍ଗି ଦେଇ ଯାଇଥିଲେ । ମୁଁ ସେଟା ଉଠାଇ ମେହେନ୍ତ୍ରର ଗଳି ପାଖରେ ରଖି ଦେଇଛି । ଅବଶ୍ୟ ତା' ମୁଣ୍ଡରେ ଆଘାତ ଥିଲା, ମାଡ଼ ରାସ୍ତାରେ ପଡ଼ିଥିବା ମାତାଲର ମୁଣ୍ଡରେ ଆଘାତ ଲାଗିବା ସ୍ୱାଭାବିକ ।

(ମୁଁ ତତ୍‌କ୍ଷଣାତ୍ ମେହେନ୍ତ୍ରର ଗଳି ପାଖରୁ ଲୁଙ୍ଗିଟିକୁ ସଂଗ୍ରହ କରିଥିଲି । ପରୀକ୍ଷା ଦ୍ୱାରା ଦେଖାଯାଏ ଯେ, ତା'ର ଗୋଟାଏ କୋଣରେ × ମାର୍କା ଗୋଟାଏ ଲଣ୍ଡ୍ରିର ଚିହ୍ନ ରହିଛି । ରହସ୍ୟ ଗମ୍ଭୀରରୁ ଗମ୍ଭୀରତର ହେବାକୁ ଲାଗିଲା । ସେଇ ଲୋକଟିର କୌଣସି ସନ୍ଧାନ

Digitized by srujanika@gmail.com

ପାଇଲେ ବରଂ ଏ ମାମଲାର କିଛିତ ସୁରାହା ହୋଇ ପାରନ୍ତା! ବୋଲି ମୋର ଧାରଣା। ସେ କେଉଁ ହସପାତାଲରେ ଭର୍ତ୍ତି ହେଲେ ସେକଥା ଏଠାକାର କେହି କହିପାରୁ ନାହାନ୍ତି। ଯେଉଁମାନେ ତାଙ୍କୁ ଆଣିଥିଲେ ବା ନେଇଗଲେ ସେମାନେ ଥିଲେ ଅଚହ୍ନା ଲୋକ।)

ମୁଁ ଖାସ ଭୃତ୍ୟର ଜବାନବନ୍ଦୀର ପରିପ୍ରେକ୍ଷିରେ ରୂପଚାନ୍ଦ ବାବୁଙ୍କ କୋଚଓ୍ୱାନ ସୟଦ ଅବଦୁଲ୍ଲାର ଗୋଟାଏ ବକ୍ତବ୍ୟ ଗ୍ରହଣ କରିଥିଲି। ଏହି କୋଚଓ୍ୱାନ ଉକ୍ତ ମାତାଲ ଲୋକଟିକୁ ତା' ଗାଡ଼ିରେ ହସପାତାଲକୁ ପଠାଇ ଥିଲା। ତା'ର ଏହି ବକ୍ତବ୍ୟର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା –

: ବାବୁ ମିଛକଥା କହିବା ଆମ ପାଇଁରେ ହାରାମ। ମୁଁ ଯେଉଁ ବଂଶରେ ଜନ୍ମିଛି ସେ ବଂଶରେ ମିଥ୍ୟା କଥା କହିବାର ରୀତି ନାହିଁ। ହିନ୍ଦୁମାନଙ୍କ ମଧ୍ୟରେ ଯେପରି ବ୍ରାହ୍ମଣ, ମୁସଲମାନଙ୍କ ମଧ୍ୟରେ ସେପରି ସୟଦ୍। ମୁଁ ଜଣେ ଖାନ୍ଦାନ୍ ବଂଶର ସନ୍ତାନ। କାହାର ହୁକୁମରେ ମଧ୍ୟ ମୁଁ ମିଛକଥା କହିବି ନାହିଁ। ମୁଁ ସେହି ମାତାଲ ବାବୁଟିକୁ ମୋ' ଗାଡ଼ିରେ ଉଠାଇଲି। ବଡ଼ ବାବୁଙ୍କ ଆଦେଶରେ ମୁଁ ଏକାମ କରିଥିଲି। କିନ୍ତୁ ବାହାରେ ଆସି ଦେଖିଲି ଯେ, ଗୋଟାଏ ଟମ୍ ଟମ୍ ଗାଡ଼ି ଠିଆ ହୋଇଛି। ସେଇ ଗାଡ଼ିର ଲୋକେ କହିଲେ ଯେ, ସେ ଗାଡ଼ିରେ ଏ ମାତାଲଟି ଶୁପା ପଡ଼ିଛି। ଯେଉଁମାନେ ମାତାଲଟିକୁ ନେଇ ଆସିଥିଲେ ସେମାନେ କେହି ମୋ' ଗାଡ଼ିରେ ଉଠ ନଥିଲେ। ସେମାନେ ତାଙ୍କର ସେହି ଟମ୍ ଟମ୍‌ରେ ମୋ' ପଛେ ପଛେ ଆସନ୍ତୁ। କିନ୍ତୁ ରାସ୍ତା ମଝିରେ ଟମ୍ ଟମ୍‌ର ଘୋଡ଼ାଟା ଖୁବ୍ ତାଆଁ ତେଇଁ କରିବାକୁ ଲାଗିଲା। କୌଣସି ପ୍ରକାରରେ ହେଲେ ସେ ଘୋଡ଼ାକୁ କବ୍ଜା କରିହେଲା ନାହିଁ। ସେ ଗାଡ଼ିର ବାବୁମାନେ ମାତାଲକୁ ସେ ଗାଡ଼ିକୁ ନେଇଗଲେ। ଆଶ୍ଚର୍ଯ୍ୟର କଥା! ସାଙ୍ଗେ ସାଙ୍ଗେ ସେ ଘୋଡ଼ାଟା ଶାନ୍ତ ଭାବରେ ଚାଲିବାକୁ

Digitized by srujanika@gmail.com

ଲାଗିଲା । ମୁଁ ସେମାନଙ୍କ ପଛେ ପଛେ ବି ଗାଡ଼ି ଚଳାଇବାକୁ ଲାଗିଲି । କିଛି ଦୂର ଯିବା ପରେ ସେ ଗାଡ଼ିର ବାବୁମାନେ କହିଲେ, ଟମ୍ ଟମ୍ ଯେତେବେଳେ ଯାଉଛି, ତୁମେ ଆଉ ତୁଚ୍ଛାଟାରେ ଆସି ଲାଭ କ'ଣ ଫେରିଯାଅ । ମୁଁ କିନ୍ତୁ ମୁନିବଙ୍କ ଆଦେଶ ଅନୁଯାୟୀ ସେମାନଙ୍କ ପଛେ ପଛେ ଗଲି । ଅନ୍ଧକାର ମଧ୍ୟରେ ଏହି ଟମ୍ ଟମ୍ଟି ଅଦୃଶ୍ୟ ହୋଇଯାଏ । ମୁଁ ଫେରିଆସି ବାବୁଙ୍କୁ ଏ ଘଟଣା ଜଣାଇବାରୁ ସେ ମୋତେ କହିଲେ—

"ସେମାନେ ସବୁ ବୋଧହୁଏ ଗୁଣ୍ଡା । ସେମାନେ କୁଆଡ଼େ ଯାଉଛନ୍ତି ଏହା ଦେଖିବା ପାଇଁ ମୁଁ ତୋତେ ପଠାଇ ନାହିଁ । ଭଲ ତୁ ସେମାନଙ୍କ ସାଙ୍ଗରେ ନ ଯାଇ ବରଂ ଭଲ କରିଛୁ । ସେମାନଙ୍କ ଦଳରେ ମାତ୍ର ଦୁଇଜଣ ସୁଟ୍ ପିନ୍ଧା ବଙ୍ଗାଳୀ ଥିଲେ ଓ ଅନ୍ୟମାନେ ମଇଳା ଗେଞ୍ଜି ଓ ଲୁଙ୍ଗି ପିନ୍ଧିଥିଲେ । ଉକ୍ତ ସୁଟ୍ ପିନ୍ଧା ଲୋକ ଦୁଇଟି ସେଗୀ ସନ୍ଧ ଆମ ବୈଠକଖାନାକୁ ଆସିଥିଲେ । ସେମାନଙ୍କୁ ଟମ୍ ଟମ୍ଟିରେ ଅପେକ୍ଷା କରିଥିବାର ଦେଖିଥିଲି । ଏବଂ ଗାଡ଼ିରେ କେତେଗୁଡ଼ାଏ ଟଙ୍କା ଭାଗ କରିବାର ମୁଁ ଦେଖିଛି । ବଡ଼ବାବୁଙ୍କ ପରି ମୋ'ର ବି ମନେ ହେଉଛି—ସେ ଲୋକଗୁଡ଼ାକ ଗୁଣ୍ଡା ଥିଲେ । ମାଉଲଟାକୁ ସେମାନେ ଦମ୍ଦମ୍ ଅଡ଼କୁ ନେଇଗଲେ ବାବୁ ! ସେଠାରେ ଆପଣମାନେ ଟିକିଏ ଖୋଜ ଖବର କରନ୍ତୁ ।

ତା'ପରେ ଉକ୍ତ ଘରର ଅନ୍ୟାନ୍ୟ ବେତନଭୋଗୀ ଭୃତ୍ୟମାନଙ୍କୁ ମୁଁ ପଚରା ଉଚରା କରିଛି । ଏମାନଙ୍କ ନିକଟରୁ ମୁଁ ଜାଣି ପାରିଲି ଯେ, ମହାବୀର ବାବୁଙ୍କର ଜଣେ ବ୍ୟକ୍ତିଗତ ବଙ୍ଗାଳୀ ଭୃତ୍ୟ ଅଛି । ସେ ଅଳ୍ପ କେତୋଦିନ ତଳେ ଏଠାକାର ଗୃହସ୍ଥରେ ଯୋଗ ଦେଇଛି । ଏଇ ନୂତନ ନିଯୁକ୍ତ ଭୃତ୍ୟଟିର ନାମ ରାଜକୃଷ୍ଣ ଦାସ । ସେ ଏଇ ଘରର ଛାତ ଉପରେ ଗୋଟିଏ ଛୋଟିଆ କୋଠରୀରେ

Digitized by srujanika@gmail.com

ବାସକରେ। ସେ ବର୍ତ୍ତମାନ ସେଇ ଗ୍ରୁଡ ଘରେ ଅଛି। ଘରର ପ୍ରତ୍ୟେକ ଭୃତ୍ୟ ଉପସ୍ଥିତ ଥିବା ସତ୍ତ୍ୱେବ ତା'ର ଅନୁପସ୍ଥିତ ସନ୍ଦେହଜନକ ମନେହେଲା। ଅନ୍ୟମାନଙ୍କ ପରି କୌତୁହଳୀ ହୋଇ ସେ ସେପଲିସମାନଙ୍କ ପାଖକୁ ଆସିନାହିଁ। ମୁଁ ଗ୍ରୁଡକୁ ଆସିବା ମାତ୍ରେ ସେ ଅଲକ୍ଷ୍ୟରେ ଆତ୍ମଗୋପନ କରେ। ଏପରିକି ଦ୍ରୁତଗତିରେ ପଳାୟନ କରିଥିବାରୁ ସେ ଗ୍ରୁଡର ଦାରକୋଠା ପର୍ଯ୍ୟନ୍ତ ବନ୍ଦକରି ନାହିଁ। ଅପେକ୍ଷା କରିବା ସତ୍ତ୍ୱେବ ତାକୁ ଫେରିବାର ନଦେଖି ତା' ଅନୁପସ୍ଥିତରେ ତା' ଘରଟିକୁ ଖାନତଲ୍ଲାସ କଲି। ତଲ୍ଲାସୀରେ କୌଣସି ସନ୍ଦେହଜନକ ଦ୍ରବ୍ୟ ମୁଁ ପାଇ ନାହିଁ। ମାତ୍ର ସେଠାରେ ଏକ ଅଦ୍ଭୁତ ସାଙ୍କେତିକ ଲିପିକା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି। ଏଇ ଲିପିକାର ଅକ୍ଷର ବଙ୍ଗଳା ହେଲେ ବି ବୁଝିବା ଦୁଷ୍କର ଥିଲା। କର୍ତ୍ତୃପକ୍ଷଙ୍କ ଅବଗତାର୍ଥେ ଉକ୍ତ ଲିପିକାଟି 'ଡାଇରି' ସହିତ ପ୍ରେରିତ ହେବ। ଏକଥା ମଧ୍ୟ ଶୁଣିବାକୁ ପାଇଲି ଯେ, ସେ ଗତକାଲି ସକାଳେ ଜଣାଇ ଦେଇଛି ଏଠାରେ ଆଉ ଚାକିରି କରିବ ନାହିଁ। କାରଣ ସ୍ୱରୂପ ସେ କୁହେ ଯେ, ବହୁବଜାରର ଧନୀ ଶ୍ୟାମାଚରଣ ମଲ୍ଲିକଙ୍କ ବଡ଼ ଭାଇ ଉମେଶ ଚନ୍ଦ୍ର ମଲ୍ଲିକ ସେମାନଙ୍କ ଚାକିରିରେ ତାକୁ ବହାଲ କରିଛନ୍ତି। ଏଇ ମାରବାଡ଼ୀଙ୍କର ବର୍ତ୍ତମାନ ବସତ ବାଟିଟି ପୂର୍ବେ ଶ୍ୟାମ ମଲ୍ଲିକଙ୍କ ପୈତୃକ ସମ୍ପତ୍ତି ଥିଲା। କିନ୍ତୁ ଦେନା ଦାୟରେ ପଡ଼ି ସେଟା ଉକ୍ତ ମାରବାଡ଼ିଙ୍କୁ ବିକ୍ରୀ କରିଦିଅନ୍ତି। ଅନୁଗତ ଭୃତ୍ୟମାନେ ଏକଥା ବଡ଼ବାବୁଙ୍କୁ ଜଣାଇ ଥିଲେ ମାତ୍ର ସେ ଏକଥା ଶୁଣି ଟିକିଏ ହସି ଦେଇଥିଲେ। ସ୍ମରଣ ଥାଇପାରେ ଯେ, ମହାବୀରର ପିତା ରୂପଚନ୍ଦ୍ର ବାବୁ ତାଙ୍କ ବିବୃତିରେ ଉପରୋକ୍ତ ଉମେଶ ମଲ୍ଲିକଙ୍କ କନିଷ୍ଠ ଭ୍ରାତା ଶ୍ୟାମ ମଲ୍ଲିକଙ୍କୁ ସେମାନଙ୍କର ଶତ୍ରୁ ପ୍ରକୀୟ ବ୍ୟକ୍ତିରୂପେ ଉଲ୍ଲେଖ କରିଛନ୍ତି। କେଉଁଠାରୁ କପରି

Digitized by srujanika@gmail.com

କ ସୂତ୍ର ମିଳିପାରେ ତା’ ଜାଣିବା କଠିନ । ଅନାବନା ଭାବରେ ଏପଟ ସେପଟ ଗୁଡ଼ାଏ ଘଣ୍ଟାଚକଟା କଲେ ପ୍ରାୟ ସୁଫଳ ଫଳିଥାଏ । ଏଣୁ କାରଣରୁ ମୁଁ ପ୍ରମାଣପ୍ରାପ୍ତି ଆଶାରେ ବଡ଼ବଜାରର ସର୍ବଜନ ପରିଚିତ ଧନୀ ଉମେଶ ମଲ୍ଲିକ ଏବଂ ତାଙ୍କ ଭାଇ ବାବୁ ଶ୍ୟାମ ମଲ୍ଲିକଙ୍କ ଘରକୁ ଗଲି ।

[ମାରୱାଡ଼ି ପୁତ୍ରର ବଙ୍ଗାଳୀ ଭୃତ୍ୟ ଘରୁ ମିଳିଥିବା ସାଙ୍କେତିକ ଲିପିକାର ଅନୁଲିପି ।]

ଅ	ଣ	ର	ଛ	ହ	ନ୍ତ	[]
ନ	ଜା	ଜା	ଇ	କୁ	ର	ହିଁ
ଟ	ବ	ହ୍ନ	ଦେ	ମେ	ଯା	ନା
ନୋ	ଇ	ଅଁ	ଇ	ଭୁ	ଇ	ବ
ର	ପା	ଯା	ଠା	ଲେ	ଦେ	ହ
ଙ୍କା	ମେ	ଲେ	ଉ	ସି	ଡ଼ା	ଧ
ଟ	ଭୁ	ଖି	ରେ	ଆ	ପୀ	ଛୁ
ର	ଶ	ଇ	ଡ଼ି	କୁ	କୁ	କ
ଜା	ଣି	ନ	ଗା	ର	ମ	ମେ
ହ	କ	ପ	ଶୀ	ଘ	ଭୁ	ଭୁ
ମ	ବ	ଗୋ	କା	ସ	ନେ	ରେ
ଗ୍ରି	ଙ୍କା	ବୁ	ନେ	ଲ	ମା	ଲ
ଅ	ଟ	ଘ	ନ	ପୋ	ସେ	ଭୁ

ବନ୍ଧୁ ବର୍କାର ବଟତଳକୁ ଆସି ଭାଇମାନଙ୍କ ବୈଠକରେ ତଦାରଖ କଲି । ଏହି ଧନୀ ପରିବାରର ଦୁଇ ଭାଇ ବର୍ତ୍ତମାନ ପାଖାପାଖି ଦୁଇଟି ପୃଥକପୃଥକ କୋଠାରେ ବାସ କରନ୍ତି । ମାତ୍ର ଆଶ୍ଚର୍ଯ୍ୟ କଥା, ବଡ଼ଭାଇ ଉମେଶବାବୁ ତାଙ୍କର ମା’, ସ୍ତ୍ରୀ ଓ ସନ୍ତାନମାନଙ୍କ ସହିତ ସ୍ୱାଭାବିକ ଜୀବନଯାପନ କଲେ ମଧ୍ୟ ଶ୍ରେଷ୍ଠ ଭାଇ ଅବିବାହିତ ଭାବରେ ବନ୍ଧୁ

Digitized by srujanika@gmail.com

ଦାସଦାସୀ ପରିବେଷ୍ଟିତ ହୋଇ ତାଙ୍କ ନଗରେ ପଡ଼ିଥିବା କୋଠାରିରେ ବାସ କରନ୍ତି । ତାଙ୍କର ସମୁଦାୟ ଭୃତ୍ୟ ଓ ପାଚକ କୋଠାରିର ତଳ ତାଲାରେ ସେମାନଙ୍କ ନିର୍ଦ୍ଦିଷ୍ଟ କୋଠରୀ ଗୁଡ଼ିକରେ ବସବାସ କରନ୍ତି । ଦ୍ୱିତଳର ଗୋଟାଏ ହଲ ଘରେ ଅଦ୍ଭୁତ ପ୍ରକୃତିର ଶ୍ୟାମ ମଲ୍ଲିକ ଏକାକୀ ସାରା ଦିନରାତି ଧରି ଥା'ନ୍ତି । ସେ ସାଧାରଣତଃ ବାହାରକୁ ବାହାରନ୍ତି ନାହିଁ ।

ମୁଁ ପ୍ରଥମେ ଏହି ଧନୀ ପରିବାରର ଶ୍ରୀଯୁକ୍ତ ବାବୁ ଶ୍ୟାମାଚରଣ ମଲ୍ଲିକଙ୍କର ସାକ୍ଷାତ ଅଭିଳାଷୀ ହୋଇଥିଲି । ସେ ବାସ୍ତବିକ୍‌ହିଁ ଜଣେ ଅଦ୍ଭୁତ ପ୍ରକୃତିର ଲୋକ । ଦିନେ ଦିନେ ସେ କେବଳ ସଂଗ୍ରହଣୀ ଧରି ଥାଳି ଥାଳି ଅନ୍ନ ବ୍ୟଞ୍ଜନ ବିଛଣାରେ ଶୋଇ ଶୋଇ ଖାଆନ୍ତି ଏବଂ ପରଦିନ ଅନାହାର ଥାଇ ସଂଗ୍ରହଣୀ ପାଇଖାନାରେ ବସିଥାନ୍ତି । ପର୍ଯ୍ୟାୟ କ୍ରମେ ତାଙ୍କ ଖାଇବା ଏବଂ ମଳତ୍ୟାଗ କରିବା ଏହିପରି ଚାଲେ । ମୋର ସୌଭାଗ୍ୟ ଯେ ସେଦିନ ଥିଲା ତାଙ୍କର ଆହାରର ଦିନ । ଏତଲା ପଠାଇବା ମାତ୍ରେ ସେ ମୋତେ ଉପରକୁ ତାଙ୍କ ଶୋଇବା ଘରକୁ ଡକାଇ ପଠାଇଲେ । ସେତେବେଳକୁ ଅପରାହ୍ଣ ଚାରି ଘଟିକା ହେବ । ମୁଁ ତାଙ୍କ ଦ୍ୱିତଳର ଶୟନ କକ୍ଷକୁ ଆସି ଦେଖେ ଯେ, ତଳେ ବିସ୍ତୃତ ହୋଇଥିବା ଗୋଟାଏ ମୋଟା ଗଦି ବିଛଣା ଉପରେ ଗୋଟାଏ ତକିଆ ମୁଣ୍ଡ ତଳେ ଦେଇ ଶୋଇ ଶୋଇ ସେ ଆହାର କରୁଛନ୍ତି । ସମ୍ମୁଖରେ ଗୋଟାଏ ଘୃତାନ୍ନର ଥାଳୀ ଏବଂ ଥାଳୀର ଚାରିପଟେ ବହୁ ବ୍ୟଞ୍ଜନର ପାତ୍ର । ପାତ୍ର ଭର୍ତ୍ତି ବହୁ ପ୍ରକାର ଉପାଦେୟ ଖାଦ୍ୟ । ସେ ଆହାର କରୁ କରୁ ମୋ ସହିତ କଥାବାର୍ତ୍ତା କରିଥିଲେ । ତାଙ୍କ ବିବୃତିର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା ।

: ଆଜ୍ଞା, ଏହି ଖୁଣ୍ ବିଷୟରେ ମୋର କୌଣସି ଧାରଣା ନାହିଁ ।

Digitized by srujanika@gmail.com

ତେବେ ଏତକ ମୋର ଭୟ ଯେ, ମୁଁ ଯେପରି କାହା ଦ୍ୱାରା କେବେ ଖୁଣ୍ଟ ନହୁଏ । ବନ୍ଧୁବର୍ଗଙ୍କ ସହିତ ମୁଁ ନାନା କାରଣରୁ ସମ୍ପର୍କ ତ୍ୟାଗ କରିଛି । ତଥାପି ମୋ'ର ବନ୍ଧୁ ଶତ୍ରୁ । ବାହାରକୁ ନ ବାହାରିବାରୁ ମୋର କୌଣସି ବନ୍ଧୁ ବି ନାହାନ୍ତି ।

କଲିକତାରେ ଏହିପରି ଅନେକଗୁଡ଼ିଏ କୋଠା ମୋ' ଭାଗରେ ପଡ଼ିଛି । ତହିଁରୁ ହେଉଥିବା ଆୟରେ ମୋର ଖରଚ ଚଳିଯାଏ । ବାପାଙ୍କ ଅମଳର ବୁଢ଼ା ଚାକରମାନଙ୍କୁ ମୁଁ ବଡ଼ ଭାଇଙ୍କ ପରି ବିଦାୟ ଦେଇପାରି ନାହିଁ । ଏହି ଅତିବୃଦ୍ଧ ଭୃତ୍ୟମାନଙ୍କ ପରିଚର୍ଯ୍ୟା ନିମନ୍ତେ ମୋତେ ଆଉ କେତେଜଣ ଯୁବକ ଭୃତ୍ୟ ନିଯୁକ୍ତ କରିବାକୁ ପଡ଼େ । ତା' ନ ହେଲେ ବଜାର ହାଟ କରିବା ପାଇଁ ଭଡ଼ା ଆଦାୟ ପାଇଁ ଜଣେ ସରକାର, ଜଣେ ଭୃତ୍ୟ ଏବଂ ଜଣେ ପାଚକ ବ୍ୟତୀତ ମୋର ଆଉ କୌଣସି ଲୋକର ପ୍ରୟୋଜନ ନାହିଁ । ସୁବିଧାନୁସାରେ ବାହାରର ଦୁଃସ୍ଥମାନଙ୍କୁ ମୁଁ ସାହାଯ୍ୟ କରିଥାଏ । ମୋ' ମୃତ୍ୟୁ ପରେ ଆତ୍ମୀୟମାନଙ୍କ ପାଇଁ ମୁଁ କିଛି ରଖିବାକୁ ଚାହେଁନା । ମୋ' ବଡ଼ ଭାଇଙ୍କ ଉପକାର କରିବାକୁ ଯାଇ ମୋର ଅଣ୍ଡିର କୋଠା ରୂପଚାନ୍ଦ ମାରବାଡ଼ିର ହସ୍ତଗତ ହୋଇଛି । ମୁଁ ଭାଇଙ୍କ ମୁହଁକୁ ଚାହିଁ ତା' ବିରୁଦ୍ଧରେ କୌଣସି ମକଦ୍ଦମା କରି ନାହିଁ । କାରଣ ଏଠାରେ ମୋ' ଭାଇ ହେଉଛନ୍ତି ଗ୍ରହୀତା ଏବଂ ମୁଁ ଦାତା । ମୋର ଦାନର ପ୍ରବୃତ୍ତି ଆତ୍ମୀୟମାନଙ୍କ ମଧ୍ୟରେ ସପ୍ରସାରିତ କରିବାକୁ ଯାଇ ମୋର ଏଇ ବିପଦ । କିନ୍ତୁ ମୋର ଜଣେ ବାଲ୍ୟ ବନ୍ଧୁ ବାବୁ ଦୁର୍ଜ୍ଜୟ ଗାଙ୍ଗୁଲିଙ୍କ ପାଇଁ ମୁଁ ସେ ମାରୱାଡ଼ି ବିରୁଦ୍ଧରେ ଗୋଟାଏ ମାମଲା କରିଛି । ମୁଁ ଦରିଦ୍ର ଲୋକମାନଙ୍କୁ କିଛି କିଛି ଦାନ କରେ ମାତ୍ର ଧନୀ ଲୋକଙ୍କୁ କିଛି ଦାନ କରି ନ ଥାଏ । ତଥାପି ଦେଖେ ଦରିଦ୍ରକୁ ଦେଇଥିବା ଅର୍ଥ ଯାଇ ଧନୀଙ୍କ ପାଖରେ ପହଞ୍ଚେ । ମୁଁ ବି ପୁରୁଷ ସିଂହ; ମୁଁ କାହିଁକି କା ପାଖରେ ଠକିଯିବି ? ବର୍ତ୍ତମାନ ଶୁଣିବାକୁ

Digitized by srujanika@gmail.com

ପାଇଲି ଯେ, ମୋ' ବଡ଼ ଭାଇଙ୍କ ସହିତ ନୃପେନ୍ଦ୍ର ସରୋଗୀର ସୁସମ୍ପର୍କ ଅଛି । ମୁଁ ଅବଶ୍ୟ ଗୋଟାଏ ଓକିଲାତି ନାମାରେ ସହିକରି କ୍ଷାନ୍ତ ହୋଇଛି । ମୋର ଏଇ ମକଦ୍ଦମା ମୋର ବନ୍ଧୁ ଦୁର୍ଲ୍ଲଭ ବାବୁଙ୍କୁ ପରିଚାଳନା କରିବାର ଦାୟିତ୍ୱ ମୁଁ ଦେଇଛି । ଶୁଣିଲି ତାଙ୍କୁ ବି ସେ ମାରବାଡ଼ି ଠକାଇଛି । ମୋ' ଭୃତ୍ୟମାନେ ମୋତେ ସର୍ବଦା ନଜରରେ ରଖି ନଥିଲେ ସେମାନେ ମୋତେ ଖୁନ୍ କରି ସାରନ୍ତେଣି । ବର୍ତ୍ତମାନ ଶୁଣୁଛି ଦୁର୍ଲ୍ଲଭ ବାବୁଙ୍କର କୌଣସି ଖୋଜ ଖବର ମିଳୁନାହିଁ । ମୋ' ଘରକୁ କୌଣସି ଆତ୍ମୀୟସ୍ୱଜନ ଆସୁ ନଥିବାରୁ ମୁଁ ଭାଇ ଏବଂ ମା'ଙ୍କର କୌଣସି ଖବର ଅନେକ ଦିନ ହେଲା ରଖିପାରି ନାହିଁ ।

ଶ୍ୟାମା ଚରଣ ବାବୁଙ୍କ ସଂକ୍ଷିପ୍ତ ଭାଷଣରୁ ପାରିବାରିକ ବହୁ ଅଭିଯୋଗ ଏବଂ ବ୍ୟଥା ଫୁଟି ଉଠେ । ମାତ୍ର ବୁଝାଯାଏ ଯେ, ତାଙ୍କ ପାରିବାରିକ ଦୁଃଖ ସେ ଅନ୍ୟ କାହାକୁ କହିବାକୁ ଚାହାଁନ୍ତି ନାହିଁ । ମୁଁ ତାଙ୍କୁ ସହାନୁଭୂତି କରିଥିବା ଦେଖାଇବାରୁ ତାଙ୍କ ମନଟା ଟିକିଏ ନରମ ହୁଏ । ଏଇ ସୁଯୋଗରେ ମୁଁ ତାଙ୍କୁ କେତୋଟି ପ୍ରଶ୍ନ କରିଥିଲି । ଆମ ପ୍ରଶ୍ନୋତ୍ତରର ପ୍ରୟୋଜନୀୟ ଅଂଶ ନିମ୍ନରେ ଦିଆଗଲା—

: ଆଚ୍ଛା, ରଘୁନାଥ ଦାସ ନାମରେ କୌଣସି ଏକ ଭୃତ୍ୟ ଶ୍ରେଣୀର ଲୋକ ନାଁ ଆପଣ କେବେ ଶୁଣିଛନ୍ତି ? ଏପରି କୌଣସି ଲୋକ ସହିତ ଆପଣଙ୍କ ଭାଇଙ୍କର କୌଣସି ସମ୍ପର୍କ ଅଛି କି ? ଏ ବିଷୟରେ ଆପଣ ଟିକିଏ ମନେକରି କହିଲେ, ଆମେ ଉପକୃତ ହେବୁ ।

: ଆରେ, ସେ ଗୁଣ୍ଡାଟାକୁ ଆପଣ କିପରି ଜାଣିଲେ ? ସଇତାନଟା କେବଳ ଗୁଣ୍ଡା ନୁହେଁ ଦଲାଲ ବି । ବଡ଼ଭାଇ କୌଣସି ଏକ କାରଣରୁ ମୋଠାରୁ ଗୋଟାଏ ସାଦା ଡେମିଷ୍ଟାମ୍ପ କାଗଜରେ ସହିକରି

Digitized by srujanika@gmail.com

ରଖିଥିଲେ । ଅବଶ୍ୟ ଯେ କାଗଜଟା ମୁଁ ମୋ' ଘରେ ସର୍ବଦା ରଖୁଥିଲି । ମୋ' ପାଇଖାନା ରହିବା ଦିନରେ ଖାଇ ତାକୁ ନେଇ ମୋ' ଘରକୁ ଦିନେ ଆସନ୍ତି । ଖାଇ ଭୃତ୍ୟମାନଙ୍କ ସହିତ କଥୋପ-କଥନ କରୁକରୁ ସେ ଏଇ ସୁଯୋଗରେ କାଗଜଟାକୁ ଚକଆ ତଳୁ ବାହାରକରି ନେଇ ଯାଇଛି । ମୁଁ ପାଇଖାନାରୁ ଆସି ସେ କାଗଜଟିକୁ ଖୋଜି ଅଉ ପାଇ ନଥିଲି । ମୋର ମୋ ଭୃତ୍ୟମାନଂକ ଉପରେ ଯଥେଷ୍ଟ ବିଶ୍ୱାସ ଅଛି ଏବଂ ସେମାନେ କେବେ ନିମକହାରାମ ହେବେ ନାହିଁ । ମୁଁ ଭଲ ମଣିଷ ହେଲେ କ'ଣ ହେବ, ମୋ ସରକାର ବାବୁଟି ଗୋଟାଏ ଧୂର୍ତ୍ତଲୋକ । ସେଇ କାଗଜଟି ବଳରେ ସରେଗୀ ମୋ କୋଠାଟାକୁ ମିଛ ମାମଲାରେ ଜିତିଲା । ମୋ ଧୂର୍ତ୍ତ ସରକାର ବାବୁଙ୍କ ହାତରେ ବହୁଲୋକ ଅଛନ୍ତି । ସେ ନିଷ୍ଟୟ କାହାକୁ ଗୁଳିବ ବୋଲି ମୋର ସନ୍ଦେହ ଏ ନା । ମୁଁ କିମ୍ବା ସରେଗୀ ଦୁଇଜଣଙ୍କ ମଧ୍ୟରୁ ଜଣେ ଖୁଣ୍ ହେବହିଁ ହେବ । ଅଦାଲତରେ ଯେତେବେଳେ ନ୍ୟାୟ ବିଚାର ମିଳେନା, ସେତେବେଳେ ମଣିଷ ବିଚାରକୁ ନିଜ ହାତକୁ ନେଇ ଥାଏ । ମାତ୍ର ମୁଁ ଏସବୁ ଖୁଣ୍ ଖରାପି ବ୍ୟକ୍ତିଗତ ଭାବରେ ପସନ୍ଦ କରେନା । ବୁଦ୍ଧି ଲଢ଼ାଇରେ ହାରିଯିବା ବା ଭଲପାଇ ଅସାବ-ଧାନରେ ରହିବା ଏକ ପ୍ରକାର ପାପ ଛଡ଼ା ଆଉ କିଛି ନୁହେଁ । ଏ ପାପ ଯେତେବେଳେ ମୁଁ କରିଛି, ତାର ଫଳ ମୋତେହିଁ ଭୋଗ କରିବାକୁ ପଡ଼ିବ ।

: ଆପଣଙ୍କ ସରକାର ଶ୍ରୀମନ୍ତ ବାବୁ ବର୍ତ୍ତମାନ କେଉଁଠି ? ଅପଣଙ୍କର ଆପତ୍ତି ନଥିଲେ ତାଙ୍କୁ କେତୋଟି ବିଷୟ ମୁଁ ପଚାରିବି । ସେ ଆପଣଙ୍କ ଅନୁଗତ ଓ ବିଶ୍ୱାସୀ ଲୋକ । ଆପଣ ଯଦି ତାଙ୍କୁ କହିଦିଅନ୍ତି, ତାହେଲେ ସେ ମୋ ପ୍ରଶ୍ନର ଯଥାଯଥ ଉତ୍ତର ଦିଅନ୍ତେ ।

: ମୋର ତହିଁରେ କୌଣସି ଆପତ୍ତି ନାହିଁ । ମାତ୍ର ସେ ଏ କେତେ ଦିନ ବାହାରେ ରହିବେ । କାରଣ ଦୁର୍ଜ୍ୟ ବାବୁଙ୍କୁ

Digitized by srujanika@gmail.com

ଜବ୍ଦକରି ସେମାନେ ଲୁଟ୍ କରୁଛନ୍ତି । ସରକାର ବାବୁଙ୍କ ପ୍ରତିଜ୍ଞା ଯେ ତାଙ୍କୁ ହଙ୍କାର ନିଶ୍ଚୟ କରିବେ । ସେ ଖୁଣ୍ ହୋଇଛନ୍ତି କିମ୍ବା ଖୁଣ୍ କରିଛନ୍ତି ଏକଥା ଆମେ ବିଶ୍ୱାସ କରୁନା । ଗତକାଲି ବେଲ-ଘରିଆରୁ ତାଙ୍କ ଚିଠି ମୁଁ ପାଇଛୁ । ଏଇ ନଅନ୍ତୁ—

ଡାକ ଯୋଗେ ଆସିଥିବା ଖଣ୍ଡିଏ ଚିଠି ସେ ମୋ ହାତରେ ଦେଲେ । ଏଇ ପତ୍ରଟିରେ ଗୋଟାଏ ଉଲ୍ଲେଖଯୋଗ୍ୟ ସମ୍ବାଦ ଅଛି । ମନେହୁଏ ହ୍ୟାଂକ ସରକାରଟି ହ୍ୟାଂକର ପରି ଜଣେ ଉନ୍ମାଦ ବ୍ୟକ୍ତି । ତା' ନହେଲେ ଏଇ ଅଦ୍ଭୁତ ମୁନିବ ନିକଟରେ ଯେ ଏତେଦିନ ଚାକିରି କିପରି କରି ପାରିଥିଲେ ? ସତ୍ ଉଦ୍ଦେଶ୍ୟ ହେଲେ ବି ସେ ଗୋଟାଏ ମରିଚିକା ପଛେ ପଛେ ଦୌଡ଼ୁଛନ୍ତି । ଏଇ ପତ୍ରଟିର ସାରାଂଶ ନିମ୍ନରେ ଉଦ୍ଧୃତ କରାଗଲା—

"ଏଠାରୁ ମୁଁ ପ୍ରଥମେ ଆମ ଆଟର୍ଣ୍ଣିଙ୍କ ଘରକୁ ଯାଇଥିଲି । ଆମ ମାମଲା ବିଷୟବସ୍ତୁ ଆଟର୍ଣ୍ଣି ଏବଂ ଦୁର୍କସ୍ୱ ବାବୁ ଖୁବ୍ ଗୋପନରେ ରଖିଛନ୍ତି । ଆଟର୍ଣ୍ଣି କହିଲେ, ଯେପରି ହେଉ ଦୁର୍କସ୍ୱ ବାବୁଙ୍କୁ ଖୋଜି ବାହାର ନକଲେ ବିପଦର ସମ୍ଭାବନା ଅଛି । ତାଙ୍କର ସନ୍ଦେହ ଦୁର୍କସ୍ୱ ବାବୁ ଆପଣଙ୍କ ବଡ ଭାଇଙ୍କ ଅନୁରୋଧରେ ଆମକୁ ବିପଦରେ ପକାଇବା ନିମନ୍ତେ ଆତ୍ମଗୋପନ କରିଛନ୍ତି । କିମ୍ବା ଆପଣଙ୍କ ବଡ଼ ଭାଇ ତାଙ୍କୁ ଏ ଜଗତରୁ ଘୁଞ୍ଚାଇ ଦେଇଛନ୍ତି । ଆପଣଂକ ବଡ଼ଭାଇ ହାଇ କୋର୍ଟରେ କେସ୍ କରିଛନ୍ତି ଯେ, ଆପଣ ଆତ୍ମୀୟମାନଙ୍କୁ ବଞ୍ଚିତ କରି ଆପଣଙ୍କ ସମ୍ପତ୍ତି କୌଣସି ଜନହିତକର କାମରେ ଲଗାଇଛନ୍ତି ଓ ଏଇ ଅଧର୍ମକୁ ଦାନ କରିଛନ୍ତି ! ଯା'ହେଉ ଏ ବିଷୟରେ ମୁଁ ଶେଷ ଚେଷ୍ଟା ଦେଖି ପ୍ରୟୋଜନ ହେଲେ ମାରବାଡ଼ିକୁ ନିର୍ବଂଶ କରିବ ।

ଆଜି ନାନା ସ୍ଥାନରେ ବୁଲି ବୁଲି ମୁଁ ବେଲଘରିଆସ୍ଥ ଆପଣଙ୍କ ପୂର୍ବ ପୁରୁଷଙ୍କ ଦାନରେ ନିର୍ମିତ ସାଗରଦାଣ୍ଡି ହସପାତାଲ ପାଖରୁ

Digitized by srujanika@gmail.com

ଆସେ । ଏଠାରେ ପରିଚିତ ଘୋଡ଼ାର ହ୍ରେଷା ଧ୍ୱନି ଶୁଣି ମୁଁ ଅବାକ୍ ହୋଇଗଲି । ସେଇ ଘୋଡ଼ାର ଡାକ ଦୁର୍ଜ୍ଜୟ ବାବୁଙ୍କ ଘୋଡ଼ାର ବୋଲି ମନେହେଲା । ମାତ୍ର ଏ ଡାକ କେଉଁଠୁ ଆସୁଛି ତା' ବୁଝିପାରୁ ନାହିଁ । ଏ ହ୍ରେଷାରାବଟି ପଶୁମାନଙ୍କ ହ୍ରେଷାରାବ ନୁହେଁ । ତେଣୁ ଚତୁଃପାର୍ଶ୍ୱର ଜଙ୍ଗଲ ମଧ୍ୟରେ ମୁଁ ଘୋଡ଼ାଟିକୁ ଖୋଜା ଖୋଜି କରୁଛି । ପ୍ରୟୋଜନ ଅନୁସାରେ ମୁଁ ଆପଣଙ୍କୁ ଅନ୍ୟାନ୍ୟ ଖବର ଜଣାଇବି । ଇତି—

ବଶମ୍ବଦ

ଆମମାନଙ୍କ ତଦନ୍ତରେ ସହାୟକ ଏପରି ଏକ ଝଟେଲିଗ୍ରାମ ମିଳିବ ତା' ଆମେ ଆଶାକରି ନଥିଲୁ । ସେ ନିଜ ସ୍ୱାର୍ଥ ନିମନ୍ତେ ଦୁର୍ଜ୍ଜୟ ବାବୁଙ୍କୁ ଖୋଜି ବାହାର କଲେ, ଆମେ ତା' ଦୌଲତରେ ପ୍ରକୃତ ଆସାମୀକୁ ଖୋଜି ପାଇବୁ । ମାତ୍ର ଆମର ସନ୍ଦେହ ହେଉଛି, ଦୁର୍ଜ୍ଜୟ ବାବୁଙ୍କର ସନ୍ଧକାଙ୍କ୍ଷୀରୂପେ ଖୁଣ୍ଟୁ ବ୍ୟାପାରରେ ଏଇ ଦୁର୍ଦ୍ଦାନ୍ତ ସରକାର ବାବୁ ମଧ୍ୟ ଜଡ଼ିତ ଥାଇ ପାରନ୍ତି । ଆମର ଏଇ ସନ୍ଦେହ ଆଉ କେତେଦିନ ଗୋପନ ରଖିଲେ ଭଲ ।

ଏଠାକାର ତଦନ୍ତ ଶେଷକରି ଆମେ ଶ୍ୟାମା ଚରଣ ବାବୁଙ୍କ ବଡ଼ ଭାଇ ଉମେଶ ବାବୁଙ୍କ ଘରକୁ ତଦନ୍ତ ଉଦ୍ଦେଶ୍ୟରେ ଯାଇ ପହଞ୍ଚିଲୁ । ସ୍ତ୍ରୀଙ୍କର ଏ ଖୁଣ୍ଟିରେ ଅଦୃଶ୍ୟ ହାତ ରହିବା ଅସମ୍ଭବ ନୁହେଁ । ତା' ନହେଲେ ସେ ମହାବୀର ବାବୁଙ୍କ ଖାସ ଭୃତ୍ୟକୁ ନିଜ ଘରେ ବା କାହିଁକି ସ୍ଥାନ ଦିଅନ୍ତେ ? ଏହା ପୂର୍ବରୁ ସେ ତାକୁ ନିଜ ଘରେ ମଧ୍ୟ ସ୍ଥାନ ଦେଇଥିଲେ । ଉମେଶ ବାବୁଙ୍କ ଘରେ ପହଞ୍ଚି ଶୁଣିଲୁ ଯେ, ସେ ବର୍ତ୍ତମାନ ବନ୍ଧୁମାନଙ୍କ ସହିତ ମଦ୍ୟପାନରେ ଉନ୍ମତ୍ତ ପ୍ରାୟ । ତାଙ୍କୁ ସୁସ୍ଥକରି ତଳକୁ ଆଣିବା ପାଇଁ ଯଥେଷ୍ଟ ସମୟ ଲାଗିପାରେ । ସେହି ସମୟ ମଧ୍ୟରେ ତାଙ୍କର ବୃଦ୍ଧା ମା'

Digitized by srujanika@gmail.com

ଅଭ୍ୟାଗତମାନଙ୍କ ଦେଖାଶୁଣା କରଥାନ୍ତି । ଅନ୍ୟ ଉପାୟ ନଦେଖି ମୁଁ ତାଙ୍କ ବୃଦ୍ଧା ମା'ଙ୍କ ସହିତ ଆଲୋଚନା କରେ । ଏହି ସୁଯୋଗରେ ମୁଁ ତାଙ୍କଠାରୁ ଗୋଟାଏ ପ୍ରୟୋଜନୀୟ ବିବୃତି ମଧ୍ୟ ଗ୍ରହଣ କରିଥିଲି । ତା'ର ପ୍ରୟୋଜନୀୟ ଅଂଶ ନିମ୍ନରେ ଦିଆଗଲା—

: ବାପା, ଆଉ କ'ଣ ଆମର ସେଦିନ ଅଛି ? ମୋ' ଗୋଟେଇଁ ଶ୍ୱଶୁର ଘୋଡ଼ା ଗାଡ଼ିରେ ଗୃହ ପାଖରେ ଗୃହ ଘର ବ ଇଙ୍କି ବଯାଇ ବାହାର ହେଉଥିଲେ । ଆଜି କାଲି କ ହା'ର ଜଣେ ବାଇଙ୍କି ରଖିବାର ବ ହିମ୍ମତ ନାହିଁ । ମାତ୍ର ରକ୍ତ ସହିତ ସେମାନଙ୍କର ସେ ଗୁଣ ରହିବା ସ୍ୱାଭାବିକ । ପୁଅମାନଙ୍କୁ କେତେଥର କହିଛି — ଦୂରକୁ ଯାଇ ଗୁଣ୍ଡାମାନଙ୍କ ହାତରେ ମରିବା ଅପେକ୍ଷା ବରଂ ସେମାନଙ୍କୁ ଆଣି ପାଖରେ ରଖ । କେଇଟା ଗୁଣ୍ଡା ସେଦିନ ଉମେଶର ଗାଡ଼ି ପଛେ ପଛେ ଘର ପର୍ଯ୍ୟନ୍ତ ଆସିଛନ୍ତି । ସେଇଥିପାଇଁ ବାହାରର ଗୁଣ୍ଡାମାନଙ୍କୁ ତଡ଼ିବା ପାଇଁ କର୍ତ୍ତାମାନେ ଘରେ ଗୁଣ୍ଡା ପୋଷୁଥିଲେ । ଏଥିରେ ଆମର ଲଜ୍ଜା, ହିଂସା ବା କ୍ରୋଧ ହେବ କାହିଁକି ? ବାଳିକା ବୟସରୁ ଆମେ ଏ ଗୁଡାକ ଦେଖି ଦେଖି ଅଭ୍ୟସ୍ତ । ସପତ୍ନୀକୁ ବୋକା ସ୍ତ୍ରୀ ଲୋକ ମାନେ କେବଳ ହିଂସା କରନ୍ତି । ପୁରୁଷ ଓ ନାରୀର ଧର୍ମ ତ ଏକା ନୁହେଁ । ତେବେ କର୍ତ୍ତାମାନଙ୍କ ଅମଳରେ ପୁରୁଷ ମାନେ ଦାୟିତ୍ୱ ନେବାକୁ ଭୟ କରି ନାହାନ୍ତି । କରକ୍ଷିତ୍ରୀୟ ନାରୀକୁ ଆଶ୍ରୟ ଦେଇ ସେମାନଙ୍କ ପୁତ୍ର-କନ୍ୟାଙ୍କୁ ଲେଖା ପଢ଼ା ଶିଖାଇ ବାହା ଦେଇ ସେମାନଙ୍କୁ ଘରଦ୍ୱାର କରି ଦେଇଥିଲେ । ଏ ଘରୁ ସେମାନଙ୍କ ପାଇଁ ତତ୍ତ୍ୱ ବି ଯାଉଥିଲା । ସେମାନଙ୍କ କାର୍ଯ୍ୟ କଳାପ କେତେକାଂଶରେ ବିବାହିତା ସ୍ତ୍ରୀ ପରି ହେଉଥିଲା । ବର୍ତ୍ତମାନ ଏପରି ଘଟଣା ଏ ଘରେ ପଶିଗଲାଣି ଯେ, ପିଲାଗୁଡ଼ାକ ପୂର୍ବ ପୁରୁଷଙ୍କ ଗୁଣ ସବୁ ହଜେଇ ପକାଇଛନ୍ତି । ଏମାନେ ବର୍ତ୍ତମାନ ଚରିତ୍ର ପାଇଁ କାହାରିକୁ ନରଖି ଏଠି ସେଠି ଘୁରି ଘୁରି ବୁଲନ୍ତି । ତେଣୁ ମା' ମାନଙ୍କର ପିଲାମାନଙ୍କ ପାଇଁ ଏତେ

Digitized by srujanika@gmail.com

ଭସ୍ମ । ତା'ଛଡ଼ା ଏ ଦୁଇ ଭାଇଙ୍କ ମଧ୍ୟରେ ଆଜିକାଲି ଆଉ ସଦ୍‌ଭାବ
ବି ନାହିଁ । ବଡ଼ପୁଅ କୁହେ, ଏପରି ସମ୍ପତ୍ତି ଉଡ଼ାଇଲେ ସମ୍ପତ୍ତି ବଂଶ
ହାତରୁ ଚାଲି ଯିବ । ଆରେ ବାପା ! ତା' ସମ୍ପତ୍ତି ସେ ଯଦି ଉଡ଼ାଉଛି
ଦିଏ ସେଥିରେ ତୋର କ'ଣ ?

ବାପା, ଏ ଆଉ କି ସମ୍ପତ୍ତି ତୁମେ ଦେଖୁଛ ? ପୂର୍ବ ପୁରୁଷମାନେ
ସାତ ଗାଁର ଶ୍ରେଷ୍ଠୀ ଥିଲେ । ସେଦିନ ଆମେ ସମୁଦ୍ରଗାମୀ ସ୍ୱାମୀ
ପୁତ୍ର ମାନଙ୍କ ସପ୍ତଡିଙ୍ଗାର କଲ୍ୟାଣ ପାଇଁ ନଦୀରେ ଭେଳା ଭସାଉଥିଲୁ ।
ରାଜା ପୁଅ, ମନ୍ତ୍ରୀ ପୁଅ କୋଟୁଆଲ ପୁଅ ସହିତ ସାଧବ ପୁଅ ବି ସମ୍ମାନ
ପାଉଥିଲା । କିନ୍ତୁ ବ୍ୟବସାୟ ଛାଡ଼ି ଜମିଦାର ଓ ରାଜା ହେବାକୁ
ଯାଇ ଆମ ବଂଶର ଏଇ ସର୍ବନାଶ । ଆଉ ଦୁଇ ପୁରୁଷ ପରେ ଆମକୁ
ଆଉ କେହି ଖୋଜି ପାଇବେ ନାହିଁ । ଜାତି ବ୍ୟବସାୟ ଛାଡ଼ିବା
ପରେ ଆମର ଏଇ ଅବସ୍ଥା ।

ହଁ ବାପା ଠିକ କଥା । ଘରେ ପରୀପରି ସୁନ୍ଦର ସ୍ତ୍ରୀ ଥିଲେ ମଧ୍ୟ
କର୍ତ୍ତାମାନଙ୍କର ମନ ସେଥିରେ ଭରେନା । ଗୋରା ପୁରୁଷ ମାନଙ୍କର
କଳା ସ୍ତ୍ରୀ ଉପରେ ଏବଂ କଳା ପୁରୁଷ ମାନଙ୍କର ଗୋରା ସ୍ତ୍ରୀ ଉପରେ
ଟୁକୁଟା ଟିକିଏ ବେଶୀ । ଏହି କଳା ସ୍ତ୍ରୀ ମାନଙ୍କ ଖୋଜରେ ଏମାନେ
ବାହାରକୁ ଯାନ୍ତି ବୋଲି ମୋ' ଘରୁ ଏବେ ବି ରଙ୍ଗର ଢେଉ ବଦଳି
ନାହିଁ । ଆଜି ବି ଝାଲର ଘେରା ପାଲିଙ୍କି କମ୍ପା ଘୋଡ଼ା ଗାଡ଼ି ମଧ୍ୟରୁ
ହଙ୍କି ମାରିଲେ ରଙ୍ଗର ଝଲକ୍ ଦେଖାଯାଏ । ଯା'ହେଉ କର୍ତ୍ତାମାନେ
ଶ୍ୟାମାଙ୍ଗୀ ମାନଙ୍କ ମଧ୍ୟରେ ରଙ୍ଗ ବୋଳି ସେମାନଙ୍କ ସନ୍ତାନ
ସନ୍ତତିଙ୍କୁ ଅପରୂପ କରି ଗଢନ୍ତି । ଘର ଓ ବାହାରର ସନ୍ତାନମାନେ
ଏକ ସାଙ୍ଗରେ ବଢ଼ନ୍ତି—ମଣିଷ ହୁଅନ୍ତି । ଏମାନଙ୍କର ଦୟା ନଥିଲେ
ଏହି ସନ୍ତାନମାନେ ଅଧଃପତନକୁ ଯା'ନ୍ତେ । ଅନେକ ଗରିବ
ବାନ୍ଧବଙ୍କୁ ଏମାନେ ଘରେ ସସମ୍ମାନରେ ସ୍ଥାନ ଦିଅନ୍ତି । ସେମାନଙ୍କୁ
ଘରର ଦୋହଳ ଭୁଆସୁଣୀ ପରି ଇଜ୍ଜତ ମଧ୍ୟ ଦିଅନ୍ତି । ସେମାନଙ୍କ

Digitized by srujanika@gmail.com

ପାଇଁ ସବୁ ପ୍ରକାର ସୁବନ୍ଦୋବସ୍ତ ଏମାନେ କରି ଦଅନ୍ତି । କୌଣସି ଅବସ୍ଥାରେ କେବେହେଲେ ସେମାନଙ୍କ ପ୍ରତି କରାଯାଇ ନାହିଁ । ସେଇଥି ପାଇଁ ତ ଏତେ ପାପ ମଧ୍ୟରେ ବି ଏମାନେ ମୁଣ୍ଡ ଟେକି ବଞ୍ଚିଛନ୍ତି । ସେଇ ପିଲାମାନେ ବଡ଼ ହୋଇ ବୁଝି ପାରନ୍ତି ସେମାନଙ୍କର ଅସୁବିଧା କେଉଁଠି, ତେଣୁ ପ୍ରାଣପଣେ ସେମାନେ ଲେଖା ପଢ଼ା ଶିଖନ୍ତି ଏବଂ ସମାଜରେ ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହୋଇ ଉଠନ୍ତି । ପରିଚୟ ନଦେଇ ସେମାନେ ପରପୁରୁଷ ମଧ୍ୟରେ ମିଶିଯା'ନ୍ତି ବୋଲି ତୁମେମାନେ ସେମାନଙ୍କୁ ଖୋଜି ପାଅନା ।

ବୃଦ୍ଧାଙ୍କ ସହିତ କିଛିକ୍ଷଣ କଥାବାର୍ତ୍ତା କରିବା ପରେ ପରେ ବାବୁ ଉମେଶଚନ୍ଦ୍ର ମଲ୍ଲିକ ସେଠାରେ ଆସି ପହଞ୍ଚିଲେ । ପରିଜନ ମାନଙ୍କ ଚେଷ୍ଟାରେ ସୁସ୍ଥ ହୋଇ ପୋଲିସର ଆଗମନ ବାର୍ତ୍ତାରେ ସେ ତଳକୁ ଓହ୍ଲାଇ ଆସିଥିଲେ । ମାତ୍ର ଆଶ୍ଚର୍ଯ୍ୟ କଥା ତାଙ୍କ ବନ୍ଧୁମାନେ ପୋଲିସ କଥା ଶୁଣି ଜଣ ଜଣ କରି ବାଟ କାଟି ଚାଲି ଯାଇଛନ୍ତି । ମୁଁ ତାଙ୍କ ଠାରୁ ଗୋଟିଏ ବିବୃତି ଗ୍ରହଣ କରିଥିଲି ଏବଂ ତାର ଉଲ୍ଲେଖ ଯୋଗ୍ୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା ।

: ମୁଁ ଭୂପେନ୍ଦ୍ର ସରେଗୀ ଏବଂ ଦୁର୍ଜ୍ଜୟ ଗାଙ୍ଗୁଲୀଙ୍କୁ ଖୁବ୍ ଭଲ ଭାବରେ ଚିହ୍ନେ । ସେମାନଂକ ମଧ୍ୟରୁ କାହାରି ସହିତ ମୋର ସଦ୍‌ଭାବ ନାହିଁ । ତଥାପି ଏତିକି କହିପାରେ ଯେ ଦୁର୍ଜ୍ଜୟ ବାବୁ ତୁଳନାରେ ସରେଗୀ ବହୁଗୁଣ ଉତ୍ତମ । ମୋ ଅନୁରୋଧରେ ସେ ମୋ ଗ୍ରେଟ ଭଇର ଗୋଟିଏ ମାତ୍ର କୋଠା କିଣି ତାକୁ ଦେଣା ଦାୟରୁ ମୁକ୍ତ କରିଛନ୍ତି । ତା' ସତ୍ତ୍ୱେ ବି ଦୁର୍ଜ୍ଜୟ ବାବୁର ପ୍ରରୋଚନାରେ ସେ ସରେଗୀ ସହିତ ବିବାଦ କରୁଛି । ଗ୍ରେଟ ଭଇର ବିଶ୍ୱାସୀ ସରକାରବାବୁ ଜଣେ ଖୁଣୀ ଡକାଇତ । ଶୁଣିଛି ଯେ, ସେ ତା' ଗ୍ରାମରେ କାହାକୁ ଖୁଣ୍ କରି ସହରରେ ଆତ୍ମ ଗୋପନ କରିଛି । ଥାଉ ନା । ଏ ଗୁଡ଼ାକ ଶୁଣା କଥା । ପ୍ରମାଣ ମୁଁ ଦେଇ ପାରିବ

Digitized by srujanika@gmail.com

ନାହିଁ । ସରେଗୀର ଧ୍ରୁ ..ହାବୀର ମୋତେ କହା ହୋଇ କୁହେ ।
ମୋର ବ୍ୟକ୍ତିଗତ ଭୃତ୍ୟ ହୋଇବାନ ମହାବୀର ପାଖରେ ବ୍ୟକ୍ତିଗତ ଭୃତ୍ୟ ରୂପେ କାମ କରୁଛି । ବର୍ତ୍ତମାନ ସେ ପୁଣି ମୋ ପାଖକୁ ଫେରି ଆସିଛି । ଆଜ୍ଞା ହଁ, ମୁଁ ସୁଧୀନ ଦତ୍ତ ଓ ତାଙ୍କ ବନ୍ଧୁ ପ୍ରକାଶ ଗାଙ୍ଗୁଲୀଙ୍କୁ ଚିହ୍ନେ । ଆମେ କେତେଜଣ ଗୋଟାଏ କ୍ଲବରେ ମେମ୍ବର । ସେମାନେ ବର୍ତ୍ତମାନ କେଉଁଠି ମୁଁ ଜାଣେନା । ଦୁର୍ଲ୍ଲକ୍ଷ ବାବୁଙ୍କର ବର୍ତ୍ତମାନ ଅବସ୍ଥାନ କେଉଁଠି ମୁଁ ଜାଣେନା । କୌଣସି ଖୁଣର ସମ୍ବାଦ ମୁଁ ରଖିନାହିଁ । କ୍ଲବରୁ ଫେରି ଟିକଏ 'ଡ୍ରିଙ୍କ୍'କରି ମୁଁ ଶୋଇପଡ଼େ । ନା ନା, ଯାହା ମୁଁ ଜାଣେନା, ତା କପର କହିବି ।

ଭଦ୍ରଲୋକ ଅବ୍ୟବସ୍ଥିତ ଭାବରେ ତାଙ୍କର ବିବୃତି ଦେଇଛନ୍ତି । ତାଙ୍କର କଥାବାର୍ତ୍ତା ଏବେ ବି ଅସଲଗ୍ନ । ଅନ୍ୟ ଦିନେ ତାଙ୍କର ଆଉ ଗୋଟିଏ ବିବୃତି ନେବି । ଅଦ୍ୟକାର ତଦନ୍ତ ଏଇଠି ଶେଷ କଲି । ଆସନ୍ତା କାଲି ଦମଦମ୍ ଅଞ୍ଚଳରେ ତଦନ୍ତ କରିବି । ସେଠାରେ ଦୁର୍ଲ୍ଲକ୍ଷ ବାବୁଙ୍କୁ ଖୋଜିବାର ବ୍ୟବସ୍ଥା ମଧ୍ୟ କରିବି । ଅଦ୍ୟ 'ଡାଇରି' ମୋବାରକ ମାଧ୍ୟମରେ ପ୍ରେରିତ ହେଲା । ଇତି

ସ୍ୱାକ୍ଷର —ଶ୍ରୀ ସୁକୁମାର ସେନ

ଅଦ୍ୟ ପୂର୍ବଦିନକାର 'ଡାଇରି'ର ପୃଷ୍ଠା ଗୁଡ଼ିକ ପୁଙ୍ଖାନୁପୁଙ୍ଖ ରୂପେ ଅନୁଧ୍ୟାନ କଲି । କୌଣସି ବିବୃତି ବା ଉକ୍ତି ସଲଗ୍ନ ସମ୍ବାଦ ଗୁଡ଼ିକର ତଦନ୍ତ କୌଣସି ସ୍ଥାନରେ ବାକି ପଡ଼ିଲା କି ନା ତା' ଥରେ ପରୀକ୍ଷା କରି ଦେଖି ନେଲି । ଆଜି ଦମଦମ୍ ଏବଂ ବେଲଘରିଆ ଅଞ୍ଚଳକୁ ତଦନ୍ତ ଉଦ୍ଦେଶ୍ୟରେ ଯିବା ପାଇଁ ବ୍ୟବସ୍ଥା କଲି ।

ରୂପସ୍ୱାନ୍ଦ ସରେଗୀଙ୍କ କୋଚଓ୍ୱାନର ବିବୃତି ସହିତ ମଲ୍ଲିକ ବାବୁଙ୍କ ସରକାର ବାବୁଙ୍କ ଚିଠିରେ ଲିଖିତ ଘଟଣା ଗୁଡ଼ିକ ଥରେ

Digitized by srujanika@gmail.com

ମିଶାଇ ଦେଖି ନେଲି । ତଦନ୍ତ କାଳରେ ମୁଁ ଜାଣି ପାରିଛି ଯେ, ଶ୍ୟାମାଚରଣ ବାବୁଙ୍କ ଧୂରନ୍ଧର ସରକାର ବାବୁ ଦୁର୍ଲକ୍ଷ ବାବୁଙ୍କ ଘୋଡ଼ାର ହ୍ରେଷାଧ୍ୱନି ସାଗରଦାଣ୍ଡୀ ହସପାତାଳ ନିକଟରେ ଶୁଣିଛନ୍ତି ଏବଂ ସରୋଗୀଙ୍କ କୋଚଓ୍ୱାନର ବକ୍ତୃତା ଅନୁଯାୟୀ ଗୁଣ୍ଡାମାନେ ମାତାଲଙ୍କୁ ଦମଦମ ଆଡ଼କୁ ନେଇଗଲେ । ଯେହେତୁ ଦମଦମରେ ସାଗରଦାଣ୍ଡୀ ହସପାତାଳ କେବଳ ମାତ୍ର ହସପାତାଳ, ତେଣୁ ପ୍ରଥମେ ଉକ୍ତ ହସପାତାଳରେ ତଦନ୍ତ କରିବା ଉଦ୍ଦେଶ୍ୟରେ ମୁଁ ଯାତ୍ରା ଆରମ୍ଭ କଲି ।

ଏହି କୋଚଓ୍ୱାନଟିର ବକ୍ତୃତାଟିକୁ ମନେ ମନେ ଚିନ୍ତା କରି ମୁଁ ଆଶ୍ଚର୍ଯ୍ୟ ହୋଇ ଉଠିଲି । ଖୁବ୍ ସମ୍ଭବତଃ ଏହି ଅଚୈତନ୍ୟ ବ୍ୟକ୍ତିଙ୍କୁ ସେମାନେ କୌଣସି ନର୍ଦ୍ଦମା କିମ୍ବା 'ଡଷ୍ଟବିନ୍' ନିକଟରେ ଫିଙ୍ଗି ଦେଇ ଯାଇଥିବେ ଏବଂ ପୋଲିସ ତରଫରୁ ତାଙ୍କୁ ରାସ୍ତାରୁ ଉଠାଇ କୌଣସି ହସପାତାଳକୁ ପଠାଇ ଦିଆ ଯାଇଥିବ – ଏହି ଅନୁମାନ ଉପରେ ନିର୍ଭର କରି ମୁଁ ଯଥାଶୀଘ୍ର ଗୋରା ବଜାର ଥାନାରେ ଆସି ଉପସ୍ଥିତ ହେଲି । ମୋ ଅନୁରୋଧରେ ସ୍ଥାନୀୟ ପୋଲିସ ମୋତେ ଗତ କେତେଦିନର 'ଡାଇରୀ' ଦେଖାଇଲେ । ଗତ ଜୁନ ପନ୍ଦର ରବିର ସାଗରଦାଣ୍ଡି ହସପାତାଳର ଗୋଟାଏ ତଥ୍ୟ ଲିପିକା ଏମାନଙ୍କ 'ଡାଇରୀ'ରେ ସଂଯୁକ୍ତ ଥିବାର ଦେଖାଯାଏ । ଜନୈକ ପୋଲିସ ଅଫିସର ଶ୍ରୀ କାର୍ତ୍ତିକ ଚନ୍ଦ୍ର ବସୁଙ୍କର ଲିଖିତ ଏହି 'ଡାଇରୀ'ର ଉଲ୍ଲେଖଯୋଗ୍ୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା ।

"ଅଦ୍ୟ ଭୋର ଛ ଘଣ୍ଟିକା ସମୟରେ ସାଗରଦାଣ୍ଡି ହସପାତାଳର ଜଣେ 'ଷ୍ଟୁଅର୍ଡ' ହରମୋହନ ସାହା ଥାନାରେ ଆସି ଜଣାଇଲା ଯେ, ସେଠାରେ ଗୋଟାଏ ଅଦ୍ଭୁତ କାଣ୍ଡ ଘଟି ଯାଇଛି । ଗୋଟିଏ ଘୋଡ଼ାର ଆକ୍ରମଣରେ ଦସ୍ୟୁଦଳ ଦ୍ୱାରା ଧୃତ ଜଣେ ରୋଗୀ ଆଶ୍ଚର୍ଯ୍ୟ ଜନକ ଭାବରେ ରକ୍ଷା ପାଇଛି । ହସପାତାଳର ଗେଟ୍ ନିକଟରେ

Digitized by srujanika@gmail.com

ଦସ୍ୟୁମାନେ ଗୃଳିଣ ବର୍ଷ ବନ୍ଧୁଙ୍କ ଜଣେ ଜଳନ୍ତ, ମସ୍ତକରେ ଆଘାତ ପ୍ରାପ୍ତ ଲୋକକୁ ଆଣି ପକାଇ ତାକୁ ପୁନଶ୍ଚ ଆଘାତ କରିବାକୁ ଉଦ୍ୟତ ହେବାରୁ ଘୋଡ଼ାଟି କ୍ଷିପ୍ତ ହୋଇ ଦସ୍ୟୁମାନଙ୍କୁ ଆକ୍ରମଣ କଲା । ଭୟରେ ଦସ୍ୟୁମାନେ ଇତସ୍ତତଃ ପଳାଇ ଗଲେ । ଦରବାନ ଉକ୍ତ ରୋଗୀଟିକୁ ଆଣି ହସପାତାଳରେ ଭର୍ତ୍ତି କରି ଦେଇଛୁ । ସେ ଆହତ ରୋଗୀର ଜ୍ଞାନ ଏ ପର୍ଯ୍ୟନ୍ତ ଫେରି ନାହିଁ । ପରେ ଅନ୍ୟାନ୍ୟ ଦରବାନ ମାନେ ଉକ୍ତ ଘୋଡ଼ା ନିକଟରେ ଗୋଟାଏ ମୂଲ୍ୟବାନ ଟମ୍ ଟମ୍ ଗାଡ଼ି ମଧ୍ୟ ଦେଖନ୍ତି । ସେମାନେ ଉକ୍ତ କ୍ଷିପ୍ତ ଘୋଡ଼ା ଓ ଗାଡ଼ିଟିକୁ ହସପାତାଳ 'କମ୍ପାଉଣ୍ଡ' ଭିତରକୁ ନେଇ ଆସିଛନ୍ତି । ଘୋଡ଼ାଟିକୁ କିଛିକ୍ଷଣ ପରେ ପ୍ରାଚୀର ବାହାରକୁ ବାହାର କରି ଦିଆ ଯାଇଥିଲା । ମାତ୍ର ସେ ବାହାରେ ନରହି ପ୍ରାଚୀର ଡେଇଁ ପୁନଶ୍ଚ ହସପତାଳର କମ୍ପାଉଣ୍ଡ ଭିତରକୁ ଚାଲି ଆସିଛି ।"

ଏଇ ରିପୋର୍ଟଟି ପାଠକରି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଘଟଣାଟିକୁ ଗୋଟାଏ କଳ୍ପିତ ଗଳ୍ପ ପରି ମୋର ମନେ ହେଲା । ଲେଖକ— ଅଫିସରଙ୍କୁ କର୍ତ୍ତୃପକ୍ଷ ଭଲ ଭାବରେ ଜାଣନ୍ତି । ଭଦ୍ରଲୋକ ପ୍ରାୟ ରାତି ହେଲେ ମାତାଲ ହୁଅନ୍ତି । ଗତମାସ ଗୋଟାଏ ଅବଗାରି ମାମଲାରେ ବେ-ଆଇନୀ ମଦ-ବୋତଲର ହେପାଜତ ଅପରାଧରେ ନରେନ୍ଦ୍ରପୁର ଅଦାଲତରେ ହାକିମ ଶ୍ରୀ ନରେନ୍ଦ୍ର ଚୋଲ ଆସାମୀ-ମାନଙ୍କୁ ସଜା ଦେଇଥିଲେ ଏବଂ ହୁକୁମ ଦେଇଥିଲେ ଯେ, ମଦ ବୋତଲଗୁଡ଼ିକ *Destruction* କରି ଦିଆଯାଉ । ମାତ୍ର ଆମ ଏଇ ପୋଲିସ ଅଫିସରଟି ତାକୁ *'Destruction by consumption'* କରିଥିଲେ । ଏ ଅପରାଧ ଜଣାଜଣି ହୋଇ ଯିବାପରେ ସେ ଦୁଇମାସ ସସ୍‌ପେଣ୍ଡ ହୋଇଥିଲେ । ମଦ୍ୟପାନର ଅଭ୍ୟାସ ତ୍ୟାଗ କରିବା କଷ୍ଟକର ବ୍ୟାପାର । ସମ୍ଭବତଃ ରାତି କାଳରେ ମଦ୍ୟ ପାନାନ୍ତେ ସେ ଅଜବ କାଣ୍ଡଟି ଲେଖିଛନ୍ତି ! ଅନ୍ୟ ଦିଗରେ

Digitized by srujanika@gmail.com

ହସପାତାଲର ଦରବାନର ମଦ ଅଭାବ ଘଟିଲେ ହସପାତାଳରେ ରକ୍ଷିତ 'ଆଲକହଲ୍' ପର୍ଯ୍ୟନ୍ତ ପିଇ ଦଅନ୍ତି । ସହର ତଳିରେ ବହୁତ ବେଆଇନ ମଦ ଭାଟି ଅଛି । ତେଣୁ ଏଠାରେ ଏତେ ଦୁର୍ଘଟଣାର ପ୍ରାଦୁର୍ଭାବ । ଏହି ଉଭୟ ବ୍ୟକ୍ତିଙ୍କ ସହ ଯୋଗ ଟକଟି ମାତାଲ ଥାଇପାରେ !

ସୁମାସ୍କ କୋତୱାଲୀର ଏଇ ଅଦ୍ଭୁତ ପ୍ରତିବେଦନଟି ପାଠ କରୁଁ କରୁଁ ମନେ ହେଲା ଯେ, ମୁଁ ବ ମ ତ ଲ ହୋଇ ସେଟା ପାଠ କରୁଛି । ଏହି ଯୋଟକ ସମ୍ପର୍କିତ ଘଟଣା ବିଶ୍ୱାସ ଯୋଗ୍ୟ ନୁହେଁ ! ଏହା ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କର ଯୋଟକ ରୋଗ ମାତ୍ର । କିନ୍ତୁ ସୌଭାଗ୍ୟ କ୍ରମେ ହସପାତାଳରୁ ଡାକ୍ତରଙ୍କ ପ୍ରେରିତ ସେହି ରୋଗୀ ସମ୍ପର୍କରେ ଗୋଟାଏ ମେଡ଼ିକେଲ ସାର୍ଟିଫିକେଟ ଗ୍ରଥିତ ଥିବାର ଦେଖିଲି । ଏହି ତ କ୍ରଷ୍ଣ ପ୍ରତିବେଦନଟି ମୁଁ ପୁଙ୍ଖାନୁପୁଙ୍ଖ ରୂପେ ପାଠ କଲି । ଏହାର ଏକ ଯଥାର୍ଥ ଅନୁଲିପି ଏଠାରେ ଜର୍ଣ୍ଣପକ୍ଷଙ୍କ ସକାଶେ ଲିପିବଦ୍ଧ କରାଗଲା । —

"ଜନୈକ ଅଜ୍ଞାତ ନାମା ବ୍ୟକ୍ତି । ତା'ର ଠିକଣା କେହି ଦେଇ ନାହାନ୍ତି । ମସ୍ତକରେ ସାମାନ୍ୟ ଆଘାତ । ପେଟରେ 'ଆଲକହଲ' ମିଳନାହିଁ । କିନ୍ତୁ ରୋଗୀ ଦେହରେ ମାତାଧିକ ମରଫିଆ ବିଦ୍ୟମାନ । ଜୀବନହାନୀର କୌଣସି ଆଶଙ୍କା ନାହିଁ । ରୋଗୀ ଚେତନା ଏବେବି ଫେରି ଆସି ନାହିଁ । ମସ୍ତକ ଆଘାତ ପାଇଁ ତାକୁ ଭର୍ତ୍ତି କରାଗଲା । ଏଇ ରୋଗୀର ଅବସ୍ଥା ଆଶଙ୍କାଜନକ ହେଲେ ପରବର୍ତ୍ତୀ ପ୍ରତିବେଦନ ପଠାଇବି ।"

'ମେଡ଼ିକେଲ ସାର୍ଟିଫିକେଟ' ସୂତ୍ର ଧରି ଆମର ଲେଖକ ଏଇ ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ନ କରିବା ସମ୍ବନ୍ଧରେ ଯେଉଁ ମନ୍ତବ୍ୟଟି ଦେଇଛନ୍ତି ତା' ଉଲ୍ଲେଖ ଯୋଗ୍ୟ । ସେ ଲେଖିଛନ୍ତି ଯେ,—'ମେଡ଼ିକେଲ ସାର୍ଟିଫିକେଟ'ରୁ ଦେଖାଯାଏ ଯେ, ମାତାଧିକ

Digitized by srujanika@gmail.com

ମରଫିଆ ଗ୍ରହଣ ଫଳରେ ଏଇ ବ୍ୟକ୍ତି ଅଚେତନ ହୋଇଛନ୍ତି । ଖୁବ୍ ସମ୍ଭବତଃ ଗାଡ଼ି ବାଲା ଲୋକ ଧନୀ ଲୋକ । ଧନୀବ୍ୟକ୍ତିମାନେ ମଦ୍ୟପାନ କରନ୍ତି ଏବଂ ଉକ୍ତ ସମ୍ପର୍କରେ ପେଟ ଯନ୍ତ୍ରଣାରେ ଛଟପଟ ହୁଅନ୍ତି । ଏହାଦ୍ୱାରା ବୁଝି ଯାଏ ଯେ, ପେଟ ଯନ୍ତ୍ରଣାରୁ ମୁକ୍ତ ହେବା ଆଶାରେ ଭଦ୍ରଲୋକ ନିୟମିତ ମରଫିଆ ଗ୍ରହଣ କରିଥାନ୍ତି । ଏହାର ମାତ୍ରାଧିକ ଘଟିଥିବା ଅନୁମାନ କରାଯାଏ । ତେଣୁ ଆତ୍ମୀୟବର୍ଗ ତାଙ୍କୁ ହସପାତାଳକୁ ଆଣିଥିଲେ । ଘଟଣାର ସମାବେଶରୁ ବୁଝାଯାଏ ଯେ, ହଠାତ୍ ଗାଡ଼ିର ଘୋଡ଼ା ବାଗି ଯିବାରୁ ସେଠାରେ ଦୈବ ଦୁର୍ଘଟଣା ଘଟେ । ତେଣୁ ରୋଗୀ ମସ୍ତକରେ ସାମାନ୍ୟ ଆଘାତ ପ୍ରାପ୍ତ ହୁଏ । ଏହି କ୍ଷେପା ଘୋଡ଼ା କବଳରୁ ଆତ୍ମରକ୍ଷା କରିବା ପାଇଁ ଆତ୍ମୀୟବର୍ଗ କିଛିକ୍ଷଣ ବାହାରେ ଥାଇ ପାରନ୍ତି । ଦରବାନ ଏହି ଅବସରରେ ରୋଗୀକୁ ହସପାତାଳକୁ ନେଇ ଆସିଛି । ରୋଗୀର ଅନୁଗାମୀମାନେ ଫେରିଆସି ରୋଗୀର ଦାୟିତ୍ୱ ଗ୍ରହଣ କରିବେ । ଏହା ଏପରି କିଛି ଗୁରୁତର ଘଟଣା ନହୋଇ ଥିବାରୁ ପୋଲିସ ଗ୍ରାହ୍ୟ ମାମଲା ରୂପେ ଗ୍ରହଣ କରାଯାଇ ପାରେନା । ତେଣୁ କୌଣସି ପୋଲିସ ତଦନ୍ତ କରାଯାଇ ନାହିଁ ।

ଉପରୋକ୍ତ ପ୍ରତିବେଦନ ଲେଖକ ଯଥାର୍ଥ ଗରହାଜର ଥିବାରୁ ମୁଁ ଏଇ ଥାନାର ଭାରପ୍ରାପ୍ତ ଅଫିସର ଦୁର୍ବଳ ଧାନୁକୀ ମହାଶୟଙ୍କ ସହିତ ସାକ୍ଷାତ କରିଥିଲି । ତାଙ୍କ ନିକଟରେ ଏଇ ଘଟଣା ସମ୍ବନ୍ଧରେ ଯଥାରୀତି ଥାନାରୁ ତଦନ୍ତ ନ ହେବା ନିମନ୍ତେ ମୁଁ ଅନୁଯୋଗ ମଧ୍ୟ କରିଛି । ସେ ଏ ବିଷୟ ଅବଗତ ହୋଇ ଲଜ୍ଜିତ ହୋଇ ଉଠିଲେ । ପରେ ସେ ଏତଦ୍ ବିଷୟରେ ସ୍ୱୀକାର୍ଯ୍ୟ କୈଫିୟତ ସ୍ୱରୂପ ମୋ ନିକଟରେ ଗୋଟିଏ ବିବୃତି ମଧ୍ୟ ଦେଇଛନ୍ତି । ତା'ର କିଞ୍ଚିତ ଅଂଶ ନିମ୍ନରେ ପ୍ରଦତ୍ତ କରାଗଲା—

"ଏହା ପୂର୍ବରୁ ଶ୍ରୀ ବସୁଙ୍କର ଲିଖିତ ପ୍ରତିବେଦନଟି ପାଠ କ

Digitized by srujanika@gmail.com

କରିବା ପାଇଁ ମୁଁ ଦୁଃଖିତ । ଅବସ୍ଥା ଦୃଷ୍ଟିରୁ ବୁଝାଯାଏ ଯେ, ସେ ତାଙ୍କ କର୍ତ୍ତବ୍ୟକର୍ମରେ ଗଫଲତି କରିଛନ୍ତି । ମୁଁ ଏଇ କେତେଦିନ ଧରି ଏଇ ଥାନାର ଗୋଟିଏ ଖୁନ୍ ମୋକଦ୍ଦମା ନେଇ ବ୍ୟସ୍ତଥିଲି । ତେଣୁ ଠିକ୍ ସମୟରେ ମୁଁ କାମର ତଦାରଖ କରି ପାରି ନାହିଁ । ମୁଁ ତାଙ୍କ ବିରୁଦ୍ଧରେ ମୋର ରିପୋର୍ଟ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଇବି । ମାତ୍ର ଇନ୍‌ଚାର୍ଜ ଅଫିସର ହିସାବରେ ତାଙ୍କ ସହିତ ମୋର ନୈତିକ ଦାୟିତ୍ୱ ଅଛି । ତେଣୁ ତାଙ୍କ ସହ ମୁଁ ମଧ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଭର୍ତ୍ସିତ ହୋଇପାରେ । କିମ୍ବା ତାଙ୍କ ସହିତ ମୋର ଶାସ୍ତି ସ୍ୱରୂପ ବଦଳି ମଧ୍ୟ ହୋଇପାରେ । ବାରମ୍ବାର ଏପରି ବଦଳି ଫଳରେ ମୋର ଆଖି ନଷ୍ଟ ହେବାର ସମ୍ଭାବନା ଯଥେଷ୍ଟ ଅଛି । କାରଣ ଦୀର୍ଘ ଦିନ ଧରି, ଦିନ ତମାମ ଦୌଡ଼ା ଦୌଡ଼ି ଏବଂ ରାତିରେ ରେଡ଼ି ତେଲ ପ୍ରଦୀପ ନିକଟରେ କାମ କରିବାରେ ଯଥେଷ୍ଟ ଅସୁବିଧା ଅଛି । ଉପଯୁକ୍ତ ସହକର୍ମୀ ନପାଇଲେ ରାଜକାର୍ଯ୍ୟ ରକ୍ଷିବା ଅସମ୍ଭବ । ଥାନାରେ ସେ ଏବଂ ମୁଁ ମାତ୍ର ଦୁଇଜଣ ଅଫିସର । ବହୁ ବିଷୟରେ ତାଙ୍କ ଉପରେ ମୋତେ ନିର୍ଭର କରିବାକୁ ପଡ଼େ । ମୋର ଏହା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । ଏହାଛଡ଼ା ମୋର ଅଧିକ କିଛି କହିବାର ନାହିଁ । ଆପଣଙ୍କ ମାମଲାର ତଦନ୍ତ ନିମନ୍ତେ ମୁଁ ଯଥାସାଧ୍ୟ ସାହାଯ୍ୟ କରିବି ।

ମୁଁ ଭଦ୍ରଲୋକଙ୍କର ଉପରୋକ୍ତ ବିବୃତିର ପରିପ୍ରେକ୍ଷୀରେ କେତୋଟି ପ୍ରଶ୍ନ କରିଥିଲି । ଆମ ପ୍ରଶ୍ନୋତ୍ତରଗୁଡ଼ିକ ନିମ୍ନରେ ପ୍ରଦତ୍ତ ହେଲା—

: ମହାଶୟ, ଅତି ଭଲ ଲୋକ ହେବା ମଧ୍ୟ ପାପ । ଅବଶ୍ୟ ଆପଣଙ୍କର ଏହା ବ୍ୟକ୍ତିଗତ ବ୍ୟାପାର । ସେ ଯା' ହେଉ, ଏଇ ଥାନାର ଖୁନ୍ ସମ୍ବନ୍ଧରେ ମୁଁ କେତୋଟି ପ୍ରଶ୍ନ ଆପଣଙ୍କୁ ପଚାରିବି ଆପଣ ଦୟାକରି ତା'ର ଗୋଟାଏ ବିସ୍ତାରିତ ବିବରଣ ଦେବେ

Digitized by srujanika@gmail.com

ଆଶାକରେ । କାରଣ ଏହା ସହୃତ ଆମ ଥାନାର ଖୁନ୍‌ର ସମ୍ପର୍କ ଥାଇ ପାରେ ।

: ଆପଣଙ୍କୁ ମୁଁ ଆମ ଥାନାର ଖୁଣ୍ ବିଷୟରେ ବିସ୍ତାରିତ ଭାବରେ କହୁବି । ଏ ପର୍ଯ୍ୟନ୍ତ ମୁଁ ଏ ଖୁଣ୍‌ଟ ସନ୍ଧାନରେ ଚଳେ ହେଲେ ଅଗ୍ରସର ହୋଇ ନପାରି ଲଜ୍ଜିତ ଓ ଦୁଃଖିତ । ମୁଁ ବୋଧହୁଏ ପୋଲିସ କାର୍ଯ୍ୟରେ ଅକର୍ମଣ୍ୟ ହେଲି । ଗତ ଜୁନ ମାସ ଦୁଇ ତାରିଖ ଅପରାହ୍ନ ଗୃଟା ବେଳକୁ ଜଣେ ଧୀବର ଆସି ଖବର ଦେଲା ଯେ, ଗଙ୍ଗାକୂଳରେ ଗୋଟାଏ ମୃତ ବ୍ୟକ୍ତି ପଡ଼ି ରହିଛି । ମୁଁ ତା'ର ବିବୃତି ଲିପିବଦ୍ଧ କରି ସାରି ତତ୍‌କ୍ଷଣାତ୍ ସେଠାରେ ଯାଇ ଉପସ୍ଥିତ ହୋଇ ଦେଖିଲି ଯେ, ଗୋଟାଏ ମୃତ ଦେହ ମୁହଁମାଡ଼ି ସେଠାରେ ପଡ଼ି ରହିଛି । ତା'ର ମୁଣ୍ଡ ଅଘାତ ଦ୍ୱାରା ଚୂର୍ଣ୍ଣ ବିଚୂର୍ଣ୍ଣ ଏପରି ଭାବରେ ହୋଇ ଯାଇଛି ଯେ, ତାକୁ ସହଜରେ ଚିହ୍ନିବା ଦୁଷ୍କର । 'ପୋଷ୍ଟମର୍ଟମ' ରିପୋର୍ଟରେ ଡାକ୍ତର ମଧ୍ୟ ସେହି କଥା ଲେଖିଛନ୍ତି । ଡାକ୍ତର ଆହୁରି ଲେଖିଛନ୍ତି ଯେ, ଲୌହ ଦଣ୍ଡ ଦ୍ୱାରା ମୁଣ୍ଡରେ ଭୀଷଣ ଭାବରେ ଆଘାତ କରାଯାଇ ତା'ର ମୃତ୍ୟୁ ସଂଘଟିତ କରା ଯାଇଛି । ବର୍ତ୍ତମାନ ଏଇ ନିହତ ବ୍ୟକ୍ତି କିଏ ଏବଂ କିପରି ତା'ର ଦେହ ଏଠାକୁ ଆସିଲା ସେକଥା ଜଣେ ବି ଜାଣି ପାରିନାହିଁ ଏବଂ କର୍ତ୍ତୃପକ୍ଷଙ୍କୁ ଜଣାଇ ପାରିନାହିଁ । ହଁ, ନଦୀ କୂଳରୁ ମୁଁ ଛ' ଯୋଡ଼ା ମଣିଷ ପଦଚିହ୍ନ ସଂଗ୍ରହ କରିଛି । ସ୍ଥାନୀୟ ଖୋଜ ସମ୍ପ୍ରଦାୟଙ୍କ ଜଣେ ସର୍ଦ୍ଦାରଙ୍କୁ ଡାକି ସେଗୁଡ଼ାକ ମୁଁ ତାଙ୍କୁ ଦେଖାଇଛି । ତାଙ୍କ ମତରେ ଦୂରରେ ଘୋଡ଼ା ରଖି ଛ'ଜଣ ଲୋକ ସ୍ୟାକୁ ଧରା ଧରି କରି ଏଠାରେ ଫିଙ୍ଗି ଦେଇ ଯାଇଛନ୍ତି । କାରଣ କିଛି ଦୂରରେ ନରମ ମାଟି ଉପରେ ଘୋଡ଼ାର ଚିହ୍ନ ମଧ୍ୟ ସେ ଆବିଷ୍କାର କରିଥିଲା । ତା' ମତରେ ଏମମାନଙ୍କ ମଧ୍ୟରୁ ଜଣେ ଲୋକ ନେପାଳୀ କିମ୍ବା ବାଙ୍ଗାଲୀ ହୋଇପାରେ । ତାଙ୍କ ମତରେ ଆସାମୀ ଧରା ପଡ଼ିଲେ

Digitized by srujanika@gmail.com

ଯେ ଏଇ ଗୋଡ଼ ଚିହ୍ନ ଦ୍ୱାରା ସେମାନଙ୍କୁ ସନାକ୍ତ କରି ପାରିବ । ସର୍ଦ୍ଦାର ମତରେ ଡକାଇତ ଦଳର କେହି ଆହତ ହେଲେ ତାକୁ ସେମାନେ ଖଣ୍ଡ ଖଣ୍ଡ କରି ନଦୀ ଜଳରେ ଫିଙ୍ଗି ଦିଅନ୍ତି ।

: ଭାରତର ଖୋଜି ସମ୍ପ୍ରଦାୟ ବା ଜାତି ପୂର୍ବେ ଭାରତରେ 'ପ୍ରାଇଭେଟ' ଗୁଇନ୍ଦାର କାମ କରୁଥିଲେ । ଜମିଦାର, ରାଜା ବା ସାଧାରଣ ଲୋକେ ଚୋର ଧରିବା ପାଇଁ ସେମାନଙ୍କ ସାହାଯ୍ୟ ନେଉଥିଲେ । ଏକଥା ବି ମୁଁ ଜାଣେ ଯେ, ବଙ୍ଗଳା ଏବଂ ଭାରତର ଅନ୍ୟାନ୍ୟ ପ୍ରଦେଶର ପୋଲିସ ଏମାନଙ୍କ ନିକଟରୁ ପଦଚିହ୍ନ-ବିଦ୍ୟା ଚିହ୍ନାନୁସରଣ (*Tracking*) ଶିକ୍ଷା ଲାଭ କରିଛନ୍ତି । ଏ ସମ୍ପ୍ରଦାୟମାନଙ୍କୁ ସାଧାରଣତଃ ଉତ୍ତର ଭାରତ, ରାଜସ୍ଥାନ ଓ ବଙ୍ଗ ପ୍ରଦେଶର ନଦୀୟା ଜିଲ୍ଲାରେ ଦେଖିବାକୁ ମିଳେ । ଏମାନେ ଏ ସହରର ମଧ୍ୟକୁ କିପରି ଆସିଲେ ?

: ଏମାନଙ୍କ କାମ ସରକାରୀ ଗୁଇନ୍ଦା ବିଭାଗ ଗ୍ରହଣ କଲାଦିନରୁ ଏମାନଙ୍କର ଜୀବିକା ନଷ୍ଟ ହେବା ସଙ୍ଗେ ସଙ୍ଗେ ଗୋଟାଏ ବିଦ୍ୟାର ବି ଧୀରେ ଧୀରେ ଅବସାନ ଘଟିଛି । ତେଣୁ ଏମାନଙ୍କ ଦଳ ଇତସ୍ତତଃ ଜୀବିକା ଉଦ୍ଦେଶ୍ୟରେ ବିକ୍ଷିପ୍ତ ହୋଇ ପଡ଼ିଛନ୍ତି । ବର୍ତ୍ତମାନ ଗ୍ରାମବାସୀ ମାନଙ୍କର ଦରକାର ପଡ଼ିଲେ ଏମାନେ ଏବେବି ଚୋର ଧରିବା ପାଇଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି । ଗ୍ରାମ ରାସ୍ତାରେ ପାଣି ଡାଳି ଏମାନେ ଛଦ୍ମବେଶରେ ରାସ୍ତା କଡ଼ରେ ବସିଥାନ୍ତି । ବହୁ ଲୋକ ସହିତ ଚୋର ବି ଯେ ବାଟେ ଚାଲି ଯାଉଥାଏ । ତା'ର ପଦଚିହ୍ନ ଦେଖିବା ମାତ୍ରେ ସେମାନେ ତା' ଉପରକୁ ଡେଇଁପଡ଼ି ତାକୁ ଧରି ପକାନ୍ତି । ଏପରି ଭାବରେ ସେମାନେ ଚୋର ଧରନ୍ତି ଏବଂ ଚୋରାଇ ଦ୍ରବ୍ୟ ମଧ୍ୟ ଉଦ୍ଧାର କରନ୍ତି । ସାରା ବଙ୍ଗଳା ପ୍ରଦେଶରେ ମଧ୍ୟ ଦୁଇଜଣ ପଦଚିହ୍ନ ବିଶାରଦ ବର୍ତ୍ତମାନ । ଯେମିଥି ଅଭାବରୁ ସେମାନେ

Digitized by srujanika@gmail.com

ଏତେଦୂର ଆସିବାକୁ ଅପାରଗ । ତେଣୁ ଏମାନଙ୍କ ଦ୍ୱାରା ଆମେ ଆହୁରି ଭଲ କାମ କରିପାରୁ ।"

ଉପରର ପ୍ରଶ୍ନୋତ୍ତରରୁ ମୁଁ ଆହୁ ଟିକିଏ ସିଦ୍ଧାନ୍ତରେ ଉପନୀତ ହୋଇ ପଡ଼ିଲି । ମଲ୍ଲିକ ବାବୁଙ୍କ ସରକାର ବାବୁ ଏହି ହସପାତାଳ ଅଞ୍ଚଳରେ ଘୁରା ଘୁରି କରୁଥିଲେ ଏ ସମ୍ବାଦ ଆମେ ଆଗେ ପାଇଛୁ । ସ୍ପଷ୍ଟତଃ ସେ ତାଙ୍କ ମୁନିବଙ୍କ ବନ୍ଧୁ ଦୁର୍ଲ୍ଲଭ ବାବୁଙ୍କୁ ଖୋଜିବା ଉଦ୍ଦେଶ୍ୟରେ ଏଠାକୁ ଆସିଥିଲେ । ଖୁବ୍ ସମ୍ଭବତଃ ଏଇ ଲୋକଟି ତାଙ୍କର ହୋଇପାରେ । ତା'ହେଲେ ଦୁର୍ଲ୍ଲଭ ବାବୁଙ୍କ ଘରେ ମିଳିଥିବା ଲୋକଟି କାହାର ? ବର୍ତ୍ତମାନ ବିବେଚ୍ୟ ବିଷୟ ହେଉଛି ଯେ, ଦୁର୍ଲ୍ଲଭ ବାବୁ ନିଜେ ଖୁଣ ହେଲେ ନା, ସେ କାହାକୁ ଖୁଣ କଲେ ? ସମସ୍ୟାର ସମାଧାନ ନିମନ୍ତେ ସାଗରଦାଣ୍ଡି ହସପାତାଳଟିକୁ ତଦନ୍ତ କରିବା ଉଚିତ । ତେଣୁ ମୁଁ ନଦୀ କୂଳକୁ ନଯାଇ ଏ ଥାନାର ଭାରପ୍ରାପ୍ତ ଅଫିସରଙ୍କ ସହ ହସପାତାଳରେ ପ୍ରଥମେ ପହଞ୍ଚିଲି ।

ହସପାତାଳ 'ଗେଟ୍'ର ଦୁଇ ପାର୍ଶ୍ୱରେ ଦୁଇଟି ଦରବାନର ଗୁମ୍ଟି ଘର ଦେଖିବାକୁ ମିଳେ । ସମ୍ମୁଖ ରାସ୍ତାର ଅନ୍ୟ ପଟରେ ଘଞ୍ଚ ଜଙ୍ଗଲ । ବିରାଟ ପ୍ରାଙ୍ଗଣ ମଝିରେ ମଫସଲ ସ୍ଥାନୋଚିତ ଗୋଟିଏ ଏକତଲା ଶ୍ରେଷ୍ଠ ହସପାତାଳ । ହସପାତାଳଟିର ପଛପଟରେ ବିସ୍ତୀର୍ଣ୍ଣ ସ୍ଥାନ ବଡ଼ ବଡ଼ ଘାସରେ ପରିପୂର୍ଣ୍ଣ । ଆଶ୍ଚର୍ଯ୍ୟ କଥା, ହସପାତାଳଟି ଅନୁଚ୍ଚ ପ୍ରାଚୀର ବେଷ୍ଟିତ ।

ଆମେ ଉଭୟ ବହୁ ଆଶା ନେଇ ଉକ୍ତ ହସପାତାଳକୁ ଯାଇଥିଲୁ । କିନ୍ତୁ ସେଠାକାର ଖବର ଶୁଣି ଆମେ ମର୍ମାହତ ଏବଂ ଆଶାହତ ହୋଇ ପଡ଼ିଲୁ । ଦୁର୍ଭାଗ୍ୟବଶତଃ ସେଇ ଲୋକଟି ବହୁଦିନ ଏଠାରେ ରହିବା ପରେ ମାତ୍ର ଗତକାଲି ଅପରାହ୍ଣ ଚାରି ଘଟିକା ସମୟରେ ହସପାତାଳ ତ୍ୟାଗ କରି ଚାଲି ଯାଇଛି । ଭାଗ୍ୟକ୍ରମେ ହସପାତାଳର

Digitized by srujanika@gmail.com

ଜଣେ ଡାକ୍ତର ତାଙ୍କର ଗୋଟିଏ ବିବୃତି ଗ୍ରହଣ କରିଥିଲେ । ମାତ୍ର ସେ ବିବୃତିଟି ସୁସଂଗତ ବୋଲି କୁହାଯାଇ ପାରେନା । ଦୁଃଖର କଥା, ଭର୍ତ୍ତି ହେବାର ପରେ ପରେ ଜ୍ଞାନ ହେବା ମାତ୍ରେ ଉକ୍ତ ବିବୃତିଟି ଗ୍ରହଣ କରାଯାଇଥିଲା । ସେ ସୁସ୍ଥ ହେବା ପରେ ତାଙ୍କ ନିକଟରୁ କୌଣସି ବିବୃତି ଗ୍ରହଣ କରା ଯାଇନାହିଁ । ବିବୃତିଟିର ପ୍ରୟୋଜନୀୟ ଅଂଶ ନିମ୍ନରେ ଦିଆଗଲା ।

"ମୁଣ୍ଡରେ ଆଘାତ ଜନିତ ମୋର ନାଁ ଏବଂ ଠିକଣା ମନେ ପଡ଼ୁ ନାହିଁ । ମୋର ସ୍ତ୍ରୀ ଅଛି—ସେ ବର୍ତ୍ତମାନ ମୋର ନୁହେଁ । ମୋର ବହୁତ ଶତ୍ରୁ । ତଥାପି ମୋ' ସ୍ତ୍ରୀ ମୋରହିଁ ସ୍ତ୍ରୀ । ସମ୍ମାନ ମୋ' ଜୀବନ ଅପେକ୍ଷା ମୂଲ୍ୟବାନ । ମୁଁ ଟିକିଏ ସୁସ୍ଥ ହେଲେ ସବୁକଥା କହିବି । ଆପଣ ଜଣଙ୍କୁ ଖବର ଦେଇ ପାରନ୍ତି । ତାଙ୍କ ପକ୍ଷରେ ଏତେଦୂର ଆସିବା କ'ଣ ସମ୍ଭବ ହୋଇ ପାରିବ ? ଥାଉ ତାଙ୍କୁ ଖବର ଦେବା ଦରକାର ନାହିଁ ।"

ରୋଗୀର ଏଇ ଟିକକ ବିବୃତି ଡାକ୍ତର ବାବୁ ମାତ୍ର ଲିପିବଦ୍ଧ କରି ପାରିଥିଲେ । ଏ ସମ୍ବନ୍ଧରେ ମୁଁ ତାଙ୍କୁ ବହୁକଥା ପଚାରିଥିଲି । ତାଙ୍କର ଏହି ଅସଫଳତାର କୈଫିୟତ ସ୍ୱରୂପ ସେ ଗୋଟିଏ ବିବୃତି ଦେଇଥିଲେ । ସେହି ବିବୃତିର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା:—

: ଆଜ୍ଞା, 'ହେଡ଼୍ ଇନ୍‌ଜୁରି' ରୋଗୀକୁ ସ୍ମରଣ ଶକ୍ତିବିହୀନ କରିଥାଏ । ଏଇ କେତେଦିନ ଧରି ଆମେ ତା'ର ସ୍ମୃତି ଶକ୍ତି ଫେରାଇବାର ବହୁତ ଚେଷ୍ଟା କରୁଛୁ । ଭଦ୍ରଲୋକ ଭଲହୋଇ ଏଇ ପ୍ରାଙ୍ଗଣରେ କିଛିଦିନ ବୁଲାଚଲା ବି କରୁଛନ୍ତି । କିନ୍ତୁ ତା' ସତ୍ତ୍ୱେ ସେ ତାଙ୍କର ନାମ ଧାମ କିଛି କହିପାରି ନାହାନ୍ତି । ଆମେ ଏ ସମ୍ବନ୍ଧରେ କାଗଜରେ ଗୋଟାଏ ବିଜ୍ଞାପନ ମଧ୍ୟ ଦେଇଥିଲୁ । ଆପଣ କ'ଣ ସେଇଟା ଦେଖି ନାହାନ୍ତି ? ବିଜ୍ଞାପନ ପଢ଼ି ବହୁଲୋକ

Digitized by srujanika@gmail.com

ଏଠାକୁ ଆସିଥିଲେ । ମାତ୍ର କେହି ରୋଗୀକୁ ନଜର ହୋଇ ଧାକ୍କା କରି ନାହାନ୍ତି । କେଇଦିନ ପରେ ଜଣେ ଭଦ୍ରଲୋକ ଏଠାକୁ ଆସି ଗୋଟିଏ ଘୋଡ଼ାର ଖୋଜ କରନ୍ତି । ଏହାପରେ ଜଣେ ଭଦ୍ରମହିଳା ଆସି ରୋଗୀକୁ ଦେଖି କାନ୍ଦ ପକାଇଲେ । ତା'ପରେ ଘୋଡ଼ା ଖୋଜିବାକୁ ଆସିଥିବା ଭଦ୍ରଲୋକଙ୍କ ସହିତ ମହିଳାଟିର ଆଳାପ ଆଲୋଚନା ହୁଏ । ସେମାନେ ରୋଗୀ ନିକଟକୁ ଆସିଲେ ରୋଗୀ ସେମାନଙ୍କ ଆଡ଼କୁ ଚାହିଁ ଖାଲି କାନ୍ଦ ପକାନ୍ତି । ତା' ସତ୍ତ୍ୱେ ସେ ସେମାନଙ୍କୁ ଚହ୍ନି ପାରି ନାହାନ୍ତି । ଗାଡ଼ିଟିକୁ ହସପାତାଳ ପ୍ରାଙ୍ଗଣ ମଧ୍ୟରେ ଆଣି ରଖିଲେ ମଧ୍ୟ ଘୋଡ଼ାଟିକୁ ବହୁଲୋକ ସାହାଯ୍ୟରେ ଆମେ ବାହାରେ ଛାଡ଼ି ଦେଉଁ । ତେଣୁ ସେ ଭଦ୍ରଲୋକଙ୍କୁ ଆମେ ଘୋଡ଼ାଟି ଦେଖାଇ ପାରିନାହୁଁ । ତା'ପରେ ସେ ଭଦ୍ରଲୋକଙ୍କର ମହିଳାଟି ସହିତ ଅନେକକ୍ଷଣ କଥାବାର୍ତ୍ତା ହୁଏ । ମହିଳାଟି ବ୍ୟାଗରୁ ପାଞ୍ଚଶତଟଙ୍କା ସେଇ ଭଦ୍ରଲୋକଙ୍କ ହାତରେ ଦିଅନ୍ତି । ଏତିକବେଳେ ସେ ଭଦ୍ରଲୋକ ମୋତେ କୁହନ୍ତି ଯେ, ଏଇ ମହିଳାଟି ରୋଗୀର ନିକଟ ଆତ୍ମୀୟା । କୌଣସି ଏକ କାରଣରେ ତାଙ୍କୁ କଲିକତା ବାହାରକୁ ଯିବାକୁ ପଡ଼ିବ ଏବଂ ରୋଗୀ ଭଲ ନ ହେବା ଯାଏ ଏ ମହିଳାଟି ରୋଗୀର ଦେଖାଶୁଣା କରିବେ । ଠିକ୍ ଏତିକ ବେଳେ ଚହିଁ ଚହିଁ ଶବ୍ଦ କରି ସେ ଘୋଡ଼ାଟିର ଆବିର୍ଭାବ ସେଠାରେ ହୁଏ । ସେଦିନ ବହୁ ଲୋକଙ୍କୁ ଆହତ କରି ଘୋଡ଼ାଟି ଏଠାକୁ ପଳାଇ ଆସେ । ତା'ର ରୁଦ୍ର ମୂର୍ତ୍ତି ଦେଖି ତା' ନିକଟକୁ କେହି ଯିବାକୁ ସାହାସୀ ହେଲେ ନାହିଁ । ତା'ର ପଦାଘାତରେ ଗୋଟାଏ କରୋସିନ ବତି ଖୁଣ୍ଟ ଭାଙ୍ଗି ମାଟିରେ ଶୋଇ ପଡ଼ିଲା । ଏତିକବେଳେ ଭଦ୍ରମହିଳାଟି ରୋଗୀଙ୍କୁ ବାହାରେ ବସାଇ ତାଙ୍କର ସ୍ମୃତିଶକ୍ତି ଫେରାଇବାର ଚେଷ୍ଟା କରୁଥାନ୍ତି । ସେତେବେଳେ ଗୋଟାଏ ଆଶ୍ଚର୍ଯ୍ୟ ଘଟଣା ଦେଖି ଆମେ ଅବାକ୍ ହୋଇ ଯାଉ । ଘୋଡ଼ାଟିକୁ ଦେଖିବା ମାତ୍ରେ ସେହି

Digitized by srujanika@gmail.com

ଲୋକଟିର ସ୍ୱାସ୍ଥ୍ୟ ଫେର ଆସିଲା । ସେ ଉତ୍ଫୁଲ୍ଲ ହୋଇ ଉଠି ଉକ୍ତ ଭଦ୍ରମହିଳା ଓ ଭଦ୍ରଲୋକ ସହିତ କଥା କହିବାକୁ ଲାଗିଲେ ଏବଂ ଘୋଡ଼ାଟି ପାଖକୁ ଯାଇ ତା'ର ପିଠି ଆଉଁସିବାକୁ ଲାଗିଲେ । ଘୋଡ଼ାଟି ରୋଗୀଙ୍କୁ ମୁହଁ ଟିଆ ମ'ଣ ମ'ଣ ତା'ର ଆନନ୍ଦ ଜଣାଉଥାଏ । ସେତେବେଳେ ସେମାନେ ମୋତେ ଅନୁରୋଧ କଲେ ଯେ, ଘୋଡ଼ା ଗାଡ଼ିରେ ଟିକଏ ରୋଗୀକୁ ବୁଲାଇ ଆଣିବେ । ଭଦ୍ରମହିଳା ଏବଂ ରୋଗୀ ମଧ୍ୟରେ ଏପରି ନମ୍ରସ୍ୱରରେ କଥାବାର୍ତ୍ତା ହେଉଥିଲା । ତାହିରୁ ଏତକ ବୁଝିଥିଲି ଯେ, ଭଦ୍ରଲୋକଙ୍କୁ ସେମାନେ କଲିକତା ବାହାରକୁ ପଠାଇବା ପାଇଁ ପରାମର୍ଶ କରୁଛନ୍ତି । ଝଟ୍‌ପଟ୍‌ରେ ସେମାନେ ତିନିଜଣ ବସିଲେ । ଦୂରରୁ ମୁଁ ଚାହିଁ ଦେଖେ ରୋଗୀ ନିଜେ ଗାଡ଼ି ଚଳାଉଛନ୍ତି । କିନ୍ତୁ ସେମାନେ ଆଜି ଯାଏ ପାଇଁ ବି ଏଠାକୁ ଫେରିଆସି ନାହାନ୍ତି । ଏହି ଲୁକ୍କାୟିତ ପଳାୟନ କାହାଣୀ ମୋତେ ଚୂପ କରି ଦେଇଥିଲା ।"

ସ୍ଥାନୀୟ ଥାନା ଏବଂ ହସପାତାଳ ଏହି ଉଭୟ ସ୍ଥାନର ଗଫଲତି ସମ୍ପର୍କିତ ପ୍ରତିବେଦନ ପୃଥକ ପୃଥକ ଭାବେ ସଶ୍ଚିଷ୍ଟ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଗଲା । ମୁଁ ଏ ବିଷୟରେ ଡାକ୍ତର ବାବୁଙ୍କୁ ଆଉ କେତୋଟି ପ୍ରଶ୍ନ କରିଥିଲି । ସେ ତା'ର ଯଥାଯଥ ଉତ୍ତର ଦେଇଥିଲେ । ଆମ ପ୍ରଶ୍ନୋତ୍ତରର ପ୍ରମୁଖ ଜାତୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା ।

: ଅଚ୍ଛା, ଭଦ୍ରମହିଳାଙ୍କ ନାମଧାମ ବି ଆପଣ ପଚାରିବାକୁ ସୁଯୋଗ ପାଇ ନାହାନ୍ତି ? ଏଥର ଟିକଏ ମନେକରି କୁହନ୍ତୁ ତ ତାଙ୍କ ମୁଣ୍ଡରେ ଆପଣ ସିନ୍ଦୂର ଦେଖିଥିଲେ କି ନା ?

: ଆଜ୍ଞା, ସେମାନଙ୍କ ନାମଧାମ ପଚାରିବା ପୂର୍ବରୁ ସେମାନେ ଚାଲିଗଲେ । ମାତ୍ର ସେମାନେ ପରସ୍ପର ପରସ୍ପରକୁ ଦେଖିବା ମାତ୍ରେ ଅତ୍ୟନ୍ତ ଉତ୍ଫୁଲ୍ଲ ହୋଇ ଉଠିଥିଲେ । ସେମାନଙ୍କ ଆଚରଣରୁ

Digitized by srujanika@gmail.com

ଏମାନେ ଯେ ପରସ୍ପରର ଆତ୍ମୀୟ ଏକଥା ବୁଝା ପଡ଼ୁଥିଲା । ତାଙ୍କ ମୁଣ୍ଡରେ ସିନ୍ଦୁର ନଥିଲା । ବର୍ତ୍ତମାନ ଟିକଏ ଦୟାକରି ଦେଖିବେ ଯେପରି ଆମର ଗୃହକକ୍ଷରେ କାହାରି କ୍ଷତି ନହୁଏ ।

ଭଦ୍ରଲୋକଙ୍କର ଏହି ବିବୃତିଟି ମୁଁ ତାଙ୍କର ଅବିକଳ ବିବୃତି ରୂପେ ଲିପିବଦ୍ଧ କରିଛି । ବର୍ତ୍ତମାନ ମୁଁ ହସପାତାଲର ଦରୱାନର ବିବୃତିଟି ନିମ୍ନରେ ଉଦ୍ଧୃତ କଲି—

: ମୋର ନାଁ ଶ୍ରୀ ହରିବଂଶ ସିଂ ପିତା ସ୍ୱର୍ଗତ ରାମ ସ୍ୱରୂପ ସିଂ । ସା : ବେଲଟି, ଜି : ମଢ଼ବାଘା । ଗାଜିପୁର ଥାନା ଗାଜିପୁର ପୋ : ଅ : । ମୁଁ ପିଲାବେଳେ ବାପାଙ୍କ ସହିତ ନୌକା ଯୋଗେ କଲିକତା ଆସେ । ପିତାଙ୍କ ମୃତ୍ୟୁ ପରେ ମୁଁ ଏଦେଶରେ ରହି ଯାଇଛି । ସେଦିନ ରାତିରେ ମୁଁ 'ଗେଟ୍' ପାଖ ଦୁଇ ନମ୍ବର ଗୁମ୍‌ଟିରେ ରୋଷେଇ କରୁଥିଲି । ଏତିକିବେଳେ ଘୋଡ଼ାର ଚିହିଁ ଚିହିଁ ଶବ୍ଦ ଏବଂ ଉଆଁ ଉଏଁ ଶବ୍ଦ ଶୁଣି ମୁଁ ବାହାରକୁ ବାହାରି ଆସିଲି । ଯଦ୍ୟପି ଜହ୍ନ ଆଲୁଅ ଥିଲା ତଥାପି ମୁଁ ମୋ' ହାତରେ ରେଡ଼ି ତେଲର ମଶାଲଟା ଧରି ବାହାରି ଆସି ଯା' ଦେଖିଲି ତହିଁରେ ଅବାକ୍ ହୋଇଗଲି । ଘୋଡ଼ାଗାଡ଼ିରୁ ଛ' ସାତଜଣ ଲୋକ ବାହାରି ରାସ୍ତାରେ ଠିଆ ହେଲେ । ସେମାନଙ୍କ ମଧ୍ୟରୁ ଜଣେ ଗୋଟାଏ ଲୁହା ଦଣ୍ଡାରେ ରୋଗୀଟିର ମୁଣ୍ଡକୁ ଲକ୍ଷ୍ୟ କରି ପିଟିଲା ମାତ୍ର ତା' ଲକ୍ଷ୍ୟଭ୍ରଷ୍ଟ ହୋଇ ମାଟି ଉପରେ ବାଜିଲା । ଏତିକିବେଳେ ଘୋଡ଼ାଗାଡ଼ି ସହ ସେହି ଆତତାୟୀଙ୍କ ଉପରକୁ କୁଦିପଡ଼ିଲା । ଗୋଟାଏ ଝାଙ୍କୁଣୀରେ ତା'ର ଲଗାମ ଛଡ଼ାଇ ସେହି ଆତତାୟୀର ମୁଣ୍ଡ ଓ ପିଠିରେ ତା' ପଛ ଗୋଡ଼ ଦ୍ୱାରା ପ୍ରଚଣ୍ଡ ଆଘାତ କରିବାକୁ ଲାଗିଲା । ଅନ୍ୟ ଲୋକମାନେ ତାକୁ ସାହାଯ୍ୟ କରିବାକୁ ଯିବାରୁ ଘୋଡ଼ା ଆଗ ଗୋଡ଼ ଦୁଇଟି ଟେକି ସେମାନଙ୍କୁ ରୋକି ଦେଲା । ଘୋଡ଼ାର ଏପରି ରୁଦ୍ର ମୂର୍ତ୍ତି ଦେଖି ତା' ସାମନାରେ ସେମାନେ ଠିଆ ହେବାକୁ

Digitized by srujanika@gmail.com

ସାହସ କରି ନପାରି ଆହତ ଲୋକଟିକୁ ଧରି ଜଙ୍ଗଲ ଭିତରକୁ ପଳାଇଲେ । ମୁଁ ଏତିକିବେଳେ ଚିତ୍କାର କଲି ମାତ୍ର ଘୋଡ଼ା ଉପରେ ମୁଁ ଅଗେଇବାକୁ ସାହସ କରିପାରି ନଥିଲି । ମୋ' ଚିତ୍କାରରେ ହସପିଟାଲ କର୍ମଚାରୀମାନେ ଦୌଡ଼ି ଆସିଲେ । ଆମେ ସେତେବେଳେ ସେହି ଅଚେତନ ବ୍ୟକ୍ତିକୁ ଟେକାଟେକି କରି ହସପିଟାଲ ଭିତରକୁ ନେଇ ଆସିଲୁ । ଏଇ ଘୋଡ଼ାଟି ବି ଆମ ସଙ୍ଗେ ସାଙ୍ଗେ ହସପିଟାଲ ଭିତରକୁ ଆସେ । ସେତେବେଳେ ତା'ର ରୁଦ୍ରମୂର୍ତ୍ତି ଆଉ ନଥିଲା । ତାକୁ ଆମେ ବହୁ କଷ୍ଟରେ ବାହାରକୁ ବାହାର କରି ଦେଇ ଆସିଥିଲୁ । ମାତ୍ର ପୁଣି ସେ ପ୍ରାଚୀର ଡେଇଁ ହସପିଟାଲ ଭିତରକୁ ଚାଲିଆସେ । ସମ୍ଭବତଃ ଏଇ ଘୋଡ଼ା ଏହି ରୋଗୀର ପୋଷା ଘୋଡ଼ା । ତା' ନହେଲେ ତାଙ୍କ ପ୍ରତି ତା'ର ଏତେ ପ୍ରେମ କିପରି ହୋଇପାରେ ? ମନୁଷ୍ୟ ପରି ଏପରି ସମଝଦାର ଘୋଡ଼ା ଆମେ ପୂର୍ବରୁ କେବେ ଦେଖି ନଥିଲୁ ।

ମୁଁ ଉପରୋକ୍ତ ବିବୃତିଟିକୁ ସାବଧାନରେ ଲିପିବଦ୍ଧ କରି ଦେଉଥିଲି । ଅବୋଧ ଦରବାନଟିକୁ ହସପିଟାଲର ପ୍ରଶାସନ ସମ୍ବନ୍ଧରେ ମୋର କେତେକ ବିଷୟ ପଚାରିବାର ଥିଲା । ଆମ ପ୍ରଶ୍ନୋତ୍ତର କ୍ରମରେ ଉଦ୍ଧୃତ କରାଗଲା ।

: ଆଚ୍ଛା, ତୁମମାନଙ୍କ ଆଖି ଆଗରେ ବିନାନୁମତିରେ ରୋଗୀକୁ ନେଇ କିପରି ଚାଲିଗଲେ ? ଏଠାରେ ରୋଗୀର ଆତ୍ମୀୟମାନଙ୍କୁ କ'ଣ ଏତେ ସୁବିଧା ସର୍ବଦା ଦିଆଯାଏ ?

: ବାବୁ ! ଏହି ଜଙ୍ଗଲ ଭିତରେ ଥିବା ହସପିଟାଲକୁ ବାହାରୁ କେହି ଆସିଲେ, ଆମେ ଟିକିଏ କଥାବାର୍ତ୍ତା କରି ସମସ୍ତ ଅବଗାହିତ କରିଥାଉଁ । ଏଠାକୁ ହଠାତ୍ କୌଣସି ଗ୍ରାମର ଜଖମ ହୋଇଥିବା ଗରିବ ରୋଗୀ ଛଡ଼ା ଆଉ କେହି କେବେ ହେଲେ ଆସନ୍ତି ନାହିଁ । ଗରିବ ରୋଗୀ ହସପିଟାଲରୁ ଚାଲିଯିବା କଥା ଶୁଣିଲେ ଉପରେ କାହ

Digitized by srujanika@gmail.com

ଯନ୍ତ୍ରଣା । ଧନୀ ଲୋକମାନେ ଏଠାକୁ ଆସିବାକୁ ଅପମାନିତ ବୋଧ କରନ୍ତି । ଏବେ ବି ଏ ଦେଶର ଲୋକମାନେ ହସ୍ପିଟାଲ ଯିବା ମାନେ ମୃତ୍ୟୁ ବୋଲି ଭାବନ୍ତି । ସେମାନଙ୍କ ମତରେ ଯାହାର କେହି ନାହିଁ, ସେ କେବଳ ହସ୍ପିଟାଲ ଯାଏ । ରୋଗୀ ଅଭାବରୁ ହସ୍ପିଟାଲ 'ଗ୍ରାଣ୍ଟ' ବନ୍ଦ ହୋଇ ପାରେ, ତେଣୁ ଆମେ ରୋଗୀ ସଂଖ୍ୟା ବଢ଼ାଇବା ପାଇଁ ରୋଗୀ ସଙ୍ଗରେ ତାଙ୍କର ସୁସ୍ଥ ଆତ୍ମୀୟମାନଙ୍କୁ ମଧ୍ୟ ଭର୍ତ୍ତି କରି ନେଉଁ । ଏପରି ବହୁ ଲୋକ ଅଛନ୍ତି ଯେଉଁମାନେ ଏଠାରେ ବିନା ପଇସାରେ ଖାଆନ୍ତି ପିଅନ୍ତି ଶୁଅନ୍ତି ଏବଂ ଦିନରେ ଅଫିସ କରନ୍ତି । ଆଜିକାଲି ଧରା ପଡ଼ିବା ପରେ ସେମାନେ ବାଡ଼ାଡ଼ିତ ହୋଇଛନ୍ତି । ବାବୁ ମୁଁ କିନ୍ତୁ ଦେଖିଛି—ଯେଉଁମାନେ ଏଠାକୁ ଆସନ୍ତି ସେମାନେ ଭଲ ବି ହୁଅନ୍ତି ଓ ବଞ୍ଚିବି ଯାଆନ୍ତି । ମଣିଷର ଏହି ଅକାରଣ ଭୀତି ଦୂର ହେଲେ ସେମାନଙ୍କର ଭଲ ହୁଅନ୍ତା ।

ଏଠାରେ ତଦନ୍ତଲବ୍ଧ ଫଳାଫଳରୁ ବୁଝାଯାଏ ଯେ, କୌଣସି ଗୋଟାଏ ଦସ୍ୟୁ ଦଳ କୌଣସି ଏକ ବ୍ୟକ୍ତିକୁ ଅଜ୍ଞାନ ଅବସ୍ଥାରେ ତା' ଘୋଡ଼ା ଗାଡ଼ିରେ ଆଣି ଏଠାରେ ହତ୍ୟା କରିବାକୁ ଉଦ୍ୟତ ହୁଅନ୍ତି । ଖୁବ୍ ସମ୍ଭବତଃ ଘୋଡ଼ା ଟି ରୋଗୀର ପ୍ରିୟ ଘୋଡ଼ା, କୌଣସି ପ୍ରକାରରେ ପ୍ରାଣୀଟି ମନୁଷ୍ୟ 'ଇନ୍‌ଷ୍ଟିଙ୍କ୍‌ଟ' ପ୍ରାପ୍ତ ହୋଇଛି ଏବଂ ଏହା ଦ୍ୱାରା ସେ ତା'ର ମୁନିବର ପ୍ରାଣରକ୍ଷା କରିଛି । ଏପରି 'ଇନ୍‌ଷ୍ଟିଙ୍କ୍‌ଟ୍' ଆମେ କୁକୁର ପ୍ରଭୃତି ଗୃହପାଳିତ ପଶୁମାନଙ୍କ ମଧ୍ୟରେ କେବେ କେବେ ଦେଖିବାକୁ ପାଇଥାଉଁ । ବର୍ତ୍ତମାନ ବିବେଚ୍ୟ ବିଷୟ ଏହି ଯେ, ରୋଗୀ ଲୋକଟି କିଏ ? ଏବଂ ଏହି ମହିଳା ଓ ଆଗନ୍ତୁକଟି ବା କିଏ ? ସାକ୍ଷ୍ୟ ପ୍ରମାଣରୁ ଜଣାଯାଏ ଯେ, ରୂପଚାନ୍ଦ କୋମ୍ପାନୀର ସେଇ ଭୂତ କୋଠିରେ ନାରୀ ଘଟିତ ଖରାପ ବ୍ୟବସାୟ ଚଳୁଥିଲା । ବର୍ତ୍ତମାନ ଏହି ନାରୀମାନଙ୍କୁ ଖୋଜି ବାହାର କରିବା ଦରକାର । ମାତ୍ର ଏପର୍ଯ୍ୟନ୍ତ ଏପରି କୌଣସି ନାରୀର ସନ୍ଧାନ ଆମେ ପାଇ ନାହୁଁ ।

Digitized by srujanika@gmail.com

ଏହି ଅକ୍ଷମତା ନିମନ୍ତେ ଆମେ ଲଜ୍ଜିତ ଓ ଦୁଃଖିତ । ଏ ଦିଗରେ କିଞ୍ଚିତ ତଦନ୍ତର ପ୍ରୟୋଜନ ଅଛି ।

ଏହା ପରେ ଆମେ ଦୂର୍ଜ୍ଜୟ ବାବୁଙ୍କ ଶାଳିକାଙ୍କ ସ୍କୁଲ୍ ଏବଂ ହଷ୍ଟେଲରେ କିଞ୍ଚିତ ତଦନ୍ତ କରିଛୁ । ଏହି ସ୍କୁଲର ଠିକଣା ଅମେ ପୂର୍ବେ ତାଙ୍କ ପିତାଙ୍କ ନିକଟରୁ ସଂଗ୍ରହ କରିଥିଲୁ । ସେ ହେଡ୍ ସ୍କୁଲ ସଂଲଗ୍ନ ଗୋଟାଏ ପୃଥକ କୋଠରୀରେ ବସବାସ କରନ୍ତି । ଏଠାରେ ତଦନ୍ତ କରି ଅମେ ଜାଣି ପାରୁ ଯେ, ଦୁଇଦିନ ପୂର୍ବେ ସେ ଛୁଟି ନେଇ ବାହାରକୁ ଯାଇଛନ୍ତି । ତାଙ୍କ ବାପାଙ୍କ ଘରେ ଖବର ନେଇ ଜାଣିଲି ଯେ, ସେ ସେଠାରୁ ମଧ୍ୟ ଯାଇ ନାହାନ୍ତି । ତା'ହେଲେ ଏଇ ଦୁଇଟିଯାକ ଭଉଣୀ କ'ଣ ଏକକାଳୀନ ସହରରୁ ନିରୁଦ୍ଦିଷ୍ଟ ହୋଇଗଲେ ? ରହସ୍ୟ କ୍ରମଶଃ ଜଟିଳରୁ ଜଟିଳତର ହୋଇ ଉଠୁଛି । ସେମାନଙ୍କ ପିତାଙ୍କୁ ମୁଁ ଖୁବ୍ ଦୁଃଖିତ ଓ ଚିନ୍ତିତ ଦେଖିଲି । ଇଂରାଜୀ ଶିକ୍ଷାର କୁଫଳ ସେ ଏବେ ହାଡ଼େ ହାଡ଼େ ବୁଝି ପାରିଛନ୍ତି । ତାଙ୍କର କନ୍ୟା ଦୁଇଟିଙ୍କର ବର୍ତ୍ତମାନ ଅବସ୍ଥିତି ସନ୍ଧାନରେ ସେ ସଚେତନ । ମାତ୍ର ସେ ମୋତେ ସେମାନଙ୍କ ସନ୍ଧାନରେ କିଛି କହିଲେ ନାହିଁ । ଏମାନଙ୍କ ଘରେ କୌଣସି ପୁତ୍ର ସନ୍ତାନ ନଥିବାରୁ ଏପରି ହୋଇ ପାରେ ଯେ, କନ୍ୟା ପୁତ୍ରର ସ୍ଥଳାଭିଷିକ୍ତ ହୋଇ ପୁତ୍ରର କରଣୀୟ କାର୍ଯ୍ୟ କରୁଛନ୍ତି ।

ମୁଁ ଏହା ପରେ ପୁନଶ୍ଚ ଦୂର୍ଜ୍ଜୟ ବାବୁଙ୍କ ଘରକୁ ଆସି ତଦନ୍ତ କଲି । ସେଠାକୁ କୌଣସି ଟମ୍ ଟମ୍ ଗାଡ଼ି ବା ଘୋଡ଼ା ଆସି ନାହିଁ ବୋଲି ଜାଣିବାକୁ ପାଇଲି । ହସପାତାଳ-ପଳାତକ ରୋଗୀଟି ଯେ, ଦୂର୍ଜ୍ଜୟବାବୁ ନୁହନ୍ତି ; ସେ ତାଙ୍କ ଘରକୁ ନଫେରିବା ଦୃଷ୍ଟିରୁ ତା' ବୁଝା ଯାଉଛି । ତେବେ ଖୁଣୀମନ୍ୟ ଦୂର୍ଜ୍ଜୟ ବାବୁଙ୍କର ଯଦି ଅନ୍ୟ କୌଣସି ଆସ୍ତାନା ଥାଏ, ତା'ହେଲେ ସ୍ୱତନ୍ତ୍ର କଥା । ଅବସ୍ଥା ଦୃଷ୍ଟିରୁ ଣନେହୁଏ, ଦୂର୍ଜ୍ଜୟବାବୁ ଯାହାକୁ ଖୁଣ୍ କରି ପଳାତକ ସେମାନଙ୍କ

Digitized by srujanika@gmail.com

ଦଳ ଦୁର୍ଗ୍ରସ୍ଥ ବାବୁଙ୍କୁ ହତ୍ୟା କରିବା ପାଇଁ ଚେଷ୍ଟା କରୁଛନ୍ତି । ଏହା ତଦନ୍ତ ସାପେକ୍ଷ ଏବଂ କେବଳ ଅନୁମାନର ବିଷୟ ବୋଲି ବୁଝା ଯାଇ ପାରେ ।

ଯା ହେଉ ଅଙ୍କର ତଦନ୍ତ ଏହିଠାରେ ଶେଷ ହେଲା । ମୁନ୍ସି ବଦରୁଦ୍ଦିନ ମାରଫତ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ଏ 'ଡାଇରି'ଟି ପଠାଗଲା । ପରେ ଅନ୍ୟାନ୍ୟ ସ୍ଥାନରେ ତଦନ୍ତ କରାଯିବ । ଇତି ।

ସ୍ୱାକ୍ଷର —ଶ୍ରୀ ସୁକୁମାର ସେନ

ଅଦ୍ୟ ପ୍ରଥମରେ ଗୋଟାଏ ଜରୁରୀ ବିଷୟ ମନେ ପଡ଼ିବାରୁ ଗୋଟାଏ ଅତିରିକ୍ତ ତଦନ୍ତ କଲି । ଅତିରିକ୍ତ ତଦନ୍ତ ସମ୍ବନ୍ଧୀୟ ଅତିରିକ୍ତ ତଦନ୍ତ 'ଡାଇରି' (*Further Diary*) ଏହି 'ଡାଇରି' ସହିତ ସଂଯୁକ୍ତ କରାଗଲା । ଏହି ଅତିରିକ୍ତ 'ଡାଇରି'ଟି ମୁନ୍ସି ବଦରୁଦ୍ଦିନ ମାରଫତ ପୋଲିସ-ସାହେବଙ୍କ ନିକଟକୁ ପଠା ଗଲା ।

ଗାଡ଼ିର ମାଲିକ ଏବଂ ଘୋଡ଼ାକୁ ସହରର କୌଣସି ଅଞ୍ଚଳରେ ନପାଇବାରୁ ମୋର ସନ୍ଦେହ ଜାତ ହେଲା । ଖୁବ ସମ୍ଭବତଃ ସମଗ୍ର ଦଳଟି ବର୍ତ୍ତମାନ କଲିକତା ବାହାରେ । ପରସ୍ପର କଥାବାର୍ତ୍ତାରୁ ଯା' ବୁଝା ଯାଇଛି ଯେ ରେଗୀ, ଭଦ୍ର ମହିଳା ଏବଂ ଭଦ୍ରଲୋକଟି କୌଣସି କାରଣରୁ କଲିକତା ବାହାରକୁ ଯିବେ । ସେମାନେ ଖୁବ ଶୀଘ୍ର ଯେ କଲିକତାକୁ ଫେରି ଆସିବେ ତା' ସେମାନଙ୍କ କାର୍ଯ୍ୟ-କଳାପରୁ ବୁଝା ଯାଉ ନାହିଁ । ତେଣୁ ସେ ଗାଡ଼ି ଏବଂ ଘୋଡ଼ାକୁ ନିଶ୍ଚୟ କଲିକତାରେ ରଖି ଯାଇଛନ୍ତି । ଏକଥା ମଧ୍ୟ ଜାଣି ପାରିଛି ଯେ, ଗାଡ଼ି ଏବଂ ଘୋଡ଼ା ଉଭୟ ଜଖମ ହୋଇଛନ୍ତି । ଏପରି ହୋଇପାରେ ଯେ, ରେଗୀ ତାଙ୍କର ଅତି ପ୍ରିୟ ଘୋଡ଼ାକୁ ଭେଟର-ନାରୀ ହସପାତାଳରେ ଦେଇ ପାରନ୍ତି ଏବଂ ଏତେ ଦାମୀ ଟମ୍ ଟମ୍

Digitized by srujanika@gmail.com

କେବଳ ହବାର୍ଡ କୋମ୍ପାନୀରେ ମରାମତି କରାଯାଇ ପାରେ । ଏହି ଅନୁମାନ ଉପରେ ଭରସା କରି ମୁଁ ପ୍ରଥମେ ହବାର୍ଡ କୋମ୍ପାନୀକୁ ଯାଇଥିଲି ଏବଂ ଆଶ୍ଚର୍ଯ୍ୟ କଥା ଖଣ୍ଡିଏ ମୂଲ୍ୟବାନ ଟମ୍ ଟମ୍‌କୁ ମୁଁ ସେଠାରେ 'ଷ୍ଟେବଲଡ' ହୋଇଥିବାର ଦେଖିଲି । ଯେଉଁ ଭଦ୍ରଲୋକ ସେ ଗାଡ଼ିଟିକୁ ମରାମତି କରିବା ପାଇଁ ଗ୍ରହଣ କରିଥିଲେ, ତାଙ୍କୁ ମୁଁ ସେଠାରେ ସେଦିନ ପାଇ ନଥିଲି । ତାଙ୍କ ନାଁ ଏଲ୍. ଗୋମେଜ । ଶୁଣିବାକୁ ପାଇଲି, ଗୋମେଜ ସାହେବ ଗାଡ଼ି ମାଲିକଙ୍କୁ ନେଇ କଲିକତା ଭେଟେରିନାରି ହସପିଟାଲକୁ ଘୋଡ଼ା ସହ ଯାଇଛନ୍ତି । କାରଣ ସେହି ଘୋଡ଼ା ଗୋଡ଼ରେ ଗୋଟାଏ 'ଫ୍ରାକ୍‌ଚର' ଧରି ପଡ଼ିଛି ।

ସେମାନଙ୍କୁ ଧରିବା ପାଇଁ ଯଥାଶୀଘ୍ର ସେଠାକୁ ଯିବାର ଦରକାର ପଡ଼େ । ତେଣୁ ମୁଁ ଗୋଟାଏ ଦ୍ରୁତଗାମୀ ଆଠ ବେହେରା ପାଲିଙ୍କି ଭଡ଼ା କରିନେଲି । (ଭଡ଼ା ବିଲ୍ ପରେ ଖାଜାଞ୍ଚିଙ୍କ ପାଖକୁ ପଠାଯିବ ।) ଏହି ଦ୍ରୁତଗାମୀ ଯାନରେ ସେଠାରେ ପହଞ୍ଚିବା ପାଇଁ ମୋର ବହୁତ ଡେରି ହୋଇ ନଥିଲା । କଲିକତାର ଏହି ଅଞ୍ଚଳର ରାଜପଥ କର୍ଦ୍ଦମାକ୍ତ ନଥିଲେ ମୁଁ ଆହୁରି ଦ୍ରୁତ ସେଠାରେ ପହଞ୍ଚି ପାରିଥାନ୍ତି । କେତେକ ସ୍ଥାନରେ ଶଗଡ଼ ଗୁଡ଼ାକ ବି ରାସ୍ତା ଜାମ୍ କରିଥିବାରୁ ବାଟରେ କିଞ୍ଚିତ ଡେରି ହୋଇଥିଲା । ଏହି ସାମାନ୍ୟ ଡେରି ନିମନ୍ତେ ମୁଁ ସେଠାରେ କାହାରିକୁ ଦେଖିବାକୁ ପାଇ ନ ଥିଲି ।

ସେଦିନ ରବିବାର ଦୃଷ୍ଟିରୁ ସରକାରଙ୍କର ବଡ଼ ବଡ଼ ଇଂରାଜୀ କର୍ମଚାରୀ ସେମାନଙ୍କ ପତ୍ନୀ ସହ ହସପିଟାଲକୁ ସେମାନଙ୍କ ରୋଗୀ ଘୋଡ଼ା ଗୁଡ଼ିକ ଦେଖିବାକୁ ଆସିଥାନ୍ତି । ଘୋଡ଼ା ଗୁଡ଼ିକର ଆରୋଗ୍ୟ ସମ୍ପର୍କିତ ବ୍ୟାପାରରେ ଡାକ୍ତରଙ୍କ ସହିତ ସେମାନଙ୍କର ଯଥେଷ୍ଟ ହୃଦ୍ୟତା ଥିବାର ଦେଖାଗଲା । ଏହି କାରଣରୁ ଘୋଡ଼ା ଡାକ୍ତରଟି

Digitized by srujanika@gmail.com

ଅତ୍ୟନ୍ତ ପ୍ରଭାବଶାଳୀ । ଏମାନଙ୍କର ଗୋଟିଏ ଚିଠି ବା ଅଭିଯୋଗରେ ଯେ କୌଣସି ନିମ୍ନ ବେତନ ଶ୍ରେଣୀ ସରକାରୀ କର୍ମଚାରୀର ଚାକିରି ଚାଲିଯିବାର ସମ୍ଭାବନା ଅଛି । ତେଣୁ ତାଙ୍କୁ ଟିକିଏ ଅହଙ୍କାରୀ ମନେ ହେଲା । ସେ ପ୍ରଥମେ ମୋ ସହିତ କୌଣସି ବାକ୍ୟାଳାପ କରିବାକୁ ଅସ୍ୱୀକାର କରିଦେଲେ । ସେ ମୋତେ ତାଙ୍କଲି ସହ ବହୁକ୍ଷଣ ଅପେକ୍ଷା କରାଇବା ପରେ ତାଙ୍କ ଅଧୀନସ୍ଥ କମ୍ପାଉଣ୍ଡର ବାବୁଙ୍କ ନିକଟକୁ ପଠାଇଲେ । ସେଠାରେ ଦେଖିଲି ଯେ, ବଡ଼ ସାହେବ, ମେମସାହେବ, ଧନୀ, ବଣିକ ଓ ଜମିଦାରମାନେ ସେମାନଙ୍କ ମୂଲ୍ୟବାନ ଘୋଡ଼ା ଓ କୁକୁରକୁ ଆରୋଗ୍ୟ କରିବା ପାଇଁ କମ୍ପାଉଣ୍ଡର ବାବୁଙ୍କୁ ଖୋସାମଦ କରୁଥାନ୍ତି । ଦିନ ବାରଟା ପରେ କିଞ୍ଚିତ ଭିଡ଼ କମିବାରୁ ମୁଁ ତାଙ୍କ ସହିତ ସାକ୍ଷାତ କରିବାର ଅବକାଶ ପାଇଲି । ତାଙ୍କୁ ବହୁ ଅନୁରୋଧ କରିବା ପରେ ତାଙ୍କର ଗୋଟିଏ ବିବୃତି ଗ୍ରହଣ କରି ପାରିଛି । ଉକ୍ତ ବିବୃତିର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା ।

"ଓ ହୋ ! ତା'ହେଲେ ଆପଣ ଜଣେ ଦାରୋଗା । ଆପଣ ମାନଙ୍କର ପୋଲିସ-ସୁପରିଣ୍ଟେଣ୍ଡେଣ୍ଟ ଜେ. ହ୍ୱାର୍ଟ ଓ ପ୍ରଧାନ ହାକିମ ବି, ହ୍ୱାର୍ଟ ସକାଳେ ସେମାନଙ୍କ ଘୋଡ଼ା ଓ କୁକୁର ବିଷୟ ବୁଝିବାକୁ ଆସିଥିଲେ । ଦୁଇ ଘଣ୍ଟା ରହିବା ପରେ ସେମାନେ ଏଇ କେତେ ମିନିଟ ପୂର୍ବରୁ ଚାଲି ଯାଇଛନ୍ତି । ସେମାନେ ମୋ ବନ୍ଧୁ ପର୍ଯ୍ୟାୟର ଲୋକ । ସେମାନଙ୍କ ମେମ୍ ସାହେବ ମାନେ ମୋତେ ଥରେ ଦୁଇଥର ନିମନ୍ତ୍ରଣ କରି ଚା' ପିଆଇଛନ୍ତି । ଜୀବନରେ ସର୍ବ ପ୍ରଥମେ ମୁଁ ସେମାନଙ୍କ ଘରେ ଅମୃତ ସମାନ ଚା' ପାନ କରିଛି । ଆପଣଙ୍କର କୌଣସି ବିପଦ-ଆପଦ ହେଲେ ମୋତେ ଜଣାଇବେ । ମୁଁ ଆପଣଙ୍କ ପାଇଁ ତାଙ୍କ ପାଖରେ ଗୋଟାଏ ସୁପାରିଶ କରିଦେବି । ହଁ ଆପଣଙ୍କ ଇଲାକାକୁ ବର୍ତ୍ତମାନ ଭଲ ଖଜୁରି ଏବଂ ଅଙ୍ଗୁର ଆସିଥିବା କଥା

Digitized by srujanika@gmail.com

ଶୁଣିଛୁ । ଅଚ୍ଛା ଏଠାକାର ଗୋଟାଏ ବେହେରା ବା ସହିସଙ୍କୁ ହାତେ ଆପଣଙ୍କ ପାଖକୁ ପଠାଇ ଦେବ । ଟିକଏ ସୁବିଧା କରି ତାଙ୍କୁ ଏ ଗୁଡ଼ାକ କିଣି ଦେବେ । ଓହୋ । ଅପଣ ହ୍ୱାର୍ଟ କୋମ୍ପାନିର ଗୋମେଜ ସାହେବଙ୍କ ଘୋଡ଼ାଟା କଥା ପଚାରୁଛନ୍ତି । ସେ ତ ବର୍ତ୍ତମାନ ତାଙ୍କର ଜଣେ ବଙ୍ଗାଳୀ ବନ୍ଧୁଙ୍କ ସହ ଆସି ଏଠାରେ ତାଙ୍କ ଘୋଡ଼ାଟିକୁ ରଖି ଯାଇଛନ୍ତି । ସେଥିପାଇଁ ଉତ୍ସର କିଛି କାରଣ ନାହିଁ । ଗୋଟାଏ ଗୋଡ଼ରେ ସାମାନ୍ୟ ଆଘାତ ଲାଗିଛି । ହଁ, ହଁ, ଆପଣ ଘୋଡ଼ା ଦେଖି ପାରନ୍ତି । କିନ୍ତୁ ଖଇ ମୋ ତୃତୀୟ ପକ୍ଷ ସ୍ତ୍ରୀ ଖଜୁରି ଏବଂ ଅଙ୍ଗୁର ଖାଇବାକୁ ଭଲପାଏ । ବାଇଶ୍ ବର୍ଷ ବୟସରେ ଏହି ଦ୍ୱାଦଶୀ (ତ୍ରୟୋଦଶୀ ନୁହେଁ) କନ୍ୟା ବିବାହର ଏହା କର୍ମଫଳ । କ'ଣ କରିବି କୁହନ୍ତୁ ? ସାହେବମାନଙ୍କ ପରି ବର୍ଷିୟସୀ ବିବାହ-ଯୋଗ୍ୟା କନ୍ୟା ଏଦେଶରେ ମିଳୁଛି କାହିଁ ? ମନ ଯୋଗାଇ ନପାରିଲେ ଘରେ ଟେକିବା ଦୁଷ୍କର । ମୋର ଅବସ୍ଥା ଆଶାକରେ କିଛି ବୁଝି ପାରୁଛନ୍ତି ।

ଭଦ୍ରଲୋକଙ୍କ ଦୟାରେ ମୁଁ ସେହି ତେଜି ଘୋଡ଼ାଟିକୁ ଦେଖିଲି । ତାକୁ ସେତେବେଳେ ଏତେ ଶାନ୍ତ ମନେ ହେଉଥିଲା ଯେ, ସେଟା ସେହି ଘୋଡ଼ା ବୋଲି ମୋର ବିଶ୍ୱାସ ହେଉ ନ ଥିଲା । ଏଟା ଅନ୍ୟ କାହାର ଘୋଡ଼ା କି ତ ହୋଇପାରେ ? ବର୍ତ୍ତମାନ ଗୋମେଜ ସାହେବଙ୍କ ବିବୃତି ବ୍ୟତୀତ ପ୍ରକୃତ ସତ୍ୟ ନିରୂପଣ କରିବା ସମ୍ଭବ ନୁହେଁ । ପରେ ପ୍ରତ୍ୟକ୍ଷ ଦର୍ଶୀମାନଙ୍କୁ ଆଣି ଏଟା ସନାକ୍ତ କରାଇ ନେବାର ବ୍ୟବସ୍ଥା କରିବି । ଅଦ୍ୟ ଏଠାରେ ଏଇ ଅନ୍ତରଙ୍ଗ ତଦନ୍ତରେ କ୍ଷାନ୍ତ ହେଲି । ଏଇ ଡାଇରିଟି ପୋଲିସ-ସାହେବଙ୍କ ସକାଶେ ପ୍ରେରିତ କରାଗଲା । ଇତି ।

ସ୍ୱାକ୍ଷର —ଶ୍ରୀ ସୁକୁମାର ସେନ ଶର୍ମା ।

Digitized by srujanika@gmail.com

ଅତଏବ ହ୍ୱାର୍ଟ କୋମ୍ପାନୀର କାରଖାନା ତଦନ୍ତ କରିବା ଉଦ୍ଦେଶ୍ୟରେ ଥାନାରୁ ମୁଁ ଦିନ ଦୁଇଟା ବେଳେ ବାହାରିଲି । ମୁଁ ପୂର୍ବରୁ ସାଗରଦାଣ୍ଡି ହ୍ୱିପ ତା'ନର ଦରବାନକୁ ଜମାଦାର ମାରଫତ୍ ଥାନାକୁ ଅଣାଇଛୁ । ଉକ୍ତ ଦରବାନକୁ ସାଙ୍ଗରେ ଧରି ଟମ୍ ଟମ୍‌ଟିକୁ ସନାକ୍ତ କରିବା ଉଦ୍ଦେଶ୍ୟରେ ଯାଇ ହ୍ୱାର୍ଟ କୋମ୍ପାନୀରେ ପହଞ୍ଚିଲି । ଦରବାନ ଉକ୍ତ ଗାଡ଼ିଟିକୁ ସନାକ୍ତ କଲା ସତ, ମାତ୍ର କିପରି ସେଟା ସେ ସନାକ୍ତ କଲା, ସେ କହିବାକୁ ଅକ୍ଷମ । ହ୍ୱାର୍ଟ କୋମ୍ପାନୀରୁ ଜଣାଗଲା ଉକ୍ତ ଟମ୍‌ଟମ୍‌ଟି ବିଲାତ ତିଆରି । ଭାରତବର୍ଷକୁ ଏପରି ଟମ୍‌ଟମ୍ ମାତ୍ର ଛ' ଖଣ୍ଡି ଆସିଥିଲା । ତହିଁରୁ ଦୁଇଖଣ୍ଡି ବୋମ୍ବାଇରେ ଏବଂ ଚାରିଖଣ୍ଡି କଲିକତାରେ ବିକ୍ରୟ ହୋଇଛି । ଚାରୋଟି ମଧ୍ୟରୁ ଖଣ୍ଡିକର ମାଲିକ ଜଣେ ବଙ୍ଗାଳୀ ବ୍ୟବସାୟୀ । ସେ ବ୍ୟବସାୟୀଟି କିଏ ଏକଥା କେହି ଏଠାରେ କହି ପାରିଲେ ନାହିଁ । କେବଳ ମାତ୍ର ଏ କୋମ୍ପାନୀର ସାହେବ ମାଲିକ ଏକଥା ଜାଣିଥିଲେ । କାମ ଉଦ୍ଦେଶ୍ୟରେ ସେ ବର୍ତ୍ତମାନ ମାନ୍ଦ୍ରାଜରେ ଅଛନ୍ତି । ପାଲଟଣା ଜାହାଜ ଯୋଗେ ମାନ୍ଦ୍ରାଜରୁ ଫେରିବାକୁ ତାଙ୍କୁ ଅନ୍ୟୁନ ସାତଦିନ ସମୟ ଲାଗିବ ।

ଏଠାରେ କିଛିକ୍ଷଣ ଅପେକ୍ଷା କରିବା ପରେ କାରଖାନାର ମ୍ୟାନେଜର ଗୋମେଜ ସାହେବଙ୍କ ସହିତ ମୋର ସାକ୍ଷାତ ହୋଇଥିଲା । ସେ ଜଣେ ପର୍ତ୍ତୁଗୀଜ ପିତା ଏବଂ ଭାରତୀୟ ମାତାଙ୍କ ଗର୍ଭରେ ଜନ୍ମିତ ଭାରତୀୟ-ପର୍ତ୍ତୁଗୀଜ । ଆଶ୍ଚର୍ଯ୍ୟ କଥା ! ସେ ଜଣେ ଖ୍ରୀଷ୍ଟିଆନ ହେଲେ ବି କାଳୀ ଭକ୍ତ । କାଳୀ ଘାଟରେ ପୂଜା ସାରି ସେ ବର୍ତ୍ତମାନ ସେଠାରୁ ଫେରିଲେ । ଏ ସମ୍ପର୍କରେ ଗୋଟାଏ ବିବୃତି ମୁଁ ତାଙ୍କ ନିକଟରୁ ଗ୍ରହଣ କରିଥିଲି । ଉକ୍ତ ବିବୃତିର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା —.

: ମହାଶୟ, ଏ ଖୁନ୍ ଡକାଇତି ଏସବୁ କି କଥା ଆପଣ

Digitized by srujanika@gmail.com

କହୁଛନ୍ତି ? ସେସବୁ ଖବର ମୁଁ କିଛି ଜାଣେନା । ହଁ, ଏ ଗାଡ଼ିଟି ଯେଉଁ ସାହେବ ମୋର ଜଣେ ପୁରୁଣା ବନ୍ଧୁ, ଏଠାକୁ ଆସନ୍ତି । ଖୁବ୍ ସମ୍ଭବତଃ ଗାଡ଼ିଟି କେଉଁଠି 'ଏକ୍ସିଡେଣ୍ଟ' ହୋଇଥିଲା । ଏ ପ୍ରକାର ବିଳାତ ଟମ୍‌ଟମ୍ ଗାଡ଼ି କେବଳ ମାତ୍ର ଏହି କୋମ୍ପାନୀରେ ମରାମତି କରାଯାଇ ଥାଏ । ଏହି ତେଜି ଘୋଡ଼ାଟି ଗୋଡ଼ରେ ମଧ୍ୟ ଆଘାତ ଲାଗିଥିଲା । ତେଣୁ ମୋ ପରାମର୍ଶରେ ସେ ଘୋଡ଼ାଟିକୁ ଭେଟେରନାରୀ ହସପିଟାଲରେ ଦେବାକୁ ମନସ୍ଥ କରିଥିଲେ । ଆମ କୋମ୍ପାନୀ ମାଧ୍ୟମରେ ସେ ଘୋଡ଼ାଟିକୁ ସେଠାକୁ ପଠା ଯାଇଛି । ଏହି ଖରିଦାରଙ୍କ ସହିତ ତାଙ୍କର ଜଣେ ଏହି ଦେଶୀୟ ବନ୍ଧୁ ମଧ୍ୟ ଆସିଥିଲେ । ସେମାନଙ୍କୁ ଛୁଡ଼ି ଘୋଡ଼ା ଗୋଟାଏ ପାଦ ବି ଆଗେଇ-ବାକୁ ଚାହେଁନା । ଭେଟେରନାରୀ ହସପାତାଳରେ ମୋର ବ୍ୟକ୍ତିଗତ କିଛି କାମ ବି ଥିଲା, ତେଣୁ ଆମେ ତିନିଜଣ ଗୋଟାଏ ପୁସ୍‌ପୁସ୍ ଗାଡ଼ିରେ ଉଠି ଆଗେ ଆଗେ ଚାଲିଲୁ ଏବଂ ଘୋଡ଼ାଟି ଆମ ସହିସ ସାଙ୍ଗରେ ଆମ ପଛେ ପଛେ ଚାଲିଲା । ଏହାପରେ ଆମ ମାଧ୍ୟମରେ ଘୋଡ଼ାଟିକୁ ଚିକିତ୍ସା ନିମନ୍ତେ ହସପାତାଳରେ ଭର୍ତ୍ତି କରି ଦିଆଯାଏ । ବର୍ତ୍ତମାନ ଏହି 'ଏକ୍ସିଡେଣ୍ଟ' ହୋଇଥିବା ଘୋଡ଼ା ଓ ଗାଡ଼ି ସହିତ ପୋଲିସ ତଦନ୍ତାଧୀନ ଖୁଣର ସମ୍ପର୍କ କ'ଣ ? ପରିଷ୍କାର ଭାବେ ନ କହିଲେ, ଏ ବିଷୟରେ ମୁଁ ଆପଣଙ୍କୁ ବୁଝାଇ କହି ପାରିବ ନାହିଁ । ମୋ ବନ୍ଧୁଙ୍କ ପରି ଜଣେ ଭଦ୍ରଲୋକ ଯେ, ପୋଲିସ ମାମଲାରେ ଜଡ଼ିତ ଏକଥା ମୋର ବିଶ୍ୱାସ ହୁଏନା । ଭାରତୀୟ ପୋଲିସମାନେ ଅଯଥାରେ ସାଧାରଣଙ୍କୁ ହଇରାଣ କରିଥାନ୍ତି । ଏଟା ଏମିତିକା ଗୋଟାଏ ଘଟଣା ହୋଇପାରେ ।

ଗୋମେଜ ସାହେବ ଏତିକ କହି ସାରିବା ପରେ ସନ୍ଦିଗ୍ଧ ଭାବରେ ମୋ ମୁହଁକୁ ଚାହିଁଲେ । ଏହି ସୁଯୋଗରେ ମୁଁ ତାଙ୍କୁ କେତୋଟି ପ୍ରୟୋଜନୀୟ ପ୍ରଶ୍ନ ପଚାରିଥିଲି ।

Digitized by srujanika@gmail.com

: ଗତକାଲି ଏଠାକୁ ଆସି ମୁଁ ଆପଣଙ୍କୁ ପାଇ ନଥିଲି । ଶୁଣିଲି ଆପଣ ଆପଣଙ୍କର ଜଣେ ବଙ୍ଗାଳୀ ବନ୍ଧୁଙ୍କ ଘରକୁ ନିମନ୍ତ୍ରଣ ରକ୍ଷା କରିବା ପାଇଁ ଯାଇଛନ୍ତି । ମାତ୍ର ଦ୍ୱିପ୍ରହରରେ କା'ହା ଘରେ କ'ଣ ନିମନ୍ତ୍ରଣ ହୋଇପାରେ ? ସାଧାରଣତଃ ସନ୍ଧ୍ୟା ସମୟରେ ସାହେବମାନେ ନିମନ୍ତ୍ରଣ କରିଥାଆନ୍ତି । ମାତ୍ର ଦ୍ୱି ପ୍ରହରରେ ଆପଣ— ?

: ବାବୁ, ଆପଣଙ୍କ ଏ ପ୍ରଶ୍ନରେ ମୁଁ ବଡ଼ ବିରକ୍ତ । ଅବଶ୍ୟ ଏହାର ଉତ୍ତର ମୁଁ ଆପଣଙ୍କୁ ଦେବି । ଆପଣ ଦେଶୀୟ କାଗଜ କିମ୍ବା ସାହେବ କାଗଜ ପଢ଼ନ୍ତି ନାହିଁ ? ଗତକାଲି ବେଲଟିର ଜମିଦାର ମୁଖାର୍ଜି ବାବୁଙ୍କ ଏକ ପୁଅର ଉପନୟନ ଥିଲା । ସେଠାକୁ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ନିମନ୍ତ୍ରଣରେ ଯାଇଥିଲେ । ଉପନୟନର ଖିଆ ପିଆ ଦ୍ୱିପ୍ରହରରେ ହୋଇଥାଏ । ଏକଥା କ'ଣ ଆପଣ ଜାଣନ୍ତି ନାହିଁ । ଇଂରେଜ ଅଫିସରମାନେ ପୂଜା ପାର୍ବଣରେ ଦେଶୀୟ ରଜା ଜମିଦାରଙ୍କ ଘରକୁ ନିମନ୍ତ୍ରଣ ରକ୍ଷାର୍ଥେ ଆସନ୍ତି । ଯେଉଁଦିନ ଏମାନେ ନିମନ୍ତ୍ରଣ ରଖିବାକୁ ନ ଆସିବେ ସେଦିନଠାରୁ ସେମାନଙ୍କୁ ଏ ଦେଶରୁ ବିଦାୟ ନେବାକୁ ପଡ଼ିବ । ହଇ ହୋ ବାବୁ ! ଇଂରାଜୀ ମହିଳାମାନେ ଏ ଦେଶର ଯୁବକମାନଙ୍କ ସହିତ ମିଳାମିଶା କଲେ ସେମାନେ କ'ଣ 'ହୋମରୁଲ୍' ମାଗି ବସିଥାନ୍ତେ ନା ଇଂରାଜମାନଙ୍କୁ ଏ ଦେଶରୁ ବିଦାୟ ଦେବାକୁ କହିଥାନ୍ତେ ? ସିପାହୀ ବିଦ୍ରୋହ ପରେ ସେମାନେ ଏ ଦେଶର ସମାଜ ମଧ୍ୟରୁ ଅଲଗା ହୋଇଗଲେ । ଆମେରିକା ସ୍ୱାଧୀନତା ଯୁଦ୍ଧ ପରେ ଏଦେଶ ମାଟିରେ ସେମାନେ ବସବାସ ବନ୍ଦ କରିଦେଲେ । ବର୍ତ୍ତମାନ ଇଂରାଜୀ ଯୁବକମାନେ ଏ ଦେଶର ମଣିଷ ଘରେ ନିମନ୍ତ୍ରଣ ରକ୍ଷାର ନାଁ ଶୁଣିଲେ ଡରରେ ଥରି ଉଠନ୍ତି । ଏମାନଙ୍କର ଏତାଦୃଶ ଆଚରଣ ଏ ଦେଶ ଛାଡ଼ିବାର କାରଣ ହୋଇପାରେ । ଅବଶ୍ୟ ଏଗୁଡ଼ାକ ଆପଣଙ୍କର

Digitized by srujanika@gmail.com

ଜଣାଶୁଣା କଥା ଏହା ଜାଣି ଅଉ ଲାଭ କ'ଣ ? ଆମେ ବର୍ତ୍ତମାନ ନିମନ୍ତ୍ରଣକୁ ଯାଉଁ ବୋଲି ଦେଶର ଠିକ୍ ଠିକ୍ ଖବର ପାଇଥାଉଁ । ତା' ନହେଲେ ଦେଶୀୟ ପୋଲିସ ଓ ଦେଶୀୟ କରାଣୀ ଭୁଲ ଖବର ଦେଇ ସେମାନଙ୍କର ସର୍ବନାଶ କରନ୍ତେ । ପୋଲିସ ତ ନାନା ପ୍ରକାରରେ ମନୁଷ୍ୟଙ୍କୁ ଉତ୍ପୀଡ଼ିତ କରେ ଏବଂ ଶାସକ ଦଳର ଜନପ୍ରିୟତା ନଷ୍ଟକରେ । ସେ ଯା'ହେଉ, ମୁଁ ଆପଣଙ୍କର ଖୁଣ୍ଟି ଆସାମୀ ନୁହେଁ ।

: ଆପଣଙ୍କର ଦେଖୁଛୁ, ଦେଶୀୟ ଅଫିସର ଶ୍ରେଣୀ ଉପରେ ଧାରଣା ଖୁବ୍ ଖରାପ । ଆଶା କରେ ଆପଣ ଜଣେ ସତ୍ ଲୋକ । ତା'ହେଲେ ପୋଲିସ ଉପରେ ଆପଣଙ୍କର ଏତେ ବିତୃଷ୍ଣା କାହିଁକି ? ଆପଣଙ୍କର ବ୍ୟକ୍ତିଗତ ମତାମତ ଶୁଣିବାକୁ ଚାହେଁନା । ଖ୍ରୀଷ୍ଟାନ ହୋଇ ଆପଣ କାଳୀଭକ୍ତ । ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ । ଆପଣଙ୍କର ଦେଶୀୟ ବନ୍ଧୁମାନଙ୍କର ମୋର ଟିକିଏ ପରିଚୟ ଦରକାର । ଆପଣ ଗାଡ଼ି ବାଲା ଖରିଦାର ଭଦ୍ରଲୋକଙ୍କ ନାଁଟା ବି ଜଣାଇଲେ ଉପକୃତ ହେବି । ତା'ଛଡ଼ା ସେ ଖରିଦାର ସହିତ ଆସିଥିବା ଭଦ୍ରଲୋକଙ୍କ ନାଁଟା ବି ଦୟାକରି କହିବେ ।

: ଆମ କାଳୀ—ପର୍ତ୍ତୁଗୀଜ କାଳୀ । ଫିରିଙ୍ଗୀମାନଙ୍କର ନିଜର କାଳୀ ଅଛି । ଯା' ନିକଟରୁ ଆମେ ଉପକାର ପାଉ ତା'ନିକଟକୁ ଆମେ ଯାଉଁ । ଏଥିରେ ଖ୍ରୀଷ୍ଟାନ ହେବାରେ ବାଧା କେଉଁଠି ? ଛାଡ଼ନ୍ତୁ, ଆମ ଧର୍ମ କଥା କହି ବ୍ୟଥା ଦେବେ ନାହିଁ । ଆପଣଙ୍କ ପ୍ରଶ୍ନର ଶେଷ ଅଂଶର ଉତ୍ତର ମୁଁ ଦେଉଛି । ମୋର ବନ୍ଧୁ ଖରିଦାରଟିର ନାଁ ଡାକ୍ତର ସୁବନ୍ଧୁ ରାୟ । ସେ ଜଣେ ବଙ୍ଗାଳୀ ବ୍ରାହ୍ମଣ । ଇଂଲଣ୍ଡରେ ଥିବା ବେଳେ ତାଙ୍କ ସହିତ ମୋର ପରିଚୟ ହୁଏ । ସେଠିକୁ ମୋତେ ହାର୍ଟ କୋମ୍ପାନୀ ଗାଡ଼ି ମରାମତି ବିଷୟରେ ବିଶେଷ ତାଲିମ ନେବାକୁ ପଠାଇଥିଲେ । ଅନେ ଏକାଠି

Digitized by srujanika@gmail.com

ତାହାକରେ ମଧ୍ୟ ଘରଡକୁ ଫେରିଥିଲୁ । ମୁଁ ମୋର ଏଇ ବନ୍ଧୁଙ୍କ ଚନ୍ଦ୍ରନା କମ୍ବା ଜାଣେନା । ଅମ ଖାତା ଚନ୍ଦରେ ଡାଃ ସୁବନ୍ଧୁ ରାୟଙ୍କ ନାମ ଓ ଠିକଣା କେବଳ ଲେଖି ରଖିଛୁ ।

: ଯାହେଉ ଆପଣ ବର୍ତ୍ତମାନ ମୋତେ ଗୋଟିଏ ମୂଲ୍ୟବାନ ସମ୍ବାଦ ଦେଇଛନ୍ତି । ଏତେବେଳେ ଯାଏ ଅବାନ୍ତର କଥା କହି ନିଜେ କଷ୍ଟ ପାଇଛନ୍ତି ମୋତେ ବି କଷ୍ଟ ଦେଇଛନ୍ତି । ବର୍ତ୍ତମାନ ଦୟାକରି ଆପଣଙ୍କ ଡାକ୍ତର ବନ୍ଧୁଙ୍କ ଠିକଣାଟା କୁହନ୍ତୁ ତ ?

: ମୋ ଡାକ୍ତର ବନ୍ଧୁ ଜଣେ ଧନୀ ଜମିଦାରଙ୍କ ପୁଅ । ସେ ପିତାଙ୍କ ଅମତରେ ବିଲାତ ଯାଇଥିବାରୁ ଏବଂ ତତ୍ ଜନିତ ପାପ ପାଇଁ ପ୍ରାୟଶ୍ଚିତ କରିବା ପାଇଁ ଅସ୍ୱୀକାର କରିଥିବାରୁ ତାଙ୍କ ପିତା ତ୍ୟଜ୍ୟପୁତ୍ର କରିଛନ୍ତି । ପିତାଙ୍କର ଏତାଦୃଶ ଅବିଚାରରେ କ୍ଷୁବ୍ଧ ହୋଇ ସେ ଖ୍ରୀଷ୍ଟାନ ହେବାକୁ ମନସ୍ଥ କରିଥିଲେ । ମୁଁ ତାଙ୍କୁ କାଳୀ ମା'ର ଶପଥ ଦେଇ ବାରଣ କରିଥିଲି । ସେ ଭଦ୍ରଲୋକ ବର୍ତ୍ତମାନ ଗୋରା ବଜାର ନିକଟରେ ଗୋଟାଏ 'ନର୍ସିଂହୋମ' କରିଛନ୍ତି । ସେଇ କୋଠାର ଦ୍ୱିତଳରେ ସେ ନିଜେ ବାସ କରନ୍ତି । ବଡ଼ ସାହେବ ଓ ମେମ ତାଙ୍କର 'ପେସେଣ୍ଟ' । ଦମ୍ ଦମ୍ ନିକଟରେ ସେ ଗୋଟାଏ ବାଳିକା ବିଦ୍ୟାଳୟ ମଧ୍ୟ ସ୍ଥାପନ କରିଛନ୍ତି । ସେ ବର୍ତ୍ତମାନ ସେଠାକାର ସ୍ଥାପୟିତା—ସମ୍ପାଦକ । ପିତାଙ୍କ ଦ୍ୱାରା ତ୍ୟଜ୍ୟପୁତ୍ର ହେବା ପରେ ସେ ବର୍ତ୍ତମାନ ଏପରିଭଳି ସତ୍‌କାର୍ଯ୍ୟ କରି ସମୟ କଟାନ୍ତି । ଏଇ ସ୍କୁଲର ଜଣେ ବଙ୍ଗାଳୀ ହିନ୍ଦୁ ମହିଳା ତାଙ୍କୁ ଏ ବିଷୟରେ ସାହାଯ୍ୟ କରନ୍ତି ।

ଏଇ କାଳୀଭକ୍ତ ଗୋମେଜ ସାହେବଙ୍କୁ ରଗାଇ ଦେଇ ଓ ଅନ୍ୟ ଭାବରେ ତାଙ୍କୁ ଅସତର୍କ କରି ବହୁ ସମ୍ବାଦ ସଂଗ୍ରହ କରି ପାରିଛୁ । ବର୍ତ୍ତମାନ ବୁଝାଯାଉଛି ଯେ, ଡାକ୍ତର ସୁବନ୍ଧୁ ରାୟଙ୍କ ପ୍ରତିଷ୍ଠିତ ଉକ୍ତ ବାଳିକା ବିଦ୍ୟାଳୟରେ ନିରୁଦ୍ଦିଷ୍ଟ ହୃଦୟ ବାବୁଙ୍କ

Digitized by srujanika@gmail.com

ଶାଳକା ସ୍ୱୀକାର କରନ୍ତୁ । ବର୍ତ୍ତମାନ ସେ ସେଠାରୁ ମଧ୍ୟ ଛୁଟି ନେଇ ଅନ୍ତର୍ଦ୍ଧାନ ହେଲେ । ଘଟଣାଟି ଜଟିଳରୁ ଜଟିଳତର ହେବାକୁ ଲାଗିଲା ।

ମୁଁ ଆଉ କାଳବିଳମ୍ବ ନକରି ଏକ ଘୋଡ଼ାଗାଡ଼ି ଯୋଗେ ଡାକ୍ତର ରାୟଙ୍କ 'ନର୍ସିଂହୋମ'ରେ ଯାଇ ପହଞ୍ଚିଲି । ଏଇ ଦ୍ୱିତଳ 'ନର୍ସିଂହୋମ'ଟି ଗୋଟିଏ ମନୋରମ ଉଦ୍ୟାନ ପରିବେଷ୍ଟିତ । ଏଠାରେ ଚଉଦ ଜଣ ଇଂରେଜ ସାହେବ ଓ ଛ'ଜଣ ମେମ ଭର୍ତ୍ତି ହୋଇ ରହିଛନ୍ତି । ଡାକ୍ତର ରାୟଙ୍କ ଚିକିତ୍ସାରେ ଏମାନେ ଖୁବ୍ ଖୁସି । ଡାକ୍ତର ରାୟଙ୍କୁ ସେଠାରେ ମୁଁ ପାଇଲି ନାହିଁ । ଶୁଣିବାକୁ ପାଇଲି ଯେ, ସେ ଟାଏ ଘଟଣା ପରେ ସେ କେଇଜଣଙ୍କ ସାଙ୍ଗରେ ବିଦେଶ ଭ୍ରମଣରେ ଯାଇଛନ୍ତି । ମାତ୍ର ତାଙ୍କ ଗନ୍ତବ୍ୟ ସ୍ଥଳ ସମ୍ବନ୍ଧରେ କେହି କିଛି କହିପାରି ନଥିଲେ । ଏଠାରେ ଗୋଟାଏ ଜନରବ ଶୁଣାଗଲା । ମାତ୍ର ସେ ସମ୍ବନ୍ଧରେ ଆମାରେ କୌଣସି ଏକାହାର ଦିଆଯାଇ ନାହିଁ । ମାତ୍ର ସ୍ଥାନୀୟ ଲୋକ ମୁହଁରେ ଏ ଘଟଣାଟି ରଟିତ ।

ଗୋଟିଏ ଦୁର୍ଘଟଣାରୁ ରକ୍ଷା ପାଇବାରୁ ଡାକ୍ତର ରାୟଙ୍କ ପାଇଁ ଏଠାକାର ଇଂରେଜ ପୁରୁଷ ଓ ମହିଳାମାନେ ଏକତ୍ରିତ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏଠାକାର ଦେଶୀୟ କର୍ମଚାରୀ ମାନେ ବୁଢ଼ା ଶିବତଳାରେ ମାନସିକ କରିଛନ୍ତି ଡାକ୍ତର ରାୟଙ୍କ ପାଇଁ । ଶୁଣାଗଲା ଯେ, ଘଟଣାଟି ସମ୍ବନ୍ଧରେ ଡାକ୍ତର ରାୟଙ୍କ ଖାସ ଭୃତ୍ୟ ମୁଖିଆରାମ ସବୁକଥା ଜାଣେ । ମୁଖିଆରାମ ବିବୃତିର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା —

: ମୋ' ନାଁ ମୁଖିଆରାମ । ଡାକ ନାଁ ଲଡ଼ାକୁ । ମୁଁ ଡାକ୍ତର ବାବୁଙ୍କ ବ୍ୟକ୍ତିଗତ ଭୃତ୍ୟ । ଆମେ ସାତପୁରୁଷର ବାଡ଼ିଆଳ । ଜମିଦାର ବାବୁମାନଙ୍କ ଧନ ଓ ମାନ ରକ୍ଷା ନିମନ୍ତେ ମୋ' ବାପା

Digitized by srujanika@gmail.com

ଜୀବନ ଦେଇଥିଲେ । ଏହା ପୂର୍ବରୁ ମୁଁ ତାଙ୍କ ଗ୍ରାମ ଘରେ କାମ କରୁଥିଲି । ବାବୁ ବିଲାତରୁ ଫେରିବା ପରେ ମୁଁ ତାଙ୍କୁ ବାଡ଼ି ଖେଳ ଶିଖାଉ ଥିଲି ।

କେଇଦିନ ଆଗରେ ଜଣେ ମହିଳା ଓ ଜଣେ ରୋଗୀ ଗୋଟାଏ ଟମ୍‌ଟମ୍‌ରେ ଏହି ଆରୋଗ୍ୟ ଶାଳାକୁ ଆସିଥିଲେ । ବାବୁ ସବୁ କଥା ଶୁଣି ସଙ୍ଗେ ସଙ୍ଗେ ସେ ରୋଗୀ ଲୋକକୁ ଏଠାରେ ଭର୍ତ୍ତି କରି ନେଇଥିଲେ । ଏହାପରେ ଠିକ୍ ହେଲା ଯେ, ଏଇ ରୋଗୀକୁ ନେଇ ଦେଶ ଭ୍ରମଣରେ ବାହାରିବା ଦରକାର । ଆମ ବାବୁ ଡାକ୍ତର ରୂପେ ତାଙ୍କ ସଙ୍ଗରେ ଯିବାକୁ ରାଜି ହୋଇଥିଲେ । ସ୍ୱା'ଭିତରେ ରୋଗୀ ବାବୁ ଓ ଡାକ୍ତର ବାବୁ ଗୋଟାଏ ଟମ୍‌ଟମ୍ ଗାଡ଼ିରେ ବାହାରି ପଡ଼ିଲେ । ଫେରିବା ବେଳେ ଏମାନେ ଗୋଟାଏ ଭଡ଼ାକରା ପାଲିଙ୍କିରେ ଫେରିଥିଲେ । ଏମାନଙ୍କ କଥାରୁ ବୁଝିଲି ଯେ, ରୋଗୀର ଜଡତା ଦୂର କରିବାକୁ ହେଲେ ତାଙ୍କୁ ଭୁଲାଇ ରଖିବାକୁ ପଡ଼ିବ ।

ଗତକାଲି ପ୍ରାୟ ଦୁଇଟା ବେଳେ ଦୁଇଟା ପାଲିଙ୍କିରେ ଖଣ୍ଡିକରେ ଡାକ୍ତର ବାବୁ ଓ ମୁଁ ଓ ଅନ୍ୟଟିରେ ରୋଗୀ ଓ ଭଦ୍ରମହିଳା ବାହାରି ହୋଇ ପଡ଼ିଲୁ । ସେମାନଙ୍କୁ ହାଓଡ଼ା ଷ୍ଟେସନରେ ପହଞ୍ଚାଇ ଦେଇ ମୋର ଫେରି ଆସିବାର କଥା । ମାଝ ଜଙ୍ଗଲ ପଥ ଦେଇ ସହରକୁ ଯିବା ପଥରେ ଗୋଟାଏ ସାଂଘାତିକ ଘଟଣା ଘଟିଲା । ହଠାତ୍ ପଥ ଦୁଇ ପାଖରୁ ପ୍ରାୟ ଦଶ ବାରଜଣ ଲୋକ ଛୁରୀ ହାତରେ ଧରି ଆମମାନଙ୍କୁ ଘେରିଗଲେ । ଏମାନଙ୍କ ଉଦ୍ଦେଶ୍ୟ ମୁଁ କମିପକେ ବୁଝିନେଇ ମୋର କର୍ତ୍ତବ୍ୟ ଠିକ୍ କରି ପକାଇଲି । ସେମାନେ ଜାଣି ନ ଥିଲେ ଯେ, ଡାକ୍ତର ବାବୁ ଓ ମୁଁ ଉଭୟ ନାମକରା ବାଡ଼ିଆଳ । ଆଖି ପିଛୁଳାକେ ପାଲିଙ୍କି ଭିତରୁ ଦୁଇଖଣ୍ଡ ବାଡ଼ି ବାହାର କରି ସେମାନଙ୍କ ସାମନାରେ ଠିଆ ହୋଇ ପଡ଼ିଲୁ ବାବୁ ! ଛୁରୀ

Digitized by srujanika@gmail.com

ହେଉଛି ସାପର ଦାନ୍ତ ଏବଂ ବାଡ଼ି ହେଉଛି ବାଘର ଥାବା । ବାଘ ସହିତ ସାମ୍ନା ପାରିବ କାହିଁକି ? ସେମାନେ ଗୋଟାଏ ଇଟା ଫିଙ୍ଗି ମୋ' ମୁଣ୍ଡଟାକୁ ଫଟାଇ ଦେଲେ । ରକ୍ତ ଦେଖିବା ପରେ ଆଉ କେଇ ବା ପାରେ । ଖାନଦାନ୍ ବାଡ଼ିଆଲ ମୁଁ । ମୋର ରକ୍ତ ଗରମ ହୋଇ ଉଠିଲା । ମୋ' ବାଡ଼ି ଆଘାତରେ ଦୁଇଟା ଲୋକ ଜଖମ ହୋଇ ପଡ଼ିଲେ । ଅନ୍ୟ ଉପାୟ ନଦେଖି ସମସ୍ତେ ଜଙ୍ଗଲ ଭିତରକୁ ପଳାଇଲେ । ସେତେବେଳେ ଦସ୍ୟୁମାନଙ୍କ ହାତରୁ ଗୋଟାଏ ଥଳି ଖସିପଡ଼େ ମୁଁ ସେଟା ଉଠାଇ ନେଇଥିଲି । ଏଥିରେ 'ସାଦାର୍ଣ୍ଣ ବ୍ୟାଙ୍କ'ର ଗୋଟାଏ ଚେକ ଥିଲା । ବାବୁ ସେଟା ମୋ' ପାଖରେ ରଖିବା ପାଇଁ କହିଗଲେ । ସେ ଏକଥା ବି କହି ଯାଇଛନ୍ତି ଯେ, ଫେରିଆସି ସେ ଏହାର ବ୍ୟବସ୍ଥା କରିବେ । ପରେ ଅବଶ୍ୟ ସେ ସେଗୁଡ଼ାକ ଥାନାରେ ଜମା ଦେବାକୁ କହିଥିଲେ । ଏଜାହାର ଦେବା ଭୟରେ ମୁଁ ଥାନାକୁ ଯାଇ ନାହିଁ । ତା'ପରେ ମୁଁ ସେମାନ ହାଓଡ଼ା ଷ୍ଟେସନରେ ଛାଡ଼ି ଏଠାକୁ ଫେରି ଆସିଲି ।"

ବାଡ଼ିଆଲ ମାନେ ଥାନା ଓ ପୋଲିସ ସର୍ବଦା ବର୍ଜନ କରନ୍ତି । ସାଧାରଣତଃ ଗ୍ରାମ୍ୟ ଲୋକମାନଙ୍କର ଏହା ମଜ୍ଜାଗତ ସ୍ୱଭାବ । ମାତ୍ର ଏହାର ଗଳ୍ପଟି ଗୋଟାଏ ମନଗଢ଼ା କାହାଣୀ ହୋଇପାରେ । ମୁଁ ସନ୍ଦେହ ଦୂର କରିବା ଉଦ୍ଦେଶ୍ୟରେ ତାକୁ କେଇଟି ପ୍ରଶ୍ନ କରିଥିଲି । ସେ ମଧ୍ୟ ପ୍ରତ୍ୟେକଟି ପ୍ରଶ୍ନର ଯଥାଯଥ ଉତ୍ତର ଦେଇଛି ବୋଲି ମୋର ମନେହୁଏ । ଆମର ଏଇ ପ୍ରଶ୍ନ ଉତ୍ତରର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା—

: ଅଚ୍ଛା, ଯେଉଁ ମହିଳାଟି ତାଙ୍କ ସାଙ୍ଗରେ ଯାଇଛନ୍ତି ତାଙ୍କ ନାମଧାମ ତୁମେ ଜାଣିଛ କି ? ତାଙ୍କୁ ଏହା ପୂର୍ବରୁ ତୁମେ କେବେ ଦେଖିଥିଲ ? କଥାବାର୍ତ୍ତାରୁ ତୁମେ କ'ଣ ବୁଝି ପାରିଥିଲ ଯେ,

Digitized by srujanika@gmail.com

ଡାକ୍ତର ବାବୁଙ୍କ ସହିତ ତାଙ୍କର ପୂର୍ବରୁ ଜଣାଶୁଣା ଥିଲା ? ହଠାତ୍ ସେମାନେ ବିଦେଶ ଛାଡ଼ିକି ଗଲେ ? ଠିକ୍ ଖବରେ ବୁଝିଶୁଝି ଉତ୍ତର ନଦେଲେ ମୁଁ ବୁଝିବି ଯେ, ତୁମେ ଜଣେ ଡକାଇତ । ତୁମ ମୁନିବ ଓ ଅନ୍ୟକୁ ଖୁନ୍ କରି ତୁମେ ସେମାନଙ୍କର ସର୍ବସ୍ୱ ଲୁଣ୍ଠନ କରିଛୁ । ତେଣୁ ତୁମେ ସ୍ଥାନୀୟ ଥାନାରେ କୌଣସି ଏଜାହାର ଦେଇ ନାହଁ ।

: ସାର୍, ସେ ମହିଳାଙ୍କୁ ମୁଁ ଆଗରୁ କେବେ ଦେଖି ନାହିଁ । ମୋର ଧାରଣା ଥିଲା, ସେମାନେ ରୋଗୀ ରୂପରେ ଏଠାକୁ ଆସିଛନ୍ତି । ଏଇ 'ନର୍ସିଂହୋମ'ର ନିୟମାନୁସାରେ ରୋଗୀ ସହିତ ତାଙ୍କର ଆତ୍ମୀୟମାନେ ବି ଏଠାରେ ପୃଥକ କୋଠରୀରେ ବସବାସ କରିପାରିବେ । ରୋଗୀକୁ ଖୁସି ରଖିବା ପାଇଁ ଏହା ଏଠାକାର ନିୟମ । ଏମାନଙ୍କ କଥାବାର୍ତ୍ତାରୁ ମୁଁ ବୁଝିଲି ଯେ, ଏମାନଙ୍କର ପୂର୍ବରୁ ଜଣାଶୁଣା ଥିଲା । ଏଠାରେ ଥିବାବେଳେ ଏମାନେ ବନ୍ଧୁ ଭାବରେ ଆଲୋଚନା କରୁଥିଲେ । ଦୁଇଦିନ ପୂର୍ବେ ଗୋଟାଏ ଚିଠି କାଶୀରୁ ଏଠାକୁ ଆସିଥିଲା, ସେ ଚିଠିଟା ପାଇବା ମାତ୍ରେ ସେମାନେ କାଶୀ ଚାଲିଗଲେ । ସେଠାରୁ ସେମାନେ କେଉଁଠି ତୀର୍ଥ ବୁଲି ଏଠାକୁ ଫେରି ଆସିବାର କଥା । ସେଇ ଚିଠି ଖଣ୍ଡିକ ବାବୁଙ୍କ 'ଡ୍ରୟାର'ରେ ଅଛି । ଏହାଛଡ଼ା ମୁଁ ଅଧିକ କିଛି ଜାଣେନା । ଆମେ ବାବୁ ଗରିବ ଲୋକ । ମୁନିବମାନଙ୍କ ପାଇଁ ମାରପିଟ କରୁ । ମାତ୍ର ମିଥ୍ୟାବାଦୀ କିମ୍ବା ବେଇମାନ ନୋହୁଁ । ଖୁନ୍ କରିବାକୁ ଆମେ କେବେ ପ୍ରସ୍ତୁତ ନାହିଁ । ମାତ୍ର ପରଧନ ଆମେ କେବେ ଅପହରଣ କରୁନାହିଁ ।

: ତୁମ ମୁନିବଙ୍କ ସ୍ୱଭାବ ଚରିତ୍ର ଆଶାକରେ ଖୁବ୍ ଭଲ । ମାତ୍ର ଏତେଦିନ ପର୍ଯ୍ୟନ୍ତ ସେ ବିବାହ କାହିଁକି କରି ନାହାନ୍ତି । ସେଇ ରୋଗୀ ଏବଂ ଡାକ୍ତର ବାବୁ ଉଭୟଙ୍କ ମଧ୍ୟରୁ କାହା ସହିତ ହତ୍ୟା

Digitized by srujanika@gmail.com

ମହିଳାଙ୍କର ଘନିଷ୍ଠ ସମ୍ପର୍କ ଥିଲା ବୋଲି ତୁମର ମନେହୁଏ ? ନାରୀ
ଶ୍ରେଣୀର ମଙ୍ଗଳ ନିମନ୍ତେ ସେ ସେମାନଙ୍କ ସହିତ ବିଦେଶ ବୁଲିଗଲେ ।
ଏହା ପଛରେ କିଛି ଉଦ୍ଦେଶ୍ୟ ଅଛି ବୋଲି ତୁମେ ଭାବୁଛ ? ତୁମେ
ତାଙ୍କର ବ୍ୟକ୍ତିଗତ ଭୃତ୍ୟ ତେଣୁ ତୁମକୁ ପଚାରିଲି । ତୁମ ପକ୍ଷରେ
ଅନେକ କଥା ଜାଣିବା ସମ୍ଭବ ।

: ଏମିତିକା କୁତ୍ସିତ କଥା ମୋର ଦେବତା ପରି ମୁନିବଙ୍କ
ସମ୍ବନ୍ଧରେ ଆପଣ ଯେପରି ଆଉ ନକୁହନ୍ତୁ । ବାବୁ ! ତାଙ୍କର ଜମିଦାର
ପିତା ତାଙ୍କୁ ଗୋଟିଏ ବାରବର୍ଷ ଝିଅ ସହିତ ବିବାହ ଦେବାକୁ
ଚାହିଁଥିଲେ । ସେ କୁହନ୍ତି କେଉଁଏ ବର୍ଷ ନହେଲେ କୌଣସି
ଝିଅର ବିବାହ କରିବା ଉଚିତ ନୁହେଁ । କିନ୍ତୁ ଏତେ ବଡ଼ ଝିଅ
ବଙ୍ଗାଳୀ ଘରେ କେଉଁଠୁ ମିଳିବ କୁହନ୍ତୁ ? ତେଣୁ ସେ ପ୍ରଶ୍ନ ବର୍ତ୍ତମାନ
ଉଠାଇବା ଅନୁଚିତ । କାରଣ ତାଙ୍କ ପିତା ତାଙ୍କୁ ଅନ୍ୟାୟ ଭାବରେ
ତ୍ୟାଜ୍ୟପୁତ୍ର କରିଛନ୍ତି । ଜମିଦାରଙ୍କର ଏକମାତ୍ର ପୁତ୍ରର କିଛି ଅଭାବ
ନଥିଲା । ମାତ୍ର ତା' ସତ୍ତ୍ୱେ ସେ ନିଜେ ବହୁ ଅର୍ଥ ଉପାର୍ଜ୍ଜନ
କରିଛନ୍ତି । ଏପରିକି ବହୁ ଅର୍ଥବ୍ୟୟ କରି ସେ ହସପାତାଲ ସ୍କୁଲ
ପ୍ରଭୃତି ତିଆରି କରିଛନ୍ତି । ଅବଶ୍ୟ ସେ କାହାରିକୁ ବିବାହ କଲେ
ମୁଁ ଖୁସି ହେବି ।

ଏହି ସାହସୀ ବାଳିଆଟି ମୋ ପ୍ରଶ୍ନର ସଦୁତ୍ତର ଦେଇଛି ବୋଲି
ମୋର ବିଶ୍ୱାସ । ଏଗୁଡ଼ିକ ଲିପିବଦ୍ଧ କରି ସାରିବା ପରେ ମୁଁ ନିମ୍ନ
ଲିଖିତ ପ୍ରଶ୍ନ ଗୁଡ଼ିକ ତାକୁ ପଚାରିଥିଲି ।

: ବେଶ୍ ଏଥର କୁହତ, ଏହି ଗୋଟା ବଜାରରୁ କଲିକତା ସହରର
ବାଟେ ହାଓଡ଼ା ଷ୍ଟେସନକୁ (ଭୁସମନ ସେତୁ ଉପରେ ଦେଇ)
ଗୋଟାଏ ପକ୍କା ଓ ଗୋଟିଏ କଚ୍ଚା ଭଲ ସଡ଼କ ଥାଉଁ ଥାଉଁ ତୁମେ
ଜଙ୍ଗଲ ବାଟଟାକୁ କାହିଁକି ବାଛି ନେଇଥିଲ ? ଠିକ୍ ଠିକ୍ ଉତ୍ତର
ନଦେଲେ ତୁମେ ବିପଦରେ ପଡ଼ିବ କହି ରଖୁଛି ।

Digitized by srujanika@gmail.com

: କାଶୀ ସହରରୁ ଆସିଥିବା ଚଠିଟି ଠିକ ସମୟରେ ପିଅନ ଡେଲିଭରି କରି ନଥିଲା । ପିଅନ ଏବଂ ହରକରା ଦୁଇଜଣ ଯାକ ମେଲେରିଆରେ ଶଯ୍ୟା ଶାୟୀ ଥିବାରୁ ପୋଷ୍ଟ ମାଷ୍ଟର ବାବୁ ତାଙ୍କ ଘରର କାମ ଓ ଗୋରୁ କୁଣ୍ଡା ପାଣି କାମ ଯାର ନିକେ ଆସି ଏ ଚଠିଟି ଏଠାରେ ଦେଇ ଯାନ୍ତି । ସେ ପକ୍ଷରେ ଦିନରେ ଥରେ ମାତ୍ର କାଶୀ ପାଇଁ ରେଲ ଗାଡ଼େ । ବାବୁ କହିଲେ ଯେ, ଗାଡ଼ି ଫେଲ୍ ହେଲେ ଠିକ୍ ସମୟରେ କାଶୀ ପହଞ୍ଚି ହେବ ନାହିଁ । ଡେରିରେ ପହଞ୍ଚିଲେ ସର୍ବନାଶ ହୋଇଯିବ । ତେଣୁ ଶୀଘ୍ର ହାଓଡ଼ା ଷ୍ଟେସନ ପହଞ୍ଚିବା ପାଇଁ ସିଧା ରାସ୍ତାଟାକୁ ଧରିବାକୁ ବାଧ ହୋଇଥିଲୁ । ଦସ୍ୟୁମାନଙ୍କ ସମ୍ଭାବ୍ୟ ଆକ୍ରମଣରୁ ବଞ୍ଚାଇବା ପାଇଁ ମୁଁ ବାଡ଼ି ସାଙ୍ଗରେ ନେଇ ଯାଇଥିଲି ।

ଏ ଅଞ୍ଚଳରେ ଡାକ୍ତର ସୁବନ୍ଧୁ ଗୁପ୍ତଙ୍କର ଜନପ୍ରିୟତା ଅସୀମ । ଭଦ୍ରଲୋକ ଗ୍ରାମେ ଗ୍ରାମେ ଗରିବ ଦୁଃଖିମାନଙ୍କୁ ବିନା ପଇସାରେ ଚିକିତ୍ସା କରିଥାନ୍ତି । ଏପରିକି ସେ ନିଜ ବ୍ୟୟରେ ଅସହାୟ ଲୋକ ମାନଙ୍କର ଔଷଧ ପଥ୍ୟର ବ୍ୟବସ୍ଥା କରୁଥିଲେ । ଏହାରି ମଧ୍ୟରେ ଗୁଣ୍ଡେ ଗୁଣ୍ଡେ ତାଙ୍କ ପ୍ରତି ଦସ୍ୟୁଦଳର ଆକ୍ରମଣ ବହୁଦୂର ପ୍ରସାରିତ ହୋଇଛି । କିନ୍ତୁ ତାଙ୍କର ଅଗଣିତ ଗୁଣମୁଗ୍ଧ ଜନତାଙ୍କ ମୁହଁରେ ଗୋଟିଏ କଥା ଯେ, ତାଙ୍କ ସଙ୍ଗରେ ମହିଳାଟି କିଏ ? ତା ଛଡ଼ା ସେ ସେମାନଙ୍କ ସହିତ ବିଦେଶ କାହିଁକି ଗଲେ ? ଏ ସମ୍ବାଦ ଯାହା ଡାକ୍ତରବାବୁଙ୍କ ପିତା-ମାତାଙ୍କ ନିକଟରେ ମଧ୍ୟ ପହଞ୍ଚିଥିଲା । ମୁଁ ସେଠାରେ ଥିବା ସମୟରେ ତାଙ୍କର ପିତାମାତା ଏବଂ ବନ୍ଧୁ ଆତ୍ମୀୟ-ସ୍ୱଜନ ଖାଲିର ହଁଆ ପାଲଙ୍କିରେ ବର କନ୍ୟା ଜ ସହ ଆସି ଉପସ୍ଥିତ ହୋଇଥିଲେ । ଏତେ ଦିନ ଲୁଚି ରଖିଥିବା ସ୍ନେହ ବର୍ତ୍ତମାନ କୌଣସି ବାଧା ବନ୍ଧନ ନମାନି ଉଚ୍ଛୁଳି ପଡ଼ିବା ସ୍ୱାଭାବିକ । ସେମାନଙ୍କ ଗୃହାଣୀରେ ଉଦ୍‌ବେଗର ଚିହ୍ନ । ଡାକ୍ତର ବାବୁଙ୍କ ପିତା-ପୁତ୍ରଙ୍କୁ

Digitized by srujanika@gmail.com

ଅତ୍ର ଆଦର ପାଇଁ ତାଙ୍କର ଗର୍ଭଧାରଣୀଙ୍କୁ ଦାୟୀ କରୁଥାନ୍ତି। ଏବଂ ଡାକ୍ତର ବାପୁଙ୍କ ମା' ତାଙ୍କ ବାପାଙ୍କୁ ନିଷ୍ଠୁରତା ପାଇଁ ଦୋଷ ଦେଉଥାନ୍ତି। ଆତ୍ମୀୟସ୍ୱଜନ ମାନେ ଉଭୟଙ୍କୁ ବାରମ୍ବାର ସାନ୍ତ୍ୱନା ଦେଉଥାନ୍ତି। ଏହାପରେ କିଛିକ୍ଷଣ ଅତିବାହିତ ହେବା ପରେ ସେମାନେ କିଞ୍ଚିତ ଶାନ୍ତ ହେଲେ। ମୁଁ ତାଙ୍କ ପିତାଙ୍କର ଗୋଟିଏ ବକ୍ତବ୍ୟ ଗ୍ରହଣ କରିଥିଲି। ତାର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା।

: ମୋ ନାଁ ଶ୍ରୀ ସୁବୁଦ୍ଧି ରାୟ। ମୋ ପୁଅର ନା ଡାକ୍ତର ସୁବନ୍ଧୁ ରାୟ। ମୁଁ ଦେହଳ ବଂଶର ଜମିଦାର। ମୋର ପୂର୍ବ ପୁରୁଷମାନେ ଦକ୍ଷିଣ ଅଞ୍ଚଳର ଗୋଟାଏ ବଡ଼ ଦେଶର ସ୍ୱାଧୀନ ରାଜା ଥିଲେ। ପରେ ବ୍ରିଟିଶ କୋମ୍ପାନୀ ସହିତ ସନ୍ଧି ସୂତ୍ରରେ କରଦ ରାଜା ହୋଇଥିଲେ। ତାର କିଛି ପୁରୁଷ ପରେ ଅର୍ଥାତ ମୋ ପିତାମହଙ୍କ ନିବୁଦ୍ଧିତା ନିମନ୍ତେ ରାଜ୍ୟ ହରାଇ ଆମେ ଜଣେ ସାଧାରଣ ଜମିଦାରରେ ପରିଣତ ହୋଇଛୁ। ସେ ଅହଙ୍କାର ଓ ଆତ୍ମସମ୍ମାନ ରକ୍ଷା କରିବା ପାଇଁ ଅକାରଣଟାରେ ବ୍ରିଟିଶ ସରକାର ସହିତ କଳହ କରନ୍ତି ଏବଂ ପରିଣାମ ସ୍ୱରୂପ ଆମକୁ ଏହି ପର୍ଯ୍ୟାୟକୁ ଖସି ଆସିବାକୁ ପଡ଼େ। ପୂର୍ବଦିନ ହୋଇଥିଲେ ଯେଉଁ ମିସନାରୀ ସହିତ ମନଙ୍କ ଦ୍ୱାରା ମୋ' ପୁଅ ପ୍ରଭାବିତ ହୋଇ ବିଲାତ ଯାଏ—ସେମାନଙ୍କୁ ଆମ ନିଜ ରାଜ୍ୟର ପୋଲିସ ଦ୍ୱାରା ଧରିଆଣି ଆମ ନିଜ ଅଦାଲତରେ ବିଚାର କରି କାରାଦଣ୍ଡ ଦେଇଥାନ୍ତି। ମାତ୍ର ସେଦିନ ଆଜି ନାହିଁ। ଏହି ବ୍ରାହ୍ମଣ ରାଜବଂଶ ଅଛି କେବଳ ମୁକୁଟହୀନ ରାଜା ପରି।

ମୋ ପୁଅ ଚାରିବର୍ଷ ପରେ ବିଲାତରୁ ଫେରିବା ପରେ ବିଲାତ ଯିବା ପାପ ନିମନ୍ତେ ତା'ର ପ୍ରାୟଶ୍ଚିତ କରିବାର କଥା। ମୋର ଗୁରୁଦେବଙ୍କ ବିଧାନ ଅନୁସାରେ ମୁଁ ତା'ର ଗୋମୟ ପାନ କରିବା ପରେ ଶାସ୍ତ୍ରୀୟ ପ୍ରାୟଶ୍ଚିତ୍ତର ବ୍ୟବସ୍ଥା କରେ। ଏଥି ନିମନ୍ତେ ଦଶ

Digitized by srujanika@gmail.com

ସହସ୍ର ମୁଦ୍ରା ବ୍ରାହ୍ମଣମାନଙ୍କୁ ଦାନ କରିବା ନିମନ୍ତେ ପ୍ରସ୍ତୁତ ଥିଲି । ମୋର ଏକମାତ୍ର ଅପରାଧ ; ତାଙ୍କୁ ଡାକି ଆଣି ଗୋଟିଏ ଘର ବାରଣ୍ଡାରେ ଖାଇବାକୁ ଦେବାପାଇଁ ମୁଁ ଆପତ୍ତି କରିଥିଲି । ପ୍ରାୟଶ୍ଚିତ୍ତ କରିବା ପରେ କେଇଟା ଦିନ ତାଙ୍କୁ ମୁଁ ଘର ବାହାରେ କଦଳୀ ପତ୍ରରେ ଖାଇବା ପାଇଁ ନିର୍ଦ୍ଦେଶ ଦେଇଥିଲି । ତହିଁରେ ଅହେତୁକ ଭାବରେ ମୋ ପୁଅ କ୍ଷୁବ୍ଧ ହୋଇ ଗୃହତ୍ୟାଗୀ ହୋଇ କିଛି ଦିନ ନିରୁଦ୍ଦିଷ୍ଟ ରୁହେ । ପରେ ମୁଁ ଜାଣିବାକୁ ପାଇଥିଲି ଯେ, ସେ ଏଇ ଗ୍ରାମର ଉପକଣ୍ଠରେ ଜଙ୍ଗଲ ମଧ୍ୟରେ ଗୋଟିଏ ଆରୋଗ୍ୟ ନିକେତନ ସ୍ଥାପନ କରି ସେଠାରେ ବାସ କରେ ଏବଂ ମ୍ଲେଚ୍ଛ ରୋଗୀ ଓ ରୋଗୀଣି ମାନଙ୍କୁ ସେବା ଓ ଚିକିତ୍ସା କରେ । ମୋର ଜଣେ ପ୍ରଜା ମୁହଁରୁ ସେକଥା ମୁଁ ପ୍ରଥମେ ଶୁଣିବାକୁ ପାଇଲି । ସେଇ ରାଣୀ ପ୍ରଜାର ଘରେ ସେ ନିଜେ ମଧ୍ୟ ଚିକିତ୍ସା କରୁଥିଲା । ପରେ ଶୁଣିଛି ଯେ, ଗଭୀର ରାତିରେ ସେ ଚାରି କୋଶ ପଥ ପାଦରେ ଅତିକ୍ରମ କରି ତା'ର ଗର୍ଭଧାରିଣୀ ମା'ଙ୍କୁ ସାକ୍ଷାତ କରୁଥିଲା । ସେଇଥି ପାଇଁ ସେ ଆମ ପ୍ରାସାଦ ଠାରୁ ଚାରିକୋଶ ଦୂରରେ ଜାମି କିଣି ହସପାତାଳ ସ୍ଥାପନ କରିଛି । କିନ୍ତୁ ଏ ସମ୍ବାଦ ବହୁଦିନ ମୋ ଅଗୋଚରରେ ଥିଲା । ଦିନେ ରାତିରେ ମୋ' ସହଧର୍ମିଣୀ ନିଶାର୍ଦ୍ଧରେ ଦରଜା ଖୋଲି ବାହାର ବଗିଚାକୁ ଯିବାର ଦେଖି ମୁଁ ସନ୍ଦିଗ୍ଧ ହୋଇ ପଡିଲି । କୁଳ ଲଳନା ଏପରି ଭାବରେ ଅଭିସାରିକା କୁଳଟା ନାରୀ ପରି ରାତିର ଗଭୀର ଅନ୍ଧକାର ମଧ୍ୟରେ ପ୍ରାସାଦର ବାହାରକୁ ଯିବାଟା ସହଣୀୟ ନୁହେଁ । ମୁଁ ମଧ୍ୟ ନିଃଶବ୍ଦରେ ଶଯ୍ୟା ତ୍ୟାଗ କରି ପଛେ ପଛେ ଯାଇ ଘଟଣା ସ୍ଥଳରେ ଦେଖିଲି ଜଣେ ଯୁବକ ସେଠାରୁ ଦୌଡ଼ି ଚାଲିଗଲା । ମୁଁ ଯଦି ସେଦିନ ମୋ' ପୁଅକୁ ଚିହ୍ନି ପାରି ନଥାନ୍ତି, ତା'ହେଲେ ଗୋଟାଏ ନାରୀ ହତ୍ୟା ସଂଘଟିତ କରିଥାନ୍ତି । ଭଗବାନ ଆମକୁ ଏ ମହାପାପରୁ ଉଦ୍ଧାର କଲେ । ସୌଭାଗ୍ୟ

Digitized by srujanika@gmail.com

ଫଳେ ସେଠା ଜ୍ୟୋତ୍ସ୍ନା ପ୍ଲାବିତ ରହିଥିଲା । ସେଦିନ ମୋ' ସ୍ତ୍ରୀ ଏବଂ ପୁତ୍ରର ଗୋପନ ମିଳନ ମୋର ଭ୍ରମକୁ କେତେକାଂଶରେ ସଂଶୋଧନ କରି ଦେଇଥିଲା । ମୁଁ ଟିକିଏ କୋମଳ ହେଲି । ଏମାନଙ୍କର କ୍ଷଣିକ ପାର୍ଥିବ ସୁଖ ଓ ଶାନ୍ତି ପାଇଁ ମୁଁ ପରମାର୍ଥିକ କର୍ମ ଓ ଧର୍ମ କିପରି ତର୍ପଣ କରନ୍ତି ? ମହାଶୟ ! ମୋର ସ୍ତ୍ରୀ ଦିନେ ଦିନେ ଅସହାୟା ଭଳି କାନ୍ଦନ୍ତି । ଦୁଷ୍ଟାର୍ଥିକାରୀ ପୁତ୍ରର ଶୋକ କିଛି ଭୁଲନ୍ତି ଏବଂ ଶାନ୍ତି ପାନ୍ତି । ମାତ୍ର ମୁଁ ଦେହଳି ବଂଶୀୟ କର୍ତ୍ତବ୍ୟ ପରାୟଣ ଓ ଧର୍ମ ପରାୟଣ ଶକ୍ତ ପୁରୁଷ । ହତଭାଗ୍ୟ କୁଳାଙ୍ଗାର ପୁଅ ପାଇଁ ମୋ ହୃଦୟ ମଧ୍ୟରେ ଗୁଞ୍ଜର ନାହିଁ କୁହୁଳୁଛି । ମୋର ଇଚ୍ଛା ଥିଲା ଯେ, ତାକୁ ତେଜ୍ୟପୁତ୍ର କଲେ ମଧ୍ୟ ମୋର ପୌତ୍ରକୁ (ନା'ପୁଅ) ମୋର ସମସ୍ତ ରାଜ୍ୟ 'ଉଇଲ' କରି ଦେଇଯିବି । ମାତ୍ର ଏଠାରେ ଆସି ଯା' ଶୁଣୁଛି, ସେଠା ଆହୁରି ଭୟଙ୍କର । ଏକ ବର୍ଷୀୟସୀ ମହିଳା ସହିତ ସେ ବିଦେଶ ଯାତ୍ରା କରିଛି । ବର୍ତ୍ତମାନ ଏଇ ବର୍ଷୀୟସୀ କ୍ରମାଗ୍ନି ମହିଳାଟିର ଧର୍ମ କର୍ମ ସମ୍ବନ୍ଧରେ ଆମକୁ ଯଥାଶୀଘ୍ର କିଛି ଜାଣିବାକୁ ପଡ଼ିବ । କୁଳୀନ ବ୍ରାହ୍ମଣ ନହେଲେ ଏ ବୟସରେ ଅବିବାହିତାମାନେ ସାଧାରଣତଃ ଖ୍ରୀଷ୍ଟାନ ହୋଇଥାନ୍ତି । ଏ ସମ୍ବନ୍ଧରେ ସଠିକ ଖବର ଦେଲେ ମୋ' ଷ୍ଟେଟ୍‌ରୁ ଆପଣଙ୍କୁ ପାଞ୍ଚ ଶତ ମୁଦ୍ରା ପୁରସ୍କାର ଦିଆଯିବ । ଏହି କୁଳାଙ୍ଗାର ପୁତ୍ର ପାଣିର ଦୁଇହାତ ତଳେ ବୁଡ଼ି ଯାଇଥିଲା । (ସମୁଦ୍ର ଯାତ୍ରା ଫଳରେ ।) ବର୍ତ୍ତମାନ ବିଧର୍ମିଣୀ ବିବାହ କରି ସେ ଅତଳ ତଳେ ତଳେଇ ଯିବ ସିନା । ମୁଁ ବୁଝି ପାରୁ ନାହିଁ ; ସେ ଏପରି କୁକର୍ମ କରିବାକୁ ମନ କାହିଁକି ବଳାଇଛି ?

(୧) ଏହି ଜମିଦାର ଭଦ୍ରଲୋକ ନରକକୁ ଭୟ କରନ୍ତି ଅଥଚ (ଖ୍ରୀ) ସ୍ୱର୍ଗ ତାଙ୍କୁ ବେଶୀ ପ୍ରଲୁବ୍ଧ କରେ । କାରଣ ଧର୍ମୀୟ ସ୍ୱର୍ଗ

Digitized by srujanika@gmail.com

ସମ୍ବନ୍ଧରେ ତାଙ୍କର କୌଣସି ଧାରଣା ନାହିଁ । ଏ ଦେଶର ବହୁ ଲୋକ ଏଇ ଜାତି ବିଭାଗ କଥା ଭଲ ଭାବରେ ଜାଣନ୍ତି ମାତ୍ର ଆଶ୍ଚର୍ଯ୍ୟ କଥା । ତଥାପି ସେମାନେ ସେଇ ଅନ୍ଧକାର ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥାନ୍ତି । ଏହି ସୁଯୋଗରେ ବିଦେଶୀ ଧର୍ମ ବ୍ୟବସାୟୀମାନେ ଯଥେଷ୍ଟ ସୁଯୋଗ ଗ୍ରହଣ କରୁଛନ୍ତି ।

(୨) ଭଦ୍ରଲୋକ ତାଙ୍କ ପିତାମହଙ୍କର ବ୍ରିଟିଶ ବିରୋଧୀ ମନୋଭାବ ପସନ୍ଦ କରନ୍ତି ନାହିଁ । କାରଣ, ତା'ଙ୍କ ଭୁଲ ପାଇଁ ସେମାନେ ରାଜ୍ୟ ହରାଇ ସାଧାରଣ ଜମିଦାରରେ ପରିଣତ ହୋଇଛନ୍ତି । ସେମାନଙ୍କ ଅପରାଧ ସେମାନେ ଦୁର୍ଦ୍ଧର୍ଷ ସ୍ୱାଧୀନ ରାଜା ହୋଇ ଦେଶର ସ୍ୱାଧୀନତାକୁ ରକ୍ଷା କରିବାକୁ ଚାହିଁଥିଲେ । ମାତ୍ର ତହିଁରେ ସେମାନେ ଦୁର୍ଭାଗ୍ୟ-କ୍ରମେ ପରାଜିତ ହୋଇଥିବାରୁ ସେମାନଙ୍କୁ ଆଜି କେବଳ ଜଣେ ସାମାନ୍ୟ ଜମିଦାରରେ ପରିଣତ ହେବାକୁ ପଡ଼ିଛି । ଏହିପରି ସ୍ୱାଧୀନତା କାମୀ ବହୁ ରାଜା ଆଜି ସାଧାରଣ ଲୋକରେ ପରିଣତ ହୋଇଛନ୍ତି; ମାତ୍ର ଇତିହାସ ତା'ର କୌଣସି ସାକ୍ଷୀ ଦେଉନାହିଁ । ଯେଉଁମାନେ ବିଦେଶୀ ଶାସକ ଗୋଷ୍ଠୀକୁ ଧନ, ମନ, ବଳ ଦ୍ୱାରା ସାହାଯ୍ୟ କରି ଏ ଦେଶକୁ ପରାଧୀନ ହେବା ପାଇଁ ସମର୍ଥନ କରିଥିଲେ, ବ୍ରିଟିଶ ଶାସକ ଗୋଷ୍ଠୀ ପ୍ରସାଦରେ ସେମାନେ ଆଜି ବହୁ ଉଚ୍ଚରେ । ସେମାନଙ୍କ ସୁଖ୍ୟାତି ଓ ସମ୍ମାନ ପାଇଁ ସମସ୍ତେ ଆଜି ପଞ୍ଚମୁଖ । (ଡାଇରୀର ଏହି ଅଂଶ ଅନୁବାଦ କରିବେ ନାହିଁ ।)

(୩) ଏକମାତ୍ର ସନ୍ତାନର ପିତା ହୋଇ ଥିବାରୁ ଭଦ୍ରଲୋକଙ୍କ ବଂଶ ଲୋପ ପାଇଁ ଭୀଷଣ ଭୟ । କାରଣ, ବଂଶର ଧାରା ମଧ୍ୟରେ ସେ ଅନାଦିକାଳ ପର୍ଯ୍ୟନ୍ତ ବଞ୍ଚି ରହିବାକୁ ଚାହାନ୍ତି । (କାରଣ ଯାହାଙ୍କର ବଂଶ ଅଛି, ତାଙ୍କର ମୃତ୍ୟୁ ନାହିଁ ।) ତେଣୁ ପୁତ୍ରକୁ ବାଦ ଦେଇ ସେ

Digitized by srujanika@gmail.com

ଜଣେ ପୌତ୍ର କାମନା କରନ୍ତି । ଏକଥା ସ୍ପଷ୍ଟ ଭାବରେ ବୁଝାଯାଏ ଯେ, ଉପରଟା ତାଙ୍କର ଯେତେ କଠିନ ହେଲେ ବି, ପୁତ୍ର ସ୍ନେହ ଅନ୍ତଃସଲିଳା ଫଲ୍‌ଗୁନଦୀ ପରି ତାଙ୍କ ହୃଦୟରେ ପ୍ରବାହିତ । ତା' ନ ହୋଇଥିଲେ କେବଳ ସ୍ତ୍ରୀଙ୍କ କାନ୍ଦଣାରେ ଅଧୀର ହୋଇ ଏଠାକୁ ଚାଲି ଆସିବାର ପାତ୍ର ସେ ନୁହଁନ୍ତି । ସେ ପୁତ୍ରଙ୍କର ବିପଦ ମୁକ୍ତିର ସମ୍ବାଦ ଶୁଣି ଆଶ୍ୱସ୍ତ ହେଲେ ।

କଳହ ମୁଖର ଓ ହଟ୍ଟଗୋଳକାରୀ ନରନାରୀଙ୍କ ବ୍ୟୂହ ଭେଦକରି 'ନର୍ସିଂହୋମ' ହସପିଟାଲର ଆଭ୍ୟନ୍ତରୀଣ ଭାଗକୁ ପ୍ରବେଶ କରିବା ଦୁଃସାଧ୍ୟ ଥିଲା । ତା'ଛଡ଼ା ସେଠାକାର ଫିରଙ୍ଗୀ, ଅଧା ଫିରଙ୍ଗୀ ରୋଗୀ ଓ ରୋଗିଣୀମାନେ ହସପିଟାଲର ଶାନ୍ତିଭଙ୍ଗ ନିମନ୍ତେ ମୋତେ ଅନୁଯୋଗ କରନ୍ତି ଏବଂ ଏଠାରେ ତଲ୍ଲାସୀ କରିବା ବିରୁଦ୍ଧରେ କାର୍ଯ୍ୟ କରିଣ କରିବା ପାଇଁ ମୋତେ ପ୍ରତିରୋଧ କରନ୍ତି । ଆଇନ କଥା କହିଲେ, ସେମାନେ ମୋତେ ଗ୍ରେଟଲାଟ ଓ ବଡ଼ଲାଟଙ୍କ ନିକଟରେ ପୋଲିସର ଏହି ଅତ୍ୟାଚାର ବିରୁଦ୍ଧରେ ଅଭିଯୋଗ 'ଡାଇରି' କରିବାର ଭୟ ଦେଖାନ୍ତି । ସାଧାରଣତଃ ସାହେବମାନେ ସାହେବମାନଙ୍କ କଥା ଶୁଣନ୍ତି ଏବଂ ଆଇନ ବହିର୍ଭୂତ କାର୍ଯ୍ୟ କରି-ବାରେ ବି ପଛାନ୍ତି ନାହିଁ । ଦୁଇଜଣ ଦେଶୀୟ ଲୋକର ବିବାଦରେ ସେମାନେ, ଜାତିଧର୍ମ ନିର୍ବିଶେଷରେ, କଡ଼ା ବିଚାର କରନ୍ତି ସତ, ମାତ୍ର ଦେଶୀୟ ଲୋକମାନଙ୍କ ବିରୁଦ୍ଧରେ କୌଣସି ଶ୍ୱେତକାୟର ଅଭିଯୋଗ ବିନା ଅନୁସନ୍ଧାନରେ ବିଶ୍ୱାସ କରି ସେମାନେ ଅବିଚାର କରନ୍ତି । ଏପରିକି, ପ୍ରତିକାରାର୍ଥେ ଏବଂ ସେମାନଙ୍କ ସମ୍ମାନ ରକ୍ଷାର୍ଥେ ସେମାନେ ଫୌଜ ମୋତାୟନ କରିବାକୁ ପଛାନ୍ତି ନାହିଁ । ତେଣୁ ଅନ୍ୟମାନଙ୍କ ଭଳି ମୁଁ ମଧ୍ୟ ଏହି ଶ୍ୱେତକାୟ ରୋଗୀ ଓ ରୋଗିଣୀ-ମାନଙ୍କ ବିରାଗ ଭାଜନ ହେବାକୁ ଇଚ୍ଛା ନ କରି ବରଂ ସେମାନଙ୍କ

Digitized by srujanika@gmail.com

ଧହୃତ ବିବାଦ ଏଡ଼ିବା ପାଇଁ ଯୁକ୍ତି ଯୁକ୍ତ ମନେ କଲି । ଏଥିପାଇଁ କର୍ତ୍ତୃପକ୍ଷଙ୍କ ଲିଖିତ ଆଦେଶ ବିନା ଏହି ଆରୋଗ୍ୟ ନିକେତନଟିକୁ ତଲ୍ଲାସ କରିବାକୁ ସାହସ ମୁଁ କରିନାହିଁ । ଡାକ୍ତର ବାବୁଙ୍କ ବାସ ସ୍ଥାନଟିକୁ ମୁଁ ତାଙ୍କ ଭୃତ୍ୟଙ୍କ ସହଯୋଗିତାରେ ଦୁଇଜଣ ସ୍ଥାନୀୟ ସାକ୍ଷୀଙ୍କ ଉପସ୍ଥିତିରେ ଭଲ ରୂପେ ଖାନତଲ୍ଲାସ କରିଛି ।

ଉପରୋକ୍ତ ଖାନତଲ୍ଲାସୀରେ ଆମେ କାଶୀରୁ ପ୍ରେରିତ କୌଣସି ପତ୍ର ବା ଲଫାପା ଉଦ୍ଧାର କରିବାରେ ସମର୍ଥ ହୋଇ ନଥିଲୁ । ଡାକ୍ତର ରାୟଙ୍କ ପାଠ କକ୍ଷର ଟେବୁଲ 'ଡ୍ରୟାର'ମଧ୍ୟରୁ ଆମେ ଗୋଟିଏ ବ୍ୟାଙ୍କର ଚେକ ପାଇଥିଲୁ । ଏଇ ଚେକଟି ଏହି ତଦନ୍ତ କାର୍ଯ୍ୟରେ ଆମକୁ ଅନେକ ଦୂର ଅଗ୍ରସର କରାଇ ଦେଇଛି । ଏହି ବ୍ୟାଙ୍କ ଚେକଟି—ଡାକ୍ତର ସୁବନ୍ଧୁ ରାୟଙ୍କ ଭୃତ୍ୟ ଲଡ଼ାକୁ ଏହି ଡାକ୍ତର ବାବୁଙ୍କ ଅବର୍ତ୍ତମାନରେ ତାଙ୍କ 'ଡ୍ରୟାର'ରେ ରଖି ଦେଇଥିଲା । ଲଡ଼ାକୁର ଏତଦ୍‌ସମ୍ପର୍କିତ ବିବୃତିଟି ସତ୍ୟ ବୋଲି ମନେହୁଏ । ଏଇ ଚେକଟି ବ୍ୟାଙ୍କ ଅଫ୍ କଲିକତାର । ନଂ ସି ୩୧୦୭ ତାରିଖ ୧. ୬. ୧୮୮୦, ଟଙ୍କାର ପରିମାଣ ପ.ଅନ୍ଧକାର, 'ସେଲଫ୍' ବା 'ବିଅରର' ଡ୍ରଇଂ ଚେକ ଏବଂ ଚେକଟିକୁ ଇସୁ କରିଛନ୍ତି ରୂପଗୃହ ସରୋଜିନୀ । ଏ ଚେକଟି ଅତ୍ୟନ୍ତ ମୂଲ୍ୟବାନ ଦୃଷ୍ଟିରୁ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ପରିଦର୍ଶନାର୍ଥେ ଏତଦ୍ 'ଡାଇରୀ' ସହ ତାଙ୍କ ଖାସ୍ ଅଫିସକୁ ପଠେଇଲି ।

ଅଦ୍ୟ ଏହି ସ୍ଥାନରେ ତଦନ୍ତ କାର୍ଯ୍ୟ ଶେଷ କଲି । ଇତି ।

ସ୍ୱାକ୍ଷର —ଶ୍ରୀ ସୁକୁମାର ସେନ୍ ।

Digitized by srujanika@gmail.com

ମେମୋ ନଂ ୪

ତୁମମାନଙ୍କ ତଦନ୍ତାଧୀନ ମାମଲାର 'ଡାଇରୀ' ପାଠକରି ମୁଁ ଚମତ୍କୃତ ହୋଇଛି । ସ୍ୱକାର୍ଯ୍ୟ ହାସଲ କରିବା ଉଦ୍ଦେଶ୍ୟରେ ଗୁଣ୍ଡା ନିୟୋଗ ଅନେକ ସମୟରେ ବିପଦକୁ ଡାକି ଆଣେ । ଯଥାଶୀଘ୍ର ଜଣେ ଅଫିସରଙ୍କୁ ବେନାରସ୍ ଯିବା ଦରକାର । ସେଠାରେ ପଳାତକ ଖୁଣୀମାନେ ଏପର୍ଯ୍ୟନ୍ତ ନ'ଥାଇ ବି ପାରନ୍ତି । ବେନାରସ୍ କ୍ୟାଣ୍ଟନମେଣ୍ଟ ମିଶନାରୀ ଗୀର୍ଜାରେ ଧର୍ମାନ୍ତରିତ, ବିବାହ ବିଚ୍ଛେଦ, ବିବାହ କାର୍ଯ୍ୟ ପ୍ରଭୃତି ସମ୍ପାଦନ ହୋଇଥାଏ । ଏପରି କୌଣସି ଘଟଣା ସେଠାରେ ଘଟିଛି କି ନା ତା' ଜାଣିବା ଦରକାର । ମୋର ଆଦେଶ ତୁମେ ନିଜେ ଆଜି ବେନାରସ ଚାଲିଯାଅ । ସେଠାରେ ନିଜେ ତଦନ୍ତ ନ କଲେ ସୁଫଳ ହୋଇ ପାରେନା । ସ୍ଥାନୀୟ ଥାନା ଏ ମାମଲା ସମ୍ବନ୍ଧରେ ଟିକିନିଖି ଖବର ଜାଣନ୍ତି ନାହିଁ । ତେଣୁ ଚିଠି ଦ୍ୱାରା ଏ କାର୍ଯ୍ୟ କରିବା ଉଚିତ ନୁହେଁ । ଇତି ।

ସ୍ୱାକ୍ଷର —ଜେ. ହାର୍ବାର୍ଟ, ପୋ: ସୁ:

(ମୁନସି ବଦରୁଦ୍ଦିନ କର୍ତ୍ତୃକ ଅନୁଦିତ ଏବଂ ସ୍ଥାନୀୟ ଥାନାକୁ ହୁକୁମ ତାମିଲର୍ଥେ ପ୍ରେରିତ ।)

ମହାମାନ୍ୟ ପୋଲିସ ସୁପାରଙ୍କ ଆଦେଶ ପତ୍ର ଗତକାଲି ଯଥା ସମୟରେ ପାଇଛି । ମାତ୍ର ଅନିବାର୍ଯ୍ୟ କାରଣ ବଶତଃ କାଶୀ ଯାତ୍ରା କରି ପାରିନାହିଁ । କାରଣ ଉକ୍ତ ଗ୍ରହିର ଖେର ଆଡ଼କୁ ଥାନାର ଗ୍ଭୁତ ଉପରିସ୍ଥିତ ସୁଉଚ କାଷ୍ଠ ମଞ୍ଚର ଶୀର୍ଷରେ ଥିବା ଚତୁର୍ଦ୍ଦିଗ ଉନ୍ମୁକ୍ତ ପର୍ଯ୍ୟବେକ୍ଷଣ କକ୍ଷରେ ରକ୍ଷୀ ଅମୂଲ୍ୟ ନାଥ ଅଗ୍ନିନିବାରକ ପ୍ରହରୀରେ

Digitized by srujanika@gmail.com

ନିଯୁକ୍ତ ଥିବା ସମୟରେ ଏଇ ଥାନା ଇଲାକାରେ ଅଗ୍ନି ଉଦ୍ଦୀପକ ଧୂମରାଶି ଦେଖିବାକୁ ପାଏ । ସେ ଦ୍ରୁତ ଚାଲିକରି ଯାଇ ଏ ବାର୍ତ୍ତା ମୋତେ ଜଣାଇଥିଲା । ଥାନାର କର୍ତ୍ତା ମହାଶ୍ୱେତା ବାବୁ ତଦନ୍ତ ଉଦ୍ଦେଶ୍ୟରେ ସେତେବେଳେ ବାହାରେ ଥିବାରୁ ମୁଁ ତତ୍କ୍ଷଣାତ ଥାନାର ଅଗ୍ନିନିରୋଧକ ଗାଡ଼ି ଏବଂ ହାତ ପମ୍ପ ସହ ଲୋକମାନଙ୍କୁ ଘେନି ଘଟଣା ସ୍ଥଳରେ ଉପସ୍ଥିତ ହେଲି । ଘଟଣା ସ୍ଥାନରେ ମୋତେ ବିଶେଷ ପରିଶ୍ରମ କରିବାକୁ ପଡ଼ି ନାହିଁ । କାରଣ ଆମ ପହଞ୍ଚିଲା ବେଳକୁ ସ୍ଥାନୀୟ ପ୍ରତିବେଶୀମାନେ ପୋଖରୀରୁ ପାଣି ଆଣି ଅଗ୍ନି ନିର୍ବାପିତ କରି ସାରିଥିଲେ । ଆମେ ସ୍ଥାନୀୟ ଲୋକଙ୍କୁ ସାହାଯ୍ୟ କରିଛୁ ଏବଂ ଅଗ୍ନିର କାରଣ ସନ୍ଧାନରେ ଯଥାଯଥ ଅନୁସନ୍ଧାନ କରିଛୁ ।

ଆଶ୍ଚର୍ଯ୍ୟର କଥା ଏହି ଯେ, ତା' ସହରତଳୀରେ ଅବସ୍ଥିତ ମାରବାଡ଼ି ବ୍ୟବସାୟୀ ରୂପଚାନ୍ଦ ସରୋଗୀର ସଦ୍ୟକୃତ ଗୋଟିଏ ଗୋଦାମ ଘର । ଏଇ ଖୁଣ୍ଟ ସନ୍ଧାନରେ ଆମେ ଉକ୍ତ ମାରବାଡ଼ିଙ୍କ ସନ୍ଧାନ ପାଇଥିଲୁ । ଏ ସନ୍ଧାନରେ ଅଧିକ ତଦନ୍ତ ମୁଁ କାଶୀରୁ ଫେରି କରିବି ।

ମୁଁ ଆଜି ଅପରାହ୍ଣ ଚାରି ଘଟିକା ସମୟରେ ନୌକା ଯୋଗେ ଗଙ୍ଗାପାରି ହୋଇ ହାଓଡ଼ା ଷ୍ଟେସନରେ ପହଞ୍ଚିଥିଲି । କାରଣ ନୌ-ଚଳାଚଳ ପାଇଁ ବର୍ତ୍ତମାନ ସେତୁଟି ଖୋଲା ହୋଇଥିଲା । ବେନାରସ ମେଲ ଯୋଗେ ମୋଗଲ ସରାଇରେ ପହଞ୍ଚି ସେଠାରୁ ଗୋଟାଏ ଏକ୍କା ଗାଡ଼ିରେ ମୁଁ ଯାଇ ସ୍ଥାନୀୟ କୋତବାଲିରେ ପହଞ୍ଚିଲି । କାଶୀଥାନାର କୋତବାଲ ଏହି ତଦନ୍ତରେ ମୋତେ ଯଥାଯଥ ସାହାଯ୍ୟ ଦାନର ପ୍ରତିଶ୍ରୁତି ଦେଇଥିଲେ ।

ସ୍ନାନାହାର ପରେ ମୁଁ ଆପଣଙ୍କ ଆଦେଶାନୁସାରେ କାଶୀନଗରର ପ୍ରାନ୍ତଦେଶରେ ଥିବା ବାପ୍‌ଟିଷ୍ଟ ଚର୍ଚ୍ଚରେ ଆସି ତଦନ୍ତ କରିଲି ।

Digitized by srujanika@gmail.com

ଏଠାରେ ଦେଶୀୟ ଯୁବକ-ଯୁବତୀମାନଙ୍କୁ ଧର୍ମାନ୍ତରିତ କରାଯାଇ ବିବାହାଦି ଦିଆଯାଏ । କଲିକତାରୁ ପଳାଇଆସି କୌଣସି ଯୁବକ ଯୁବତୀ ଏଠାରେ ଏପରି କାର୍ଯ୍ୟ ସମାଧାନ ଅସମ୍ଭବ ନୁହେଁ । ଏମାନଙ୍କ ଠିକଣା ମଧ୍ୟ ଏଠାରୁ ସଂଗ୍ରହ କରିବା ସମ୍ଭବ । ମୁଁ ସେଠାକାର ପ୍ରଧାନ ପାଦ୍ରୀ ନିକୋଲସନ ସାହେବଙ୍କୁ ପଚାରି ନିମ୍ନଲିଖିତ ବିବୃତି ସଂଗ୍ରହ କରିଛୁ ।

"କାଶୀସହରରେ ଆମର ଏଇ ଗୋଟିଏ ମାତ୍ର ବାପଟିଷ୍ଟ ଚର୍ଚ୍ଚ । ତେଣୁ ସତ୍ୟଧର୍ମ ଗ୍ରହଣ ଏବଂ ବିବାହାଦିର ଏହାହିଁ ଏହି ସହରର ଏକମାତ୍ର ପବିତ୍ର ସ୍ଥାନ । ଧର୍ମ ବିହୀନ ଏବଂ ଭୁଲ ଧର୍ମୀ ବ୍ୟକ୍ତିମାନଙ୍କୁ ଉଦ୍ଧାର କରିବା ନିମନ୍ତେ ଏ ଚର୍ଚ୍ଚଟି ସ୍ଥାପିତ ହୋଇଛି । ଆପଣଙ୍କୁ ଖ୍ରୀଷ୍ଟଧର୍ମ ପ୍ରତି ଆଗ୍ରହୀ ଦେଖି ମୁଁ ପ୍ରୀତ ହେଲି । ସତ୍ୟଧର୍ମ ଅବଲମ୍ବୀ ବ୍ୟକ୍ତିମାନଙ୍କୁ ଆମେ ସ୍ୱୀକାର ଦେଇଥାଉଁ । ଆପଣ ଯେ ଜଣେ ପୋଲିସର ଲୋକ ଏକଥା ଆଗରୁ କହି ନାହାନ୍ତି କାହିଁକି ? ଆପଣ କ'ଣ ଜାଣିବାକୁ ଚାହାନ୍ତି ପଚାରନ୍ତୁ ।

ହଁ, ଆପଣଙ୍କ ଅନୁମାନ ସତ୍ୟ । କଲିକତାରୁ ନିକଟରେ ଆସିଥିବା ଜଣେ ବଙ୍ଗାଳି ଯୁବକ ଓ ଯୁବତୀ ଏଠାରେ ଧର୍ମାନ୍ତରିତ ହୋଇ ବିବାହ ବନ୍ଧନରେ ଆବଦ୍ଧ ହେବା ନିମନ୍ତେ ଆସିଥିଲେ । ଏପରି ଶୁଭ ଇଚ୍ଛା ସେ ପ୍ରକାଶ କରିଥିଲେ ଏବଂ ତତ୍‌ସମ୍ପର୍କୀୟ 'ନୋଟିସ' ଦେଇ 'ଫି' ମଧ୍ୟ ଜମା ଦେଇଥିଲେ । ଗତକାଲି ଏଠାରେ ସେମାନଙ୍କର ଶୁଭ ଧର୍ମରେ ଦୀକ୍ଷିତ ଏବଂ ଶୁଭ କର୍ମ ସମ୍ପାଦିତ ହେବାର ଥିଲା । କିନ୍ତୁ ପରିତାପର ବିଷୟ ଯେ, ଆଜିଯାଏ ବି ସେମାନେ ଏଠାକୁ ଆସି ନାହାନ୍ତି । ସମ୍ଭବତଃ ଏ ସନ୍ଧାନରେ ସେମାନେ ମତ ପରିବର୍ତ୍ତନ କରି ଅନ୍ୟତ୍ର ଚାଲି ଯାଇଛନ୍ତି ।"

ଏହି 'ବାପ୍‌ଟିଷ୍ଟ' ଗୀର୍ଜାର ବଡ଼ ପାଦ୍ରୀଙ୍କୁ କିଛି ପ୍ରଶ୍ନ କରିବାଟାକୁ ସେ ପସନ୍ଦ କଲେନ୍ତି ନାହିଁ । କିମ୍ବା ନିଜେ ବି କିଛି

Digitized by srujanika@gmail.com

କହିବାକୁ ଚାହାଁନ୍ତି ନାହିଁ । ତଥାପି ମୁଁ ତାଙ୍କୁ କେତୋଟି ପ୍ରଶ୍ନ କରିଥିଲି—

: ତା'ହେଲେ ବିବାହେଚ୍ଛୁ ମହିଳାଟି ଏଠାକୁ ଆସି ନାହାନ୍ତି ? ତାଙ୍କୁ ବିବାହ କରିବାକୁ ଇଚ୍ଛୁକ ଥିବା ପୁରୁଷଟି ମାତ୍ର ଏଠାକୁ ଆସିଥିଲେ ? ସେମାନଙ୍କର କାଶୀ ସହରର ଅସ୍ଥାୟୀ ଠିକଣାଟା ଜାଣନ୍ତି ?

: ଏଗୁଡ଼ାକ ସେମାନଙ୍କର ବ୍ୟକ୍ତିଗତ ଗୋପନ ବିଷୟ । ଅନ୍ଧକାର ମଧ୍ୟରୁ ଆଲୋକକୁ ଆସିବାକୁ ହେଲେ ବହୁ ବାଧାର ସମ୍ମୁଖୀନ ହେବାକୁ ପଡ଼େ । ତେଣୁ କାହାରି ନାଁ ଏବଂ ଠିକଣା ଆମେ କାହାରିକୁ ଜଣାଉ ନା । ଅଦାଲତରେ ଲିଖିତ ଆଦେଶ ଛଡ଼ା ଆମେ ଆପଣଙ୍କୁ ଜଣାଇବାକୁ ବାଧ୍ୟ ନୋହୁ ।

ପୋଲିସ ନିକଟରେ ମିଥ୍ୟା କହିବା ଆଇନତଃ ଅପରାଧ ନୁହେଁ । ମାତ୍ର ପୋଲିସ ପ୍ରଶ୍ନର (ସତ୍ୟ ବା ମିଥ୍ୟା) ଉତ୍ତର ଦେବାକୁ ଆଇନତଃ ବାଧ୍ୟ । ଏ ପ୍ରକାର ଆଇନଗତ ବିଷୟରେ ତାଙ୍କ ସହିତ କଥାବାର୍ତ୍ତା କରିବାକୁ ମୁଁ ସାହାସୀ ହୋଇ ନାହିଁ । ଏଠାକାର ପୋଲିସ ସାହେବ ଏବଂ ମାଜିଷ୍ଟ୍ରେଟ ସାହେବ ଏହି ଗୁରୁଙ୍କର ଶିଷ୍ୟ ହୋଇ ପାରନ୍ତି । ସୁତରାଂ ବୃଥା ସମୟ ଏଠାରେ ନଷ୍ଟ ନକରି ମୁଁ ରୂପଚାନ୍ଦ ମରୋୱାଡ଼ିଙ୍କ ଗଦିକୁ ତଦନ୍ତ ଉଦ୍ଦେଶ୍ୟରେ ଆସି ପହଞ୍ଚିଲି ।

ଏଠାକାର କାରବାରଟି ଗୋଟିଏ ବୃହତ କାରବାର । ଗୋଟିଏ ବୃହତ ଲୌହ ଗୋଦାମକୁ କେନ୍ଦ୍ର କରି କେତୋଟି ଘର । ଏହା ମଧ୍ୟରୁ ଗୋଟିଏ 'ଗେଷ୍ଟହାଉସ' । 'ଗେଷ୍ଟହାଉସ'ଟି ଚତୁର୍ଦ୍ଦିଗରୁ ଲୌହ ରେଲିଂ ଦ୍ୱାରା ପରିବୃତ ।

କଲିକତା କାରବାରରେ ବିଭିନ୍ନ ବିଭାଗରେ ରୂପଚାନ୍ଦ ସରୋଗୀ ମାରୱାଡ଼ି ମ୍ୟାନେଜର ରଖିଥିଲେ ମଧ୍ୟ ଏଠାକାର ବ୍ୟବସାୟର ମ୍ୟାନେଜର ଜଣେ ଅଭିଜ୍ଞ ବଙ୍ଗାଳୀ । ଏହାଙ୍କ ନାମ ବାବୁ ଜତେନ

Digitized by srujanika@gmail.com

ବସୁ । ଏହି ବୃଦ୍ଧ ଭଦ୍ରଲୋକ ଏହି ବ୍ୟବସାୟର ପୂର୍ବକାର ମାଲିକ ପାଖରେ ମଧ୍ୟ ମ୍ୟାନେଜର ଥିଲେ । ଏହି ବ୍ୟବସାୟଟିକୁ ରୂପଚାନ୍ଦ ସରେଗୀ କିଣିନେବା ପରେ ଜିତେନ ବାବୁଙ୍କୁ ମଧ୍ୟ ସେ ମ୍ୟାନେଜର ରୂପେ ବହାଲ କରିଛନ୍ତି । ଏଠାରେ ପହଞ୍ଚି ମୁଁ ପ୍ରଥମେ ଉକ୍ତ ମ୍ୟାନେଜରଙ୍କର ଗୋଟିଏ ବିବୃତି ଗ୍ରହଣ କରିଥିଲି । ତା'ର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା—

: ମୋ' ନାଁ ଶ୍ରୀ ଜିତେନ ବସୁ । ପିତା ସ୍ୱର୍ଗତ ରମଣୀକାନ୍ତ ବସୁ । ଅମେ ଗତ ଦୁଇ ପୁରୁଷ ଧରି କାଶୀରେ ବସବାସ କରୁଛୁ । ପୂର୍ବେ ଖୁଲଣା ସହରରେ ଆମର ବସତି ଥିଲା । ମୁଁ କଲିକତାର ମାରବାଡ଼ି ବ୍ୟବସାୟୀ ରୂପଚାନ୍ଦ ସରେଗୀଙ୍କ କାଶୀସ୍ଥିତ ବ୍ୟବସାୟର ମ୍ୟାନେଜର ।

ଆଜ୍ଞା, ମୋ ମୁନିବଙ୍କ ପୁଅ ମହାବୀର ବାବୁ ତାଙ୍କର ଜଣେ ବଙ୍ଗାଳି ବନ୍ଧୁ ଓ ତାଙ୍କ ସ୍ତ୍ରୀ କେଇଦିନ ପୂର୍ବେ ହଠାତ୍ ଏଠାକୁ ଆସନ୍ତି । ସେମାନେ 'ଗେଷ୍ଟହାଉସ'ର ପୃଥକ ପୃଥକ କକ୍ଷରେ ବାସ କରନ୍ତି । ସ୍ୱାମୀ ଓ ସ୍ତ୍ରୀଙ୍କୁ ଏପରି ପୃଥକ ଭାବରେ ବାସ କରିବାର ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ମୁଁ ମୁନିବଙ୍କ ପୁଅ ବା ତାଙ୍କ ବନ୍ଧୁଙ୍କୁ ଏ ବିଷୟରେ କିଛି ପଚାରିବାକୁ ସାହସ କରି ନଥିଲି । ଗତ ସପ୍ତାହରେ ଦିନେ ସକାଳ ଛ'ଟା ବେଳେ ମୁଁ 'ଗେଷ୍ଟହାଉସ'ରେ ଖୁବ୍ ଗଣ୍ଡଗୋଳ ଏବଂ ବାଦାନୁବାଦ ଶୁଣିବାକୁ ପାଇଲି । ତା'ର ଟିକକ ପରେ ସେ ଭଦ୍ରମହିଳା ଜଣକ ଦୌଡ଼ି ଦୌଡ଼ି ବାହାରକୁ ଆସନ୍ତି । ସେତେବେଳେ ଦୈନନ୍ଦିନ ଅଭ୍ୟାସ ଅନୁଯାୟୀ ମୁଁ ପ୍ରାତଃ ଭ୍ରମଣ କରୁଥିଲି । ଭଦ୍ରମହିଳାଙ୍କ ପଛେ ପଛେ ମୋ' ମୁନିବଙ୍କ ପୁଅ ଏବଂ ତାଙ୍କ ବନ୍ଧୁ ଜଣକ ଦୌଡ଼ି ଦୌଡ଼ି ଆସନ୍ତି । ଭଦ୍ରମହିଳା ଫେରି ଠିଆ ହୋଇ ପଡ଼ିଲେ । ତାଙ୍କର ଗୋଡ଼ର ଯୋତା ଖୋଲି ସେମାନଙ୍କୁ ଦେଖାଇ କହିବାକୁ ଲାଗିଲେ—

Digitized by srujanika@gmail.com

'ଆଉ ଟିକିଏ ଆଗେଇଲେ ତୁମକୁ ଯୋଡାରେ ପିଟିବି ।" ତାଙ୍କର ଏପରି କଥାରେ ଲଜ୍ଜିତ ହୋଇ ମୋ' ମୂନିବଙ୍କ ପୁଅ ମୋତେ କହିଲେ –"ବାବୁ ତାଙ୍କୁ ଟିକିଏ ଅଟକାଅ ।" ଏପଟରେ ମହିଳାଟି କୌଣସି ଆଡ଼କୁ ଦୃଷ୍ଟି ନ ଦେଇ ଅଭିଶାପ ଦେଇ କହିଲେ— "ବ୍ରାହ୍ମଣ କନ୍ୟା କେବେ ଖ୍ରୀଷ୍ଟାନ ହୋଇପାରେ ନା । ସତୀ କେବେ ହେଲେ ପର ପୁରୁଷକୁ ସ୍ପର୍ଶ କରେ ନା । ଏପରି ତୁମର ଆସ୍ପର୍ଦ୍ଧା ଯେ, ବିବାହ ନ କରି ତୁମେ ମୋତେ କାମନା କରୁଛ ?" ଏତିକି କହି ମୋତେ କିଛି ଭାବିବାକୁ ସମୟ ନ ଦେଇ ସେ ଗେଟ୍ ଖୋଲି ବାହାରକୁ ଚାଲିଗଲେ । ସେତେବେଳେ ମୋ' ମୂନିବଙ୍କ ପୁଅ ଏବଂ ତାଙ୍କ ବନ୍ଧୁ ଦୌଡ଼ି ଯାଇ ରାସ୍ତାରେ ତାଙ୍କୁ ଘେରି ଗଲେ । ମୁଁ ବି କିଛି ନ ବୁଝି ନ ଶୁଝି ସେମାନଙ୍କ ପଛେ ପଛେ ରାସ୍ତାକୁ ଚାଲି ଆସିଲି । ମୋ' ମୂନିବ ପୁଅଙ୍କ ଡାକରେ ଆମର ଦୁଇଜଣ ଦରୱାନ ମଧ୍ୟ ସେଠାରେ ଆସି ପହଞ୍ଚିଗଲେ । ଠିକ୍ ସେତିକିବେଳେ ସେଠାରେ ଅନ୍ୟ ଏକ କାଣ୍ଡ ଘଟିଗଲା । ଜଣେ ପ୍ରୌଢ଼ ବଙ୍ଗାଳୀ ଗୋଟାଏ ଟଙ୍ଗାଗାଡ଼ିରେ ଘର ନମ୍ବର ଦେଖୁ ଦେଖୁ ସେଠାରେ ଆସି ପହଞ୍ଚିଥିଲେ । ସେ ଏମାନଙ୍କୁ ଦେଖି ଖଣ୍ଡେ ମୋଟିଆ ବାଡ଼ି ହାତରେ ଧରି ରାସ୍ତା ଉପରକୁ ଡେଇଁ ପଡ଼ିଲେ । ଆମ ସମସ୍ତଙ୍କୁ ସେହି ବାଡ଼ି ଖଣ୍ଡକରେ ନିର୍ମମ ଭାବରେ ପିଟିବାକୁ ଲାଗିଲେ ଏବଂ ସେ ମହିଳାଙ୍କୁ ଉଦ୍ଦେଶ୍ୟ କରି କହିବାକୁ ଲାଗିଲେ— "ମା', ମୁଁ ଠିକ୍ ସମୟରେ ଆସିଯାଇଛି । ତୁମେ ଏଇ ଗାଡ଼ିଟାରେ ଚଟିପଟ୍ ଯାଇ ବସି ପଡ଼ । ଡେରି କରନା !" ଆମେ ଏତେଗୁଡାଏ ପୁରୁଷ ମଣିଷ ତାଙ୍କ ବାଡ଼ି ଅଘାତରେ ଅତିଷ୍ଠ ହୋଇ, ଘର ଭିତରକୁ ପଳେଇ ଆସି ଗେଟ୍ ବନ୍ଦକରି ଦେଇଥିଲୁ । ଏପଟରେ ରାସ୍ତାରେ ବହୁ ପଥଚାରୀ ଭିଡ଼ ଜମେଇ ଦେଲେଣି । ମୁଁ ଶୀଘ୍ର ଏ ସମ୍ବାଦଟି ପୋଲିସକୁ ଜଣାଇବାକୁ ଚାହିଁଲେ, ମୋ' ମୂନିବଙ୍କ ପୁଅ ମୋତେ

Digitized by srujanika@gmail.com

ପୋଲିସରେ ଜଣାଇବାକୁ ମନାକଲେ । ଏହି ଅବସରରେ ସେ ଭଦ୍ରଲୋକଟି ମହିଳାଙ୍କୁ ସାଙ୍ଗରେ ଧରି ମନ୍ଦିର ଆଡ଼କୁ ଚାଲିଗଲେ । ଏହାର କେଇଘଣ୍ଟା ପରେ ସେ ଦୁଇ ବନ୍ଧୁ ମୋତେ କୌଣସି କଥା ନଜଣାଇ ଗୋଟାଏ ଟଙ୍ଗା ଡାକି ଷ୍ଟେସନକୁ ଚାଲିଗଲେ । ମୁଁ ସେମାନଙ୍କ ଆଚରଣରେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ଯାଇ ଥିଲି । ସେମାନଙ୍କ ଏତାଦୃଶ ବ୍ୟବହାରରେ ସେଦିନ ଆମେ କାଶୀ ସହରରେ ଖୁବ୍ ବଦନାମ ହୋଇ ପଡ଼ିଥିଲୁ ।

ଏଇ ଭଦ୍ରଲୋକ ଜଣେ ସତ୍ୟବାଦୀ, ଧାର୍ମିକ ଓ ନିରହଙ୍କାରୀ ମନେ ହୁଏ । ମୋତେ ବ୍ରାହ୍ମଣ ସନ୍ତାନ ଜାଣି ସେ ସମସ୍ତଙ୍କ ସାମନାରେ ମୋର ପାଦଧୂଳି ଗ୍ରହଣ କରିଥିଲେ । ମୁଁ ଏଥିରେ ପ୍ରତିବାଦ କରି ପଛେଇ ଆସିଥିଲେ ମଧ୍ୟ ସେ କହି ଉଠିଲେ, "ଆଜ୍ଞା, ଜାତି ସାପର ପୁଣି ଛୋଟବଡ଼ କଣ ?" ମୁଁ ଏହି ସୁଯୋଗରେ ତାଙ୍କୁ କେତୋଟି ପ୍ରଶ୍ନ କରିଥିଲି । ପ୍ରଶ୍ନୋତ୍ତରର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା ।

: ଆଜ୍ଞା, ଆପଣଙ୍କ ମୁନିବ ପୁଅ ଏହି ମହାବୀର ଓରଫ ମହାବୁବ ବାବୁଙ୍କୁ ଆପଣ ଏହା ପୂର୍ବରୁ କେବେ ଦେଖିଥିଲେ ? ନା, ଏଇ ପ୍ରଥମ ତାଙ୍କ ସାଙ୍ଗରେ ଦେଖାସାକ୍ଷାତ ହେଲା ? ମହାବୀର ବାବୁଙ୍କ ବନ୍ଧୁ ଏବଂ ସେହି ଭଦ୍ରମହିଳାଙ୍କୁ ତ ଆପଣ ବଙ୍ଗାଳୀ ବୋଲି କହୁଛନ୍ତି । ମହାବୀର ବାବୁ ମାରୱାଡ଼ି ହେଲେ ମଧ୍ୟ ନିଶ୍ଚୟ ବଙ୍ଗଳା ଜାଣିଥିବେ । ବର୍ତ୍ତମା ଥରେ ମନେକରି କୁହନ୍ତୁ ତ—ତାଙ୍କ କଥା ମଧ୍ୟରେ ମାରୱାଡ଼ି ଭାଷାର ଟାଣ ଥିଲା କି ନା ?

: ଆଜ୍ଞା, ଆପଣ ଠିକ୍ ଅନୁମାନ କରିଛନ୍ତି । ମହାବୀର ବାବୁଙ୍କ ସହିତ ମୋର ଏଇ ପ୍ରଥମ ସାକ୍ଷାତ । ଏହା ପୂର୍ବରୁ ମୁଁ ତାଙ୍କୁ କେବେ ଦେଖି ନ ଥିଲି । ଏପରିକି ତାଙ୍କର କୌଣସି ଫଟୋ ଚିତ୍ର ବି ମୁଁ ଦେଖି ନଥିଲି । ତାଙ୍କ ବଙ୍ଗଳା କଥା ମଧ୍ୟରେ ଟିକିଏ ହେଲେ

Digitized by srujanika@gmail.com

ବି ମାରବାଡ଼ି ଟାଣ ନ ଥିଲା । ଏ ସନ୍ଧାନ୍ତରେ ମୁଁ ମୁଗ୍ଧ ହୋଇ ତାଙ୍କୁ ପ୍ରଶ୍ନ ବି କରିଛି । ସେ କହିଲେ ଯେ, ବାଲ୍ୟକାଳରୁ ବଙ୍ଗଦେଶରେ ମଣିଷ ହୋଇଛନ୍ତି ଏବଂ ବଙ୍ଗାଳୀ ବନ୍ଧୁମାନଙ୍କ ସହିତ ମିଶି ସେ ମାରବାଡ଼ି ଭାଷା ଅପେକ୍ଷା ଭଲ ବଙ୍ଗଳା କହିପାରନ୍ତି । ତେଣୁ ତାଙ୍କର ଦେଶ ବଙ୍ଗ ଏବଂ ଭାଷା ବଙ୍ଗଳା । ଏଟା ଖୁବ୍ ଖାଣ୍ଟି କଥା । କାରଣ ଏକଦା ଆମେ କାନ୍ୟକୁବ୍ଜରୁ ଆସିଥିଲୁ । ଆମେ ବର୍ତ୍ତମାନ ବଙ୍ଗାଳୀ, ମାତ୍ର କାନ୍ୟକୁବ୍ଜୀ ନୋହୁ ।

: ଏମାନଙ୍କ ପରିଧାନରେ କି ପ୍ରକାର ପୋଷାକ ଥିଲା ? ମହାବୀର ବାବୁ ତାଙ୍କ ପିତାଙ୍କ ନିକଟକୁ ଟଙ୍କା ପାଇଁ ଜରୁରୀ ଟେଲିଗ୍ରାମ ବା କାହିଁକି ପଠାଇଲେ ? ସେ ଟଙ୍କା କ'ଣ ସେ ପଠାଇ ଥିଲେ ? ସେ ଟଙ୍କା କ'ଣ ପାଇଁ ସେ ମଗାଇଥିଲେ ଏବଂ ତହିଁରେ ସେ କି କାମ ଏଠାରେ କରିଛନ୍ତି ? ଏ ସବୁ ବିଷୟ ଟିକିଏ ମନରେ ଧରି ମୋତେ କହିବେ ।

ଏମାନେ ଦୁଇଜଣ ୟୁରୋପୀୟ ପୋଷାକ ପିନ୍ଧି ଏଠାକୁ ଆସିଥିଲେ । ବୋଧହୁଏ ତିଆରି ନକରି ସେମାନେ ଉକ୍ତ ପୋଷାକ ଗୁଡ଼ିକ ବଜାରରୁ 'ରେଡ଼ିମେଡ୍' କିଣି ଥିବେ । କାରଣ ଏଗୁଡ଼ିକ ତାଙ୍କ ଦେହକୁ 'ଫିଟ୍' କରୁ ନଥିଲା । ଏଠାରେ ସେମାନେ ପୋଷାକ ବଦଳରେ ସିଲ୍କ ଲୁଙ୍ଗି ଓ ଧୋତି ବ୍ୟବହାର କରୁଥିଲେ । ସେମାନଙ୍କ ସହିତ ଆସିଥିବା ମହିଳାଟି କେବଳ ଧଳା ଏବଂ ସାଧାରଣ ଶାଢ଼ୀ ପିନ୍ଧୁଥିଲେ । ହଁ ଆଉ ଗୋଟାଏ କଥା ଆପଣଙ୍କୁ ଜଣାଇବା ଉଚିତ । ସେମାନେ ତରବରରେ ସେ ସାହେବି ପୋଷାକ ଦୁଇଟା ଏଠାରେ ଫିଙ୍ଗି ଦେଇ ଯାଇଛନ୍ତି । ସେମାନେ ଧୋତି ଓ ପଞ୍ଜାବୀ ପିନ୍ଧି ଷ୍ଟେସନକୁ ଯାଇଛନ୍ତି ।

ଆଚ୍ଛା, ମହାବୀର ବାବୁ କେବେ ଟେଲିଗ୍ରାମ ଯୋଗେ ତାଙ୍କ ବାପାଙ୍କୁ ଟଙ୍କା ପଠାଇବା ପାଇଁ ଜଣାଇଥିଲେ, ସେକଥା ମୁଁ

Digitized by srujanika@gmail.com

ଜାଣେନା । ଅବଶ୍ୟ କୋଡ଼ିଏ ହଜାର ଟଙ୍କା ଟେଲିଗ୍ରାମ ମନିଅର୍ଡ଼ର ଯୋଗେ ଆସିଥିଲା । ସେତେବେଳେ ମୁଁ ପିଅନ ନିକଟରେ ତାଙ୍କୁ ମହାବୀର ବାବୁ ବୋଲି ସନାକ୍ତ କରିଥିଲି । ସେ ଟଙ୍କାରେ ସେମାନେ କ'ଣ କରିଛନ୍ତି ମୁଁ ଜାଣେନା ।

: ଆଚ୍ଛା ଯେଉଁ, ପ୍ରୌଢ଼ ବ୍ୟକ୍ତି ସେଦିନ ଏମାନଙ୍କ ସହିତ ଆସିଥିବା ମହିଳାଟିଙ୍କୁ ନେଇଗଲେ । ତାଙ୍କ ସହିତ ମହିଳାଟିର କପରି ସମ୍ପର୍କ ଥିଲା ବୋଲି ଆପଣଙ୍କର ମନେ ହୁଏ ? ମହାବୀର ବାବୁଙ୍କ ବନ୍ଧୁଙ୍କର ସେହି ସ୍ତ୍ରୀ କ'ଣ ତାଙ୍କ ସ୍ୱାମୀଙ୍କୁ ତ୍ୟାଗକରି ସେ ଭଦ୍ରଲୋକଙ୍କ ସହିତ ଚାଲିଗଲେ ? ତା ଯଦି ହୁଏ, ତା'ହେଲେ ଏତେ ସହଜରେ ସ୍ୱାମୀ ସ୍ତ୍ରୀ ଉପରୁ ତାଙ୍କ ଦାବୀ ତ୍ୟାଗକଲେ କପରି ? ନା, ଏଥିରେ ତାଙ୍କ ସ୍ୱାମୀ କହିଲେ—ଯାଉ । ଗୋଟାଏ ବିପଦଟା ଗଲା ! ଏତେ ସହଜରେ ସ୍ତ୍ରୀ ଲୋକଟିକୁ ନିଜ କାନ୍ଧରୁ ଖସେଇ ସେ ନିଶ୍ଚିନ୍ତ ହୋଇଥିଲେ ?

: ସେ ମହିଳା ଏବଂ ତାଙ୍କ ଶୁଭାକାଂକ୍ଷୀଙ୍କ ମଧ୍ୟରେ କ'ଣ ସମ୍ପର୍କ ସେକଥା କହିବା ମୋ ପକ୍ଷରେ ଅସମ୍ଭବ । ସେ ଏମାନଙ୍କ ପରି ଜଣେ ନାରୀ ଅପହରକ କି ନା ଭାବି ଜାଣେନା । (ଅନେକ କ୍ଷେତ୍ରରେ ବେଶ ଉପରେ ହେମାଜୋଢ଼ି ବା ହୋଇଥାଏ ।) କିନ୍ତୁ ମହିଳାଟିକୁ ଆମେ ପ୍ରଥମେ ମହାବୀର ବାବୁଙ୍କ ବନ୍ଧୁଙ୍କ ସ୍ତ୍ରୀ ବୋଲି ଭାବିଥିଲୁ । କାରଣ ତାଙ୍କ ମୁଣ୍ଡରେ ସିନ୍ଦୂର ଥିଲା । ଏ ଦେଶରେ ବିବାହିତା ସ୍ତ୍ରୀ ମାନେ ପର ପୁରୁଷ ସାଙ୍ଗରେ ବାହାରନ୍ତି ନାହିଁ । ତା'ଛଡ଼ା ତାଙ୍କୁ ମହିଳାଙ୍କର ପିତା ବା ଭ୍ରାତା ବୋଲି ମଧ୍ୟ ମନେ ହୋଇ ନାହିଁ । କୌଣସି ପର ନାରୀକୁ ସାଙ୍ଗରେ ଧରି ଏମାନଙ୍କର ଏଠାକୁ ଆସିବାର ସମ୍ଭାବନା ମଧ୍ୟ କମ । ତେଣୁ ଅମେ ସେମାନଙ୍କୁ ବିବାହିତ ସ୍ୱାମୀ ଓ ସ୍ତ୍ରୀ ବୋଲି ବିଶ୍ୱାସ କରିଥିଲୁ । ପ୍ରଥମେ ସେମାନଙ୍କ ମଧ୍ୟରେ ଖୁବ୍ ସହୃଦୟତା ଥିଲା ବୋଲି ମନେ ହେଉଥିଲା ।

Digitized by srujanika@gmail.com

ମାଢ ପରେ ସ୍ତ୍ରୀ ଲୋକଟି କ୍ରମଶଃ ଗମ୍ଭୀର ଓ ବିମର୍ଷ ଦେଖା ଯାଉଥିଲେ । ଏମାନଙ୍କର ପୃଥକ କୋଠରୀରେ ବସବାସ ଅବଶ୍ୟ ଆମ ମନରେ ସନ୍ଦେହର ଉଦ୍ରେକ କରିଥିଲା । ମହିଳାଟିକୁ ଦେଖିଲେ ସତୀ ଓ ସାଧ୍ୱୀ ବୋଲି ମନେ ହୁଏ ।

: ଆଚ୍ଛା ଏହାପରେ ସେହି ଶୁଭାକାଂକ୍ଷୀ ଏବଂ ମହିଳାଟିକୁ କାଶୀ ସହରରେ ଆଉ କେଉଁଠି ଦେଖିଥିଲେ କି ?

: ଆଜ୍ଞା ହଁ, ଦିନେ ସେ ମହିଳାଙ୍କୁ କାଶୀ ବିଶ୍ୱନାଥଙ୍କ ମୁଣ୍ଡରେ ପାଣି ଢାଳୁଥିବାର ଦେଖିଥିଲି । ସେଦିନ ସେ ଭଦ୍ରଲୋକ ସେଇ ମୋଟା ବାଡ଼ି ଖଣ୍ଡିକ ଧରି ତାଙ୍କ ପାଖରେ 'ବଡ଼ି ଗାର୍ଡ' ରୂପେ ଠିଆ ହୋଇଥିଲେ । ତା' ପରଦିନ କାଶୀ ବିଶ୍ୱନାଥ ଧର୍ମଶାଳା ଫାଟକ ପାଖରେ ମୁଁ ତାଙ୍କୁ ଦେଖେ । ମୁଁ ସେତେବେଳେ ଗଙ୍ଗାସ୍ନାନ ସାରି ସେଇବାଟେ ଫେରୁଥିଲି । ସେଠାରେ ମଧ୍ୟ ସେଇ ଭଦ୍ରଲୋକଙ୍କୁ ମୋଟା ବାଡ଼ି ଖଣ୍ଡିକ ହାତରେ ଧରି ତାଙ୍କ ପାଖରେ ଠିଆ ହୋଇ ଥିବାର ଦେଖିଲି । ମୁଁ ଭୟରେ ଗାମୁଛା ମୁହଁରେ ପକାଇ ବାଟ କାଟି ଚାଲି ଆସିଲି । ହୁଏତ ସେମାନଂକର ସବୁ ରାଗ ମୋ' ଉପରେ ପଡ଼ିପାରେ । ନା, ମହାଶୟ ! ଏ ମାରବାଡ଼ି ଚାକିରୀ ଆଉ ମୋ'ର ପୋଷାଇବ ନାହିଁ ।

ତାପରେ ମୁଁ ପଳାତକ ବ୍ୟକ୍ତିମାନଙ୍କର ଏଠାରେ ରହିବାକାଳୀନ ଆଚରଣ ବ୍ୟବହାର ସମ୍ବନ୍ଧରେ ଜାଣିବା ପାଇଁ ସେଠାକାର ପ୍ରତ୍ୟେକ ଭୃତ୍ୟ, ପାଚକ, ବେହେରା ଏବଂ ଦରୱାନ ପ୍ରଭୃତିଙ୍କୁ ଟେରିଆ ପଚାରି କରିଥିଲି । ଏମାନଂକ ନିକଟରୁ ଜଣାଯାଏ ଯେ, ବନ୍ଧୁ ଦୁଇଜଣ 'ଡିନର ରୁମ୍'ରେ ଆସି ଖିଆପିଆ କରୁଥିଲେ ମଧ୍ୟ ମହିଳାଟି କେବେ 'ଡିନର ରୁମ୍'କୁ ଆସୁ ନଥିଲେ । ତାଂକ ଖାଦ୍ୟ ପେୟ ତାଂକ ଘରକୁ ପଠାଇ ଦିଆ ଯାଉଥିଲା । ୟୁରୋପୀୟ ବ୍ୟବସାୟୀମାନେ, ଆସିଲେ ଏହି 'ଡିନର ରୁମ୍'ରେ ଖିଆପିଆ କରୁଥିଲେ । ଏଠାରେ

Digitized by srujanika@gmail.com

ଏମାନଂକର କିଛୁ କିଛୁ କଥାବାର୍ତ୍ତା ଭୃତ୍ୟମାନେ ଶୁଣିଥିଲେ । ମହିଳାଂକ ସନ୍ତାନ୍ତରେ ସନ୍ଦେହ ହେବାରୁ ସେମାନେ ଏମାନଂକ କଥାପ୍ରତି ଆଗ୍ରହ ପ୍ରକାଶ କରିଥିଲେ । ସେମାନଂକ କଥୋପକଥନର କେତେକ ଟୁକୁରା କଥା ମୁଁ ଏମାନଂକ ଠାରୁ ସଂଗ୍ରହ କରିଥିଲି । ସବୁ କଥା ଏମାନେ ମୋତେ ସଜେଇ କହି ପାରି ନାହାନ୍ତି । କିମ୍ବା ସେମାନେ ତା' ମନେ ବି ରଖି ନାହାନ୍ତି । ଯା'ହେଉ ସେହି ଟୁକୁରା ଟୁକୁରା କଥା ଗୁଡ଼ାକ ନିମ୍ନରେ ଉଦ୍ଧୃତ କରାଗଲା ।

(୧) ଦୂର୍, ବିବାହଠାରୁ ଆହୁରି ବଡ଼ କାମ ମୁଁ କରିବି । ନା ନା । (୨) ଆମ ଦୁଇଜଣଙ୍କୁ ସେ ରାଜି ହେବ ନାହିଁ । (୩) ଶିକ୍ଷିତା ସ୍ତ୍ରୀମାନଂକ ଧ୍ୟାନ ଧାରଣା ଓ ସଂସ୍କୃତି ପୃଥକ ହୁଏ । (୪) ବର୍ତ୍ତମାନ ଜୋର କଲେ ଫଳ ଭଲ ହେବ ନାହିଁ । (୫) ଖ୍ରୁନା ଆଉ କେଇ ଦିନ । ବର୍ତ୍ତମାନ ବାହାରି ଆସି ଆଉ କୋଉ ମୁହଁରେ ଫେରିଯିବ ? ଦୂର୍, ଆଉ କେଇଦିନ ଅଭିନୟ ତ ଚଳାଏ । (୬) ସହକ ମେଣ୍ଟିଗଲେ ଆଗ ଦୁଇଟାଙ୍କ ପରି ଏଠାକୁ ମରି ମାଟିରେ ଯୋଡି ପକାଇବ । (୭) ଆରେ, ବିବାହ କରି ଅନେ ଚାରିଦିନ କାନ୍ଦରେ ସ୍ତ୍ରୀ ନଦବୁ ? ତା'ହେଲେତ ଜୀବନଟା ମାଟି । (୮) ଆଉ କେତେଦିନ ଅପେକ୍ଷା କରାଯିବ ବରଂ ବଳ ପ୍ରୟୋଗ କରାଯାଉ । (୯) ଦେହ ପର ପୁରୁଷ ଜନିତ ଅପବାଦ ହେଲେ ତା' ଆଉ ସ୍ୱାମୀଙ୍କୁ ଦିଆ ଯାଏନା । ସେତେବେଳେ ଦେବଭୋଗ୍ୟ ଯା'କିଛୁ ମନୁଷ୍ୟକୁ ଦେବାକୁ ପଡ଼ିବ । (୧୦) ହୁଁ ହୁଁ ! ବାବା ପୋଲିସ ଝଂଝଟ । ଏ ପଟରେ ମ୍ୟାନେଜର ବୋକା ହେଲେ ବି ନୀତିବାଗୀଶ । ଆମକୁ ସମର୍ଥନ କରିବ ବୋଲି ମନେ ହୁଏନା । ତା'ହେଲେ ତ ସବୁ ଶେଷ ।

ତା'ପରେ ମୁଁ ସେମାନଙ୍କର ବାସକକ୍ଷ ଦିନୋଟି ପୁଙ୍ଖାନୁପୁଙ୍ଖ ରୂପେ ଖାନତଲ୍ଲାସ କରିଥିଲି । ସେମାନଙ୍କ ପରିତ୍ୟକ୍ତ ସୁଟ୍‌କେସରୁ

Digitized by srujanika@gmail.com

ସୁଟ ଦୁଇଟି ଆଲମତ ରୂପେ ନିଜ ହେପାଜତରେ ଗ୍ରହଣ କଲି । ମହଲାଟି ବାସ କରୁଥିବା କକ୍ଷରୁ ଆମେ କେଇଟି ଟୁକୁରା ଚିଠି ସଂଗ୍ରହ କରିଥିଲୁ । ଏହାର ଟୁକୁରା ଗୁଡ଼ିକ ଏକତ୍ରିତ କରି ତା'ର କଥିତ ପାଠ ଉଦ୍ଧାର କରିବାରେ ସମର୍ଥ ହୋଇଛୁ । ମାତ୍ର ଚିଠିର ସବୁ ଟୁକୁରାଗୁଡ଼ିକ ନମିଳିବାରୁ ପୁରା ଚିଠିଟିକୁ ଉଦ୍ଧାର କରିହୋଇ ପାରିନାହିଁ । ଅବସ୍ଥା ଦୃଷ୍ଟିରୁ ମନେହୁଏ କଲିକତାରେ କାହାକୁ ପଠାଇବା ନିମନ୍ତେ ଏ ଚିଠିଟି ଲେଖା ହୋଇଥିଲା । ପରେ ଲେଖକ ବା ଲେଖିକା ତାଙ୍କର ମତ ବଦଳାଇ ତା' ସେଠାରେ ଛିଡ଼ାଇ ପକାଇଛନ୍ତି । ଏଇ ଚିଠିରେ ପାଠକରିବା ଭଳି ଅଂଶଗୁଡ଼ିକ ନିମ୍ନରେ ଦିଆଗଲା—

"କାଶୀ । କଲିକତା × × ଷ୍ଟ୍ରିଟ । ମହାପାପିନୀ । ଅନୁତାପରେ ଦଗ୍ଧ × × ଏ କ'ଣ କଲି । × କ୍ଷମା ନାହିଁ । × × ତାଙ୍କୁ ସୁଖୀ କରିବୁ । ତୁ ନିଜେ ସୁଖୀ ହେବୁ । × × ମୃତ୍ୟୁ ହିଁ ମୋର କାମ୍ୟ । × × ତାଙ୍କୁ ଭୁଲାଇ ରଖିବୁ । ମୋତେ କ୍ଷମା କରିବାକୁ କହିବୁ । × × ଭୋରବେଳା ଗଙ୍ଗାକୁ ଯିବି । × × ସେଠାରେ ସବୁ ଶେଷ ହୋଇଯିବ । × × ସା'ନ୍ତ ମା'ଙ୍କୁ ନମସ୍କାର । × × ଗୃହ ଦେବତା ରାଧାକୃଷ୍ଣଙ୍କୁ ପ୍ରଣାମ । × × ମୋର ସ୍ୱାମୀ ଦେବତାଙ୍କୁ ପ୍ରଣାମ । × × ବିଦାୟ ନେଉଛି । ପରଜନ୍ମରେ ଏ ଭୁଲ୍ ଆଉ କରିବି ନାହିଁ । × × ମୋ'ମନ ପଙ୍କିଳ ଥିଲା । × × ତେଣୁ ମୃତ୍ୟୁ ଦ୍ୱାରା ପ୍ରାୟଶ୍ଚିତ × × କଲି ମୋର ଦେହ ବର୍ତ୍ତମାନ ବିଶୁଦ୍ଧ ଓ ପବିତ୍ର । ନିଜକୁ ଅନ୍ତିମ ସମୟରେ ସମ୍ଭାଳି ନେଇଛି । ଗୃହଦେବତା ରାଧାକୃଷ୍ଣଙ୍କ ଦୟାରେ × × × ପୂର୍ବ ପୁରୁଷ × × ମହାପାପରୁ × × ପରମପିତା ଈଶ୍ୱର ମୋତେ

Digitized by srujanika@gmail.com

ପୃଥିବୀରେ × × ସେହି ଈଶ୍ୱର ଆଜି ବ୍ରାହ୍ମ ମୁହୂର୍ତ୍ତରେ × × ତା'ହେଲେ ସେହି ଈଶ୍ୱର ମୋତେ ଗ୍ରହଣ କରନ୍ତୁ ।"

ଏ ପତ୍ରରୁ ବୁଝାଯାଏ ଯେ, ସେ ସ୍ତ୍ରୀ ଆଉ ଇହଜଗତରେ ନାହାନ୍ତି । ଆଉ କିଛିଦିନ ପୂର୍ବେ ମୁଁ କାଶୀକୁ ତଦନ୍ତ ନିମନ୍ତେ ଆସିଥିଲେ ହୁଏତ ଗୋଟାଏ ଜୀବନ ବଞ୍ଚାଇ ପାରିଥାନ୍ତି । ସେହି ଶୁଭାକାଂକ୍ଷୀଙ୍କ ନଜର ଏଡ଼ି ହୁଏ ତ ସେ ଗଙ୍ଗାରେ ନିଜ ଜୀବନ ବିସର୍ଜନ କରି ସାରିଛନ୍ତି । କେତେ ଦୂରରେ ଏବଂ କେଉଁଠି ତାଙ୍କର ନଶ୍ୱର ଦେହ ମିଶିଛି ବା ଆଦୌ ମିଳିନାହିଁ ଏକଥା କାଶୀ ଥାନାର ଦାରୋଗା ବାବୁଟି କହିପାରିଲେ ନାହିଁ । ତଥାପି ମୁଁ କାଶୀ ବିଶ୍ୱନାଥ ଧର୍ମଶାଳାରେ ସେମାନଙ୍କୁ ଖୋଜିବା ଉଦ୍ଦେଶ୍ୟରେ ଅପେକ୍ଷାକାଳ ଗିବ । ଆଜି ଏପର୍ଯ୍ୟନ୍ତ ଏ ତଦନ୍ତ ଶେଷ ହେଲା । ଡାକଯୋଗେ ଏଇ ତଦନ୍ତ ପତ୍ର କଲିକତା ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ପ୍ରେରିତ ହେବ । ଇତି ।

ସ୍ୱାକ୍ଷର —ଶ୍ରୀ ସୁକୁମାର ସେନ୍ ।

କେଇଦିନ ଧରି ଅସୁସ୍ଥତା ନିମନ୍ତେ ପରବର୍ତ୍ତୀ ତଦନ୍ତରେ ମନୋନିବେଶ କରିପାରି ନାହିଁ । ଏଠାକାର ଜଳବାୟୁ ମୋ' ପାଇଁ ଆଦୌ ସ୍ୱାସ୍ଥ୍ୟକର ନୁହେଁ । ଏଠାକାର ଦୈନିକ ଖର୍ଚ୍ଚ ଏତେ ବେଶୀ ଯେ, ଆଣିଥିବା ଅର୍ଥ ସବୁ ଖର୍ଚ୍ଚ ହୋଇ ଗଲାଣି । ତେଣୁ ହଜୁର ଦୟାକରି କୌଣସି ବ୍ୟବସାୟୀଙ୍କ ହୁଣ୍ଡି ମାରଫତ କିଛି ଟଙ୍କା କାଶୀ ଥାନାକୁ ପଠାଇବା ପାଇଁ ଆଜ୍ଞା ହେଉ ।

ଅଦ୍ୟ ସକାଳେ ମୁଁ ପୁଣ୍ୟ ସଲିଳା ଗଙ୍ଗାନଦୀ କୂଳରେ ଅବସ୍ଥିତ କାଶୀ ଧର୍ମଶାଳାକୁ ଆସି ପ୍ରୟୋଜନୀୟ ତଦନ୍ତ କଲି । ଧର୍ମଶାଳାର ମ୍ୟାନେଜର ମହାଶୟ ଅତ୍ୟନ୍ତ ଭଦ୍ରଲୋକ । ସେ ମୋତେ ଏ

Digitized by srujanika@gmail.com

ତଦନ୍ତର ଯଥେଷ୍ଟ ସାହାଯ୍ୟ କରିଥିଲେ । ଏତତ୍ ସମ୍ପର୍କିତ ବିବୃତି ନିମ୍ନରେ ପ୍ରଦାନ କରାଗଲା—

: କେଇଦିନ ପୂର୍ବେ ଜଣେ ପ୍ରୌଢ଼ ବଙ୍ଗ ଦେଶୀୟ ଭଦ୍ରଲୋକ ଜନୈକ ବଙ୍ଗଦେଶୀୟ ମହିଳାଙ୍କ ସମଭିବ୍ୟାହାରରେ ଆମ ଧର୍ମଶାଳା ସମ୍ମୁଖସ୍ଥିତ ଗଙ୍ଗା ଘାଟକୁ ଆସନ୍ତି । ତାଙ୍କ ସହିତ ସୁବେଶା ଅବଗୁଣ୍ଠନ ବିହୀନ । ମହିଳ ଟିକୁ ଦେଖି ଉଭୟଙ୍କ ପ୍ରତି ମୋର ଦୃଷ୍ଟି ଆକର୍ଷିତ ହୋଇଥିଲା ମୁଁ ସେତେବେଳେ ସେମାନଙ୍କର ପାରସ୍ପରିକ ସମ୍ବନ୍ଧ ବୁଝିବାକୁ ଚେଷ୍ଟା କରି ନ ଥିଲି । ଏପରି ଆଜିକାଲି ଜଣେ ଦୁଇଜଣ ମହିଳା କାଶୀ ସହରରେ ଦେଖା ଯାଉଛନ୍ତି ।

ମୁଁ ଧର୍ମଶାଳାକୁ ଚାଲି ଆସିବା ପରେ ଉକ୍ତ ଭଦ୍ରଲୋକ ଓ ମହିଳା ଆମ ଅଫିସରେ ଆସି ପହଞ୍ଚି ଥିଲେ । ଭଦ୍ରମହିଳା ବାରମ୍ବାର ହିଷ୍ଟିରିୟା ରୋଗୀ ଭଳି ଗଙ୍ଗା ଆଡକୁ ଦୌଡ଼ି ଯାଉଥିଲେ ଏବଂ ଭଦ୍ରଲୋକ ତାଙ୍କୁ ବାରମ୍ବାର ଫେରାଇ ଆଣୁଥିଲେ । ସେମାନେ ସେମାନଙ୍କ ବସବାସ ନିମନ୍ତେ ଏଠାରେ ଖଣ୍ଡିଏ ଘର ଭଡ଼ା ଚାହିଁ ଥିଲେ । ଏଠାରେ ଘର ଭଡା ଦେବାର ରୀତି ନାହିଁ । ତୀର୍ଥ ଯାତ୍ରୀମାନଙ୍କୁ ଏଠାରେ ତିନିଦିନ ବିନାମୂଲ୍ୟରେ ରହିବାକୁ ଦିଆଯାଏ । ମୁଁ ଅନ୍ୟ କାରଣରୁ ଏମାନଙ୍କୁ ଏଠାରେ ରହିବାକୁ ଦେବା ପାଇଁ ରାଜି ହୋଇ ନଥିଲି । ଏମାନଙ୍କ ଭଳି ଫିରିଙ୍ଗୀ ଭାବାପନ୍ନ କାହାକୁ ଏଠାରେ ସ୍ଥାନ ଦେଲେ ବଦନାମ ହେବାର ଆଶଙ୍କା ଅଛି । ମୁଁ ସେମାନଙ୍କୁ ସହରରର ଏକମାତ୍ର ହୋଟେଲ ଟାଉନ ହୋଟେଲକୁ ଯିବା ପାଇଁ ଉପଦେଶ ଦେଇଥିଲି । ସେତେବେଳେ ସେମାନେ ଧର୍ମଶାଳା ତ୍ୟାଗକରି ବାହାରିଗଲେ । ସଙ୍ଗେ ସଙ୍ଗେ ଗୋଟିଏ ଅଭୁତ ଘଟଣା ଘଟିଲା । ଚିତ୍କାର ଶୁଣି ମୁଁ ବାହାରକୁ ବାହାରି ଆସିଲି । ଭିଡ଼ ମଧ୍ୟରେ ମୁଁ ଭଦ୍ରଲୋକ ଏବଂ ଭଦ୍ରମହିଳାଙ୍କୁ

Digitized by srujanika@gmail.com

ଦେଖିବାକୁ ପାଇ ନ ଥିଲି । ଲୋକମାନଙ୍କ ମୁହଁରୁ ଶୁଣିଲି ଯେ, ଜଣେ ଭଦ୍ର ମହିଳା ଖରସ୍ରୋତା ଗଙ୍ଗାକୁ ଡେଇଁ ପଡ଼ିଛନ୍ତି ଏବଂ ତାଙ୍କ ସହ ଜଣେ ପୁରୁଷ ତାଙ୍କୁ ଉଦ୍ଧାର କରିବା ପାଇଁ ମଧ୍ୟ ଗଙ୍ଗାକୁ ଡେଇଁ ପଡ଼ିଛନ୍ତି । କିନ୍ତୁ ସେମାନେ ପରେ ଉଠିଛନ୍ତି କିନା କେହି କହିପାରି ନଥିଲେ । ଏପରି ଆତ୍ମହତ୍ୟା ଏଠାରେ ପ୍ରତ୍ୟହ ଦେଖି ଦେଖି ଆମର ଦେହ ସୁହା ହୋଇଗଲାଣି । ଏପରି ଏକଟି ଆତ୍ମହତ୍ୟା ଏଠାରେ ପ୍ରାୟ ଦୁଇବର୍ଷ ପୂର୍ବେ ଥରେ ଘଟିଥିଲା । ଏପରି ଯୌନଜ ଆତ୍ମହତ୍ୟା ତୀର୍ଥସ୍ଥାନରେ ଏକ ବିଭତ୍ସ ଘଟଣା । ମୁଁ ଏତିକି ଜାଣେ ଯେ, ଇଂରାଜୀ ପଢିବାର ଏହା ଗୋଟାଏ କୁଫଳ ହୋଇପାରେ ।

ଏ ଘଟଣା ଶୁଣିବା ପରେ ମୁଁ ଜଣେ ପୋଲିସ ଅଫିସର ହୋଇ ମଧ୍ୟ ମର୍ମାହତ ହୋଇଥିଲି । ମାରବାଡ଼ି ଗଦି ଘରୁ ଏପରି ଆଶ୍ରୟ ମୁଁ ଚିଠିରୁ ଜାଣି ପାରିଥିଲି । ତା'ହେଲେ କ'ଣ ପ୍ରକୃତରେ ସେଇ ଅପମାନିତା ମହିଳା ଗଙ୍ଗାର ପୁତ ସଲିଳରେ ନିମଜ୍ଜିତ ହୋଇ ତାଙ୍କ ମନର ଯେତେ ଯନ୍ତ୍ରଣା ସବୁ ଜଳାଞ୍ଜଳି ଦେଇ ମହା ପ୍ରସ୍ଥାନ ପଥରେ ଚାଲିଗଲେ ? ମାତ୍ର ତାଙ୍କର ସାଥୀ ଭଦ୍ରଲୋକଟି ବା ଏପରି ଭାବରେ ଆତ୍ମହତ୍ୟା କଲେ କ'ଣ ପାଇଁ ? ମୁଁ ମ୍ୟାନେଜରଙ୍କ ସହ ଗଙ୍ଗା ଘାଟକୁ ଆସି କଥିତ ତଦନ୍ତ କଲି । ରଙ୍ଗୀନ୍ ଛତାତଳେ ବହୁ ବ୍ରାହ୍ମଣଙ୍କୁ ସେଠାରେ ବସିଥିବାର ଦେଖିଲି । ଘାଟର ଦୁଇ ଦିଗରେ ଆହୁରି ବହୁତ ଘାଟ । ଏଠାରେ ବହୁ ଲୋକଙ୍କୁ ସେହି ଘଟଣା ସମ୍ବନ୍ଧରେ ବହୁ ପଚରାପଚରି ମୁଁ କରିଛି । ସେହି ଘଟଣା ବା ଦୁର୍ଘଟଣା ସମ୍ବନ୍ଧରେ ସମସ୍ତଙ୍କ ମୁହଁରେ ଗୋଟାଏ କଥା— ଏଠାରେ ଏହା ଦୈନନ୍ଦିନର ଘଟଣା ।' ଏମାନଙ୍କ ମଧ୍ୟରୁ ଜଣେ ଭଦ୍ରଲୋକ ମୋତେ କହିଲେ, ସେ କେଇଦିନ୍ ପୂର୍ବେ ଦୁଇଜଣ ନଦୀରେ ବୁଡ଼ିଯିବା କଥା ଶୁଣିଥିଲେ । ବହୁଦୂରରୁ ସେମାନଙ୍କ ମୃତଦେହ ସ୍ଥାନୀୟ ଲୋକମାନେ ଉଦ୍ଧାର କରିଥିଲେ । ଏ

Digitized by srujanika@gmail.com

ଫଳାଫଳରେ ପୋଲିସରେ କୌଣସି ଖବର ଦିଆଯାଇ ନାହିଁ । ସ୍ଥାନୀୟ ଲୋକମାନେ ଗୁନ୍ଦା ଉଠାଇ ମଣିକର୍ଣ୍ଣିକା ଘାଟରେ ସେମାନଙ୍କୁ ଦାହ କରିଛନ୍ତି । ଗତକାଲି ଦୁଇଟି ଦେହ ବ୍ୟାସକାଶୀରେ ମିଳେ । ସ୍ଥାନୀୟ ଡମମାନେ ସେମାନଙ୍କୁ ସେଠାରେ ଦାହ କରିଛନ୍ତି । ଏପରି ଟୁକୁରା ଟାକୁରା ବହୁ ଖବର ମୁଁ ପାଇଲି । ମାତ୍ର କାଶୀଥାନାର ନଥିପତ୍ରରେ ଏପରି କୌଣସି ସମ୍ବାଦ ଲିପିବଦ୍ଧ ଥିବାର ମୁଁ ଦେଖି ନଥିଲି । ତା’ପରେ ଧର୍ମଶାଳାକୁ ଆସି ମୁଁ ଜଡ଼ବାଗୀଶ ମ୍ୟାନେଜରଙ୍କୁ କେତୋଟି ପ୍ରଶ୍ନ ପଚାରିଥିଲି । ଆମ ପ୍ରଶ୍ନୋତ୍ତରର ଉଲ୍ଲେଖଯୋଗ୍ୟ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା ।

: ଆପଣ ସେମାନଙ୍କ ମଧ୍ୟରେ ଏପରି କି ସନ୍ଦେହଜନକ ଭାବ ଦେଖିଲେ ଯେ, ସେମାନଙ୍କୁ ଆପଣଙ୍କ ଧର୍ମଶାଳାରେ ସ୍ଥାନ ଦେଲେ ନାହିଁ । ଏ ଧର୍ମଶାଳାଗୁଡ଼ିକ ଯେକୌଣସି ଯାତ୍ରୀ ପାଇଁ ନର୍ଦ୍ଦିଷ୍ଟ । ଏଠାରେ ମଣିଷ ମଣିଷ ମଧ୍ୟରେ ଏପରି ଭେଦଭାବର ବିଚାର କାହିଁକି କରାଯାଏ ? ଏ ଦୁଇଜଣଙ୍କ ଅପମୃତ୍ୟୁ ପାଇଁ ଆପଣଙ୍କର ଅବିମୃଷ୍ୟ-କାରିତା ଏବଂ ଅନ୍ୟାୟ ପ୍ରତ୍ୟାଖ୍ୟାନହିଁ ଦାୟୀ । ମୋ’ ପ୍ରଶ୍ନର ସଠିକ୍ ଉତ୍ତର ଦିଅନ୍ତୁ ନଚେତ୍ ବିପଦ ହୋଇପାରେ ।

: ମହାଶୟ ! ଆପଣ ଶେଷରେ ସେମାନଙ୍କ ମୃତ୍ୟୁ ପାଇଁ ମୋତେ ଖୁଣୀ ସାବ୍ୟସ୍ତ କଲେ ! ମୁଁ ନିର୍ଦ୍ଦୋଷ ! ଏପରି କେଇଟି ନର-ନାରୀଙ୍କୁ ଆଶ୍ରୟ ଦେବାକୁ ଯାଇ ମୁଁ ଥରେ ପୋଲିସ ହାଙ୍ଗାମା ଭିତରେ ପଡ଼ିଥିଲି । ଯେଉଁମାନେ ଓଢ଼ଣା ନଦେଇ ପଥ ଚାଲନ୍ତି— ସେମାନେ ବାଇଜୀ ନଚେତ୍ ଖ୍ରୀଷ୍ଟାନ ହୋଇଥାନ୍ତି । ମୁଁ ତାଙ୍କୁ ଭଦ୍ରଘରର ଖ୍ରୀଷ୍ଟାନ ମହିଳା ବୋଲି ଭାବିଥିଲି । ତାଙ୍କୁ ମୁଁ ହିନ୍ଦୁ ଧର୍ମଶାଳାରେ କିପରି ସ୍ଥାନ ଦେଇଥାନ୍ତି ? ଏଠାରେ ପ୍ରତ୍ୟହ ଦେବ-ଦ୍ୱିଜଙ୍କର ପୂଜା ଅର୍ଚ୍ଚନା ବ୍ୟବସ୍ଥା ହୋଇଥାଏ । ଏମାନେ ଦେବତା ବିଗ୍ରହ ପ୍ରତି ମୁଣ୍ଡ ନୁଆଁଇ ଚାଲିଗଲେ ଭକ୍ତମାନେ ରାଗିଯାଇ ମୋ

Digitized by srujanika@gmail.com

ମୁଣ୍ଡ ଏବଂ ସେମାନଙ୍କ ମୁଣ୍ଡ ଫଟାଇ ଦେଇଥାନ୍ତେ । ସେତେବେଳେ ? ଦେବତା ପାଦରେ ସେମାନେ ଯଦ ଭକ୍ତିଭରରେ ମୁଣ୍ଡ ନୁଆନ୍ତ— ତା'ହେଲେ ସେମାନଙ୍କୁ ରହିବାକୁ ଦେବାରେ ମୋର ଆପତ୍ତି ନାହିଁ ।

: ଆପଣ ବାହାରେ ଚତ୍କାର ଗଣ୍ଡଗୋଳ ଶୁଣି ବାହାର ଆସିଲେ । ମାତ୍ର ପ୍ରକୃତ ଘଟଣା କ'ଣ ଘଟିଥିଲା ଏବଂ ସେମାନଙ୍କୁ ପାଣିରୁ କେହି ଉଠାଇଲା କି ନାହିଁ ସେଥା ଜାଣିବା ପାଇଁ ଆପଣଙ୍କର କୌତୁହଳ ବି ଟିକିଏ ହେଲା ନାହିଁ ? ଆପଣଙ୍କ କୈଫିୟତ ସନ୍ତୋଷଜନକ ନହେଲେ ମୁଁ ବୁଝିବି ଯେ, ଆପଣ ସେମାନଙ୍କ ଶତ୍ରୁଦଳର ଲୋକ । ଆପଣମାନେ ମିଳିମିଶି ସେମାନଙ୍କୁ ଗଙ୍ଗାରେ ସ୍ନାନ ସମୟରେ ଠେଲିଦେଇ ସେମାନଙ୍କୁ ହତ୍ୟା କରିଛନ୍ତି । ବର୍ତ୍ତମାନ ଆମକୁ ବିଭ୍ରାନ୍ତ କରିବା ପାଇଁ ଏମିତିକା କାହାଣୀ ସୃଷ୍ଟି କରିଛନ୍ତି । ମୋ' ମତରେ ସେ ଖୁବ୍ ଭୋରରେ ଏଠାକୁ ଆସିଥିଲେ ଏବଂ ସେତେବେଳେ ଘାଟରେ ବେଶୀ ଲୋକ ନଥିଲେ ।

: ହେ ଭଗବାନ ! ଏ ସବୁ ଆପଣ କ'ଣ କହୁଛନ୍ତି ? ଆମେ ବୈଷ୍ଣବ । କ୍ଷୁଦ୍ର ପିମ୍ପିଳିକାକୁ ବଧ କରିବା ପାଇଁ ଆମର ହାତ ଥରେ । 'ବଧ' ବା 'କାଟ' ଶବ୍ଦ ପର୍ଯ୍ୟନ୍ତ ଆମେ ମୁହଁରେ ଧରୁନା । ତେଣୁ ପରିବା କାଟିବାକୁ ଆମେ ପରିବା ବନାଇବା ବୋଲି କହୁଥାଉଁ । ଗ୍ରୀଷ୍ମ, ଖରା, ସନ୍ଧ୍ୟା ଓ ଦିନ ସବୁବେଳେ କାଶୀ ଘାଟରେ ଭିଡ଼ ଥାଏ । ମୁଁ ବାହାର ଦେଖିଲି ଘାଟ ଉପରେ ପ୍ରାୟ ଦଶ ହଜାର ଲୋକର ଭିଡ଼ । ସେଇ ଭିଡ଼ ମଧ୍ୟରେ କେତେ ଘଟଣା ଓ ଦୁର୍ଘଟଣା ପ୍ରତ୍ୟହ ହୁଏ ଯାଏ । ଅବଶ୍ୟ ପରେ ଆମେ କେତେଟା ଗୁଜବ ଶୁଣିଥିଲୁ । ତଥାପି, ମୋ'ର ପ୍ରତ୍ୟାଖ୍ୟାନ ଯଦି ତାଙ୍କୁ ତାଙ୍କର ପୂର୍ବକୃତ ପାପ ଜୀବନର କଥା ସ୍ମରଣ କରାଇ ଦେଇଥାଏ, ତେଣୁ ଅନୁଶୋଚନାରେ

Digitized by srujanika@gmail.com

ଆତ୍ମହତ୍ୟା କରିବାଟା ଅସ୍ୱାଭାବିକ ନୁହେଁ । ତେଣୁ ସେଥି ନିମନ୍ତେ ମୁଁ ଦାୟୀ ହୋଇ ପାରେନା ।

ଭଦ୍ର ଲୋକଙ୍କର ଏଇ ଅକାଟ୍ୟ ଯୁକ୍ତି ପରେ ତାଙ୍କୁ ମୋର କିଛି କହିବାର ନଥିଲା । ମୁଁ ଦୂରରେ ଥିବା ମଣିକର୍ଣ୍ଣିକା ଶ୍ମଶାନ ଆଡ଼କୁ ମୋ'ର ଦୃଷ୍ଟି ପ୍ରସାରିତ କଲି । ଧୂ ଧୂ ହୋଇ ଚିତାଗ୍ନି ଗୁଡ଼ିକ ଗୋଟିକ ପରେ ଗୋଟିଏ ଜଳୁଛି । ହୁଏତ ସେମାନଙ୍କ ନଶ୍ୱର ଦେହ ଏଇ ଚିତାଗ୍ନି ମଧ୍ୟରେ ଭସ୍ମୀଭୂତ ହୋଇ ଯାଇଛି । କି କୁକ୍ଷଣରେ ସେଦିନ ସେ ଗୋଦାମରେ ନିଆଁ ଲାଗିଥିଲା । ନହେବା ମୁଁ ଠିକ୍ ସମୟରେ ଏଠାରେ ପହଞ୍ଚି ସେମାନଙ୍କ ଜୀବନ ବଞ୍ଚାଇ ପାରିଥାନ୍ତି । ଏମାନଙ୍କ ସହିତ ସାକ୍ଷାତ ବର୍ତ୍ତମାନ ସୁଦୂର ପରାହତ । ତଥାପି ସନ୍ତୁଷ୍ଟି ନିମନ୍ତେ ମୁଁ ମଣିକର୍ଣ୍ଣିକା ଘାଟର ରେକର୍ଡ଼ଟା ଥରେ ଦେଖିବା ପାଇଁ ମନସ୍ଥ କଲି । କିନ୍ତୁ ଏଇ ରେକର୍ଡ଼ ଏଠାକାର ଡମରାଜା ଅମୃତକର ମୁହେଁ···ମୁହେଁ···ରହିଛି । ସେତେବେଳ ପର୍ଯ୍ୟନ୍ତ ଯା'କିଛି ସବୁ ଡମରାଜାର କର୍ତ୍ତୃତ୍ୱାଧୀନରେ ରହିଛି । ଏହି ବିରାଟବପୁ ଡମରାଜାର ବଂଶ ସହିତ ପୁରାଣ କଥିତ ରାଜା ହରିଶ୍ଚନ୍ଦ୍ରର କାହାଣୀ ଯୁକ୍ତ ହୋଇ ରହିଛି । ଏହାଙ୍କର ପଥର ପ୍ରାଚୀର ଘେରା ବିରାଟ ପ୍ରାଙ୍ଗଣ ମଧ୍ୟରେ ବିରାଟ ଏକ ଅଟ୍ଟାଳିକା । ତାଙ୍କର ଦାସଦାସୀ ପରିଜନ ମଧ୍ୟ ଅନେକ । ସେ ବହୁ ଅର୍ଥ ଓ ଜମିର ମାଲିକ । ଉପରନ୍ତୁ ସେ ଜଣେ ସଜ୍ଜନ ଏବଂ ଶିକ୍ଷିତ ବ୍ୟକ୍ତି । ତାଙ୍କ ବିବୃତିର ପ୍ରୟୋଜନୀୟ ଅଂଶ ନିମ୍ନରେ ଉଦ୍ଧୃତ କଲି ।

: ମହାଶୟ ଆତ୍ମହତ୍ୟା କାରୀ ବା ପାପୀମାନଙ୍କ ଭାଗ୍ୟରେ ଏଠାରେ ଦାହ ହେବାର ସୌଭାଗ୍ୟ ଜୁଟେନା । ଏପରି ଯୋଡ଼ା ଲାସ ମଝିରେ ମଝିରେ ଗଙ୍ଗା ଆର ପଟରେ ବ୍ୟାସକାଶୀରେ ମିଳିଥାଏ । ସେପଟରେ ସେମାନଙ୍କୁ ଦାହ କରି ଯାଇଥାଏ । ଫଳରେ ସେମାନେ ପରବର୍ତ୍ତୀ ଜୀବନରେ ଗଧ ଓ ଗଧୁଣୀ ହୋଇ ଜନ୍ମଲାଭ କରନ୍ତି ।

Digitized by srujanika@gmail.com

ଏଠାରେ ଦାହ ହେଲେ ସେମାନେ ସ୍ୱର୍ଗ ଗମନ କରନ୍ତେ । ଥରେ ଏଠାକୁ ଗୋଟିଏ ମୃତା ନାରୀଙ୍କୁ ଆଣିଥିଲେ । ତାଙ୍କ ଚିତାଗ୍ନି ନିକଟରେ ତାଙ୍କ ସ୍ୱାମୀ 'ହାର୍ଟଫେଲ୍' କରି ମରଯାନ୍ତି । ମୁଁ ଦୁଇଜଣଙ୍କୁ ଗୋଟାଏ ଚିତାଗ୍ନିରେ ଦାହ କରିବାକୁ ଅନୁମତି ଦେଇଥିଲି । ଏପରି କୌଣସି ପାପୀ ବା ପାପୀୟସୀର ଏଠାରେ ଦାହ ହୋଇ ନାହିଁ । ଯୋଡ଼ା ଖୁନ୍ ବା ଯୋଡ଼ା ଆତ୍ମହତ୍ୟା ଏଗୁଡ଼ାକ ସବୁ ଆପଣଙ୍କ କଲିକତାର ସଉଦା । ଏଗୁଡ଼ାକ ଦୟାକରି ଏହି ପୁଣ୍ୟ ସ୍ଥାନକୁ ରପ୍ତାନୀ କରିବେ ନାହିଁ । ପାଣିରେ ବୁଡ଼ିଗଲେ ଏଠାକାର କେଉଟ ମାନେ ତା'କୁ ତୁରନ୍ତ ପାଣିରୁ ଉଠାଇ ନଅନ୍ତି । ଦୈବାତ ଯଦି କେହି ବୁଡ଼ି ଚାଲେଇ ଯାଏ, ତା'ହେଲେ ସ୍ୱତନ୍ତ୍ର କଥା । ଆପଣ ଭଲ ଖବରେ ତଦନ୍ତ କରନ୍ତୁ । ସେମାନେ ପୁଣ୍ୟାର୍ଥୀ ହୋଇଥିଲେ ଏଠାକୁ ଆସି ସେମାନଙ୍କ ଅପମୃତ୍ୟୁ ହୋଇ ନପାରେ । କାଶୀସହରର ହାଲ୍ ଚାଲ୍ ହିଁ ଅଲଗା । ମୋ'ର ମନେ ହୁଏ ସେମାନେ କାଶୀ ଧାମରେ ମରି ନାହାନ୍ତି ।

ଏହି ସହର ମଧ୍ୟରେ କାହାରିକୁ ଖୋଜିବାକୁ ଦରକାର ପଡ଼ିଲେ, ସହରର ଏଣେତେଣେ ଖୋଜିବାର ପ୍ରୟୋଜନ ନାହିଁ । କେଇଦିନ ବିଶ୍ୱନାଥ ମନ୍ଦିରରେ ବା ଗଙ୍ଗା ଘାଟରେ ବୁଲାବୁଲି କଲେ ମିଳିବା ସମ୍ଭବ । ଏ ସହରରେ ଯେ ଯେଉଁଠି ଥାଉ ଦିନାନ୍ତରେ ଅନ୍ତତଃ ଥରେ ସେ ଏ ପଟକୁ ଆସିବ । ତେଣୁ ବିଶ୍ୱନାଥ ମନ୍ଦିରକୁ ସେମାନଙ୍କ ଖୋଜ କରିବାକୁ ଯିବା ପାଇଁ ମନସ୍ଥ କଲି । ପାଣିରେ ବୁଡ଼ି ନ ମରିଥିଲେ ସେମାନଙ୍କର ଏ ଦିଗକୁ ଆସିବାର ସମ୍ଭାବନା ଯଥେଷ୍ଟ ଅଛି । ମନ୍ଦିରରେ ସେଦିନ ଖୁବ ଭିଡ଼ଥିଲା । ବହୁ ଦୂର ଦୂରାନ୍ତରରୁ କେହି ପଦବ୍ରଜରେ କେହିବା ନୌକା ଯୋଗେ ଏଠାକୁ ଆସିଛନ୍ତି । ମୁଁ ଭିଡ଼ ମଧ୍ୟରେ ଠିଆ ହୋଇ କେତେଜଣଙ୍କୁ ଗୋଟିଏ ଅଦ୍ଭୁତ ବିଷୟରେ ଆଲୋଚନା କରୁଥିବାର ଶୁଣିଲି । ଏମାନଙ୍କ କଥାବାର୍ତ୍ତାରୁ

Digitized by srujanika@gmail.com

ଏମାନଙ୍କୁ ଘଟଣାଟିର ପ୍ରତ୍ୟକ୍ଷଦର୍ଶୀ ବୋଲି ମନେ ହେଲା । ସେମାନଙ୍କ କଥାର ଟୁକୁରା ଟାକୁରା ଅଂଶ ଗୁଡ଼ିକ ନିମ୍ନରେ ଉଦ୍ଧୃତ କରାଗଲା ।

: ଓହୋ; ସେ କି କାଣ୍ଡ ! ନିଶ୍ଚୟ କୌଣସି ଭଦ୍ର ଘରର ଘରଣୀ । ଚେହେରା ଦେଖିଲେ ମୋ'ର ସେମିତ ମନେ ହୁଏ । ବୋଧହୁଏ କୌଣସି ପାପ କରିଥିଲା । ଗଙ୍ଗାରେ ପାପ ଧୋଇବା ପାଇଁ ଦୌଡ଼ି ଆସି ଗଙ୍ଗାରେ ଡେଇଁ ପଡ଼ିଲା । ଝିଅଟା ବୁଡ଼ି ମରିଥାନ୍ତା ! ଜଣେ ଭଦ୍ରଲୋକ ଭାଗ୍ୟ କ୍ରମେ ସେଠାରେ ପହଞ୍ଚି ଯାଇଥିଲେ । ସେ ମୋ' ଗୋଡ଼ ପାଖରେ ତା'ଙ୍କ ବ୍ୟାଗଟା ଓ କୋଟଟା ଫିଙ୍ଗି ଦେଇ ସଙ୍ଗେ ସଙ୍ଗେ ପାଣିକୁ ଡେଇଁ ପଡ଼ିଲେ । ମୁଁ ତ ସେଇଆ ଭାବିଥିଲି । ମନେ ହେଲା—ଯାଃ । ମୁଁ ତ ଭାବିଲି ଦୁଇଜଣଯାକ ବୁଡ଼ିଗଲେ । ନୌକାର କେଉଟମାନେ ବି ପାଣିକୁ ଓହ୍ଲାଇଲେ । କିନ୍ତୁ କେହି ସେମାନଙ୍କୁ ଖୋଜି ପା'ନ୍ତି ନାହିଁ । ଟିକିଏ ପରେ ଭଦ୍ରଲୋକ ତାଙ୍କୁ ଧରି ପାଣି ଉପରେ ଭାସି ଉଠିଲେ । ଝିଅ ଭଉଣୀ ଖୁବ ବଞ୍ଚି ଯାଇଛି । ଜ୍ଞାନ ହେବାରୁ ମୁଁ ପଚାରିଲି— "ତୋ'ର ଦୁଃଖ କ'ଣ ମା ! କିଛି ପାପ ଯଦି କରିଥାଅ, ତା'ହେଲେ ଗଙ୍ଗା ତା' ଧୋଇ ଦେଇଛି । ଏଥର ତୁମର ପୁନର୍ଜନ୍ମ । ଏଥର ଭଲ ହୁଅ । ମୋ କଥାରେ ଝିଅଟା ସାନ୍ତ୍ୱନା ପାଇଲା । ମୋ' ଗୋଡ଼ ଧୂଳି ବି ଗ୍ରହଣ କଲା । ସେ ବ୍ରାହ୍ମଣ ଝିଅ ଏକଥା ଶୁଣି ମୁଁ ତ ଭୟରେ ଥରିଗଲି । ଗୋଡ଼ ଧୂଳି ନେଇ ମୋତେ ମହା ପାତକରେ ପକାଇଲା । ସାଙ୍ଗେ ସାଙ୍ଗେ ତା ଗୋଡ଼ତଳେ ପଡ଼ି ନମସ୍କାର କରି ପାପ ଖଣ୍ଡନ କଲି ।

: ସତେ ! ତୁମେ ତା'ହେଲେ ଘଟଣାଟା ଦେଖିଛ !

: ମନେ ପଡ଼ିଲେ ଦେହ ଶୀତେଇ ଉଠେ । ପାଣିରେ ମୁଣ୍ଡର ସିନ୍ଦୂର ପୋଛି ହୋଇ ଯାଇଥିଲା । ସାଙ୍ଗେ ସାଙ୍ଗେ ଆମେ ସିନ୍ଦୂରର ବ୍ୟବସ୍ଥା କଲୁ । ଦୁଇଖଣ୍ଡ ଶୁଖିଲା ଲୁଗା ବି ତା' ପାଇଁ ବ୍ୟବସ୍ଥା କରିଦେଲୁ ।

Digitized by srujanika@gmail.com

ସେମାନେ ବର୍ତ୍ତମାନ ମଡେଲ୍ ହୋଟେଲରେ ଅଛନ୍ତି । ଗତ କାଲି ଦୁର୍ଗା ମେଳାରେ ସେମାନଙ୍କ ସହିତ ଦେଖା ହୋଇଥିଲା ।

ମୁଁ ନିବିଷ୍ଟ ମନେ ସେମାନଙ୍କ କଥାବାର୍ତ୍ତା ଶୁଣୁଥିଲି । ସେ ଘଟଣାଟି ଏମାନଙ୍କ ସମ୍ପର୍କରେ ଘଟଣା କିମ୍ବା ଅନ୍ୟ କୌଣସି ବିଚ୍ଛିନ୍ନ ଘଟଣା ବୁଝି ହେଲା ନାହିଁ । ଅଭିଜ୍ଞତାରୁ ଜାଣିଛି ହାଟ ବଜାର କୌଣସି ଆଡ୍‌ଡା ଖାନାରେ ଲୋକମାନଙ୍କ ଗୁଜବ ମଧ୍ୟରୁ ବହୁତ କଥା ଜଣାଯାଏ । ଏ ସନ୍ଧାନରେ ଏମାନଙ୍କୁ କିଛି ପଚାରିଲେ ବିପଦର ସମ୍ଭାବନା ଅଛି । ତା'ହେଲେ ସେମାନେ ଚତ୍କାର କରି କହିଥା'ନ୍ତେ ସେମାନଙ୍କର ଇଜ୍ଜତ ଗଲା । ପରେ ସେମାନେ ତାଙ୍କ ପୂର୍ବ କଥା ବେମାଲୁମ ଅସ୍ୱୀକାର କରିଥାନ୍ତେ । ଅନେକ ସମୟରେ ପୁରୁଷ ମାନେ ଘରେ ଥାନ୍ତି । ବହୁ ବିଷୟ ଦେଖିବାର ସେମାନଙ୍କର ସୁଯୋଗ ନଥାଏ । ସେମାନଙ୍କ ଅବର୍ତ୍ତମାନରେ ସ୍ତ୍ରୀ ଲୋକମାନେ ବହୁ କଥା ଦେଖିଥା'ନ୍ତି । କିନ୍ତୁ ସେମାନେ କେବେ ସାକ୍ଷୀ ଦେବାକୁ ଚାହାନ୍ତି ନାହିଁ । ଏଇ କାରଣରୁ ବହୁ ମାମଲା ପ୍ରମାଣ ଅଭାବରୁ ଖାରଜ ହୋଇଯାଏ । ମୁଁ ଏମାନଙ୍କ ମୁହଁରୁ ଶୁଣିଥିବା କଥାନୁଯାୟୀ ତଦନ୍ତ କରିବି ବୋଲି ଠିକ୍ କଲି ।

ମୁଁ ଉପରୋକ୍ତ ସମ୍ବାଦ ଅନୁସାରେ ସହରର ସମ୍ଭ୍ରାନ୍ତ ହୋଟେଲ ମଡେଲ ହୋଟେଲରେ ଆସି ଉପସ୍ଥିତ ହେଲି । ଏଇ ହୋଟେଲର ମାଲିକ ଜଣେ ଗୁଜ୍‌ରାଟି ଭଦ୍ରଲୋକ । ଭାରତର ପଶ୍ଚିମ ପ୍ରାନ୍ତରୁ ଆସି ଅର୍ଥ ଓ ସୁନାମ ଉଭୟ ଏଠାରେ ସେ ଅର୍ଜନ କରିଛନ୍ତି ।

ଏହି ହୋଟେଲଟି କାଶୀ 'କ୍ୟାଣ୍ଟନମେଣ୍ଟ' ନିକଟରେ ଗୋଟିଏ ସୁଦୃଶ୍ୟ ହୋଟେଲ । ଏ ଶବ୍ଦହୀନ ନିରୋଳା ସ୍ଥାନରେ ଏକ ରୁଚିପୂର୍ଣ୍ଣ ଫୁଲ ବଗିଚା ପରିବେଷ୍ଟିତ ହୋଇ ହୋଟେଲଟି ଆଭିଜାତ୍ୟର ପରିଚୟ ଦେଉଛି । ସୁସଜ୍ଜିତ ବହୁ ଚପରାଶୀ ଓ ଖିଦ୍‌ମତ୍‌ଗାର 'କଷ୍ଟମର' ମାନଙ୍କୁ ଖୁସି କରିବାରେ ସଦା ବ୍ୟସ୍ତ । କଲିକତା, ବୋମ୍ବାଇ,

Digitized by srujanika@gmail.com

ମାନ୍ଦ୍ରାଜ, ରେଙ୍ଗୁନ ପ୍ରଭୃତି ବଡ଼ ବଡ଼ ସହର ଛଡ଼ା ଏପରି ହୋଟେଲ ଅନ୍ୟତ୍ର ପ୍ରାୟ ଦେଖା ଯାଏନା ।

ମୁଁ ଏହି ହୋଟେଲର ମ୍ୟାନେଜର ଶ୍ରୀ ସଦାସୁଖ ଦେଶାଇଙ୍କ ସହିତ ସାକ୍ଷାତ କଲି । ମୋ' ପରିଚୟ ପାଇ ସେ ମୋତେ ତଦନ୍ତରେ ସାହାଯ୍ୟ କରିବା ପାଇଁ ସମ୍ମତି ପ୍ରଦାନ କରିଲେ । ତାଙ୍କ ବିବୃତିର ପ୍ରୟୋଜନ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା ।

: ଆଜ୍ଞା ହଁ, ଏପରି କେଇଜଣ ଲୋକ ଏ ହୋଟେଲରେ ଥିଲେ । ମାତ୍ର ଆଜି ସକାଳ ଆଠଟା ଟ୍ରେନରେ ସେମାନେ ଆହୁରି ଉତ୍ତର ଦିଗକୁ ଚାଲି ଯାଇଛନ୍ତି । ସେମାନେ ପ୍ରୟାଗ, ଗୟା, ମଥୁରା, ବୃନ୍ଦାବନ, ହରିଦ୍ୱାର ପ୍ରଭୃତି ସ୍ଥାନ ଭ୍ରମଣ ସାରି ଦ୍ୱାରକା ତୀର୍ଥ ଯିବେ । ପ୍ରଥମେ ଜଣେ ପ୍ରୌଢ଼ ଭଦ୍ରଲୋକ ଜଣେ ମହିଳାଙ୍କ ସହିତ ଏଠାରେ ଖଣ୍ଡିଏ ଘର ଭଡ଼ା ନେଇଥିଲେ । ସେଦିନ ସେ ମୋ'ଠାରୁ ଖାମ ଓ ଡାକ ଟିକେଟ ନେଇ କଲିକତାକୁ ଚିଠି ଲେଖିଲେ । ସେ ଭଦ୍ରଲୋକ ବ୍ୟାମ୍ପ ଖଟରେ ଏଇ ସମ୍ମୁଖ ବାରଣ୍ଡାରେ ଶୟନ କରୁଥିଲେ ଏବଂ ମହିଳାଟି ଘର ମଧ୍ୟରେ ଶୟନ କରୁଥିଲେ । କେଇଦିନ ପରେ ଜଣେ ଅଳ୍ପ ବୟସ୍କ ଯୁବକ ଓ ଯୁବତୀ ଏମାନଙ୍କ ସହିତ ଦେଖା କରନ୍ତି । ସେତେବେଳେ ଏ ଦୁଇଜଣଯାକ ସ୍ତ୍ରୀ ଲୋକ ଖୁବ୍ କାନ୍ଦାକଟା କରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଜଣକୁ ସର୍ବଦା ସାନ୍ତ୍ୱନା ଦେଉଥିବାର ଦେଖା ଯାଉଥିଲା ।

ଆଜ୍ଞା ନା, ସେମାନଙ୍କର କାନ୍ଦଣାର କାରଣ ମୁଁ ଜାଣିବାକୁ ଚେଷ୍ଟା କରିନାହିଁ । କାହାର ବ୍ୟକ୍ତିଗତ ବିଷୟରେ ମୋ'ର ମନ ନାହିଁ । ସେମାନେ ଏଠାରେ ଆଉ ଗୋଟିଏ କକ୍ଷ ଭଡ଼ା ନେଇଥିଲେ । ପୁରୁଷ ଦୁଇଜଣ ଗୋଟାଏ କକ୍ଷରେ ଏବଂ ନାରୀ ଦୁଇଜଣ ଗୋଟାଏ କକ୍ଷରେ ଶୟନ କରୁଥିଲେ । ସେମାନଙ୍କ ମଧ୍ୟରେ ସନ୍ଦେହଜନକ କିଛି ଆମେ ଦେଖିବାକୁ ପାଇ ନଥିଲୁ । ମହିଳା ଦୁଇଟି ବୟସରେ

Digitized by srujanika@gmail.com

କହୁଛି ଗ୍ରୁପଟି ବଡ଼ ହେଲେ ମଧ୍ୟ ଦେଖିବାକୁ ସେମାନେ ପ୍ରାୟ ଏକା ; ସେମାନଙ୍କ ମଧ୍ୟରୁ ବଡ଼ଟିର ମୁଣ୍ଡରେ ସିନ୍ଦୂର ଥିଲା । ମାତ୍ର ଗ୍ରୁପଟିକୁ କୁମାରୀ ବୋଲି ମନେ ହେଉଥିଲା । ଏଇ ଘରଜଣ ପ୍ରତ୍ୟହ ସ୍ନାନ ବେଳେ ନିକଟସ୍ଥ ଗୋଟିଏ 'ନର୍ସିଂ ହୋମ'କୁ ଯାଉଥିଲେ । ଶୁଣିଲି ସେମାନଙ୍କ ସହିତ କଲିକତାରୁ ଜଣେ ରୋଗୀ ଆସିଛନ୍ତି ଏବଂ ତାଙ୍କୁ ସେମାନେ ନର୍ସିଂ ହୋମ ଠାରେ ଭର୍ତ୍ତି କରି ପରେ ଏଠାକୁ ଆସିଛନ୍ତି । ପୂର୍ବରୁ କହିଛି ସେମାନେ ଆଜି ସକାଳୁ ଏଠାରୁ ଚାଲି ଯାଇଛନ୍ତି । ଜାଣେନା, ସେଇ ରୋଗୀଟିକୁ ସେମାନେ ସାଙ୍ଗରେ ନେଇ ଯାଇଛନ୍ତି କି ନା । ସେମାନଙ୍କୁ ଷ୍ଟେସନରେ ପହଞ୍ଚାଇ ଦେବା ନିମନ୍ତେ ଆମ ଏଠାରୁ ଜଣେ ବେହେରା ଯାଇଥିଲା । ସେମାନେ 'ନର୍ସିଂ ହୋମ'ରୁ ସେ ରୋଗୀକୁ ନେଇଗଲେ କି ନା, ଆମ ବେହେରା ସୂର୍ଯ୍ୟନାରାୟଣ୍ ସେକଥା କହି ପାରିବ । ତାକୁ ଡାକି ଦେଉଛି, ପଚାରନ୍ତୁ ।

: ଆଚ୍ଛା ! ଆପଣ ସେମାନଙ୍କ ନାମଧାମ କିଛି ଆପଣଙ୍କ ନଥି-ପତ୍ରରେ ଲେଖି ରଖିଛନ୍ତି ? ସେମାନଙ୍କର ପାରସ୍ପରିକ ସମ୍ପର୍କ ଆପଣଙ୍କର କିପରି ମନେହୁଏ ?

: କଲିକତା ସହର ପରି ନାମଧାମ ଲେଖିବାର ନିୟମ ଏଠି ରେ ଏବେ ପ୍ରଚଳିତ ହୋଇ ନାହିଁ । ମାତ୍ର ଦୁଇମାସ ପୂର୍ବେ ଏ ହୋଟେଲଟି ଖୋଲି ଯାଇଛି । ବର୍ତ୍ତମାନ ପ୍ରୟୋଜନୀୟ ବହିପତ୍ର ଯଥାଯଥ ଭାବେ ପ୍ରଚଳନ କରାଯାଇ ପାରିନାହିଁ । ହଁ, ସେମାନଙ୍କର ସମ୍ପର୍କ ସମ୍ବନ୍ଧରେ ସେମାନଙ୍କ ଆଚାର ବ୍ୟବହାରରୁ କିଛି କିଛି ବୁଝା ଯାଉଥିଲା । ପ୍ରୌଢ଼ ଭଦ୍ରଲୋକଟି ଖୁବ୍ ସମ୍ଭବତଃ ସେମାନଙ୍କ ସରକାର ବାବୁ ହୋଇ ପାରନ୍ତି । ଅନ୍ୟ ଯୁବକଟି ସେମାନଙ୍କର ନିକଟ ଆତ୍ମୀୟ ହେବେ ବୋଲି ମନେହୁଏ । ଯୁବତୀ ଦୁଇଜଣ

Digitized by srujanika@gmail.com

ଆତ୍ମୀୟା କମ୍ବା ବାନ୍ଧବୀ ହୋଇ ପାରନ୍ତି । ଅବଶ୍ୟ ଏହା ମୁଁ ଏକାନ୍ତ ରୂପେ ଅନୁମାନ ଉପରେ ନିର୍ଭର କରି କହୁଛି ।

ମ୍ୟାନେଜରଙ୍କ ନିକଟରୁ ଏହାଛଡ଼ା ବିଶେଷ କୌଣସି କଥା ଜାଣିବା ସମ୍ଭବପର ନୁହେଁ । ତେବେ ଏତିକି ଜାଣିଥିଲି ଯେ, ସେମାନଙ୍କ ନିକଟରେ ପର୍ଯ୍ୟାପ୍ତ ଅର୍ଥ ଥିଲା । ମୁଁ ଏହାପରେ ହୋଟେଲର ବେହେରା ସୂର୍ଯ୍ୟନାଥଙ୍କୁ ଡାକି ତା'ଠାରୁ ନିମ୍ନଲିଖିତ ବିବୃତ୍ତି ଗ୍ରହଣ କଲି ।

"ଗୋଟାଏ ଭଡ଼ା ଗାଡ଼ିରେ ଆମେ ଆସି 'ଓଏଲିଂଟନ ନର୍ସିଂ ହୋମ'ରେ ପହଞ୍ଚିଲୁ । ଆମେ ସମସ୍ତେ ଡାକ୍ତରଙ୍କ ଅନୁମତି କ୍ରମେ ରୋଗୀଙ୍କ କକ୍ଷରେ ଉପସ୍ଥିତ ହେଲୁ । ସେ ରୋଗୀଜଣକ ପୋଷାକ ପିନ୍ଧି ପ୍ରସ୍ତୁତ ହୋଇ ବସିଥିଲେ । ସେମାନଙ୍କ ମଧ୍ୟରୁ ବଡ଼ ଝିଅଟି କାନ୍ଧରେ ଭରା ଦେଇ ସେ ସେଠାରୁ ବାହାରି ଗାଡ଼ିରେ ବସିଲେ । ତା'ପରେ ଆମେ ସମସ୍ତେ କାଶୀ କାଣ୍ଟନମେଣ୍ଟ ଷ୍ଟେସନରେ ପହଞ୍ଚିଲୁ । ସେହି ପ୍ରୌଢ଼ା ଭଦ୍ରଲୋକଟି କଲିକତା ଗାମୀ ଟ୍ରେନରେ ଉଠିଲେ ଏବଂ ଅନ୍ୟମାନେ ଦିଲ୍ଲୀଗାମୀ ଟ୍ରେନରେ ଉଠିଲେ । ତା'ପରେ ବାବୁମାନେ ମୋତେ ଖୁବ୍ ବକସିସ୍ ଦେବାରୁ ମୁଁ ଗୋଟାଏ ଏକ୍କା ଗାଡ଼ିରେ ହୋଟେଲକୁ ଫେରି ଆସିଲି ।"

ଏହି ହୋଟେଲର ମାନ୍ଦ୍ରାଜୀ ବେହେରାଠାରୁ ଅଧିକା କିଛି ଜାଣିବାର ନଥିଲା । ମୁଁ ସେଠାରୁ ଓଏଲିଂଟନ ନର୍ସିଂ ହୋମକୁ ଯାତ୍ରା କଲି । ସେଠାକାର ଡାକ୍ତର ଭେଙ୍କଟ ରମଣଙ୍କ ସହିତ ସାକ୍ଷାତ କରି ସବୁ ଖବର ଜାଣି ପାରିଲି । ଏହି ଡାକ୍ତରଙ୍କ ବିବୃତ୍ତିର ପ୍ରୟୋଜନ ଅଂଶ ନିମ୍ନରେ ଉଦ୍ଧୃତ କରାଗଲା ।

: ହଁ, ହଁ । ସେ ରୋଗୀଟି ଆମ ଏଠି ଭର୍ତ୍ତି ହୋଇଥିଲା । 'ମେଣ୍ଟାଲ ସକ୍' ଓ 'ବ୍ରେନ ଇନଜୁରୀ' କାରଣରୁ ତାଙ୍କର ମତିଭ୍ରମ ହୁଏ । ଟ୍ରେନରେ ସେ ସୁସ୍ଥ ଥିଲେ । ମାତ୍ର ରାସ୍ତାରେ ତାଙ୍କର

Digitized by srujanika@gmail.com

ସେହି ପୂର୍ବ ରୋଗ ପୁଣି ଦେଖାଦିଏ । ତେଣୁ କାଶୀରେ ପହଞ୍ଚି ସେମାନେ ତାଙ୍କୁ ଏଠାରେ ଭର୍ତ୍ତି କରିଥିଲେ । ତାଙ୍କୁ 'ସକ୍ ଟ୍ରିଟମେଣ୍ଟ' ନିମନ୍ତେ ଏଠାରେ ରଖାଯାଏ । ଅବଶ୍ୟ ତା'ର ଆଉ ଦରକାର ପଡ଼ିଲା ନାହିଁ । ତାଙ୍କର ଜଣେ ମହିଳା ଆତ୍ମୀୟାଙ୍କୁ ଦେଖିବା ମାତ୍ରେ ସେ ସୁସ୍ଥ ହେବାକୁ ଲାଗିଲେ । ସମ୍ଭବତଃ ବହୁଦିନ ପରେ ତାଙ୍କୁ ଦେଖିବାରୁ ସେ ଆରୋଗ୍ୟ ଲାଭ କରିବାକୁ ଲାଗିଲେ । ପରେ ତାଙ୍କ ସେବା ଦ୍ୱାରା ସେ ଧୀରେ ଧୀରେ ସୁସ୍ଥ ହୋଇ ଉଠନ୍ତି । ମୁଁ ତାଙ୍କୁ ରୋଗୀକୁ ନେଇ ଦେଶ ଭ୍ରମଣ କରିବା ପାଇଁ ଉପଦେଶ ଦେଇଛି । ଏଥିରେ ରୋଗୀର ମାନସିକ ଭାରସାମ୍ୟ ଆହୁରି ଭଲ ହେବ । ସେ କିଛିଦିନ ପରେ ତାଙ୍କର ପୂର୍ବ ସ୍ୱାସ୍ଥ୍ୟ ଫେରି ପାଇବେ ଏବଂ ସ୍ୱାଭାବିକ କାମ ଦାମରେ ଯୋଗଦେଇ ପାରିବେ ।

ହଁ, ହଁ, ମହିଳା ଦୁଇଟିଙ୍କ ମଧ୍ୟରୁ ଜଣଙ୍କ ମୁଣ୍ଡରେ ମୁଁ ସିନ୍ଦୂର ଦେଖିଥିଲି । ମହିଳା ଦୁଇଜଣ ଆତ୍ମୀୟା ଏବଂ ଏକ ଧର୍ମର ହେଲେ ଏକଥା କୁହାଯାଇପାରେ ଯେ, ସେମାନଙ୍କ ମଧ୍ୟରୁ ଜଣେ କୁମାରୀ । ସେମାନେ ଏ ଦେଶର ସଂସ୍କୃତି କ୍ଷେତ୍ରରେ ଅଗ୍ରଗାମୀ । ତେଣୁ ସେମାନଙ୍କ ଚାଲିଚଳଣ ସହିତ ଆପଣମାନଙ୍କର ସଂସ୍କୃତିର 'କନଟ୍ରାଷ୍ଟ' ହେବା ସ୍ୱାଭାବିକ । କିନ୍ତୁ ମୋ ମତରେ, ଏହି ମହିଳା ଦୁଇଜଣଙ୍କ ସମ୍ବନ୍ଧରେ ଏ ଦେଶ ଗର୍ବ ଅନୁଭବ କରିବା ଉଚିତ ।

ଏହାପରେ କାଶୀ ସହରରେ ଅବସ୍ଥାନ କରିବାର ଆଉ କୌଣସି ପ୍ରୟୋଜନ ନ ଥିଲା । ମୁଁ ସ୍ଥାନୀୟ କୋତୱାଲୀର ଅଫିସରମାନଙ୍କ ଠାରୁ ବିଦାୟ ନେଇ ସେହିଦିନ କଲିକତା ମେଲ୍ ଯୋଗେ କଲିକତାରେ ପହଞ୍ଚିଲି ।

ଥାନାକୁ ଫେରିବା ପରେ ଦୁର୍ଲ୍ଲଭ ବାବୁଙ୍କ ଶ୍ୱଶୁର ଘରଟି ଦୃଷ୍ଟି ଗୋଚର ହୁଏ । ସେମାନେ କୌଣସି ସମ୍ବାଦ ତାଙ୍କ ପାଖକୁ ପଠାଇଛନ୍ତି କି ନା ଥରେ ଜାଣିଯିବା ଉଚିତ ବୋଲି ଭାବି ଘୋଡ଼ା

Digitized by srujanika@gmail.com

ଗାଡ଼ିଟି ସେଠାରେ କିଛିକ୍ଷଣ ଠିଆ କରାଇ ଅଧ୍ୟାପକଙ୍କ ସହିତ ସାକ୍ଷାତ କଲି । ଗତ ରାତିରେ ତାଙ୍କ ଯୋଗେ ପାଇଥିବା ଖଣ୍ଡିଏ ପତ୍ର ସେ ମୋତେ ଦେଖାଇଲେ । ପତ୍ରଟି ମୁଁ ପୁଙ୍ଖାନୁପୁଙ୍ଖ ରୂପେ ପାଠକଲି । ବୁଝାଯାଏ ଯେ, ତାଙ୍କର କନ୍ୟା ଦୁଇଟି ତାଙ୍କୁ ଏ ପତ୍ରଟି ଲେଖିଛନ୍ତି । ମାତ୍ର ଏକଥା ବୁଝାଯାଏନା ଯେ, କିପରି ଏବଂ କେଉଁଠି ସେମାନେ ପରସ୍ପରକୁ ଭେଟିଲେ । ଏ ପତ୍ରରେ ତାଙ୍କ ପିତାଙ୍କୁ ଆଶ୍ୱସ୍ତ କରିବା ନିମନ୍ତେ କିଛି ଲେଖିଲେ ବି ବସ୍ତୁଗତ ଖବରରେ କିଛି ଲେଖା ହୋଇ ନାହିଁ । ବୋଧହୁଏ ପତ୍ର ଦ୍ୱାରା ବିସ୍ତାରିତ ବିବରଣୀ ସେମାନେ ବର୍ତ୍ତମାନ ତାଙ୍କ ପିତାଙ୍କୁ ଜଣାଇବାକୁ ଚାହିଁ ନାହାନ୍ତି । କାରଣ, ତାଙ୍କ ଅବ୍ୟବସ୍ଥା ପାଇଁ ସେଟା କୌଣସି ବିପକ୍ଷ ପକ୍ଷୀୟ ଲୋକମାନଙ୍କ ହାତରେ ପଡ଼ିପାରେ । ତେଣୁ ଚିଠିଟି କେଉଁଠୁ ଆସିଲା, ତା' ଖାମଟି ହଜି ଯାଇଥିବାରୁ ବୁଝି ହେଲା ନାହିଁ । ଅଧ୍ୟାପକ ମହାଶୟ ସେ ସମ୍ବନ୍ଧରେ ମୋତେ କିଛି କହି ନଥିଲେ । ସେହି କରୁଣ ଚିଠିର ନକଲ ତଳେ ଦିଆଗଲା ।—

"ଆପଣଙ୍କ ଅପରାଧିନୀ କନ୍ୟାମାନଙ୍କର ନମସ୍କାର ଗ୍ରହଣ କରିବେ । ଆପଣଙ୍କ ଶିକ୍ଷା ଦୀକ୍ଷାର ମର୍ଯ୍ୟାଦା ନ ଦେଇ ଆମେ ଉଭୟ ଆମ ମନକୁ କଳୁଷିତ କରିଥିଲୁ । ମାତ୍ର ପୂର୍ବ ପୁରୁଷଙ୍କ ସୁକୃତରୁ ଯଥା ସମୟରେ ସାବଧାନ ହୋଇ ଆମେ ନିଜକୁ ସୁଧାରି ନେଇଛୁ । ନାନୀ ତାଙ୍କ ଆରାଧ୍ୟଦେବତାଙ୍କୁ, ଈଶ୍ୱରଙ୍କ କୃପାରୁ, ପୁନଶ୍ଚ ଲାଭ କରିଛନ୍ତି । ବର୍ତ୍ତମାନ ଆମ ପୂର୍ବ ପାପ କ୍ଷାଳନ ନିମନ୍ତେ ତୀର୍ଥ ପର୍ଯ୍ୟଟନ କରିବା ପାଇଁ ମନସ୍ଥ କରିଛୁ । ତା'ପରେ ଫେରିଆସି ନିଜେ ସୁଖୀ ହେବୁ ଓ ଆପଣଙ୍କୁ ସୁଖୀ କରାଇବୁ ।"

'ମହାପାପ । ଅନୁତାପ ।'—କାଶୀରେ ଥିବା ସମୟରେ ସେଗୁଡ଼ିକର ପୂର୍ବାପର ବ୍ୟବହାର ମଧ୍ୟରେ ଏବଂ ଏହି ଚିଠିଟିର ପ୍ରତି ଛତ୍ରରେ ତା' ପରିସ୍ଫୁଟ । ମାତ୍ର ଏମାନଙ୍କର ଏତେ ବେଦନା କ'ଣ

Digitized by srujanika@gmail.com

ପାଇଁ ? କାହିଁକି ଏମାନଙ୍କର ଏତେ ଅବ୍ୟକ୍ତ ବେଦନା ଓ ଅନୁଶୋଚନା ? ଏହା ଏମାନଙ୍କର ବର୍ତ୍ତମାନ ପ୍ରେମାସ୍ପଦ ଓ ପୂର୍ବର ପ୍ରେମାସ୍ପଦ ଘଟଣାରୁ ଉଦ୍ଭୂତ ହେବା ଅସମ୍ଭବ ନୁହେଁ । ତା'ହେଲେ କ'ଣ ପ୍ରେମଘଟିତ ବିରୋଧିତା ନିମନ୍ତେ ଏଇ ପୁରୁଷ ଦୁଇଜଣ ସେହି ପ୍ରୌଢ଼ ଭଦ୍ର ଲୋକଙ୍କ ସାହାଯ୍ୟରେ ଏହି ନାରୀ ଦ୍ୱୟଙ୍କୁ ଲାଭ କରିବା ପାଇଁ ସେମାନଙ୍କ ପ୍ରେମର ପ୍ରତିଦ୍ୱନ୍ଦୀମାନଙ୍କୁ ହତ୍ୟା କରି ସେମାନଙ୍କ ନାରୀଙ୍କୁ କୌଶଳରେ ଅପହରଣ କଲେ ? ବର୍ତ୍ତମାନ ସେମାନଙ୍କୁ ନେଇ ହୁଏତ ସେମାନେ ପଶ୍ଚିମରେ କେଉଁଠି ସ୍ଥାୟୀ ଭାବେ ବସବାସ କରି ପାରନ୍ତି ।

ବର୍ତ୍ତମାନ ବିବେଚ୍ୟ ବିଷୟ ଏହିଯେ, ଏହି ନାରୀଦ୍ୱୟଙ୍କର ଏତେ ଘଟଣା ପରେ ବି ତାଙ୍କର ଅନୁତାପ କ'ଣ ପାଇଁ ? ବୋଧହୁଏ ହିନ୍ଦୁର ଶ୍ରେଷ୍ଠ ତୀର୍ଥ କାଶୀଧାମରେ ଏତେ ଦିନ ଧରି ସୁପ୍ତ ଅବସ୍ଥାରେ ଥିବା ଧର୍ମ ବିଶ୍ୱାସ ଅନୁପ୍ରେରିତ ହୋଇ ଜାଗ୍ରତ ହୋଇଥିବ । ତେଣୁ ସେମାନଙ୍କ ମନରେ ଏତେ ଅନୁତାପ ଆସିଛି । ବର୍ତ୍ତମାନ ହିନ୍ଦୁ ସମାଜ ବ୍ୟବସ୍ଥାରେ ନିଜକୁ ସଜାଡ଼ି ନେଇ ସମାଜକୁ ଫେରିବାର କୌଣସି ଉପାୟ ନଥିବାରୁ ଏମାନଙ୍କ ଅନୁତାପ ବର୍ଦ୍ଧିତ ହୋଇପାରେ । ହିନ୍ଦୁ ଧର୍ମର ବର୍ତ୍ତମାନ କାଳୀନ କଠୋରତା ପାଇଁ ଅନ୍ୟାନ୍ୟ ଧର୍ମ ଧୀରେ ଧୀରେ ତା'ର ପ୍ରତିଦ୍ୱନ୍ଦୀ ରୂପେ ପରିବର୍ତ୍ତିତ ହୋଇଛି । ହୁଏତ ସମୟ ଆସିବ ଯେତେବେଳେ ଏ ଧର୍ମ ଉଦାର ହେବ । ମାତ୍ର ଏମାନଙ୍କର ଏହି ଅନୁତାପ ବା ଅନୁଶୋଚନାର କାରଣ ମୁଁ ବୁଝି ପାରୁ ନାହିଁ ।

ସହରକୁ ଫେରି ମୁଁ ଜାଣି ପାରିଲି ଯେ, ମୋ ଅବର୍ତ୍ତମାନରେ ମୋର ସହକାରୀ ରତନ ବାବୁ, ପୂର୍ବ ନିର୍ଦ୍ଦେଶାନୁସାରେ ମାଡ଼ବାଡ଼ି ଘର ଉପରେ ଲକ୍ଷ୍ୟ ରଖିଥିଲେ । ସେଠାରେ ଜଣେ ନେପାଳୀ ଓ ଜଣେ ଲୁଙ୍ଗିପିନ୍ଧା ଲୋକକୁ ସନ୍ଦେହଜନକ ଭାବରେ ବୁଲୁଥିବାର ଦେଖି

Digitized by srujanika@gmail.com

ଥିଲେ । ରତନ ବାବୁଙ୍କୁ ଦେଖିବା ମାତ୍ରେ ସେ ମାନେ ଦୌଡ଼ି ପଳାଇ ଥିଲେ ଓ ରତନ ବାବୁ ସେମାନଙ୍କ ପଛେ ପଛେ ଦୌଡ଼ି ଦୁଇ ମାଇଲ ଦୂରରେ ଥିବା ଗୋଟାଏ ଆମ୍ରବଣ ମଧ୍ୟରେ ସେମାନଂକୁ ଲୁଚ ଯିବାର ଦେଖିଥିଲେ । ରତନ ବାବୁଂକ ଲିଖିତ ତତ୍ ସମ୍ପର୍କିତ ପୃଥକ 'ଡାଇରୀ' ଏହା ସହିତ ସଂଯୁକ୍ତ ହୋଇ ପ୍ରେରିତ ହେଲା । ମୋ ମତରେ ଏହା ଗୋଟିଏ ବିଚ୍ଛିନ୍ନ ଘଟଣା । ମାତ୍ର ଆଶ୍ଚର୍ଯ୍ୟ କଥା ସେଠାରୁ ମିଳିଥିବା ଘୋଡ଼ା ଗାଡ଼ିରେ ରକ୍ତର ଦାଗ ଦେଖିବାକୁ ମିଳିଥିଲା । ତେଣୁ ତାର ଗୋଟାଏ ଫଟୋଚିତ୍ର ନିଆ ହୋଇ ଏହା ସହିତ ପଠାଗଲା ।

• ବର୍ତ୍ତମାନ କେଉଁମାନେ ଖୁନ୍ ହେଲେ ଓ କେଉଁମାନେ ସେମାନଂକୁ ଖୁନ୍ କଲେ ସେକଥା ବୁଝି ପାରିନାହିଁ । ସେଥିପାଇଁ ଆପଣଂକ ଆଦେଶ ଅପେକ୍ଷାରେ ରହିଲି । ସେହି ଆଦେଶାନୁସାରେ ପରବର୍ତ୍ତୀ କର୍ତ୍ତବ୍ୟ ସାଧନ କରାଯିବ । ଆଟର୍ଣ୍ଣି ମି: ଦତ୍ତଂକ ଘର ବର୍ତ୍ତମାନ ଖାନତଲ୍ଲାସୀ କରାଯିବ କି ନା ତା'ର ଆଦେଶ ପାଇଁ ଅପେକ୍ଷା କଲି । ରତନ ବାବୁ ମାରଫତ ଆପଣଙ୍କଂର ମୌଖିକ ଆଦେଶ କ'ଣ ଆଜି ଷ୍ଟୋ'ର ସନ୍ଧିରେ ସମାଧାନ କରାଯିବ ? ଆପଣଂକ ପରବର୍ତ୍ତୀ ହୁକୁମ ଅପେକ୍ଷାରେ ଆଜି ଏଇଠି କ୍ଷାନ୍ତ ହେଲି । ମୁନସ୍ ବଦରୁଦ୍ଦିନ କର୍ତ୍ତୃକ ଅନୁଦିତ ହୋଇ ଏହି ଡାଇରୀ ହୁଜୁରଂକ ପରିଦର୍ଶନାର୍ଥେ ପଠାଗଲା । ଇତି ।

ସ୍ୱାକ୍ଷର —ଶ୍ରୀ ସୁକୁମାର ସେନ୍ ଶର୍ମା

ଦୈନିକ ଖବର କାଗଜରୁ ଗୃହୀତ ସମ୍ବାଦ :

"ସହରର ଶୃଙ୍ଖଳକର ହତ୍ୟାକାଣ୍ଡ ତଦନ୍ତରେ ପୋଲିସର ଅକର୍ମଣ୍ୟତା ସମ୍ବନ୍ଧରେ ଆମ ଏଇ ପତ୍ରିକାରେ ଆମେ ବହୁଥର

Digitized by srujanika@gmail.com

ସମାଲୋଚନା କରନ୍ତୁ । ସହରର ଜନପ୍ରିୟ ପ୍ରସିଦ୍ଧ ବ୍ୟବସାୟୀ ଓ ତାଙ୍କର ଜଣେ ଅଜ୍ଞାତନାମା ବନ୍ଧୁଙ୍କ ଖୁଣ୍ ସନ୍ଧାନରେ ଏ ପର୍ଯ୍ୟନ୍ତ ପୋଲିସ କୌଣସି କିନାରା କରିବାରେ ଅସମର୍ଥ । ଯେଉଁ ପ୍ରସିଦ୍ଧ ବ୍ୟବସାୟୀଙ୍କ ମୃତ ଦେହ ଏ ପର୍ଯ୍ୟନ୍ତ ପୋଲିସ ଉଦ୍ଧାର କରିବା ପାଇଁ ଅସମର୍ଥ । ତାଙ୍କ ବନ୍ଧୁଙ୍କର ମୁଣ୍ଡହୀନ ଦେହ ଅବଶ୍ୟ ଦସ୍ୟୁମାନେ ଘଟଣା ସ୍ଥଳରେ ପକାଇ ଦେଇ ଯାଇଥିଲେ । ପୋଲିସ ତାଙ୍କର ନାମଧାମ ଏପର୍ଯ୍ୟନ୍ତ ଜାଣି ପାରିଲା ନାହିଁ । ପୋଲିସ ବର୍ତ୍ତମାନ ଆଟର୍ଣ୍ଣି ମିଃ ଦତ୍ତଙ୍କ ମୀରହ୍ନ ପୁଅ ଓ ତାଙ୍କର ସହକାରୀଙ୍କୁ ଖୋଜିବା ନିମନ୍ତେ ସାରା ସହରକୁ ଘାଣ୍ଟି ଚକଟି ପକାଇଲେ । ସେମାନଙ୍କୁ ଖୋଜି ବାହାର କରିବା ନିମନ୍ତେ ମିଃ ଦତ୍ତ ସ୍ୱୟଂ ପୁରସ୍କାର ଘୋଷଣା କରିଛନ୍ତି । ଏହି ଯୁବକ ଦୁଇଟି ସହରର ବିଖ୍ୟାତ ଫୁଟ୍‌ବଲ ଖେଳାଳି ଓ ଅମାୟିକ ବ୍ୟକ୍ତି । ଆମର ଧାରଣା ଦୁଷ୍ଟ ଲୋକମାନେ ସେମାନଙ୍କୁ ଗୁମ୍ କରି ରଖିଛନ୍ତି । ମାତ୍ର ହଠାତ୍ ମିଃ ଦତ୍ତଙ୍କ ଘରେ ପୋଲିସ ଖାନ୍‌ତଲ୍ଲାସୀ କାହିଁକି କଲା ? ପୋଲିସର ଏପରି ଜୁଲୁମ କ'ଣ ବନ୍ଦ ହୋଇ ପାରେନା ?"

ଇଂରାଜୀ ଦୈନିକ ଖବର କାଗଜର ସମ୍ବାଦ :

"ପୁରୁଷମାନଙ୍କ ଅବର୍ତ୍ତମାନରେ ପର୍ଦ୍ଦାନଶୀନ ମହିଳାମାନଙ୍କ ବାସଗୃହ ତଲ୍ଲାସିକୁ ଆମେ ପସନ୍ଦ କରିପାରୁନୁ । ଏ ଦେଶର ସରକାର ଏ ବିଷୟରେ ଯଥେଷ୍ଟ ସଚେତନ । ମାତ୍ର ପୋଲିସ କୈଫିୟତରୁ ଜଣାଯାଏ ଯେ, ସେମାନଙ୍କ ସମ୍ମୁଖରେ ଦୁଇଟି ଯୁବକ ଆଟର୍ଣ୍ଣିବାବୁଙ୍କ ଘରେ ପ୍ରବେଶ କରିଥିଲେ । ତେଣୁ ସେମାନଙ୍କ

Digitized by srujanika@gmail.com

ସନ୍ଧାନରେ ପୋଲିସକୁ ଶୀଘ୍ର ଉକ୍ତ ଘର ଖାନତଲ୍ଲାସ କରିବାକୁ ପଡ଼େ । ଏ ବିଷୟରେ ସରକାର ବାହାଦୂର ଦୁଃଖ ପ୍ରକାଶ କରି କହୁଛନ୍ତି ଯେ ଏପରି ଘଟଣା ପୁନଶ୍ଚ ସଂଘଟିତ ହେବନାହିଁ । ଏହି ସାମାନ୍ୟ ବିଷୟରେ ଏତେ ପାଟିତୁଣ୍ଡ କରିବା ଉଚିତ୍ ନୁହେଁ । ଆହୁରି ଜଣା ଯାଇଛି ଯେ, ପୋଲିସ ଜୁଲୁମରେ ବ୍ୟତିବ୍ୟସ୍ତ ହୋଇ ମିଃ ଦତ୍ତଙ୍କ କନ୍ୟା (ବେଥୁନ କଲେଜ ଛାତ୍ରୀ) ମିସ୍ ଦତ୍ତ ବହୁ ବିପଦ ମୁଣ୍ଡରେ ନେଇ ତାଙ୍କ କଲେଜର ଜଣେ ତରୁଣ ଅଧ୍ୟାପକଙ୍କ ଘରେ ଆଶ୍ରୟ ନେଇଛନ୍ତି । ଏ ବିଷୟରେ ବର୍ତ୍ତମାନ କୌଣସି ମନ୍ତବ୍ୟ ପ୍ରକାଶ କରି ଆମେ ମାନହାନି ମକଦ୍ଦମାରେ ପଡ଼ିବାକୁ ଚାହୁଁନା । ଏ ପର୍ଯ୍ୟନ୍ତ ଖ୍ରିଷ୍ଟିର କୌଣସି କିନାରା ପୋଲିସ ନ କରି ପାରିବାରୁ ଶାନ୍ତିକାମୀ ମନୁଷ୍ୟ ଭୟରେ ପ୍ରମାଦ ଗଣୁଛନ୍ତି ।”

୨

ପାଠକମାନଙ୍କ ପ୍ରତି :

ଏହି 'ଡାଇରି'ର ପରିଶେଷ 'ସିଲ୍'ଯୁକ୍ତ ହୋଇ ପୋଲିସ୍-ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିମତ ସନ୍ନିବେଶିତ ହୋଇଛି । ପୁସ୍ତକର ଏହି ଅଂଶ 'ସିଲ୍' କାଟି ପାଠ କରନ୍ତୁ । ତହିଁରୁ ଜାଣି ପାରିବେ ଯେ, କାହାକୁ କି ଉଦ୍ଦେଶ୍ୟରେ କିଏ ବା କେଉଁମାନେ ଓ କେଉଁଠି ଏହି

Digitized by srujanika@gmail.com

ଖୁଣ କରିଛନ୍ତି । ମାତ୍ର ଯେଉଁ 'ସିଲ୍' ଖୋଲିବା ପୂର୍ବରୁ ଏହି 'ଡାଇରି'ରେ ଉଲ୍ଲେଖିତ ତଥ୍ୟ ଗୁଡ଼ିକ ପାଠ କରି ନିଜେ ଠିକ୍ କରନ୍ତୁ ଯେ, ପ୍ରକୃତ ହତ୍ୟାକାରୀ କିଏ ବା କେଉଁମାନେ ? ସେମାନଙ୍କ ଦଳ ମଧ୍ୟରେ କେଉଁ କେଉଁ ବ୍ୟକ୍ତି କି କି ଉଦ୍ଦେଶ୍ୟରେ ସଂପୃକ୍ତ ଥିଲେ ? କି ପ୍ରକାର ପଦ୍ଧତିରେ ସେମାନଙ୍କୁ ହତ୍ୟା କରି ଯାଇଛି ? ମୃତ ଦେହଗୁଡ଼ିକ କେଉଁଠୁ କପରି ଭାବରେ ସ୍ଥାନାନ୍ତରିତ କରି ଯାଇଛି ? ଏଠାରେ ଅବଶ୍ୟ ଆପଣମାନେ ତଦନ୍ତର ଭୁଲ୍ ଭ୍ରାନ୍ତି ବିଷୟରେ ବିବେଚନା କରିବେ । ପ୍ରତିଟି ସମ୍ଭାବ୍ୟ ବିଷୟ ଅନୁମାନ କରି ଦିଅନ୍ତୁ । 'ସିଲ୍'ଯୁକ୍ତ ମନ୍ତବ୍ୟଟି ପାଠ କରିବା ପୂର୍ବରୁ ମୁଁ ଏତିକ ଏଠି କହିବାକୁ ଚାହେଁ ଯେ, ମୂଳତଃ ପରିବେଶିକ ପ୍ରମାଣ ଉପରେ ନିର୍ଭର କରି ପୋଲିସ-ସୁପରିଣ୍ଟେଣ୍ଡେଣ୍ଟ ତାଙ୍କ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ପ୍ରତ୍ୟକ୍ଷଦର୍ଶୀମାନେ ମିଛ କହିଲେ ବି ପରିବେଶିକ ପ୍ରମାଣ ମିଛ କହିବ ନାହିଁ । ଟୁକୁରା ଟୁକୁରା କାହାଣୀ ଓ ନିର୍ଜୀବ ପ୍ରଦର୍ଶନୀ (*Exhibit*) ତାହାର ସହାୟକ । ସେମାନଙ୍କର ଏକକ ଅବସ୍ଥିତି ମୂଲ୍ୟହୀନ । ମାତ୍ର ସେମାନଙ୍କର ଏକତ୍ର ପରିବେଶ ଅକାଟ୍ୟ ପ୍ରମାଣ । କେଉଁଟି ଅନୁମାନକୁ ଭିତ୍ତି କରି ଦେଖିବାକୁ ପଡ଼ିବ ଯେ, 'ଡାଇରି'ର ପ୍ରାପ୍ତ ବିବିଧ ତଥ୍ୟ ମଧ୍ୟରୁ କେଉଁଗୁଡ଼ିକ ନିର୍ଭୁଲ ଭାବରେ ତହିଁରେ ଖାପ ଖାଉଛି । ଏଠାରେ 'ନେଗେଟିଭ୍ ଏଭିଡେନ୍ସ' ସହିତ 'ପଜେଟିଭ ଏଭିଡେନ୍ସ' ବିବେଚନା କରିବାକୁ ପଡ଼ିବ । ଅର୍ଥାତ୍ ଦସ୍ୟୁମାନେ ଏମିତି ସେମାନଙ୍କ କୁକର୍ମ କରିପାରି ଥା'ନ୍ତେ ମାତ୍ର ଏପରି କାହିଁକି କଲେ ? ଏହି 'କରିବା ଓ ନ କରିବା' ସମ୍ପର୍କିତ କାରଣଗୁଡ଼ିକ ବିବେଚନା କରିବାକୁ ପଡ଼ିବ । ବର୍ତ୍ତମାନ ବିଚାର କରି ଦେଖନ୍ତୁ ଯେ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ଏ ବିଷୟରେ କେତେଟିକେ କୃତକାର୍ଯ୍ୟ ହୋଇଛନ୍ତି ।

Digitized by srujanika@gmail.com

ମେମୋ ନଂ ୬

Digitized by srujanika@gmail.com

ମେମୋ ନଂ ୭

ମୁଁ ପୋଲିସ-ସୁପରିଣ୍ଟେଣ୍ଡେଣ୍ଟ ଜେ. ହ୍ୱାର୍ଟ ମେଛୁଆ ଥାନାର ଅଫିସର ଶ୍ରୀ ସୁକୁମାର ସେନ ଶର୍ମାଙ୍କ ସ୍ମାରକ ଲିପି ପାଇ ଯଥେଷ୍ଟ ଖ୍ୟାତି ପ୍ରୀତ ହେଲି । ଏହି ହତ୍ୟା ମାମଲାଟି ବର୍ତ୍ତମାନ ରୋମାଞ୍ଚକର ଘଟଣାରେ ପରିଣତ ହେଲାଣି । ନେପଥ୍ୟରେ ସୃଷ୍ଟ ଘଟଣାଟି ଶେଷରେ ବିୟୋଗାନ୍ତ ନ ହୋଇ ମିଳନାନ୍ତ ହୋଇଛି ।

ମୋ'ର ସୁଚିନ୍ତିତ ଅଭିମତ ଏହି ଯେ, ଦୁର୍ଗ୍ଗାଦାସବାବୁ ସୁସ୍ଥ ଶରୀରରେ ପଶ୍ଚିମରେ କୌଣସି ସହରରେ ଅଛନ୍ତି । ତାଙ୍କ ସହିତ ତାଙ୍କର ବିପଥ-ଗାମିନୀ ସ୍ତ୍ରୀର ପୁନର୍ମିଳନ ଘଟିଛି । ତାଙ୍କର ଶାଳିକା ତାଙ୍କ ସମ୍ପର୍କରେ ମୋହ ମୁକ୍ତ ହୋଇ ଡାକ୍ତରବାବୁଙ୍କ ସହିତ ମିଳିତ ହୋଇଛନ୍ତି ।

ଦସ୍ୟୁମାନେ ଦୁର୍ଗ୍ଗାଦାସବାବୁଙ୍କୁ ଅପହରଣ ସମୟରେ ତାଙ୍କୁ ମରଫିଆ ଇଞ୍ଜେକ୍‌ସନ ଦ୍ୱାରା ଅଚେତନ କରନ୍ତି । ତେଣୁ ଦମ୍‌ଦମ୍ ହସପାତାଳରେ ତାଙ୍କ ଦେହରୁ ମରଫିଆ ମିଳିଛି । ଅଚେତନ ଅବସ୍ଥାରେ ତାଙ୍କୁ ମାରବାଡ଼ି ଘରକୁ ନେଇଯାଇ ତାଙ୍କର ଚିପଚନ୍ଦ୍ର ଗୋଟାଏ ଦଲିଲ ଉପରେ ନିଆଯାଏ । ପରେ ତାଙ୍କୁ ଦୁର୍ବୃତ୍ତମାନେ ଅନ୍ୟତ୍ର ନେଇ ଯାଇ ହତ୍ୟା କରିବାକୁ ଚାହିଁଥିଲେ, ମାତ୍ର ପ୍ରଭୁଭକ୍ତ ଅଶ୍ୱର ସହଜାତ 'ଇନ୍‌ଷ୍ଟିଙ୍କଟ୍' ତାଙ୍କୁ ନିର୍ଘାତ ମୃତ୍ୟୁ ମୁହଁରୁ ରକ୍ଷା କରେ । ସେ ଅଶ୍ୱଟି ସେତେବେଳେ ଦସ୍ୟୁଦଳର ଜଣକୁ ନିର୍ମମ ଭାବେ ଆଘାତ କରେ । ପରେ ଏଇ ବ୍ୟକ୍ତିର ମୃତ ଦେହ ନଦୀ କୂଳରୁ ମିଳିଛି । ବର୍ତ୍ତମାନ ବିବେଚ୍ୟ ବିଷୟ ହେଉଛି ଯେ, ଦୁର୍ଗ୍ଗାଦାସ ବାବୁଙ୍କ ଘରୁ ମିଳିଥିବା ମୃତ ଦେହଟି କାହାର ? କହିଲେ ଅତ୍ୟୁକ୍ତି ହେବ ନାହିଁଯେ, ତା' ଧନୀ ମାରବାଡ଼ି ରୂପଚାନ୍ଦ ସରୋଗୀଙ୍କ ଏକମାତ୍ର ପୁତ୍ର ମହାବୀରର ମୃତ ଦେହ । ତାକୁ ସେମାନଙ୍କ 'ଗେଷ୍ଟ ହାଉସ'ରେ ହତ୍ୟା କରିଯାଇଥିଲା ଓ ପରେ ତାକୁ ଆଣି ଘରର ପଛ ପଟରେ

Digitized by srujanika@gmail.com

ଗୋଟାଏ ଚୌକା ବାକ୍ସରେ ଭର୍ତ୍ତି କରାଯାଏ । ଏଇ ବାକ୍ସଟିକୁ ଘୋଡ଼ାଗାଡ଼ିରେ ଦୁର୍ଜ୍ଜୟ ବାବୁଙ୍କ ଘର ପଛପଟ ବଗିଚା ମଧ୍ୟ ଦେଇ ଘର ଭିତରକୁ ଝରକାବାଟେ ଅଣାଯାଏ । ନିହତ ବ୍ୟକ୍ତିର ଭକ୍ତ କୁକୁରଟି ସେହି ଗାଡ଼ି ପଛେ ପଛେ ଦୁର୍ଜ୍ଜୟବାବୁଙ୍କ ଘର ପାଖକୁ ଆସେ । ଏଇ କୁକୁରଟି ପରେ ଶୋକ ସନ୍ତପ୍ତ ହୋଇ ମୃତ୍ୟୁ ବରଣ କରେ । ବଗିଚାର ଯେଉଁସ୍ଥାନରେ କୁକୁରଟି ଖୁମ୍ପୁଡ଼ା ଖୁମ୍ପୁଡ଼ି କରୁଥିଲା, ତା'ର ତଳୁ ମାରୱାଡ଼ି ପୁଅର ମୁଣ୍ଡ ଖୋଳିଲେ ପାଇବ ।

ଦସ୍ୟୁମାନେ ପ୍ରଥମେ ମହାବୀରକୁ ମରଫିଆ ଇଞ୍ଜେକ୍ସନ ଦେଇ ଅଚେତନ କରନ୍ତି ଏବଂ ପରେ ତାକୁ ହତ୍ୟା କରି ସେହି ଗୁରକଣିଆ ବାକ୍ସରେ ଭର୍ତ୍ତି କରି ନେଇ ଆସନ୍ତି । ତେଣୁ ପୋଷ୍ଟ ମର୍ଟମ ରିପୋର୍ଟରେ ଦେଖାଯାଏ ଯେ, ମୃତ ଦେହ ଉଦରରେ ମରଫିଆ ଥିଲା । ଘଟଣାର ପୂର୍ବଦିନ ସେମାନେ ମରଫିଆ ଓ ସିରିଞ୍ଜ ଡୋଭର କୋଂରୁ କିଣନ୍ତି । ଏହାର ବିକ୍ରୟ ପତ୍ର ଘଟଣା ସ୍ଥଳରୁ ମିଳିଛି । ଅନଭିଜ୍ଞ ହାତ ଯୋଗୁ ସିରିଞ୍ଜର ଛୁଞ୍ଚିଟି ଭାଙ୍ଗି ଯାଇଥିଲା ; ଯା' ପୋଷ୍ଟ ମର୍ଟମ ରିପୋର୍ଟ ସହିତ ମିଳିଛି ।

ଦସ୍ୟୁମାନେ ମହାବୀରର ମୁଣ୍ଡଟିକୁ କାଟି ତଳେ ପୋତି ପକାଇ ବାକ୍ସ ସହ ଦେହଟିକୁ ଝରକାବାଟେ ଦୁର୍ଜ୍ଜୟବାବୁଙ୍କ ଘରକୁ ଆଣିବା ପୂର୍ବରୁ ଦସ୍ୟୁମାନଙ୍କର ଅନ୍ୟ ଗୋଟିଏ ଦଳ ଦୁର୍ଜ୍ଜୟବାବୁଙ୍କ ଘରେ ପଶି ତାଙ୍କୁ ପ୍ରଥମେ ମରଫିଆ ଇଞ୍ଜେକ୍ସନ ଦେଇ ଅଜ୍ଞାନ କରି ପକାଇଥିଲେ । ଅନ୍ଧକାର ଘର ମଧ୍ୟରେ ପଶିବାବେଳେ ସେମାନେ କେତୋଟି ଦିଆସିଲି ଜାଳି ଘରଟିକୁ ଦେଖି ନେଇଥିଲେ । ତେଣୁ ସେଠାରେ କେତୋଟି ଅର୍ଦ୍ଧଦଗ୍ଧ ଦିଆସିଲି କାଠି ମିଳିଛି । ତା'ପରେ ସେମାନେ ଝରକାବାଟେ ମୃତ ଦେହଟିକୁ ଆଣିବାବେଳେ କିଞ୍ଚିତ ରକ୍ତ ଝରକାରେ ଥିବା ପରଦାରେ ଲାଗିଛି । ପରେ ଦୁର୍ଜ୍ଜୟବାବୁଙ୍କ ଶୟନକକ୍ଷର ଦରଜା ଖୋଲି ସେମାନେ ବାରଣ୍ଡାରେ ମୃତ ଦେହଟିକୁ

Digitized by srujanika@gmail.com

ରଖି ଦିଅନ୍ତି । ଏବଂ ଦରଜାଟିକୁ ପୂର୍ବ ପରି ବନ୍ଦ କରି ଦିଅନ୍ତି । ତା'ପରେ ସେମାନେ ଗୋଲ ସେଲ୍ଫଟି ମଧ୍ୟରେ ଦୁର୍ଦ୍ଦଣ୍ଡବାବୁଙ୍କୁ ପୂରାଇ ଗୋଟାଏ ରସି ସାହାଯ୍ୟରେ ଝରକାବାଟେ ତଳକୁ ଓହ୍ଲାଇ ଦିଅନ୍ତି ଏବଂ ଘୋଡ଼ାଗାଡ଼ି ଯୋଗେ ତାଙ୍କୁ ବନ୍ଧନ କରି ନେଇ ଆସନ୍ତି ।

ମହାଶୟଙ୍କୁ ବନ୍ଧନ କରି ଆଣିଥିବା ଘୋଡ଼ାର ଗୋଟାଏ ଖୁରା ସାମାନ୍ୟ ବଙ୍କା ଥିଲା । ଓଦା ପଥ ଉପରେ ଉତ୍କୀର୍ଣ୍ଣ ଖୁରାର ଛାପ ଲକ୍ଷ୍ୟ କଲେ ତା' ସ୍ପଷ୍ଟ ବୁଝି ହୁଏ । ଦୁର୍ଦ୍ଦଣ୍ଡବାବୁଙ୍କ ଘରେ ବିଛା ହୋଇଥିବା କାର୍ପେଟ ଉପରେ ଖୁବ ଗୁରୁଭାରୀ ବାକ୍ସଟିକୁ ରଖିବା ଫଳରେ ଯେଉଁଠାରେ ଗୋଟାଏ ଗୁରୁଭାରୀ ଦାଗ ଉତ୍କୀର୍ଣ୍ଣ ହୋଇଛି ତା' ଫଟୋ-ଚିତ୍ରରୁ ବୁଝାଯାଏ । ସେଉଠାରେ ସେଲ୍ଫର ଗୋଲ ଦାଗ ଦେଖା ନ ଗଲେ ବି ବାକ୍ସର ଦାଗ ଦେଖିବାକୁ ମିଳେ । ଅବଶ୍ୟ ତଦନ୍ତକାରୀ-ଅଫିସର ସେଉଠାରେ ସେଲ୍ଫର ଗୋଲ ଦାଗ ଦେଖିବାକୁ ପାଇଥିଲେ । ଏହା ବିଶ୍ୱାସଯୋଗ୍ୟ । ଘଟଣା ସ୍ଥଳରେ ଫଟୋଚିତ୍ର ଗ୍ରହଣ କରିବାର ସାର୍ଥକତା ଏଇଠି ।

ଦୁର୍ଦ୍ଦଣ୍ଡ ବାବୁଙ୍କୁ ବନ୍ଧନ କରି ଦସ୍ୟୁ ଦଳ ତାଙ୍କୁ ମାରିବାଡ଼ି ଘରକୁ ନେଇଯାନ୍ତି, ଏବଂ ସେଠାରେ ଗୋଟାଏ ଜାଲ ଦଲିଲ ଉପରେ ତାଙ୍କର ଟିପ୍‌ଚିହ୍ନ ସଂଗ୍ରହ କରିଯାଏ ।

ନିହତ ବ୍ୟକ୍ତି କିଏ ବା କେଉଁମାନେ ଜଣାଗଲା । ବର୍ତ୍ତମାନ ସେମାନଙ୍କୁ କିଏ ବା କେଉଁମାନେ ହତ୍ୟା କରିଛନ୍ତି ଜାଣିବାର କଥା । ଏ ହତ୍ୟା ଯାହାଙ୍କ ଦ୍ୱାରା ହୋଇ ନା କାହିଁକି ଉକ୍ତ ଦଳର ନେତା ଆଟର୍ଣ୍ଣିଙ୍କ ଲମ୍ପଟ ପୁତ୍ର ସୁଧୀର ଦତ୍ତ ଏବଂ ତାଙ୍କ ବନ୍ଧୁ ବିକାଶ ଗାଙ୍ଗୁଲୀ । ଏ ଦୁଇଜଣଙ୍କ ଫଟୋ ଚିତ୍ର ଦେଖିଲେ ବୁଝି ହୁଏ ଯେ, ସେମାନେ ଯେ ଖୁଣୀ ଏବଂ ଅପରାଧିକ ସେମାନଙ୍କ ପରିହିତ ସୁଟ୍ ଦେଖିଲେ ତା'ର 'ଫିଟିଂ'ଗତ ତ୍ରୁଟି ଲକ୍ଷ୍ୟ କଲେ ବୁଝାଯିବ ।

Digitized by srujanika@gmail.com

ମୋ'ର ସିଦ୍ଧାନ୍ତ ଏହି ଯେ, ସେମାନେ ମହାବୀର ଏବଂ ଦୁର୍ଜ୍ଜୟବାବୁଙ୍କ ପୋଷାକ ଦୁଇଟି ଅପହରଣ କରି ତ୍ୱରିତ ଗତିରେ ପିନ୍ଧି ବାହାରିଯିବା ଫଳରେ ଏପ୍ରକାର ଭ୍ରାନ୍ତି ସେମାନଙ୍କ ଅଗୋଚରରେ ଘଟିଗଲା । ସେମାନଙ୍କ ପରିହିତ ଧୋତି ଖଣ୍ଡିଏ ମାରୱାଡ଼ି 'ଗେଷ୍ଟହାଉସ୍'ରେ ଏବଂ ଆଉ ଖଣ୍ଡିକରେ ଦୁର୍ଜ୍ଜୟବାବୁ ବନ୍ଧା ହୋଇଥିବା କଥା 'ଡାଇରୀ'ରୁ ବୁଝା ଯାଉଛି । ଏହି ପୋଷାକରେ ଦିଆ ଯାଇଥିବା ଧୋବା ଚିହ୍ନରୁ ପୋଷାକ ଦୁଇଟିର ମାଲିକଙ୍କ କଥା ବୁଝାଯିବ । ସୁଧୀନ ଦତ୍ତର ବନ୍ଧୁ ବିକାଶ ଗାଙ୍ଗୁଲୀ ଦୁର୍ଜ୍ଜୟ ବାବୁଙ୍କ ପିତାଙ୍କ ଔରସରୁ ଜାତ ହୋଇଥିବାରୁ ଦୁଇଜଣଙ୍କ ମଧ୍ୟରେ ସାଦୃଶ୍ୟ ରହିବା ସ୍ୱାଭାବିକ । ଉପରନ୍ତୁ ସେ ଦୁର୍ଜ୍ଜୟ ବାବୁଙ୍କ ପୋଷାକଟି ମଧ୍ୟ ପିନ୍ଧିଥିଲେ । ଅଶ୍ୱ ଜାତି ପଶୁ ଦୃଷ୍ଟିରୁ ଘ୍ରାଣ ଜ ଖାସ୍ତ ଅଢନ୍ଦ୍ର ସ୍ଥତାର ଅଧିକାଂଶ । ଦୁର୍ଜ୍ଜୟ ବାବୁଙ୍କ ପରିହିତ ପୋଷାକର ଗନ୍ଧକୁ ତା'ର ମାଲିକ ବୋଲି ଭାବି ଦେଇ ଅଶ୍ୱଟି ବିଭ୍ରାନ୍ତ ହୋଇଥିଲା । ତେଣୁ ବିକାଶ ଗାଙ୍ଗୁଲୀ ଦ୍ୱାରା ଦୁର୍ଜ୍ଜୟ ବାବୁଙ୍କ ଟମ୍‌ଟମ୍‌ଟି ଚଳାଇବା ସମ୍ଭବ ପର ହୋଇଥିଲା । ତା' ପୂର୍ବରୁ ଆଟେଣ୍ଡି ପୁଅ ସୁଧୀନ ଦତ୍ତ ତଳକୁ ଯାଇ କୋଚଓ୍ୱାନକୁ ଦୁର୍ଜ୍ଜୟ ବାବୁଙ୍କ ପାଇଁ ଗାଡ଼ି ଠିକ୍ କରିବା ପାଇଁ କହି ଆସିଥିଲା ଏବଂ ତା'ପରେ ଫେରିଯାଇ ସେ ଦଳସହ ତଳକୁ ଓହ୍ଲାଇ ଯାଇଥିଲା । ବିକାଶ ଗାଙ୍ଗୁଲୀ ସିଧାସଳଖ ସେଠାରୁ ଦୁର୍ଜ୍ଜୟ ବାବୁଙ୍କ ଶ୍ୱଶୁର ଘରକୁ ଯାଇ ତାଙ୍କ ସ୍ତ୍ରୀକୁ ନେଇଆସନ୍ତି । ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ସହିତ ବିକାଶ ଗାଙ୍ଗୁଲୀର ପୂର୍ବରାଗ ଥିବାରୁ ସେ ନୀରବରେ ତା' ସହିତ ଅନୁଗମନ କରିଥିଲା । ତା'ପରେ ସେ ଉକ୍ତ ମହିଳାଙ୍କୁ ଏକ ନିଭୃତ ସ୍ଥାନରେ ପରଦିନ ପର୍ଯ୍ୟନ୍ତ ରଖି ସାରାରାତି ଧରି ଅନ୍ୟାନ୍ୟ ଦୁର୍ଘଟଣାଗୁଡ଼ିକ ସଂଘଟିତ କରନ୍ତି ଏବଂ ପରଦିନ ଦୁଇ ବନ୍ଧୁ (ସୁଧୀନ ଦତ୍ତ ଓ ବିକାଶ ଗାଙ୍ଗୁଲୀ, ଜଣେ ମହାବୀର ସାଜି) ମହିଳାଟିକୁ ସାଙ୍ଗରେ ଧରି କାଶୀ ଚାଲିଯାନ୍ତି । ବର୍ତ୍ତମାନ ସେମାନେ

Digitized by srujanika@gmail.com

କଲିକତାକୁ ଫେରି ଆସିଛନ୍ତି । ଯେପରି ହେଉ ସେମାନଙ୍କୁ ଗେରଫ୍ତାର କରିବାକୁ ପଡିବ । ଦୁର୍ଲ୍ଲଭ ବାବୁଙ୍କ ପ୍ରାକ୍ତନ ମ୍ୟାନେଜର ରମେନ ବାବୁ ଓ ଆଉ କେତେଜଣ ଗୁଣ୍ଡା ସେ ଦଳ ମଧ୍ୟରେ ଥିଲେ । ମାରବାଡ଼ି ରୂପଚାନ୍ଦ ସରୋଗୀର ପ୍ରରୋଚନାରେ ଏହି ଦସ୍ୟୁଦଳଟି ଶ୍ରୀ ଦୁର୍ଲ୍ଲଭ ଗାଙ୍ଗୁଲିଙ୍କୁ (ତାଙ୍କ ସମ୍ପତ୍ତି ଓ ନାରୀ) ହରଣ ଉଦ୍ଦେଶ୍ୟରେ ହତ୍ୟା କରିବାର ଚେଷ୍ଟା ବା ଅପହରଣ କରାଯାଇଛି । ବୁଝାଯାଏ ଯେ, ଅନ୍ଧକାରରେ ଦୁର୍ଲ୍ଲଭ ବାବୁଙ୍କ ଘରେ ପ୍ରବେଶ କରି ପକେଟରୁ ଖସିଆସିଲା ବାହାର କରି ଜାଳିବା ପରେ ସେ କାଠି ଅସତର୍କିତରେ ସେ ଘରେ ଦୁର୍ବୃତ୍ତମାନେ ପକାଇ ଦିଅନ୍ତି । ଅନୁରୂପ ବିଦେଶଗତ ଖସିଆସିଲା କାଠି ବିକାଶ ଗାଙ୍ଗୁଲି ଘରୁ ମଧ୍ୟ ମିଳିଛି ! ଦୁର୍ଲ୍ଲଭ ବାବୁଙ୍କ ଆହତ ଦେହ ପେଣ୍ଡି ସାହାଯ୍ୟରେ ଓହ୍ଲାଇ ଦେଇ ଥିବାରୁ ଝରକାରେ କଣ୍ଟିତ ଖୋଟର ତନ୍ତୁ ଲାଗିଥିଲା ଏବଂ ଉକ୍ତ ତନ୍ତୁ ମାରବାଡ଼ି ଘର ପେଣ୍ଡି ଉପରୁ ମଧ୍ୟ ମିଳିଥିଲା ।

ଏଥିରୁ ବୁଝାଯାଏ ଯେ, ମାରବାଡ଼ି 'ଗେଷ୍ଟହାଉସ'ଟି ନାରୀ ଘଟିତ ପାପ ବ୍ୟବସାୟର ଘାଟିଥିଲା । ସେଠାରେ ପାଣିଆ ଫଲଗ୍ନ ନାରୀମାନଙ୍କ କେଶଗୁଚ୍ଛ ତା'ର ପ୍ରମାଣ । ଏଠାକୁ ସୁଧୀନ ଦତ୍ତ, ବିକାଶ ଗାଙ୍ଗୁଲି ଓ ମହାବୀରଙ୍କର ଯାତାୟାତ ଥିଲା । ଏମାନେ ପ୍ରଥମରୁ ବନ୍ଧୁ ହେଲେ ମଧ୍ୟ ମହାବୀର ଅନ୍ୟ ଦୁଇ ଜଣଙ୍କ ଦ୍ୱାରା ନିହତ ହୁଏ । ଉଦ୍ଦେଶ୍ୟ ତା'ର ଅର୍ଥ ଅପହରଣ ଏବଂ ତା'ର ପିତାଙ୍କ ଉପରେ ପ୍ରତିଶୋଧ ।

ପୋଲିସକୁ ହତ୍ୟା ଓ ଅପହରଣ ତଦନ୍ତ ପାଇଁ ବିଭ୍ରାନ୍ତ କରିବା ଉଦ୍ଦେଶ୍ୟରେ ମହାବୀରର ମୃତ ଦେହ ଦୁର୍ଲ୍ଲଭ ବାବୁଙ୍କ ଘରକୁ ନେଇ ଆସିଥିଲେ । ଏହି ହତ୍ୟାକାଣ୍ଡ ସହିତ ଯୌନଜ ଘଟଣା କେତୋଟି ସଂଶ୍ଳିଷ୍ଟ ହୋଇଛି । ଏ ମାମଲାର ସାକ୍ଷ୍ୟ ପ୍ରମାଣ ନିମନ୍ତେ ଏଗୁଡ଼ିକ

Digitized by srujanika@gmail.com

ଅବାନ୍ତର ଏବଂ ନିଷ୍ପ୍ରୟୋଜନ । ତେଣୁ ଏଠାରେ ମୁଁ ତା'ର ବିଶ୍ଳେଷଣ କଲି ନାହିଁ ।

କାଶୀରେ ଦେଖା ଯାଇଥିବା ପ୍ରୌଢ଼ ଭଦ୍ରଲୋକ ମଲ୍ଲିକ ବାବୁଙ୍କ ମ୍ୟାନେଜର, ତାଙ୍କର ଯାହାକିଛି ଉଦ୍ଦେଶ୍ୟ ତା' ସତ୍ । ଏହାଛଡ଼ା ସାଙ୍କେତିକ ଲିପିଟିକୁ ତଳୁ ଉପରକୁ ପଢ଼ିଲେ ପ୍ରକୃତ ଅର୍ଥ ବୁଝାଯାଏ । ତା'ର ଲେଖକକୁ ଗ୍ରେପ୍ତାର କରିବା ଦରକାର । ଦସ୍ୟୁମାନଙ୍କ ନିକଟରୁ ପ୍ରାପ୍ତ ଚେକର ତାରିଖ ପନ୍ଦର ଜୁନ୍ ୧୮୮୦ ଖ୍ରୀଷ୍ଟାବ୍ଦ । ପ୍ରମାଣିତ ହୁଏ ଯେ, ହତ୍ୟାଦିନ ସକାଳେ ରୂପଚାନ୍ଦ ବାବୁ ଏହି 'ସେଲଫ୍ ଚେକ୍' (ପ୍ରମାଣ ନରହିବା ଉଦ୍ଦେଶ୍ୟରେ) ଲେଖି ଦସ୍ୟୁମାନଙ୍କୁ ମକୁସ୍ତ ଦେଇଛନ୍ତି ।

ସ୍ୱାକ୍ଷର—ଜେ, ହାବାର୍ଟ

କଲିକତାଅଫିସ । ପୋଲିସ-ସୁପରିଣ୍ଟେଣ୍ଡେଣ୍ଟ

Digitized by srujanika@gmail.com

ସଙ୍ଗଶ୍ରୀ ପକେଟ ବୁକ୍‌ସର ପୁସ୍ତକାବଳୀ

୧ । କିଏ କାନ୍ଦେ ?
୨ । ସେଇ ଝିଅଟି
୩ । ବିଚିତ୍ର ବର୍ଣ୍ଣା
୪ । ତୃଷ୍ଣାର୍ତ୍ତ ନୟନ
୫ । ଗୋପନ ଗୃହିଣୀ
୬ । ଏକ ନମ୍ବର ମହଲ୍ଲା
୭ । ଡାଆଣୀ ଆଲୁଅ
୮ । ଲୁତ୍‌ଫା ବେଗମ
୯ । ଲଳିତା ସମ୍ବାଦ
୧୦ । ଦିନାନ୍ତର ରଙ୍ଗ
୧୧ । ଲମ୍ବୁଲ୍ ଗୋଟିଏ ଝିଅର ନାମ
୧୨ । ତୃଷ୍ଣା ସଙ୍ଗିନୀ
୧୩ । ଯୌନ ଜୀବନ
୧୪ । ଅନ୍ଧାସ୍ତ ମୂଲଙ୍କ
୧୫ । ଜ୍ୱାଳାମୁଖୀ
୧୬ । ଶଙ୍ଖନାଡ
୧୭ । ହ୍ୱିସ୍‌ବାଇ
୧୮ { ନିଃସଙ୍ଗ ନକ୍ଷତ୍ର / ଦ୍ୱିତୀୟ ନାୟିକା
୧୯ । ସୁନୀଳ ଶିହର
୨୦ । ଖୁଣ୍ଟ୍‌ରଙ୍ଗା ରାତି
୨୧ । ନିଷିଦ୍ଧ ଅନ୍ଧକାର
୨୨ । ବିଷ କନ୍ୟା
୨୩ । ମେଞ୍ଚୁଆ ହତ୍ୟା ମାମଲା

'ଲାଲ ସିରିଜ' ଡିଟେକ୍ଟିଭ୍ ଉପନ୍ୟାସ ଜଗତରେ ଏକ ବିସ୍ମୟକର ନାମ

୧ । ଲାଲ୍ ମହଲ
୨ । ଲାଲ୍ ପଞ୍ଜା
୩ । ଲାଲ୍ ସଙ୍କେତ
୪ । ଲାଲ୍ ମୁସାଫିର
୫ । ଲାଲ୍ ମାଙ୍କଡ଼ସା
୬ । ଲାଲ୍ ଫିତା
୭ । ଲାଲ୍ ମୋହର

୭ ଖଣ୍ଡରେ ଏକ ସେଟ୍—ମୂଲ୍ୟ - ଟ୧୨·୦୦

ଲେଖକ : ଶ୍ରୀ କସ୍ତୁରି ଚରଣ ଦାସ

Digitized by srujanika@gmail.com

ଇଂରେଜ ଶାସନର ପ୍ରଥମ ଯୁଗରେ ବଙ୍ଗ, ବିହାର ଓ ଓଡ଼ିଶା ଗୋଟିଏ ପ୍ରଦେଶର ଅନ୍ତର୍ଭୁକ୍ତ ଥିଲା । ଏହି ରାଜ୍ୟମାନଙ୍କର ଥାନା ଗୁଡ଼ିକରେ ପ୍ରଶାସନିକ କାଗଜ ପତ୍ର ଆଞ୍ଚଳିକ ଭାଷାରେ ଲେଖା ଯାଉଥିଲା । କଲିକତା ସେତେବେଳେ ଏହିସବୁ ରାଜ୍ୟର ରାଜଧାନୀ ଥିବାରୁ ବିଭିନ୍ନ ଆଞ୍ଚଳିକ ଭାଷାର ନଥିପତ୍ର ଏଠାରେ ରହୁଥିଲା ।

୧୯୮୧ ଖ୍ରୀଷ୍ଟାବ୍ଦରେ ବଡ଼ବଜାର ଥାନାର ପୁରୁଣା ମାଲଖାନା ପରିଷ୍କାର କଲାବେଳେ ଲେଖକ ବହୁ ଓଡ଼ିଆ, ବଙ୍ଗଳା, ହିନ୍ଦି ଏବଂ ମୈଥିଳୀ ଭାଷାର ନଥିପତ୍ର ଏବଂ ବହୁ ପୁରୁଣା ଡାଇରି ଦେଖିବାକୁ ପାଇଥିଲେ । ଆଞ୍ଚଳିକ ଭାଷାରେ ପୋଲିସ ଡାଇରି ଲେଖା ପ୍ରାୟ ୧୯୦୫ ଖ୍ରୀଷ୍ଟାବ୍ଦ ଯାଏ ହେଉଥିଲା । ଏ ଗୁଡ଼ିକ ପ୍ରତ୍ୟହ ସନ୍ଧ୍ୟାରେ ଇଂରାଜୀରେ ଅନୁବାଦ ହୋଇ ବରିଷ୍ଠ ଉଚ୍ଚ ଇଂରେଜ ଅଫିସରଙ୍କ ନିକଟକୁ ପଠା ଯାଉଥିଲା ।

ଲେଖକ ଉପରୋକ୍ତ ଆଞ୍ଚଳିକ ଭାଷାର ଡାଇରି ଗୁଡ଼ିକଦ୍ୱାରା 'ଡାଇରି ସାହିତ୍ୟ' ସଂକ୍ରାନ୍ତରେ ଗବେଷଣା କରିବାକୁ ଯଥେଷ୍ଟ ପ୍ରେରଣା ପାଇଥିଲେ ଏବଂ ସରକାରି ନଥିପତ୍ରରୁ ମାଲ୍ ମସଲା ସଂଗ୍ରହ କରି ଡାଇରି ସାହିତ୍ୟ (ଅର୍ଥାତ୍ ଡାଇରି ଫର୍ମରେ ଉପନ୍ୟାସ) ରଚନା କରିଛନ୍ତି ।

ଏହି ପୁସ୍ତକଟି ମେଛୁଆ ବଜାର ଥାନାର ୨୦ନମ୍ବରର ଏକ ହତ୍ୟା ମାମଲା । ଏହା ୧୮୮୦ ଖ୍ରୀଷ୍ଟାବ୍ଦ ପହିଲା ଜୁନ୍‌ରେ ସଂଘଟିତ ହୋଇଥିଲା ।

ଓଡ଼ିଆ ଭାଷାରେ ସର୍ବ ପ୍ରଥମ •

ରାଜଶ୍ରୀ ପକେଟ୍ ବୁକ୍ସ ନଂ-୨୩

Digitized by srujanika@gmail.com